# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୧୪/୨୦୨୧ (୧୬ ପୃଷ୍ଠା) | Sambalpur, Saturday, August 14/2021 | ★★

୧୭ଶ ଭାଗ ୨୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



ବାର୍ତ୍ତା ପଠାନ୍ତୁ Rakhi ପୁରସ୍କାର ଜିତନ୍ତୁ

ଦେଖନ୍ତୁ ପୃଷ୍ଠା-୫



**ଆଣ୍ଡରସନଙ୍କୁ ୫ ଉଇକେଟ ସଫଳତା**

ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ପେସ୍ ବୋଲର ଜେମ୍ସ ଆଣ୍ଡରସନ ୫ଉଇକେଟ ସଫଳତା ହାସଲ କରିଛନ୍ତି।

୧୫

୧୪

**ଶ୍ରୀଦେବୀଙ୍କ ସହ ଫିଲ୍ମକୁ ନା କରିଥିଲେ ଆମିର**

ବଲିଉଡ଼ର ସବୁଠୁ ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଦେବୀଙ୍କ ସହ ଫିଲ୍ମରେ କାମ କରିବା ଲାଗି ୯୦ ଦଶକରେ ଏକ ଅଫରକୁ ଆମିର ଖାନ୍ ଏଡାଇ ଯାଇଥିଲେ।



# ଖଣି ତ୍ୟାଗ ଅନ୍ତରାଳେ

**ଭୁବନେଶ୍ୱର,୧୩।୮(ବ୍ୟୁରୋ)**

ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ବର୍ଷକ ତଳେ ହାତେଇଥିବା ସୁନ୍ଦରଗଡ଼ ଜିଲାର ଗୋନୁଆ ଲୁହାପଥର ଖଣି ଛାଡ଼ିଦେବାକୁ ଅଗଷ୍ଟ ୧୧ ତାରିଖରେ ଓଡ଼ିଶା ସରକାରଙ୍କୁ ଜଣାଇଛି। ଜେଏସ୍‌ଡବ୍ଲ୍ୟୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛି ଯେ ଗୋନୁଆ ଖଣି ଆର୍ଥିକ ଦୃଷ୍ଟିକୋଣରୁ ଲାଭଦାୟକ ନୁହେଁ। ଏହି ଖଣିର ଉପରିଭାଗରେ ନିମ୍ନମାନର ଖଣିଜ ରହିଛି। ଖଣି ଖନନ ପାଇଁ ବ୍ୟବହୃତ ଜିନିଷପତ୍ର ରଖିବାକୁ ଆବଶ୍ୟକ ସ୍ଥାନ ଅଭାବ ଦର୍ଶାଇ ୨୦୨୨ ଅଗଷ୍ଟ ୧୨ ତାରିଖରୁ ଖଣି ଛାଡ଼ିଦେବାକୁ ରୋକ୍‌ଠୋକ ଜଣାଇ ଦେଇଛି। ଜେଏସ୍‌ଡବ୍ଲ୍ୟୁ ଖୁବ୍‌ଶୀଘ୍ର ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ନିକଟରେ ଖଣି ବନ୍ଦ ସଂକ୍ରାନ୍ତରେ ଏକ ଚୂଡ଼ାନ୍ତ ଖଣି ଯୋଜନା(ଫାଇନାଲ ମାଇନିଂ କ୍ଲୋଜର ପ୍ଲାନ୍) ଦାଖଲ କରିବ ବୋଲି ଓଡ଼ିଶା ସରକାରଙ୍କୁ ଦର୍ଶାଇଛି। ତେବେ ଆଇବିଏମ୍ ନିକଟରୁ ମାଇନିଂ କ୍ଲୋଜର ପ୍ଲାନ୍ କିପରି ହାସଲ କରିବ ସେ ନେଇ ରାଜ୍ୟ ସରକାରଙ୍କ ସହଯୋଗ ମଧ୍ୟ ଲୋଡ଼ିଛି।

କୌଶଳ କ୍ରମେ ଜେଏସ୍‌ଡବ୍ଲ୍ୟୁ ରାଜ୍ୟରେ ଏକାଧିକ ଖଣି ହାତେଇଛି। ୨୦୨୦ ଜୁନ୍ ୨୭ ତାରିଖରେ ସୁନ୍ଦରଗଡ଼ର ଉକ୍ତ ଲୁହାପଥର ଖଣିକୁ ଲିଜ୍ ଆକାରରେ ନେଇଥିଲା। ଲିଜ୍ ନେବାର ବର୍ଷକ ପରେ ଏହି ଖଣିକୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଖଣିକୁ କାହିଁକି ଛାଡୁଛି ସେ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି।

ଜେଏସ୍‌ଡବ୍ଲ୍ୟୁ ଭଳି ଅନ୍ୟ କେତୋଟି କମ୍ପାନୀ ସର୍ବନିମ୍ନ ୫୦ ବର୍ଷ ପର୍ଯ୍ୟନ୍ତ ନିଲାମ ମାଧ୍ୟମରେ ଖଣି ହାତେଇଛନ୍ତି। ତଥାପି କେତେକ ଶୀଘ୍ର ଖଣି ତ୍ୟାଗ କରିବା ସାଧାରଣ ବ୍ୟବସାୟିକ ଦୃଷ୍ଟିରୁ ବୁଝାପଡ଼େ ନାହିଁ। ନିଲାମ ବ୍ୟବସ୍ଥାରେ ସାଧାରଣତଃ, ସର୍ବାଧିକ ଅର୍ଥ ଯାଚିଥିବା କମ୍ପାନୀ ତାହାର ଦାବି ଛାଡ଼ିଦେଲେ ସେହି ପ୍ରାକୃତିକ ସମ୍ପଦ ଦ୍ୱିତୀୟ ନିଲାମଧାରୀ ପାଖକୁ ଯିବା କଥା। ଏବେ ସରକାର ସେହି ଦ୍ୱିତୀୟ କମ୍ପାନୀକୁ ଖଣି ଦେବେ କି ନାହିଁ ସ୍ପଷ୍ଟ ହେଉ ନାହିଁ। ଜେଏସ୍‌ଡବ୍ଲ୍ୟୁ ଖଣି ଛାଡ଼ିବା ପରେ ସରକାର ଉକ୍ତ ଖଣିକୁ ଟେଣ୍ଡରରେ ଭାଗ ନେଇ ଦ୍ୱିତୀୟ ସ୍ଥାନରେ ରହିଥିବା କମ୍ପାନୀକୁ କମ୍ ମୂଲ୍ୟରେ ଦେଇପାରନ୍ତି। ଖଣି ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜର ନାମ ଗୋପନ ରଖିବାକୁ କହି ମତ ଦେଇଛନ୍ତି ଯେ ପୁନର୍ବାର ଖଣି ନିଲାମ ହେବା ଦରକାର।

ଲିଜ୍ ନେଇଥିବା କୌଣସି କମ୍ପାନୀ ଖଣିକୁ ଛାଡ଼ି ଦେଉଥିଲେ ମଧ୍ୟ ସେହି କମ୍ପାନୀ ଉପରେ ଜରିମାନା କିମ୍ବା କଳାତାଲିକାଭୁକ୍ତ କରିବା କ୍ଷମତା ରାଜ୍ୟ ସରକାରଙ୍କ ହାତରେ ନ ଥିବାରୁ ରାଜ୍ୟ ପରିତ୍ୟକ୍ତ ଖଣି ରଖିବା ସହ ବହୁକୋଟି ଟଙ୍କା ରାଜସ୍ୱ ହରାଇବାକୁ ବାଧ ହେବ। ତେବେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ଖଣିକୁ ଯଦି ପୁନର୍ବାର ନିଲାମ କରାଯାଏ, ତେବେ ପୂର୍ବ ମୂଲ୍ୟ କିମ୍ବା ଏହାଠାରୁ ଆଉ ଚଢ଼ା ଦର ମିଳିବା ସମ୍ଭାବନା ରହିବ ନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ ଗୋନୁଆ ଲୁହାପଥର ଖଣି ପାଇଁ ୧୧ ଜଣ ବିଡର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କମଲଜିତ ସିଂ ଆହଲୁୱାଲିଆ, ରୁଙ୍ଗଟା ମାଇନ୍ସ, ଶ୍ୟାମ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ, ଆମଲଗାମ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ ଚୂଡ଼ାନ୍ତ ତାଲିକାରେ ଥିଲେ। ସମସ୍ତଙ୍କୁ ପଛରେ ପକାଇ ଜେଏସ୍‌ଡବ୍ଲ୍ୟୁ ଉକ୍ତ ଲୁହାପଥର ଖଣିକୁ ହାତେଇବା ସଫଳ ହୋଇଥିଲା। ☞ପୃଷ୍ଠା–୪



JSW | JSW Steel Limited

Regd. Office: JSW Centre
Bandra Kurla Complex,
Bandra (East), Mumbai – 400 051
CIN : L27102MH1994PLC152925
Phone : +91 22 4286 1000
Fax : +91 22 4286 3000
Website : www.jsw.in

No. JSW/S/O/2021/184 | Date: 11/08/2021

To

The Director of Mines
Directorate of Mines
Government of Odisha
**BHUBANESWAR**

**Sub: -Notice regarding Surrender of the entire area of the Gonua Iron Ore Mining Lease in Sundergarh Dist.**

Dear Sir,

We have executed the subject Mining Lease Deed on 27.06.2020 and commenced mining operation with effect from 01st July 2020. However, the mining operation has become economically not viable due to high BHJ/Shale in Bottom benches, low grade mineral in top benches and serious logistic issues due to space constraint. Thus, we intend to surrender the entire area of said lease under Rule-21 of MCR 2016 with effect from 12th August 2022 and going to submit the final mine closure plan before IBM.

As Gonua Iron Ore Block is an ongoing mine, it is requested your good self to guide us in this regard and also, clarify IBM in case any query raised by it while processing the approval of Final Mine Closure Plan.

Thanking You,

Yours Faithfully,
**For JSW Steel Ltd.**

11/08/21
(Authorized Signatory)

**Copy To:** For kind information.

The Principal Secretary to Government of Odisha, Steel & Mines Department, Bhubaneswar-

Receiving Officer
Directorate of Mines,
Odisha, Bhubaneswar
Dt. 12-08-2021

JINDAL Part of O. P. Jindal Group

ରାଜ୍ୟ ସରକାରଙ୍କୁ ଜେଏସ୍‌ଡବ୍ଲ୍ୟୁ ଦେଇଥିବା ଚିଠିର ନକଲ।

## ଆଜିର ସମ୍ପାଦକୀୟ | ସୁପର ହିରୋ।

**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟର ଉଭୟ ଗୃହର ଅଧ୍ୟକ୍ଷ ନିରପେକ୍ଷ ନ ଥିଲେ। ସରକାର ପ୍ରତିଶ୍ରୁତି ରକ୍ଷା ନ କରି ବିଲ୍ ଗୃହୀତ କରାଇବାକୁ ଉଦ୍ୟମ କରିବାରୁ ରାଜ୍ୟ ସଭାରେ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। -ପି. ଚିଦାମ୍ବରମ, କଂଗ୍ରେସ ନେତା


**Kalinga Institute of Industrial Technology (KIIT)**
Deemed to be University
(Established U/S 3 of UGC Act, 1956) Bhubaneswar, Odisha, India
(An Institution of Eminence)

**17th Annual Convocation**
Date: 14th August 2021 | Time: 11.00 a.m.
Virtual Mode

**Chief Guest**
**Shri Dharmendra Pradhan**
Hon'ble Minister of Education and Skill Development & Entrepreneurship
Govt. of India





**Convocation Address by**
**Professor Jean-Marie Lehn**
Nobel Laureate in Chemistry (1987), France
*He will receive Honoris Causa Degree.*

KIIT-DU will also confer Honoris Causa Degrees on:



**Sri Mata Amritanandamayi Devi (Amma)**
Spiritual Leader, Guru & Humanitarian

**Shri Vallabh Bhanshali**
Co-founder, ENAM Securities; Founder, Desh Apnayen Sahayog Foundation & Founder-Director, FLAME University

Please watch LIVE from 11.00 a.m. onwards
Kalinga TV | fb.com/achyutasamanta/live | kiit.ac.in/live
KIIT-DU has only one permanent campus in Bhubaneswar, Odisha. It has no other campus / off-campus anywhere else in the country and globe.
Website: www.kiit.ac.in | Email: kiit@kiit.ac.in





### ଚାଇନାରେ ପ୍ରବଳ ବର୍ଷା: ୨୧ ମୃତ, ୪ ନିଖୋଜ

କେନ୍ଦ୍ରୀୟ ଚାଇନାର ହୁବେଇ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ୨୧ ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ନିଖୋଜ ହୋଇଛନ୍ତି। ବୁଧବାର ଓ ଗୁରୁବାର ସୁଇଝିଆନ୍ କାଉଣ୍ଟିର ଲିଉଲିନ୍ ସହରରେ ୫୦୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବିଭିନ୍ନ ଅଞ୍ଚଳରେ ୩.୫ ମିଟର ଉଚ୍ଚରେ ପାଣି ଜମି ରହିଥିବାବେଳେ ସହରର ୮,୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ସଂକ୍ଷେପରେ

### ବ୍ରିଟେନରେ ଗୁଳି: ୬ ମୃତ

**ଲଣ୍ଡନ, ୧୩।୮:** ଦକ୍ଷିଣପଶ୍ଚିମ ଇଂଲଣ୍ଡର ପ୍ଲାଏମାଉଥ୍ ସହରରେ ବନ୍ଧୁକଧାରୀଙ୍କ ଆକ୍ରମଣରେ ୩ ମହିଳାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ସନ୍ଦିଗ୍ଧ ଆକ୍ରମଣକାରୀଙ୍କ ମୃତଦେହ ମିଳିଛି। ଆକ୍ରମଣର କାରଣ ଜଣାପଡ଼ିନାହିଁ। ଗୁରୁବାର ରାତିରେ ଆକ୍ରମଣକାରୀ ଜାକ୍ ଡାଭିସନ୍ ୫ ଜଣଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳି କରିଥିବା ସନ୍ଦେହ କରାଯାଉଛି। ତେବେ ଏହା ଆତଙ୍କବାଦ ନୁହେଁ ବୋଲି ଡେଭନ୍ ଆଣ୍ଡ କର୍ନୱାଲ ପୋଲିସ କହିଛି। ଆକ୍ରମଣ ସହ ଅନ୍ୟ କେହି ସମ୍ପୃକ୍ତ କି ନୁହେଁ, ପୋଲିସ ତା'ର ଖୋଳତାଡ଼ ଚଳାଇଛି।

### ଆମେରିକାରେ ବୁଷ୍ଟର ଡୋଜ୍‌କୁ ଅନୁମତି

**ୱାଶିଂଟନ, ୧୩।୮:** ଆମେରିକାରେ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କୁ କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ଦେବା ଲାଗି ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ (ଏଫ୍‌ଡିଏ) ମଞ୍ଜୁରୀ ପ୍ରଦାନ କରିଛି। ଫାଇଜର-ବାୟୋଏନ୍‌ଟେକ୍ ଏବଂ ମଡର୍ନା ପ୍ରସ୍ତୁତ କୋଭିଡ୍-୧୯ ଟିକାର ଅତିରିକ୍ତ ଡୋଜ୍ ଇମ୍ୟୁନିଟି ସିଷ୍ଟମ ଦୁର୍ବଳ ଥିବା ଲୋକଙ୍କୁ ଦିଆଯାଇପାରିବ। ଅଙ୍ଗ ପ୍ରତିରୋପଣ କରିଥିବା ବ୍ୟକ୍ତି ମଧ ତୃତୀୟ ଡୋଜ୍ ନେଇପାରିବେ। ଦ୍ୱିତୀୟ ଡୋଜ୍ ନେବାରେ ଅନ୍ୟୁନ ୨୮ ଦିନ ପରେ ବୁଷ୍ଟର ଡୋଜ୍ ଦିଆଯାଇପାରିବ।

### ମୋଦିଙ୍କ ସମୟ ଆରମ୍ଭ ହେଲା

**ନୂଆଦିଲ୍ଲୀ, ୧୩।୮:** କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ୮ ପ୍ରଶ୍ନ କରିବା ପରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ୍ ଓ'ବ୍ରାଏନ୍। ଫ୍ରାଇଡେ ଦି ଥାର୍ଟିନ୍ ଶୀର୍ଷକ ଏକ ଭିଡିଓ ଟୁଇଟରରେ ଜାରି କରି ଓ'ବ୍ରାଏନ୍ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି, ଏବେ ଆପଣଙ୍କ ସମୟ ଆରମ୍ଭ ହେଲା।



ରାଜ୍ୟଗୁଡ଼ିକୁ ଅନ୍ୟ ପଛୁଆ ବର୍ଗ (ଓବିସି) ତାଲିକା ପ୍ରସ୍ତୁତି କ୍ଷମତା ଦେବା ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଲ୍ ରାଜ୍ୟ ସଭାରେ ଗୃହୀତ ହେବାବେଳେ ମୋଦି କାହିଁକି ଅନୁପସ୍ଥିତ ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଏଚ୍.ଡି. ଦେବେଗୌଡ଼ା ପାର୍ଲାମେଣ୍ଟରେ ରହି ଏହି ବିଲ୍ ଉପରେ ଭୋଟ ଦେଇଥିଲେ। ଆପଣ କୁଆଡ଼େ ଯାଇଥିଲେ। ଆପଣ ସଂସଦକୁ ଉପହାସ କରୁଛନ୍ତି। ଆପଣଙ୍କ ସରକାର ଲୋକଙ୍କ ନିକଟରେ ଉତ୍ତରଦାୟୀ। ଆପଣଙ୍କ ୮ ଜଣ ମନ୍ତ୍ରୀ ଉତ୍ତର ଦେଇପାରିଲେ ନାହିଁ। ଏବେ ଆପଣଙ୍କ ସମୟ ବୋଲି ଓ'ବ୍ରାଏନ୍ କହିଛନ୍ତି।

### ପାକ୍ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୩।୮:** ସୁରକ୍ଷା ବଳ ସହ ୧୫ ଘଣ୍ଟାର ଗୁଳି ବିନିମୟ ପରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଫଳରେ ଏକ ବଡ଼ ଧରଣର ଆକ୍ରମଣକୁ ପଣ୍ଡ କରାଯାଇପାରିଛି। ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ରକେଟ ଲଞ୍ଚର ଜବତ ହୋଇଛି। ଗୁରୁବାର ଅପରାହ୍ନରେ କୁଲ୍‌ଗାମ ଜିଲା ଅନ୍ତର୍ଗତ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରେ ବିଏସ୍‌ଏଫ୍ ଗାଡ଼ି ଉପରେ ଦୁଇଜଣ ଆତଙ୍କବାଦୀ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ଏହା ପରେ ରାତି ସାରା ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଗୁଳିମାଡ଼ରେ ଜଣେ ଯବାନ ଏବଂ ଦୁଇଜଣ ସାଧାରଣ ଲୋକ ଆହତ ହୋଇଛନ୍ତି। ପୋଲିସର ଦୁଇଟି ଡ୍ରୋନ୍‌କୁ ଆତଙ୍କବାଦୀମାନେ ଗୁଳି କରି ଖସାଇଦେଇଥିଲେ। ଆତଙ୍କବାଦୀମାନେ ସ୍ୱାଧୀନତା ଦିବସ ପୂର୍ବରୁ ବଡ଼ ଧରଣର ଆକ୍ରମଣ ଯୋଜନାରେ ଥିଲେ ବୋଲି ପୋଲିସ କହିଛି।

# ତାଲିବାନ ଦଖଲରେ ଦକ୍ଷିଣ ଆଫଗାନିସ୍ତାନ

## ୧୪ ପ୍ରାଦେଶିକ ରାଜଧାନୀ କବ୍‌ଜା କଲେଣି ଆତଙ୍କବାଦୀ

**କାବୁଲ, ୧୩।୮**



ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ତାଲିବାନ ଆତଙ୍କବାଦୀମାନେ ଗୋଟିଏ ପରେ ଗୋଟିଏ ପ୍ରଦେଶିକ ରାଜଧାନୀ ଦଖଲ କରିବାରେ ଲାଗିଛନ୍ତି। ଏବେ ସମ୍ପୂର୍ଣ୍ଣ ଦକ୍ଷିଣ ଆଫଗାନ ସେମାନଙ୍କ ନିୟନ୍ତ୍ରଣକୁ ଆସିଗଲାଣି। ରାଜଧାନୀ କାବୁଲ ଦଖଲ କରିବା ସେମାନଙ୍କ ପାଇଁ ଆଉ ବେଶି ଦୂର ନୁହେଁ ବୋଲି କୁହାଯାଉଛି। ପତନ ଅବଶ୍ୟମ୍ଭାବୀ ଆଶଙ୍କା କରି ଆଫଗାନ ସରକାର ତାଲିବାନକୁ କ୍ଷମତା ଭାଗବଣ୍ଟା ପାଇଁ ପ୍ରସ୍ତାବ ଦେଇସାରିଲେଣି। ପୂର୍ବରୁ ଆତଙ୍କବାଦୀ ସୀମାବର୍ତ୍ତୀ ଗ୍ରାମାଞ୍ଚଳକୁ ଦଖଲ କରିଥିବାବେଳେ ଏବେ ଦେଶର ଦୁଇ-ତୃତୀୟାଂଶରୁ ଅଧିକ ଅଞ୍ଚଳ ସେମାନଙ୍କ ଦଖଲରେ।

ସପ୍ତାହକ ମଧ୍ୟରେ ଆତଙ୍କବାଦୀମାନେ ୧୦ ପ୍ରାଦେଶିକ ରାଜଧାନୀ ଦଖଲ କରିଥିବାବେଳେ ଶୁକ୍ରବାର ଆଉ ୪ଟି ରାଜଧାନୀକୁ କବ୍‌ଜା କରିଛନ୍ତି। ଆଫଗାନିସ୍ତାନର ଦ୍ୱିତୀୟ ବୃହତ ସହର କାନ୍ଦାହାର ଏବଂ ତୃତୀୟ ବୃହତ ସହର ହେରାତ ସେମାନଙ୍କ ନିୟନ୍ତ୍ରଣକୁ ଯାଇଛି। ହେରାତ୍‌ରୁ ଅନେକ ଲୋକ ଘରଦ୍ୱାର ଛାଡ଼ି ପଳାଇଥିବାବେଳେ କେତେକ ପରିବାର ଘରେ ଆତ୍ମଗୋପନ କରିଥିବା ପ୍ରାଦେଶିକ କାଉନସିଲ ସଦସ୍ୟ ଗୁଲାମ ହବିବ୍ ହଶିମି କହିଛନ୍ତି। ଗୁରୁବାର ରାତିରୁ କାନ୍ଦାହାର ସହରରେ ସୁରକ୍ଷା ବଳ ଓ ତାଲିବାନ ଆତଙ୍କବାଦୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ପରେ ଏହି ସହର ସେମାନଙ୍କ କବଳକୁ ଯାଇଛି। ଏହା ବ୍ୟତୀତ ହେଲମଣ୍ଡ ପ୍ରଦେଶ ରାଜଧାନୀ ଲଶ୍କର ଗାହକୁ ମଧ ତାଲିବାନ କବ୍‌ଜା କରିଛି। ଘମାଘୋଟ ଲଢ଼େଇ ପରେ ସହରର ସରକାରୀ ପ୍ରତିଷ୍ଠାନଗୁଡ଼ିକ ଉପରେ ତାଲିବାନ ପତାକା ଉଡ଼ିଥିଲା। ଗୁରୁବାର ଗଜନୀ ସେମାନଙ୍କ ଅକ୍ତିଆରକୁ ଯାଇଥିଲା। କାଲାତ ରାଜଧାନୀ ତାଲିବାନ ନିୟନ୍ତ୍ରଣକୁ ଯାଇଥିବାବେଳେ ସେଠାରେ ଥିବା ଯବାନମାନେ କ୍ୟାମ୍ପ ଖାଲି କରିବାକୁ ପ୍ରସ୍ତୁତି ଚଳାଇଥିବା ଜାବୁଲ୍ ପ୍ରଦେଶ କାଉନସିଲ୍ ମୁଖ୍ୟ କହିଛନ୍ତି। ତିରିନ୍ କଟ୍ ପ୍ରାଦେଶିକ ରାଜଧାନୀର ସ୍ଥାନୀୟ ଅଧିକାରୀମାନେ ଆତ୍ମସମର୍ପଣ କରିସାରିଲେଣି। ବୃହତ ସହର ମଧ୍ୟରେ କାବୁଲ, ମଜାର-ଇ-ଶରିଫ୍ ଏବଂ ଜଲାଲାବାଦ ଏବେ ଆଫଗାନ ସରକାରଙ୍କ ନିୟନ୍ତ୍ରଣରେ ରହିଛି।

ତାଲିବାନ ଆତଙ୍କବାଦୀ ଓ ଆଫଗାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଥିବାବେଳେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଥିବା ଜାତିସଂଘ କହିଛି। ଆମେରିକା ତା'ର ଦୂତାବାସ କର୍ମଚାରୀମାନଙ୍କୁ ଫେରାଇ ନେବା ପାଇଁ ୪୮ ଘଣ୍ଟା ମଧ୍ୟରେ ୩,୦୦୦ ଅତିରିକ୍ତ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। ସେହିପରି ବ୍ରିଟେନ ଏହାର ନାଗରିକମାନଙ୍କୁ ଫେରାଇ ନେବା ଲାଗି ୬୦୦ ସୈନ୍ୟ ନିୟୋଜିତ କରିବ ବୋଲି କହିଛି। ସେହିପରି କାନାଡା ମଧ କାବୁଲକୁ ସ୍ୱତନ୍ତ୍ର ସୈନ୍ୟଦଳ ପଠାଉଛି। ତାଲିବାନ କାବୁଲ୍ ଅକ୍ତିଆର କରିବା ପରେ ଦେଶବାସୀଙ୍କ ଉପରେ ଏହାର ବିନାଶକାରୀ ପ୍ରଭାବ ପଡ଼ିପାରେ ବୋଲି ଜାତିସଂଘ ସତର୍କ କରାଇଛି। ତେବେ ଯୁଦ୍ଧ ରୋକିବା ଲାଗି ତାଲିବାନ ସହ ବୁଝାମଣା ଆଶା କ୍ଷୀଣ। ୩୪ ପ୍ରାଦେଶିକ ରାଜଧାନୀ ମଧ୍ୟରୁ ୧୪ଟି ତାଲିବାନ ଦଖଲକୁ ଗଲାଣି। ଆତଙ୍କବାଦୀମାନେ ଆଫଗାନ ସରକାରକୁ ପରାଜିତ କରି ସେଠାରେ କଠୋର ଇସ୍‌ଲାମୀୟ ଶାସନ ଚଳାଇବାକୁ ଚାହାନ୍ତି।

### ଗଜନୀ ରାଜ୍ୟପାଳ ଗିରଫ

ରାଜ୍ୟକୁ ତାଲିବାନ ହାତରେ ଟେକି ଦେଇଥିବା ଗଜନୀ ରାଜ୍ୟପାଳ ଦାଉଦ୍ ଲାଗମାନିଙ୍କୁ ଆଫଗାନିସ୍ତାନର ୱାରଡକ୍ ପୋଲିସ ଗିରଫ କରିଛି। ରାଜ୍ୟପାଳଙ୍କ ସହିତ ତାଙ୍କ ସହକାରୀ ଏବଂ ଚିଫ୍ ଅଫ୍ ଷ୍ଟାଫ୍‌ଙ୍କୁ ଗିରଫ କରାଯାଇଛି। ତାଲିବାନ ଆତଙ୍କବାଦୀମାନେ ରାଜ୍ୟପାଳ ଲାଗମାନିଙ୍କୁ ସୁରକ୍ଷା ଦେଇ ଗଜନୀରୁ ୱାରଡାକ୍ ନେଇଯାଇଥିଲେ।

### ଆତଙ୍କବାଦୀଙ୍କୁ ବିବାହ ପାଇଁ ମହିଳାଙ୍କୁ ବାଧ କରାଯାଉଛି

ଆଫଗାନିସ୍ତାନର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ସହର ଦଖଲ କରିଥିବା ତାଲିବାନ ଏବେ ମହିଳାମାନଙ୍କୁ ଆତଙ୍କବାଦୀଙ୍କ ସହ ବିବାହ କରାଇବାକୁ ବାଧ କରୁଛି। ସେମାନେ ଗିରଫ କରିଥିବା ସୈନ୍ୟମାନଙ୍କୁ ହତ୍ୟା କରିବା ସହ ସାଧାରଣ ନାଗରିକଙ୍କ ଉପରେ ମଧ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଜୀବନ ବଞ୍ଚାଇବାକୁ ଲୋକେ ଘରଦ୍ୱାର ଛାଡ଼ି ପଳାଉଥିବା ଦେଖାଯାଉଛି। ଅବିବାହିତ ଝିଅମାନଙ୍କୁ ଆତଙ୍କବାଦୀଙ୍କ ସ୍ତ୍ରୀ ହେବା ପାଇଁ ବାଧ କରାଯାଉଛି। ଏହା ଏକ ପ୍ରକାର ଯୌନ ହିଂସା ବୋଲି ମାନବାଧିକାର ସଂଗଠନ କହିଛି। ସେମାନଙ୍କ ନିୟନ୍ତ୍ରଣକୁ ଆସିଥିବା ସହରରେ ସରକାରୀ ଅଧିକାରୀ, ଯବାନ ଏବଂ ଜନସାଧାରଣ ଭୟ କରିବାର କିଛି କାରଣ ନାହିଁ ବୋଲି ତାଲିବାନ କହୁଥିବାବେଳେ ବାସ୍ତବରେ ଏହା ଆତଙ୍କ ସୃଷ୍ଟି କରୁଥିବା ଦେଖାଯାଇଛି। ଆତ୍ମସମର୍ପଣ କରିଥିବା ଆଫଗାନ ସୈନ୍ୟଙ୍କୁ ହତ୍ୟା କରାଯାଉଥିବାରୁ ଆମେରିକା ଦୂତାବାସ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।

### ରାଜନୀତିରେ ହସ୍ତକ୍ଷେପ କରୁଛି ଟୁଇଟର: ରାହୁଲ



**ନୂଆଦିଲ୍ଲୀ, ୧୩।୮**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ରାହୁଲ କହିଛନ୍ତି, ଟୁଇଟର ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରି ଭାରତର ରାଜନୈତିକ ପ୍ରକ୍ରିୟାରେ ହସ୍ତକ୍ଷେପ କରୁଛି। ତାଙ୍କର ଲକ୍ଷ ଲକ୍ଷ ଫଲୋଅର୍ସଙ୍କୁ ମତାମତ ଦେବା ଅଧିକାରରୁ ବଞ୍ଚିତ କରିଛି। ଏହାକୁ ସେ ଦେଶର ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ଅଭିହିତ କରିବା ସହ ଟୁଇଟରର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ରାହୁଲଙ୍କ ଟୁଇଟର ଆକାଉଣ୍ଟକୁ ସାମୟିକ ଭାବେ ଏହି ସାଇଟ୍ ଲକ୍ କରିଦେଇଥିବାରୁ ଭାଜପା ପକ୍ଷରୁ କଟାକ୍ଷ କରାଯାଇଛି। ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟ କହିଛନ୍ତି, ଯେତେବେଳେ କେନ୍ଦ୍ର ସରକାର ସୋସିଆଲ ମିଡିଆ ୟୁଜର୍ସଙ୍କୁ ସଶକ୍ତ କରିବା ପାଇଁ ନୂଆ ନିୟମ ଆଣିଲେ ସେତେବେଳେ କଂଗ୍ରେସ ବଡ଼ପାଟିରେ ଚିତ୍କାର କରୁଥିଲା। ଏବେ ରାହୁଲ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାର ପଛରେ ଲୁଚିପାରିବେ ନାହିଁ ବୋଲି ତେଜସ୍ୱୀ ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଯେଉଁ ପ୍ରସଙ୍ଗକୁ ନେଇ ରାହୁଲଙ୍କ ଟୁଇଟର ଆକାଉଣ୍ଟକୁ ବ୍ଲକ୍ କରାଯାଇଛି ସେହି କାରଣରୁ ତାଙ୍କ ଇନ୍‌ଷ୍ଟାଗ୍ରାମ ପ୍ରୋଫାଇଲ୍ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ଫେସ୍‌ବୁକ୍ ନିକଟରେ ଦାବି କରିଛନ୍ତି। ପ୍ରକାଶ ଯେ, ଦକ୍ଷିଣପଶ୍ଚିମ ଦିଲ୍ଲୀରେ ଜଣେ ଦଳିତ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ରାହୁଲ ମୃତ ଝିଅର ମା'ବାପାଙ୍କ ଫଟୋକୁ ଟୁଇଟ୍ କରିଥିଲେ।

## ୱାନ୍ ଡବ୍ଲ୍ୟୁଟିସିରେ ଝଲସିବ ତ୍ରିରଙ୍ଗା

**ୱାଶିଂଟନ, ୧୩।୮:** ଅଗଷ୍ଟ ୧୫ରେ ଭାରତ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଅବସରରେ ଆମେରିକାର ନ୍ୟୁୟର୍କ ସହରସ୍ଥିତ ୱାନ୍ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର (ଡବ୍ଲ୍ୟୁଟିସି)ରେ ଭାରତର ଜାତୀୟ ପତାକା ତ୍ରିରଙ୍ଗା ଝଲସିବ। ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାର ଏହି ଉଚ୍ଚତମ ଟାୱାରକୁ ଅଲ୍‌କାଏଦା ଆତଙ୍କବାଦୀ ଆକ୍ରମଣ କରିଥିଲେ। ସାଉଥ୍ ଏସିଆନ୍ ଏନ୍‌ଗେଜ୍‌ମେଣ୍ଟ ଫାଉଣ୍ଡେଶନ(ଏସ୍‌ଏଇଏଫ୍) ପକ୍ଷରୁ କୁହାଯାଇଛି ଯେ, ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ସ୍ୱାଧୀନତା ପ୍ରାପ୍ତିର ୭୪ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ୱାନ୍



ଡବ୍ଲ୍ୟୁଟିସିର ୪୦୮ ଫୁଟ୍ ଉଚ୍ଚତା ଓ ୭୫୮ ଟନ୍ ଓଜନ ଶିଖର ତଥା ଏହାର ପ୍ରାଙ୍ଗଣକୁ ତ୍ରିରଙ୍ଗା ପତାକାର ଆଲୋକମାଳାରେ ସଜ୍ଜିତ କରାଯିବ। ଏହି ଦିନ ମ୍ୟାନ୍‌ହଟନରେ ଡର୍ଷ୍ଟ ଅର୍ଗାନାଇଜେଶନର ୱାନ୍ ବ୍ରାଏଣ୍ଟ ପାର୍କ ଏବଂ ୱାନ୍ ଫାଇଭ୍ ୱାନ୍ ପ୍ରତିଷ୍ଠାନ ମଧ ତ୍ରିରଙ୍ଗାରେ ଝଲସିବ। ଅଗଷ୍ଟ ୧୫ରେ ସୂର୍ଯ୍ୟାସ୍ତ ପରେ ରଙ୍ଗବେରଙ୍ଗ ଆଲୋକମାଳାର ବ୍ୟବସ୍ଥା କରାଯିବ, ଯାହାକି ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୃଶ୍ୟମାନ ହେବ। ଡର୍ଷ୍ଟ ଅର୍ଗାନାଇଜେଶନ ସହ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଏସ୍‌ଏଇଏଫ୍ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ନ୍ୟୁୟର୍କର ଏମ୍ପାୟାର ଷ୍ଟେଟ୍ ବିଲ୍ଡିଂକୁ ପ୍ରତିବର୍ଷ ସ୍ୱାଧୀନତା ଦିବସରରେ ପାରମ୍ପରିକ ଭାବେ ଭାରତୀୟ ଜାତୀୟ ପତାକାର ୩ ରଙ୍ଗରେ ରଙ୍ଗାୟିତ କରାଯାଇଥାଏ।




ଅଗଷ୍ଟ ୧୫ ପୂର୍ବରୁ ଅମୃତସରରେ ନିଜ ହାତକୁ ତ୍ରିରଙ୍ଗା ରଙ୍ଗରେ ସଜାଇଛନ୍ତି ଯୁବତୀ।

## ଡେଲ୍ଟା ପ୍ଲସ୍: ମହାରାଷ୍ଟ୍ରରେ ୩ ମୃତ

**ମୁମ୍ବାଇ, ୧୩।୮**

କୋଭିଡ୍‌ର ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ସଂକ୍ରମଣରେ ମହାରାଷ୍ଟ୍ରରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଗତ ମାସ ୨୭ରେ ମୁମ୍ବାଇରେ ପ୍ରଥମ ଡେଲ୍ଟା ପ୍ଲସ୍ ସଂକ୍ରମିତ ୬୩ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିଲା। ରାଇଗଡ଼ରେ ଜଣେ ୬୯ ବର୍ଷୀୟଙ୍କର ମୃତ୍ୟୁ ଘଟିଛି। ଗତ ମାସରେ ରତ୍ନଗିରି ଜିଲାରେ ଜଣେ ୮୦ ବର୍ଷୀୟ ମଧ ଏହି ଭାରିଆଣ୍ଟରେ ଆଖି ବୁଜିଥିଲେ। ମୁମ୍ବାଇରେ ବର୍ତ୍ତମାନ ସୁଦ୍ଧା ୭ ଡେଲ୍ଟା ପ୍ଲସ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପ୍ରାଣ ହରାଇଥିବା ମହିଳା ଜଣକ ଜୁଲାଇ ୨୧ରେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ତାଙ୍କର ଡାଇବେଟିସ୍ ଥିଲା ଏବଂ ସେ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିଲେ। ମୁମ୍ବାଇର ୭ ଜଣଙ୍କ ବ୍ୟତୀତ ରାଜ୍ୟର ଅନ୍ୟ ଜିଲାରୁ ୧୩ ଜଣ ଡେଲ୍ଟା ପ୍ଲସ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ପୁଣେର ହୋଇଥିବାବେଳେ ନାଣ୍ଡେଡ୍, ଗୋଣ୍ଡିଆ, ରାଇଗଡ଼ ଓ ପାଲଘରରୁ ୨ ଜଣ ଲେଖାଏ ଏବଂ ଚନ୍ଦ୍ରପୁର ଓ ଆକୋଲାରୁ ଜଣେ ଲେଖାଏ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

## ନାଜାଲ ଭାକ୍ସିନ ପରୀକ୍ଷାକୁ ମଞ୍ଜୁରୀ

**ହାଇଦ୍ରାବାଦ, ୧୩।୮:** ଭାରତ ବାୟୋଟେକ୍ ପ୍ରସ୍ତୁତ ପ୍ରଥମ ନାଜାଲ କୋଭିଡ୍ ଭାକ୍ସିନ ବିବିଭି୧୫୪ର ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାକୁ ଅନୁମତି ମିଳିଛି। ପୂର୍ବରୁ ୧୮ରୁ ୬୦ ବର୍ଷ ବୟସ ବର୍ଗର ଲୋକଙ୍କଠାରେ ଏହାର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି। ଏହା ନିରାପଦ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ପ୍ରଥମ ପରୀକ୍ଷାରୁ ଜଣାପଡ଼ିଥିଲା। ଏହାର କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ମଧ ଦେଖାଯାଇ ନ ଥିଲା।

## ଟିକା ନେଇଥିବା ୨.୬ ଲକ୍ଷ ସଂକ୍ରମିତ

**ନୂଆଦିଲ୍ଲୀ, ୧୩।୮**

ଦେଶରେ ବର୍ତ୍ତମାନ ସୁଦ୍ଧା ୫୩.୧୪ କୋଟି ଭାକ୍ସିନ ଡୋଜ୍ ଦିଆଗଲାଣି। ଟିକା ନେଇଥିବା ଲୋକଙ୍କ ମଧ୍ୟରୁ ୨.୬ ଲକ୍ଷ ପୁନର୍ବାର କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ତେବେ ଏହି ସଂଖ୍ୟା ମୋଟ ଟିକାକରଣର ୦.୦୫ ପ୍ରତିଶତରୁ କମ୍ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସଂକ୍ରମିତଙ୍କ ମଧ୍ୟରୁ ୧,୭୧,୫୧୧ ଜଣ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ଅନ୍ୟପକ୍ଷରେ ଦୁଇଟି ଡୋଜ୍ ନେଇଥିବା ୮୭,୦୪୯ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଟିକା ନେବା ପରେ ସଂକ୍ରମଣ ହାର ଯଥେଷ୍ଟ କମ୍ ହେଲେ ମଧ ଏହା ସରକାର ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଭାରତ ତଥା ବିଦେଶରେ ଭୂତାଣୁର ଅଧିକ ସଂକ୍ରମକ ଭାରିଆଣ୍ଟ ବ୍ୟାପୁଥିବା ଏଥିରୁ ସ୍ପଷ୍ଟ ହେଉଛି। ଟିକା ନେବା ପରେ ଲୋକେ କେଉଁ ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହେଉଛନ୍ତି ତାହା ଜାଣିବା ପାଇଁ ବିଭିନ୍ନ ରାଜ୍ୟର ବ୍ୟକ୍ତିଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଉଛି। କେବଳ କେରଳରେ ୪୦ ହଜାରରୁ ଉର୍ଦ୍ଧ୍ୱ ଟିକା ନେବା ପରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ଭୂସ୍ଖଳନରୁ ଚେନାବ ଜଳପ୍ରବାହ ଅବରୋଧ

**ଶିମ୍‌ଲା, ୧୩।୮:** ହିମାଚଳପ୍ରଦେଶର ଲହାଉଲ୍ ଓ ସ୍ପିତି ଅନ୍ତର୍ଗତ ଉଦରପୁର ତହସଲ୍‌ର ନାଲଦା ଗ୍ରାମ ନିକଟରେ ଶୁକ୍ରବାର ବଡ଼ ଧରଣର ଭୂସ୍ଖଳନ ହୋଇଛି। ଏହି ଭୂସ୍ଖଳନ ଯୋଗୁ ଉକ୍ତ ଅଞ୍ଚଳରେ ପ୍ରବାହିତ ଚେନାବ ନଦୀର ଜଳପ୍ରବାହ ବାଧାପ୍ରାପ୍ତ ହୋଇଛି। ନଦୀରୁ ମାତ୍ର ୧୦ରୁ ୧୫ ପ୍ରତିଶତ ଜଳ ପ୍ରବାହିତ ହେଉଥିବାରୁ ଗ୍ରାମ ନିକଟବର୍ତ୍ତୀ ଉକ୍ତ ଅଞ୍ଚଳ ଏକ ହ୍ରଦରେ ପରିଣତ ହୋଇଛି। ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ହେଲିକପ୍ଟର ସହାୟତାରେ ଆକାଶମାର୍ଗରୁ ସ୍ଥିତି ସମୀକ୍ଷା କରାଯିବା ସହ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମୁତୟନ କରାଯାଇଛି। କନୌର ଜିଲା ଅନ୍ତର୍ଗତ ୫ ନମ୍ବର ଜାତୀୟ ରାଜପଥରେ ବୁଧବାର ହୋଇଥିବା ଭୂସ୍ଖଳନରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏବେ ବି କେତେଜଣ ନିଖୋଜ ଅଛନ୍ତି।



## ଗୁପ୍ତା ଭ୍ରାତାଙ୍କ ଗୁମର ଖୋଲିଲେ ରାମାଫୋସା

**ଜୋହାନ୍ସବର୍ଗ, ୧୩।୮**

ଦକ୍ଷିଣ ଆଫ୍ରିକାର ଶାସକ ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସ ଭିତରେ ମତଭେଦ କାରଣରୁ ଦୁର୍ନୀତିରେ ଲିପ୍ତ ପ୍ରଭାବଶାଳୀ ଗୁପ୍ତା ପରିବାର ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରି ନ ଥିବା ରାଷ୍ଟ୍ରପତି ସିରିଲ ରାମାଫୋସା ପ୍ରଥମ ଥର ପାଇଁ ସ୍ୱୀକାର କରିଛନ୍ତି।

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମାଫୋସା ଗୁରୁବାର ଷ୍ଟେଟ୍ କ୍ୟାପ୍ଚର କମିଶନ ନିକଟରେ ହାଜର ହୋଇ ସାକ୍ଷ୍ୟ ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜାକବ ଜୁମାଙ୍କ ସହ ଗୁପ୍ତା ବ୍ରଦର୍ସଙ୍କ ସମ୍ପର୍କକୁ ନେଇ ସେ କହିଛନ୍ତି, ୩ ଭାଇ ଅଜୟ ଗୁପ୍ତା, ଅତୁଲ ଗୁପ୍ତା ଏବଂ ରାଜେଶ



ସିରିଲ ରାମାଫୋସା



ଗୁପ୍ତା ବ୍ରଦର୍ସ

ଗୁପ୍ତା ଭାରତରୁ ଆସି ଆମ ସରକାରୀ ବ୍ୟବସ୍ଥାରେ ଚତୁରତା ସହ ଅନୁପ୍ରବେଶ କରିଥିଲେ। ଗୁପ୍ତା ଭ୍ରାତା ନିଜକୁ ବିଭିନ୍ନ ଢାଞ୍ଚାରେ ଏପରି ଭାବେ ସ୍ଥାନିତ କରିଥିଲେ ଯେ, ସେମାନଙ୍କ ଗ୍ରହଣୀୟତା ଓ ପହଞ୍ଚ ବଢ଼ିଯାଇଥିଲା। ଏନେଇ ସତର୍କ କରାଯିବା ସତ୍ତ୍ୱେ ଧ୍ୟାନ ଦିଆଯାଇ ନ ଥିଲା। ଫଳରେ କୋଟି କୋଟି ର୍ୟାଣ୍ଡର ସରକାରୀ ସମ୍ପତ୍ତି ହାତେଇବାରେ ସେମାନେ ସଫଳ ହୋଇଥିଲେ। ଦେଶର ସର୍ବୋଚ୍ଚ ନେତାଙ୍କ ସହ ଏହି ପରିବାରର ସମ୍ପର୍କ ଥିବାରୁ ସେମାନଙ୍କ କାରନାମା ଉପରେ ନଜର ରଖାଯାଇ ନ ଥିଲା। ରାଷ୍ଟ୍ରପତିଙ୍କ ବନ୍ଧୁ ବୋଲି ଦୁର୍ନୀତିକୁ ନ ଦେଖିବା ପାଇଁ ଆମ ଆଖିରେ ସତେ ଯେମିତି ଅନ୍ଧପୁଟୁଳି ବନ୍ଧା ହୋଇଥିଲା ବୋଲି ରାମାଫୋସା କହିଛନ୍ତି।

**■ ଚତୁରତା ସହ ସରକାରୀ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିଲେ ୩ ଭାଇ**

**■ ସେମାନଙ୍କ ଦୁର୍ନୀତିକୁ ଜାଣିଶୁଣି ଅଣଦେଖା କରାଯାଇଥିଲା**

ପ୍ରକାଶ ଯେ, ୧୯୯୪ରେ ନେଲସନ ମଣ୍ଡେଲା ଦକ୍ଷିଣ ଆଫ୍ରିକାରେ ଗଣତନ୍ତ୍ର ପ୍ରତିଷ୍ଠା କରି ରାଷ୍ଟ୍ରପତି ହୋଇଥିଲେ। ସେତେବେଳେ ଉତ୍ତର ପ୍ରଦେଶର ଶାହରନପୁରରୁ ଅଜୟ, ଅତୁଲ ଏବଂ ରାଜେଶ ଗୁପ୍ତାଙ୍କ ସହ ସେମାନଙ୍କ ସ୍ତ୍ରୀ ଓ ପିଲାମାନେ ସେଠାକୁ ଯାଇ ପ୍ରଥମେ ଏକ ଜୋତା ଦୋକାନ କରିଥିଲେ। ପରେ ସେମାନେ ସାହାରା କମ୍ପ୍ୟୁଟର୍ସ ନାମରେ ବ୍ୟବସାୟ କରି ଆଇଟି, ଖଣି, ମିଡିଆ ଭଳି କ୍ଷେତ୍ରରେ ବହୁ କୋଟି ର୍ୟାଣ୍ଡର ବିଶାଳ ସାମ୍ରାଜ୍ୟର ଅଧିକାରୀ ହୋଇଥିଲେ। ଜାକବ ଜୁମା ରାଷ୍ଟ୍ରପତି ହେବା ପରେ କ୍ରମଶଃ ସେମାନେ ସରକାରଙ୍କ ସହ ଘନିଷ୍ଠତା ବଢ଼ାଇ ପ୍ରଭାବଶାଳୀ ହେବାରେ ଲାଗିଲେ। ଇତିମଧ୍ୟରେ ଜୁମା ଜେଲ୍ ଯାଇଥିବାବେଳେ ତାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ପାଇଁ ଏହି ୩ ଭାଇଙ୍କୁ ଦାୟୀ କରାଯାଉଛି। ଏବେ ଦୁବାଇରେ ଆତ୍ମନିର୍ବାସନ ଜୀବନ ବିତାଉଥିବା ଗୁପ୍ତା ବ୍ରଦର୍ସଙ୍କୁ ଦକ୍ଷିଣ ଆଫ୍ରିକାକୁ ଫେରାଇଆଣି ଆପରାଧିକ ମାମଲା ଚଳାଇବା ପାଇଁ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୬୬,୧୩,୬୮୦ | ୪୩,୫୩,୮୪୪ | ୧୫,୫୩,୮୮,୭୯୫ |
| ଭାରତ | ୩,୨୧,୪୧,୬୮୦ | ୪,୩୦,୪୫୦ | ୩,୧୩,୧୬,୦୦୩ |
| ଓଡ଼ିଶା | ୯,୯୨,୩୭୫ | ୬୭୫୭(+୫୩) | ୯,୭୫,୯୯୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜି ଯୁକ୍ତ୨ କଳା, ଧନ୍ଦାମୂଳକ ପରୀକ୍ଷାଫଳ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇବ। ଏନେଇ ଶୁକ୍ରବାର ସିଏଚ୍ଏସଇ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ର orissaresults.nic.in ୱେବ୍ସାଇଟରେ ନିଜ ପରୀକ୍ଷାଫଳ ପାଇପାରିବେ। ଚଳିତବର୍ଷ କରୋନା ମହାମାରୀ ଯୋଗୁ ଯୁକ୍ତ୨ ପରୀକ୍ଷା ବାତିଲ ହୋଇଥିଲା। ବିକଳ୍ପ ପଦ୍ଧତିରେ ପିଲାଙ୍କର ମୂଲ୍ୟାୟନ କରାଯାଇଛି। ଗତ ଜୁଲାଇ ୩୧ରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବାହାରିଥିଲା। ସେହି ସମୟରେ ଆଉ ୧୫ ଦିନ ମଧ୍ୟରେ କଳା ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଥିଲା। ଚଳିତ ବର୍ଷ କଳାରେ ପାସ୍ହାର ୯୦% ଉପରେ ରହିବ ବୋଲି ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ସୂଚନା ଦେଇଛନ୍ତି। ତେବେ ନିଜ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସେମାନଙ୍କ ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯିବ, ଅଫ୍ଲାଇନ୍ରେ ପରୀକ୍ଷା କରାଯିବ କି ନାହିଁ ସେ ସମ୍ପର୍କରେ ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ଏଥର ଯୁକ୍ତ୨ ବିଜ୍ଞାନରେ ପାସ୍ହାର ୯୫.୧୫% ଥିବାବେଳେ ବାଣିଜ୍ୟରେ ୯୪.୯୬% ପାସ୍ହାର ରହିଥିଲା।

### ସେପ୍ଟେମ୍ବର ୬ରୁ ଓଜେଇଇ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଆସନ୍ତା ସେପ୍ଟେମ୍ବର ୬ରୁ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୧୮ ତାରିଖ ଯାଏ ଦୈନିକ ୩ ସିଫ୍ଟରେ ଚାଲିବ ବୋଲି ଶୁକ୍ରବାର ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ କମ୍ପ୍ୟୁଟର ବେସ୍ଡ ଟେଷ୍ଟ(ସିବିଟି) ମାଧ୍ୟମରେ ସମସ୍ତ ବିଷୟର ପରୀକ୍ଷା ହେବ। ଗଣେଶ ପୂଜା ଓ ଏନ୍ଇଇଟି ପରୀକ୍ଷାକୁ ଦୃଷ୍ଟିରେ ରଖି ମଝିରେ ଗ୍ୟାପ୍ ଦିଆଯାଇଛି। କେଉଁଦିନ କେଉଁ ପରୀକ୍ଷା ହେବ, ତାହାର ପୂରା ତଥ୍ୟ ଓଜେଇଇ ୱେବ୍ସାଇଟ୍ www.ojee.nic.in/www.odishajee.comରେ ପ୍ରକାଶ କରାଯାଇଛି। ଛାତ୍ରୀଛାତ୍ର ଉକ୍ତ ୱେବ୍ସାଇଟ୍ରୁ ପରୀକ୍ଷା ସୂଚୀ ସହ ସମସ୍ତ ତଥ୍ୟ ପାଇପାରିବେ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ ଚାନ୍ଦ ସୂଚନା ଦେଇଛନ୍ତି। କରୋନା ଯୋଗୁ ଚଳିତବର୍ଷ ରାଜ୍ୟର ସବୁ ଜିଲାରେ ଓଜେଇଇ ପରୀକ୍ଷା କେନ୍ଦ୍ର ହେବ। ଏହାଛଡ଼ା ରାଜ୍ୟ ବାହାରେ ପାଟଣା, ରାଞ୍ଚି ଓ କୋଲକାତାରେ ଅନ୍ଲାଇନ୍ ପରୀକ୍ଷା କେନ୍ଦ୍ର କରାଯାଇଛି। ସୂଚନାଯୋଗ୍ୟ, ଗତ ଜୁନ୍ରେ ଓଜେଇଇ ହେବାର ଥିଲା। କିନ୍ତୁ ରାଜ୍ୟରେ କରୋନା ସ୍ଥିତି ସ୍ୱାଭାବିକ ହୋଇ ନ ଥିବାରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା।

# ଜୀବନ ଥିଲେ ପାଠ



ଅଗଷ୍ଟ ୧୬ରୁ ରାଜ୍ୟରେ ନବମ ଶ୍ରେଣୀ ପାଇଁ ସ୍କୁଲ ଖୋଲିବ। ଶ୍ରେଣୀଗୃହରେ ପାଠପଢ଼ା ହେବ। ଏହାପୂର୍ବରୁ ଅର୍ଥାତ୍ ଜୁଲାଇ ୨୬ରୁ ଆରମ୍ଭ ହୋଇସାରିଛି ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଶ୍ରେଣୀଗୃହ ପାଠପଢ଼ା। ମହାମାରୀ କରୋନା ଯୋଗୁ ପ୍ରାୟ ଦେଢ଼ବର୍ଷ ଧରି ସ୍କୁଲଠାରୁ ଦୂରରେ ରହିଥିବା ଛାତ୍ରୀଛାତ୍ରମାନେ ଅନ୍ଲାଇନରେ ପାଠପଢ଼ି ଆସୁଛନ୍ତି। ସ୍କୁଲରେ ଶିକ୍ଷକଙ୍କ ସାମ୍ନାରେ ପାଠ ପଢ଼ିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ନବମ ଶ୍ରେଣୀ ପାଇଁ ଅଫ୍ଲାଇନ୍ ପାଠପଢ଼ା ବ୍ୟବସ୍ଥା କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବହୁ ଅଭିଭାବକ ଗ୍ରହଣ କରିପାରୁନାହାନ୍ତି। କାରଣ ଏବେ ବି ଆମ ରାଜ୍ୟରୁ କରୋନାର ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ଥମିନାହିଁ। ଆମେରିକା, ଫ୍ରାନ୍ସ, ରୁଷିଆ, ବ୍ରିଟେନ ଭଳି କେତେକ ଦେଶରେ ତୃତୀୟ ଲହର ଦେଖିବାକୁ ମିଳିଲାଣି। ଗତ କିଛିଦିନ ହେଲା ଆମେରିକାରେ ସଂକ୍ରମଣ ସଂଖ୍ୟା ୧ ଲକ୍ଷ ଟପୁଛି ଏବଂ ସେଥିମଧ୍ୟରୁ ପ୍ରାୟ ସମସ୍ତେ ୧୮ ବର୍ଷରୁ କମ୍ ବୟସର। ଭାରତରେ କର୍ଣ୍ଣାଟକ, କେରଳ, ପଞ୍ଜାବରେ କରୋନା ସଂକ୍ରମିତ ପିଲାଙ୍କ ସଂଖ୍ୟାକୁ ଦେଖିଲେ ଚିନ୍ତା ଲାଗୁଛି। ବିଶେଷ କରି ଅଗଷ୍ଟ ୧ରୁ ୧୦ ତାରିଖ ମଧ୍ୟରେ ବେଙ୍ଗାଲୁରୁରେ ୫୪୩ ଜଣ ପିଲା ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଆମ ରାଜ୍ୟର କେତେକ ଜିଲାରେ ମଧ୍ୟ ସ୍ଥିତି ଉଦ୍‌ବେଗଜନକ ରହିଛି। ଚଳିତ ମାସ ୧ ତାରିଖରୁ ୧୨ ତାରିଖ ଯାଏ ବାଲେଶ୍ୱରରେ ୭୯ ଜଣ ୧୮ ବର୍ଷରୁ କମ୍ ବୟସର ପିଲା ସଂକ୍ରମିତ ହୋଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ଯାଜପୁରରେ ୭୨, କେନ୍ଦ୍ରାପଡ଼ାରେ ୪୪, ମୟୂରଭଞ୍ଜରେ ୩୩, କେନ୍ଦୁଝରରେ ୨୦, ସୁନ୍ଦରଗଡ଼ରେ ୧୫, କନ୍ଧମାଳରେ ୧୪, ସମ୍ବଲପୁରରେ ୧୧, ବଲାଙ୍ଗୀରରେ ୭, ଭଦ୍ରକରେ ୫, ବରଗଡ଼ ଓ ଝାରସୁଗୁଡ଼ା, ଗଜପତିରେ ୩ ଏବଂ ନୂଆପଡ଼ାରେ ୨ଜଣ ପିଲା ସଂକ୍ରମିତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୧୮ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ଟିକାକରଣ ବ୍ୟବସ୍ଥା ହୋଇ ନ ଥିବାରୁ ସେହି ବୟସର ପିଲାଙ୍କୁ ପାଠ ପଢ଼ିବା ପାଇଁ ଶିକ୍ଷାନୁଷ୍ଠାନ ଛାଡ଼ିବାକୁ ଉଚିତ ମଣୁନାହାନ୍ତି ବହୁ ଅଭିଭାବକ। ଜୀବନ ଥିଲେ ପାଠ ବୋଲି କେତେଜଣ ଛାତ୍ରୀଛାତ୍ରଙ୍କ ମା'ବାପା ମତପ୍ରକାଶ କରିଛନ୍ତି।

### ପିଲାଙ୍କୁ ସ୍କୁଲ ଛାଡ଼ିବା ରିସ୍କ



ପିଲାକୁ ସ୍କୁଲ ଛାଡ଼ିବା ପାଇଁ ପ୍ରସ୍ତୁତ ନାହିଁ। ଏବେ ପୁଣି ତୃତୀୟ ଲହର ଆସିବ ବୋଲି କୁହାଯାଉଛି। ସେପଟେ ସ୍କୁଲରେ ବି ଠିକ୍ରେ ସାନିଟାଇଜେଶନ ହେଉ ନାହିଁ। ପିଲାମାନେ ସ୍କୁଲ ଗଲେ ସାମାଜିକ ଦୂରତା ବଜାୟ ରଖିବେ କି ନାହିଁ ତାହା ଆମେ ଜାଣିପାରିବୁ ନାହିଁ। ତେଣୁ ସ୍କୁଲ ଛାଡ଼ିବା ରିସ୍କ ହେବ। ଦେଢ଼ବର୍ଷ ହେଲାଣି ପିଲା ଅନ୍ଲାଇନ୍ରେ ପଢ଼ୁଛନ୍ତି। ଏହା ଅଭ୍ୟାସଗତ ହୋଇଗଲାଣି। ବର୍ତ୍ତମାନ ସମୟରେ ଅନ୍ଲାଇନ ପାଠପଢ଼ା ଭଲ। ଯଦି ବି ଏହା ଭିତରେ ପିଲାଙ୍କ ପାଇଁ ଟିକା ଆସିଯାଏ, ତଥାପି ଡିସେମ୍ବର ପର୍ଯ୍ୟନ୍ତ ସ୍କୁଲ ଛାଡ଼ିବା କଷ୍ଟ। କାରଣ ଟିକାକରଣ ପରେ ବି ଲୋକେ ସଂକ୍ରମିତ ହେଉଛନ୍ତି।

– ପ୍ରଣତି ଦାସ, ଅଭିଭାବକ, ଭୁବନେଶ୍ୱର

### ଟିକା ପରେ ଯାହା ନିଷ୍ପତ୍ତି ନେବୁ



ମୁଁ ପିଲାକୁ ସ୍କୁଲ ପଠାଇବା ସପକ୍ଷରେ ନାହିଁ। କରୋନାର ସ୍ଥିତି ଏବେ ଯାହା, ତାକୁ ଦେଖି ମନରେ ଭୟ ରହିଛି। ବହୁ ଲୋକଙ୍କର ଜୀବନ ଗଲାଣି। ଜୀବନ ଥିଲେ ହିଁ ପାଠ ପଢ଼ିପାରିବ। ମୋ ଝିଅ ଅନ୍ଲାଇନ୍ରେ ଠିକ୍ ଭାବେ ପାଠ ପଢ଼ୁଛି। ମୋତେ ଲାଗୁନି ତା'ର ଅଫ୍ଲାଇନ ପାଠପଢ଼ା ଆବଶ୍ୟକ। ଯେ ପର୍ଯ୍ୟନ୍ତ ପିଲା ଟିକା ନେଇନାହାନ୍ତି, ସେପର୍ଯ୍ୟନ୍ତ ପିଲା ସ୍କୁଲ ଯିବା ଉଚିତ ନୁହେଁ ବୋଲି ମୁଁ ଭାବୁଛି। ଟିକା ନେବା ପରେ ପିଲାକୁ ଛାଡ଼ିବୁ କି ନାହିଁ ନିଷ୍ପତ୍ତି ନେବୁ।

– ଜଲି ମହାନ୍ତି, ଅଭିଭାବକ, ଭୁବନେଶ୍ୱର

### ସ୍କୁଲ ଯିବା ଦରକାର



ମୋ ପିଲାକୁ ସ୍କୁଲ ଛାଡ଼ିବା ପାଇଁ ଭାବିଛି। ମୋ ମତରେ ପିଲାଙ୍କୁ ଏବେ ସ୍କୁଲ ଛାଡ଼ିବା ଦରକାର। କୋଭିଡ୍ ଚାଲିଛି, କେବେ ସରିବ ତାହା ଜଣାନାହିଁ। କିନ୍ତୁ ଦେଢ଼ବର୍ଷ ହେଲାଣି ପିଲାଙ୍କ ପାଠପଢ଼ା ବ୍ୟାଘାତ ହେଲାଣି। ତେଣୁ ଏବେ ସ୍କୁଲ ଯିବା ଦରକାର। ପିଲା ହେଲେ ବି ତା'ର ବୁଦ୍ଧି ଅଛି। ସେ କୋଭିଡ୍ ନିୟମକୁ ଜାଣିଛି ଓ ପାଳନ ବି କରିବ। ଆଉ ସ୍କୁଲରେ ବି କୋଭିଡ୍ ଗାଇଡ୍ଲାଇନର ସବୁ ନିୟମ ପାଳନ କରୁଛନ୍ତି।

– କ୍ରାନ୍ତି ଦାସ, ଅଭିଭାବକ, ଭୁବନେଶ୍ୱର

### ସ୍କୁଲ୍ରେ ସ୍ଥିତି ଦେଖିବା ପରେ ପିଲାଙ୍କୁ ଛାଡ଼ିବୁ



ପିଲା ସଂକ୍ରମିତ ହେବାର ଭୟ ରହୁଛି। କିନ୍ତୁ ସେମାନଙ୍କୁ ସ୍କୁଲ ଛାଡ଼ିବା ପାଇଁ ଇଚ୍ଛା ନ ଥିଲେ ବି ଛାଡ଼ିବାକୁ ପଡ଼ିବ। କାରଣ ପିଲାମାନେ ଘରେ ରହି ବୋର୍ ହୋଇଗଲେଣି। ସେମାନେ ସ୍କୁଲ ଯିବା ପାଇଁ ଚାହୁଁଛନ୍ତି। ତେବେ ପ୍ରଥମ ଦିନ ୧୬ ତାରିଖରୁ ପିଲାକୁ ଛାଡ଼ିବୁ ନାହିଁ। ସ୍କୁଲ ପରିଦର୍ଶନ କରି କୋଭିଡ୍ ଗାଇଡ୍ଲାଇନ ପାଳନ କରାଯାଉଛି କି ନାହିଁ ଦେଖିବୁ। ଯଦି କିଛି ବି ଅସୁବିଧା ଆମେ ଅନୁଭବ କରିବୁ ତେବେ ପିଲାଙ୍କୁ ଛାଡ଼ିବୁ ନାହିଁ।

– ପଦ୍ମାବତୀ ନନ୍ଦ, ଅଭିଭାବକ, ଭୁବନେଶ୍ୱର

### ସ୍କୁଲ ଗଲେ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ



ସ୍କୁଲକୁ ଦଶମ ପିଲା ଆସୁଛନ୍ତି। ସ୍କୁଲ ଯାଇ ଦେଖିଥିଲି, ସେଠାରେ ସବୁ ପ୍ରକାର କୋଭିଡ୍ ନିୟମ ପାଳନ କରାଯାଉଛି। ତେଣୁ ପିଲାକୁ ସ୍କୁଲ ଛାଡ଼ିବା ପାଇଁ ଆମେ ନିଷ୍ପତ୍ତି ନେଇଛୁ। ପିଲା ଏବେ ସ୍କୁଲ ଯିବା ଦରକାର। କ୍ଲାସ୍ରୁମ୍ରେ ଶିକ୍ଷକଙ୍କ ଭୟରେ ପିଲାମାନେ ଦୂରତା ରଖିବେ, କିନ୍ତୁ ବାହାରେ ସାଙ୍ଗକୁ ଦେଖିଲେ ନିଶ୍ଚୟ ନିକଟତର ହେବେ। ତେଣୁ ପିଲା ସଂକ୍ରମଣର ଭୟ ବି ରହୁଛି। କିନ୍ତୁ ସ୍କୁଲ ଗଲେ ପାଠପଢ଼ା ପ୍ରତି ପିଲାଙ୍କର ଅଧିକ ଆଗ୍ରହ ହେବ। ଦେଢ଼ବର୍ଷ ଘରେ ରହିଲେଣି। ସ୍କୁଲ୍ରେ ଅନ୍ୟ ପିଲାଙ୍କ ସହିତ ମିଶିଲେ ମାଇଣ୍ଡ୍ ଆକ୍ଟିଭ୍ ହୋଇଯିବ।

– ସୁମିତା ପାତ୍ର, ଅଭିଭାବକ, ଭୁବନେଶ୍ୱର

### ଅଫ୍ଲାଇନ ପାଠପଢ଼ା ଆବଶ୍ୟକ



ମନରେ ଭୟ ରହୁଥିଲେ ବି ପିଲାକୁ ସ୍କୁଲ ଛାଡ଼ିବାକୁ ପଡ଼ିବ। କାରଣ ପିଲାଙ୍କ ପାଠପଢ଼ା ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। ଯଦିଓ ଅନ୍ଲାଇନ ପାଠପଢ଼ା ହେଉଛି, ତଥାପି ସେମାନେ ଠିକ୍ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଶିକ୍ଷକମାନେ ସାମ୍ନାସାମ୍ନି ପଢ଼ାଇଲେ ପ୍ରଭାବ ଅଧିକ ରହିବ। ସ୍କୁଲ୍ରେ ସବୁ ପ୍ରକାର ସୁବିଧା ଦେଖିକି ପିଲାକୁ ଛାଡ଼ିବା ପାଇଁ ନିଷ୍ପତ୍ତି ନେବୁ।

– ମନୋଜ କୁମାର ଜେନା, ଅଭିଭାବକ, ଭୁବନେଶ୍ୱର

### ପିଲାଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ଜରୁରୀ



ଅନ୍ଲାଇନ ପାଠପଢ଼ା ଠିକ୍ ହେଉନି। ସ୍କୁଲ୍ ଖୋଲିଲେ ଶିକ୍ଷକଙ୍କ ସାମ୍ନାରେ ପିଲା ପଢ଼ିଲେ ଭଲ ହେବ। ହେଲେ ପିଲାଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ଉପରେ ସ୍କୁଲ କର୍ତ୍ତୃପକ୍ଷ ଧ୍ୟାନ ଦେବା ଦରକାର। ଯଦି ସମ୍ପୂର୍ଣ୍ଣ ସୁରକ୍ଷାରେ ପିଲାଙ୍କୁ ରଖି ପଢ଼ାଇ ନ ପାରିବେ ତେବେ ଅସୁବିଧା। ଯଦି ଗୋଟିଏ ସ୍ଥାନରେ ପିଲାଙ୍କୁ ଏକାଠି କରିବେ, ଖେଳାଖେଳି କରାଇବେ ତେବେ ପିଲା ନ ପଢ଼ିବା ଭଲ। ସ୍କୁଲ ବସ୍ରେ ମଧ୍ୟ ଠିକ୍ରେ ନିୟମ ପାଳନ କରି ନ ନେଲେ କିମ୍ବା ସ୍କୁଲରେ କୋଭିଡ୍ କଟକଣା ପାଳନ କରିବାରେ ଭୁଲ୍ କଲେ ପିଲାଙ୍କୁ ଛାଡ଼ିବୁ ନାହିଁ।

– ମଙ୍ଗଳାଚରଣ ସାହୁ, ଅଭିଭାବକ, ପୁରୀ

### ଏବେ ପିଲାଙ୍କୁ ସ୍କୁଲ୍ ଛାଡ଼ିବା ଉଚିତ ଭାବୁନି

ପିଲାଙ୍କୁ ଏବେ ସ୍କୁଲ ଛାଡିବା ପାଇଁ ଜମା ବି ପ୍ରସ୍ତୁତ ନାହିଁ। ଏବେ ବି ସଂକ୍ରମଣ ଜାରି ରହିଛି। ତୃତୀୟ ଲହର ଅଧିକ ପିଲାଙ୍କୁ ଆକ୍ରାନ୍ତ କରିବ ବୋଲି କୁହାଯାଉଛି। ଆଶଙ୍କା ଭିତରେ ପିଲାଙ୍କୁ ସ୍କୁଲ ଛାଡିବାକୁ ଉଚିତ ଭାବୁନି। ଅନ୍ୟ ରାଜ୍ୟରେ ସ୍କୁଲ ଖୋଲିବା କ୍ଷଣି ଅନେକ ପିଲା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆମେରିକାରେ ମଧ୍ୟ ସ୍ଥିତି ଖରାପ ଆଡକୁ ଗତି କଲାଣି। ଅନ୍ଲାଇନ ପାଠପଢା ନେଇ ସନ୍ତୁଷ୍ଟ ନ ଥିଲେ ମଧ୍ୟ ତାକୁ ପ୍ରାଧାନ୍ୟ ଦେଇ ପିଲାଙ୍କ ସୁରକ୍ଷା କରାଯାଇପାରିବ। ଭ୍ୟାକ୍ସିନ ନ ଆସିବା ପର୍ଯ୍ୟନ୍ତ ସ୍କୁଲ କଥା ଚିନ୍ତା କରାଯିବ ନାହିଁ।



– ସିଦ୍ଧାର୍ଥ ମହାପାତ୍ର, ଅଭିଭାବକ, ଭୁବନେଶ୍ୱର

### ଅଫ୍ଲାଇନ୍ କ୍ଲାସ୍କୁ ଅଧିକ ପସନ୍ଦ କରୁଛୁ



ସରକାରୀ ସ୍କୁଲ ପିଲାଙ୍କ ପାଇଁ ଏ ପର୍ଯ୍ୟନ୍ତ ଭଲ ଅନ୍ଲାଇନ ପାଠପଢ଼ା ବ୍ୟବସ୍ଥା ହୋଇପାରି ନାହିଁ। ନେଟ୍ୱର୍କ ସମସ୍ୟା ରହୁଥିବାବେଳେ ସମସ୍ତ ମା'ବାପା ପିଲାଙ୍କୁ ସ୍ମାର୍ଟଫୋନ୍ ଦେବାର କ୍ଷମତା ନାହିଁ। ସେହି ପିଲାଙ୍କ ପାଠପଢା ମାତ୍ରାଧିକ ବ୍ୟାହତ ହେଉଛି। ତେଣୁ ଅଫଲାଇନ କ୍ଲାସକୁ ଅଧିକ ପସନ୍ଦ କରୁଛୁ। ଏବେ ମା'ବାପା ଓ ପିଲା ସମସ୍ତେ କରୋନାକୁ ନେଇ ସଚେତନ ହୋଇଗଲେଣି। ତେଣୁ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପିଲାଙ୍କୁ ସବୁ ନିୟମ ମାନି ସ୍କୁଲ ଛାଡିବାକୁ ବାଧ ହେଉଛୁ।

– ଲକ୍ଷ୍ମୀକାନ୍ତ ମହାପାତ୍ର, ଅଭିଭାବକ, ପୁରୀ

### ଶିକ୍ଷାନୁଷ୍ଠାନରେ କୋଭିଡ୍ ନିୟମ ଠିକ୍ ପାଳନ ହେଉ



ଆସନ୍ତା ସେପ୍ଟେମ୍ବର ଆଡ଼କୁ ଭ୍ୟାକ୍ସିନ ଆସିବ। ଜଣେ ଡାକ୍ତର ହିସାବରେ କହିବି ପିଲାଙ୍କୁ ସ୍କୁଲ ଛାଡ଼ିବା ଉଚିତ। ହେଲେ ସ୍କୁଲ କର୍ତ୍ତୃପକ୍ଷ କୋଭିଡ୍ ନିୟମକୁ ପାଳନ କରିବା ଜରୁରୀ। ହେଲେ ଏହା ସମ୍ଭବ ହେଲା ଭଳି ଲାଗୁନି। ଜଣେ ପିଲା ଦୀର୍ଘଦିନ ପରେ ନିଜ ସାଙ୍ଗକୁ ଦେଖିବ ସଙ୍ଗେସଙ୍ଗେ ତା' ପାଖକୁ ଯାଇ ମିଶିଯିବ। ଏପଟେ ଅନ୍ଲାଇନ୍ କ୍ଲାସ୍ ପାଇଁ ମୋବାଇଲର ଅତ୍ୟଧିକ ବ୍ୟବହାର ମଧ୍ୟ ପିଲାଙ୍କ ଉପରେ ବହୁତ ଖରାପ ପ୍ରଭାବ ପକାଉଛି। ସବୁ ଦୃଷ୍ଟିରୁ ଦେଖିଲେ କୋଭିଡ୍ କଟକଣା ଠିକ୍ ଭାବେ ପାଳନ କରି ପିଲାଙ୍କୁ ଅଫ୍ଲାଇନ କ୍ଲାସରେ ଯୋଗଦେବା ଆବଶ୍ୟକ।

– ରଜନୀ ରଞ୍ଜନ ମିଶ୍ର, ଅଭିଭାବକ, ଭୁବନେଶ୍ୱର






# ବିଜେଡି ଖେଳିଲା ଏସ୍ଇବିସି କାର୍ଡ

## ପଞ୍ଚାୟତ ନିର୍ବାଚନରେ ଦେବ ୨୭% ପଛୁଆବର୍ଗ ପ୍ରାର୍ଥୀ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ୨୭% ପଛୁଆ ବର୍ଗ (ଏସ୍ଇବିସି)ଙ୍କୁ ପ୍ରାର୍ଥୀ କରିବ। କେବଳ ପଞ୍ଚାୟତ ନିର୍ବାଚନ ନୁହେଁ ପରବର୍ତ୍ତୀ ନିର୍ବାଚନରେ ମଧ୍ୟ ବିଜେଡି ପଛୁଆବର୍ଗରୁ ସମ ପରିମାଣର ପ୍ରାର୍ଥୀ ଦେବ। ଏ ନେଇ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଅଦାଲତ କଟକଣା, କେନ୍ଦ୍ରୀୟ ଆଇନ ନ ଥିବାରୁ ଏଭଳି ରାଜନୈତିକ ନିଷ୍ପତ୍ତି ନିଆଯାଇଛି ବୋଲି ବିଜେଡିର ଦୁଇ ବରିଷ୍ଠ ନେତା ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅରୁଣ କୁମାର ସାହୁ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରଣେନ୍ଦ୍ର କହିଛନ୍ତି ଯେ, ଅନ୍ୟ ଦଳଗୁଡିକ ମଧ୍ୟ ଏପରି ଘୋଷଣା କରିବା ସହିତ ବିଧାନସଭା ଓ ଲୋକ ସଭାରେ ୩୩% ମହିଳାଙ୍କୁ ପ୍ରାର୍ଥୀ କରନ୍ତୁ। ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗଙ୍କ ଠିକ୍ ପରିସଂଖ୍ୟାନ ଅଭାବରୁ ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣ ସୀମାକୁ ୫୦% ମଧ୍ୟରେ ସିମୀତ ରଖିବା ପାଇଁ ବାଧ କରୁଛନ୍ତି। ତେଣୁ ପଛୁଆବର୍ଗଙ୍କ ସଂଖ୍ୟାର ଠିକ୍ ଆକଳନ ପାଇଁ ଜାତିଭିତ୍ତିକ ଜନଗଣନା କରାଗଲେ ତାହାକୁ ଭିତ୍ତିକରି ୫୦%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ନ୍ୟାୟାଳୟ କୌଣସି ଅଙ୍କୁଶ ଲଗାଇ ପାରିବେ ନାହିଁ। ସଂରକ୍ଷଣ ସୀମା ୫୦% ସୀମିତ ଥିବା ଏବଂ ଆମ ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା ପ୍ରାୟ ୩୯% ଥିବାରୁ ପଛୁଆବର୍ଗଙ୍କୁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳୁଛି। ରାଜ୍ୟ ସରକାରଙ୍କ ପଛୁଆବର୍ଗ ଆଇନ ୨୦୦୮ରେ ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ବର୍ଗଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ବିଭିନ୍ନ ନ୍ୟାୟାଳୟର ଆଦେଶ ଦୃଷ୍ଟିରୁ ଉକ୍ତ ୨୭% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନାହିଁ। ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଓବିସି ତାଲିକା ଅନୁସାରେ ସରକାରୀ ଚାକିରି ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ପାଇଁ ବ୍ୟବସ୍ଥା ରହିଛି। ରାଜ୍ୟଗୁଡିକ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ତାଲିକା ପ୍ରସ୍ତୁତି କରୁଥିଲେ ଓ ଏବେ ମଧ୍ୟ କରିପାରିବେ। କେନ୍ଦ୍ରର ଓବିସି ତାଲିକା ଅନୁସାରେ ଏହି ବର୍ଗର ପ୍ରାର୍ଥୀମାନେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ସରକାରୀ ଚାକିରି ଏବଂ ଶିକ୍ଷାନୁଷ୍ଠାନ ଗୁଡିକରେ ନାମ ଲେଖାଇବାକୁ ସଂରକ୍ଷଣର ସୁବିଧା ପାଉଛନ୍ତି। ସେହିପରି ରାଜ୍ୟର ପଛୁଆବର୍ଗ ତାଲିକା ଅନୁସାରେ ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗର ପ୍ରାର୍ଥୀମାନେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସରକାରୀ ଚାକିରିରେ ସଂରକ୍ଷଣର ସୁବିଧା ପାଉଛନ୍ତି। ପଛୁଆବର୍ଗ ତାଲିକା ପ୍ରସ୍ତୁତ ପାଇଁ ସମ୍ବିଧାନ ସଂଶୋଧନରେ ବ୍ୟବସ୍ଥା ଥିବାରୁ ଲୋକ ସଭାରେ କୌଣସି ବିରୋଧି ଦଳ ଏହାକୁ ବିରୋଧ କରିନାହାନ୍ତି। ହେଲେ ସଂରକ୍ଷଣରେ ଥିବା ୫୦% ସୀମାକୁ ଉଠାଇବାକୁ ସମସ୍ତ ବିରୋଧି ଦଳ କେନ୍ଦ୍ର ସରକାରଙ୍କ ପାଖରେ ପ୍ରସ୍ତାବ ରଖିଥିବା ରଣେନ୍ଦ୍ର ଓ ଅରୁଣ କହିଛନ୍ତି।




### ବିରୋଧୀଙ୍କ ସମାଲୋଚନା

ପଞ୍ଚାୟତ ନିର୍ବାଚନରେ ବିଜେଡି ୨୭% ଆସନରେ ପଛୁଆ ବର୍ଗ (ଓବିସି/ଏସ୍ଇବିସି) ପ୍ରାର୍ଥୀ ଦେବ ବୋଲି ଘୋଷଣା କରିବା ପରେ ବିରୋଧୀ ଏହାକୁ ସମାଲୋଚନା କରିଛନ୍ତି। ଭାଜପା ନେତା ସୁରଥ ବିଶ୍ୱାଳ କହିଛନ୍ତି, ୨୦୧୯ ବିଧାନସଭା ନିର୍ବାଚନରେ ଭାଜପା ୧୪୭ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୫୧ ଜଣ ଓବିସି ପ୍ରାର୍ଥୀ ଦେଇଥିଲା, ଯାହା ୩୫%ରୁ ଅଧିକ। ରାଜ୍ୟରେ ୫୪% ଓବିସି ବର୍ଗର ଲୋକେ ବସବାସ କରୁଥିବାବେଳେ ସେମାନଙ୍କ ବିନା ପ୍ରାର୍ଥିତ୍ୱରେ ରାଜ୍ୟରେ ନିର୍ବାଚନ ଅସମ୍ଭବ। ଲୋକଙ୍କୁ ବିଭ୍ରାନ୍ତ କରିବା ଲାଗି ବିଜେଡି ଏଭଳି ଘୋଷଣା କରିଛି। ଏହା ରାଜ୍ୟର ପଛୁଆ ବର୍ଗକୁ ଲାଭ ଦେବନାହିଁ। ଦୀର୍ଘ ୨୦ ବର୍ଷଧରି ରାଜ୍ୟର ଓବିସି/ଏସ୍ଇବିସି ବର୍ଗକୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ପ୍ରତାରଣା କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତ ନିର୍ବାଚନରେ ଫାଇଦା ନେବାକୁ ଏଭଳି ହୀନ ରାଜନୀତି ଆରମ୍ଭ କରିଥିବା ସୁରଥ ଅଭିଯୋଗ କରିଛନ୍ତି। ସେହିପରି କଂଗ୍ରେସ ନେତା ସତ୍ୟ ପ୍ରକାଶ ନାଏକ ମଧ୍ୟ ବିଜେଡିର ଏଭଳି ନିଷ୍ପତ୍ତିକୁ ଓବିସିବର୍ଗ ପ୍ରତି ଚରମ ଉପହାସ ବୋଲି କହିଛନ୍ତି। ୨ ଦଶନ୍ଧି ଧରି ରାଜ୍ୟର ଓବିସି ସମ୍ପ୍ରଦାୟଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ପରେ ଏବେ ୨୭% ଦଳୀୟ ଟିକେଟ ବାଣ୍ଟିବା ମୁଖ୍ୟମନ୍ତ୍ରୀଙ୍କ କେଉଁ ପ୍ରକାର ସାମାଜିକ ନ୍ୟାୟକୁ ଦର୍ଶାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରତ୍ୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରମରେ ଅଛି ଛିଡା ଲେଙ୍ଗୁଡ଼ି
ମନ ଲୋଡୁଥାଏ କୁବେର ଶିରୀ ।**

ଭାଗ୍ୟ ତ ଖରାପ, ମନ ଚାହିଁଲେ ମିଳିବ ବା କୁଆଡୁ ଅଥବା ଦେବ ବା କିଏ ? ଯାହାର ଫଟା କପାଳ ତା' ପକ୍ଷେ ଉଚ୍ଚ ଆଶା ରଖିବା ନିରର୍ଥକ। କରମରେ ବା ଭାଗ୍ୟରେ ଯାହାର ଅଭାବ ଅନଟନ, ଦୁଃଖ ଦୁର୍ଦ୍ଦଶା ଲେଖା ଅଛି, ପରିସ୍ଥିତିକୁ ଦେଖି ସେଥିରେ ସେ ନିଜକୁ ଖାପ ଖୁଆଇ ନେବା ଉଚିତ, ଅନ୍ୟଥା ଅନ୍ୟର ଦେଖି ମନ ହାଇଁପାଇଁ ହେବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଡ଼ାକେ ଡରି, କଡ଼ାକେ ମରି
କଡ଼ାକେ ଘର ସଂସାର କରି ।**

ଘର ସଂସାର କରିଥିଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡ଼ିଥାଏ। ଜଞ୍ଜାଳକୁ ଡରି ନଯାଇ ଯିଏ ଦୃଢ଼ ଭାବେ ମୁକାବିଲା କରେ, ସିଏ ହିଁ ସବୁ କ୍ଷେତ୍ରରେ ସଫଳ ହୋଇଥାଏ। ସ୍ୱଳ୍ପ ଆୟରେ ଯିଏ ଘର ସଂସାର ସୁରୁଖୁରୁରେ ଚଳାଇଦିଏ, ସେ ହିଁ ପ୍ରଶଂସାର ପାତ୍ର ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଯୁକ୍ତ୨ ପରୀକ୍ଷା ପଦ୍ଧତି ବଦଳିବ

- ବର୍ଷକୁ ଦୁଇଟି ବୋର୍ଡ ପରୀକ୍ଷା
- ମନିଟର କରିବ ସିଏଚ୍ଏସ୍ଇ

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)**

ମାଟ୍ରିକ ଭଳି ଯୁକ୍ତ୨ ପରୀକ୍ଷା ପଦ୍ଧତିରେ ବି ପରିବର୍ତ୍ତନ ଅଣାଯିବ। ବର୍ଷକୁ ଦୁଇଟି ବୋର୍ଡ ପରୀକ୍ଷା ହେବ। ଏଥିସହ ଇଣ୍ଟରନାଲ୍ ଆସେସମେଣ୍ଟ ହେବ। ସ୍ୱଚ୍ଛତା ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରୀକ୍ଷାକୁ ପୂରା ମନିଟର କରିବ। ପ୍ରଥମ ବର୍ଷ ପରୀକ୍ଷାର ରେକର୍ଡ ବି ରହିବ। ପ୍ରତି ପରୀକ୍ଷା ପରେ ପରିଷଦ ପୋର୍ଟାଲରେ ମାର୍କକୁ ଅପଲୋଡ୍ କରାଯିବ। କଲେଜ ପିଲାଙ୍କ ପରୀକ୍ଷା ପ୍ରଦର୍ଶନ ଡାଟାକୁ ରେକର୍ଡ କରି ରଖାଯିବ। ଚଳିତବର୍ଷ କରୋନା ପାଇଁ ଯୁକ୍ତ୨ ମୂଲ୍ୟାୟନ ଅଧିକ ପ୍ରଭାବିତ ହେବାପରେ ଗଣଶିକ୍ଷା ବିଭାଗ ଏଭଳି ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଖୁବଶୀଘ୍ର ଏହାର ରୂପରେଖ ପ୍ରସ୍ତୁତ କରି ସିଏଚ୍ଏସ୍ଇ ବିଜ୍ଞପ୍ତି ପ୍ରକାଶ କରିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ବି ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛି। ଭବିଷ୍ୟତରେ ମହାମାରୀ ଯୋଗୁ ପରୀକ୍ଷା ବାତିଲ ହେଲେ ବି କଲେଜ ଏବଂ ପରିଷଦ ପାଖରେ ପିଲାଙ୍କ ପ୍ରଦର୍ଶନର ତଥ୍ୟ ରହିବ ଆଉ ସିବିଏସ୍ଇ ଭଳି ପିଲାଙ୍କୁ ଆସେସ୍ କରିବା ବି ସହଜ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ଯୁକ୍ତ୨ ପରୀକ୍ଷା ବାତିଲ କରାଯାଇ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ହୋଇଛି। ତେବେ ଯୁକ୍ତ୨ରେ ଦ୍ୱିତୀୟ ବର୍ଷ କେବଳ ବୋର୍ଡ ପରୀକ୍ଷା ଛଡ଼ା ପ୍ରଥମ ବର୍ଷ କୌଣସି ପରୀକ୍ଷା ହେଉ ନ ଥିଲା। ଇଣ୍ଟରନାଲ୍ ପରୀକ୍ଷା ବି ଦୁଇ ବର୍ଷ ଭିତରେ ହୁଏନାହିଁ। ତେବେ ଗତବର୍ଷ ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷା ବାଧ୍ୟତାମୂଳକ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ଛାତ୍ର ଆନ୍ଦୋଳନ ଦେଖାଦେବାରୁ ପରିଷଦ ଏହି ନିଷ୍ପତ୍ତିରୁ ଓହରି ଯାଇଥିଲା। ଫଳରେ ଏବର୍ଷ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଲେ। ମାଟ୍ରିକ ପରୀକ୍ଷା ଆଧାରରେ ଯୁକ୍ତ୨ର ମୂଲ୍ୟାୟନ ହୋଇଥିବାରୁ ସ୍ୱଚ୍ଛତାକୁ ନେଇ ମଧ୍ୟ ଅଭିଯୋଗ ଉଠିଥିଲା। ତେଣୁ ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଭାଗ ଏବେ ଏହି ପରୀକ୍ଷା ସଂସ୍କାର ଆଣୁଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ଖଣି ତ୍ୟାଗ ...

ନିଲାମ ପ୍ରକ୍ରିୟାରେ ଭାଗ ନେବା ପୂର୍ବରୁ ଏହି ସବୁ କମ୍ପାନୀଗୁଡ଼ିକ ପ୍ରତ୍ୟେକ ଖଣିର ତଦାରଖ କରିଥିଲେ। ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ପ୍ରତ୍ୟେକ ଖଣିରେ ଥିବା ଗଚ୍ଛିତ ପଦାର୍ଥର ଷ୍ଟେ ଆକଳନ ସମ୍ପୃକ୍ତ କମ୍ପାନୀମାନଙ୍କୁ ଯୋଗାଇ ଦିଆଯାଇଥିଲା। ତଥାପି ଏହି ଖଣିରେ ସମ୍ପଦ ନାହିଁ ବୋଲି ଜେଏସ୍ଡବ୍ଲ୍ୟୁ କହିବା ଆଶ୍ଚର୍ଯ୍ୟ କଥା। କେବଳ ସରକାରୀ ସୂତ୍ରରୁ ମିଳୁଥିବା ତଥ୍ୟକୁ ନେଇ ଏହି କମ୍ପାନୀମାନେ ନିଲାମ ଦର ମୂଲ୍ୟାୟନ କରନ୍ତି ନାହିଁ। ନିଜର ଆଭ୍ୟନ୍ତରୀଣ ମାଧ୍ୟମରେ ତଥ୍ୟ ଯୋଗାଡ଼ କରିବାର ଯଥେଷ୍ଟ ଉପାୟ ଏବଂ ଧନ ରଖିଥିବା ଏହି ବ୍ୟବସାୟିକ ସଂସ୍ଥାମାନଙ୍କ ପାଖରେ ସବୁକିଛି ରହିଛି।

ଖଣି ନିଲାମକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ପ୍ରଥମଟି ଥିଲା କ୍ୟାପଟିଭ୍। ଅର୍ଥାତ୍ ନିଜସ୍ୱ ଇସ୍ପାତ କାରଖାନା ସ୍ଥାପନ କରିଥିବା କମ୍ପାନୀକୁ ତାହାର ଚାହିଦା ମୁତାବକ ଖଣି ଦିଆଯାଇଥିଲା। ଦ୍ୱିତୀୟରେ ମର୍ଚ୍ୟାଣ୍ଟ ବା ବ୍ୟବସାୟିକ ଖଣି ନିଲାମ କରାଯାଇଥିଲା, ଯାହାର ସମ୍ପଦକୁ ଖଣି ମାଲିକ ଉତ୍ତୋଳନ କରି ବିଭିନ୍ନ ଗ୍ରାହକଙ୍କୁ ବିକ୍ରକରି ପାରିବ। ଏହି ଦ୍ୱିତୀୟ ଶ୍ରେଣୀ ନିଲାମଧାରୀମାନେ ଲୁହାପଥରକୁ ଅନ୍ୟ ଇସ୍ପାତ କାରଖାନାକୁ ବିକ୍ରି କରିବାର ଅନୁମତି ଦିଆଯାଇଥିଲା। ଜେଏସ୍ଡବ୍ଲ୍ୟୁ କେବଳ କ୍ୟାପ୍ଟିଭ ଖଣି ପାଇଁ ନିଲାମରେ ଭାଗ ନେଇଥିଲା। ତାହାର ଇସ୍ପାତ କାରଖାନା କର୍ଣାଟକରେ ସ୍ଥାପିତ ହୋଇଥିବା ସତ୍ତ୍ୱେ ଓଡ଼ିଶାର ଖଣି ହାତେଇ କର୍ଣାଟକକୁ କଞ୍ଚାମାଲ ପଠାଇ ଥାଆନ୍ତା। ଏଭଳି ନିଲାମଧାରୀ ରାଜ୍ୟରେ କୌଣସି ଅର୍ଥ ଲଗାଣ କରି ନ ଥିବାରୁ ଓଡ଼ିଶାରେ 'ଭାଲ୍ୟୁ ଆଡିଶନ' (ମୂଲ୍ୟ ଯୁକ୍ତ) କରିବାର ସମ୍ଭାବନା ନାହିଁ।

ଏହି ଗୋଟିଏ ଖଣି ଛାଡ଼ିବାରୁ ବୁଝାଯାଉଛି ଯେ ଏଭଳି ପ୍ରକ୍ରିୟା ଆରମ୍ଭ ମାତ୍ର ହେଲା। ଖଣିଜ ପଦାର୍ଥର ଦର ବୃଦ୍ଧି ଘଟି ନ ଥିବା ସତ୍ତ୍ୱେ ଭାରତରେ ଇସ୍ପାତ ଦର ପ୍ରବଳ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ନୂତନ ଖଣି ଆଇନ ଲାଗୁହେଲା ପରେ ମନେହେଉଛି ଯେପରି ଅଳ୍ପ କେତେକ ଧନୀ ଲୋକଙ୍କ ହାତରେ ଦେଶର ସମ୍ପୂର୍ଣ୍ଣ ପ୍ରାକୃତିକ ସମ୍ପଦ ଟେକିଦେବାର ଉଦ୍ଦେଶ୍ୟ ରହିଛି।

ଖଣି ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରୁଥିବା ବିଭିନ୍ନ କମ୍ପାନୀଙ୍କୁ ଦଣ୍ଡିତ କରିବାର କୌଣସି ବ୍ୟବସ୍ଥା ରଖାଯାଇ ନ ଥିବା ହେତୁ ଓଡ଼ିଶା ଭଳି ପ୍ରାକୃତିକ ସମ୍ପଦରେ ଭରପୂର ରାଜ୍ୟ ଆସନ୍ତା ୧ ଶତାବ୍ଦୀ ପର୍ଯ୍ୟନ୍ତ ଅଧିକରୁ ଅଧିକ ଦରିଦ୍ର ହେବ।

# ଲୋକ ସଭା ବାଚସ୍ପତିଙ୍କୁ ନ୍ୟାୟ ନିବେଦନ କଲେ ଓଡ଼ିଶାର ପୀଡ଼ିତ ପରିବାର

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)**

ରାଜ୍ୟରେ ହତ୍ୟା, ଶିଶୁ ଚୋରି, ଅଙ୍ଗତସ୍କରୀ ଆଦି ବହୁ ସଙ୍ଗିନ ଆପରାଧିକ ଘଟଣାରେ ପୋଲିସ ଦୋଷୀଙ୍କୁ ଧରିବାରେ ବିଫଳ ହୋଇଛି। ବର୍ଷ ବର୍ଷ ବିତୁଥିଲେ ମଧ୍ୟ ତଦନ୍ତ ଆଳରେ ପୋଲିସ ଫାଇଲକୁ ନାଲିଫିତା ତଳେ ଚାପି ରଖିଥିବା ପୀଡିତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନ୍ୟାୟ ନ ପାଇ ସେମାନେ ଆତ୍ମାହୁତି ଉଦ୍ୟମ ଭଳି ରାସ୍ତା ମଧ୍ୟ ଆପଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି। ଶେଷରେ ରାଜ୍ୟର ଅନେକ ପୀଡିତ ପରିବାର ଏକାଠି ହୋଇ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ ଦେଶର ସମସ୍ତ ଏମ୍‌ପିଙ୍କୁ ନ୍ୟାୟ ନିବେଦନ କରିଛନ୍ତି। ଶୁକ୍ରବାର ସେମାନେ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ସେମାନଙ୍କ ପାଖକୁ ଚିଠି ପଠାଇ ଘଟଣାର ସିବିଆଇ କିମ୍ବା ଅନ୍ୟ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ତଦନ୍ତ କରାଯାଇ ଦୋଷୀଙ୍କୁ ଧରିବା ପାଇଁ ନିବେଦନ କରିଛନ୍ତି। ତେବେ ଆଗକୁ ରାଜ୍ୟ ସରକାର ଏ ଘଟଣା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ୧୫ଦିନ ପରେ ପାର୍ଲାମେଣ୍ଟ ଆଗରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସପ୍ତମସ୍ଥ ଚନ୍ଦ୍ର ହେତୁ ଯାତ୍ରା, ବନ୍ଧୁମିଳନରୁ ଖୁସି ରହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଆଶାନୁରୂପ ସୁଫଳ ପାଇବେ। ଉପରିସ୍ଥଙ୍କ ଆସ୍ଥାଭାଜନ ହେବା ସଙ୍ଗକୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କଠୋର ପରିଶ୍ରମଜନିତ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** ଶୁକ୍ରଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟ, ଲେଖାପଢ଼ା ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନତୁବା ହଜି ଯିବାର ସମ୍ଭାବନା ରହିଛି।

**ମିଥୁନ** କର୍ମସ୍ଥ ବୃହସ୍ପତି ହେତୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। ସହକର୍ମୀଙ୍କ ସାହାଯ୍ୟ, ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ।

**କର୍କଟ** ଚତୁର୍ଥ ଚନ୍ଦ୍ର ଯୋଗୁ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** ପରିସ୍ଥିତିର କ୍ରୁର ତାଡନା ସଙ୍ଗକୁ ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡିପାରେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ମଙ୍ଗଳଯୁକ୍ତ କର୍ମାଧିପତି ଅପ୍ରୀତିକର ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ପୂର୍ବ ପ୍ରସ୍ତୁତି ନ ଥାଇ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇବେ। ଖଳ ଲୋକଙ୍କ କଥାରେ ପଡି ଭୁଲ ମାର୍ଗର ଅନୁସରଣ କରି ହଇରାଣ ହେବେ। ହଠାତ୍ ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବାର ସମ୍ଭାବନା ରହିଛି।

**ତୁଳା** ଏକାଦଶଭାବରେ ମଙ୍ଗଳ ରହିଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। କିନ୍ତୁ କର୍ମାଧିପ ପାପଗ୍ରହ ମଧ୍ୟଯୁକ୍ତ ହେତୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଭାଗ୍ୟଭାବରେ କର୍ମାଧିପତି ରହିଥିବାରୁ ଦୀର୍ଘ ଦିନର ଅଭିଳାଷ ପୂରଣ କାରଣରୁ ମନ ପ୍ରଫୁଲ୍ଲ ରହିବ। ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆଜି ଦିନଟିରେ ଯାନ ବାହନରେ ସତର୍କତା ରକ୍ଷା କରିବା ଭଲ ହେବ। ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁମାନଙ୍କ ସାହାଯ୍ୟ ଫଳରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପାରିବାରିକ କ୍ଷେତ୍ରରେ ଅଶାନ୍ତି ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। ସତର୍କ ନ ରହିଲେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଅବଶ୍ୟ ବନ୍ଧୁଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଏଜେନ୍ସି, ସାହିତ୍ୟଚର୍ଚ୍ଚା, ଲେଖାପଢା ଓ ସାମ୍ବାଦିକତାରେ ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

**କୁମ୍ଭ** ଶୁକ୍ର ଦୁଃସ୍ଥାନସ୍ଥ ଓ ଅଷ୍ଟମସ୍ଥ ହେତୁ ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତି ଉପୁଜିପାରେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସମ୍ପନ୍ନ କରିବା କଷ୍ଟକର ହେବ। ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

# ତାମିଲନାଡୁରେ ପେଟ୍ରୋଲ ୩ ଟଙ୍କା କମିଲା

**ଭୁବନେଶ୍ୱର, ୧୩।୮**

ଗତ କିଛି ମାସ ହେଲା ସାରା ଦେଶରେ ତୈଳ ଦର ହୁ ହୁ ହୋଇ ବୃଦ୍ଧି ପାଇ ରେର୍କଡ ସ୍ତରରେ ରହିଛି। ଏହାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସାଧାରଣ ଖାଉଟି ଘୋର ନିନ୍ଦା ମଧ୍ୟ କରୁଛନ୍ତି। କୋଭିଡ୍ ଯୋଗୁ ଲୋକଙ୍କର ଆର୍ଥିକ ଅବସ୍ଥା ଖରାପ ହୋଇଯାଇଛି। ଏଭଳି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ତେଲ ଦରରେ ଉଚ୍ଚ ପରିମାଣର ଟିକସ ଲଗାଇବା ଯୋଗୁ ତୈଳ ଦର ଆକାଶଛୁଆଁ ହୋଇଛି। ଖାଉଟିଙ୍କ ଅସନ୍ତୋଷକୁ ନଜରରେ ରଖି ତାମିଲନାଡୁର ନୂତନ ସରକାର ତା'ର ପ୍ରଥମ ପଦକ୍ଷେପରେ ଅନେକ କିଛି ନୂଆ କରିଛି। ରାଜ୍ୟ ସରକାରଙ୍କ ୨୦୨୧-୨୨ ଅନ୍ତରୀଣ ବଜେଟ ଉପସ୍ଥାପନରେ ଅର୍ଥମନ୍ତ୍ରୀ ପାଲାନିଭେଲ ଥିଙ୍ଗାରଞ୍ଜନ ଘୋଷଣା କରିଛନ୍ତି ଯେ ପେଟ୍ରୋଲ ଉପରୁ ୩ ଟଙ୍କା ସରକାର ହ୍ରାସ କରୁଛନ୍ତି। ଏହାକୁ ୧୪ ଅଗଷ୍ଟଠାରୁ ସାରା ରାଜ୍ୟରେ ଲାଗୁ କରାଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ସାରା ରାଜ୍ୟବାସୀଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ମିଳିଛି। ଏହା ଫଳରେ ରାଜ୍ୟ ରାଜକୋଷରୁ ପ୍ରାୟ ୧୧୬୦ କୋଟି ଟଙ୍କାର ରାଜସ୍ୱ ହ୍ରାସ ପାଇବ। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରାଜ୍ୟ ସରକାରଗୁଡ଼ିକୁ ତୈଳ ଦର ଉପରେ ଲାଗୁ କରୁଥିବା ଟିକସ ହ୍ରାସ କରି ଖାଉଟିଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ପ୍ରଦାନ କରନ୍ତୁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ନିର୍ମଳାଙ୍କ ନିବେଦନକୁ ସ୍ୱୀକାର କରି ତାମିଲନାଡୁ ସରକାର ଏଭଳି ପଦକ୍ଷେପ ନେଇ ଥିବା ଏମ୍.କେ. ଷ୍ଟାଲିନ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ତାମିଲନାଡୁରେ ପେଟ୍ରୋଲ ଲିଟର ପିଛା ୧୦୨.୪୯ ଟଙ୍କା ଥିବା ବେଳେ ଡିଜେଲ ଲିଟର ପିଛା ୯୪.୩୯ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଗତ ୨୭ ଦିନ ହେଲା ସାରା ଦେଶରେ ତୈଳ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଶେଷ ଥର ପାଇଁ ଜୁଲାଇ ୧୭ରେ ଦର ପରିବର୍ତ୍ତନ ହୋଇଥିଲା।

# ବଟି ମାଗି ଯୁବକ ଗିରଫ

ପୁରୀ ଅଫିସ,୧୩।୮– ବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହି ବାଲିକୁଦର ବିଷ୍ଣୁପ୍ରସାଦ ମହାପାତ୍ର (୩୬)। ପୋଲିସ ତାଙ୍କଠାରୁ ୨ଶହ ଟଙ୍କା ଜବତ କରିଛି। ଏ ନେଇ କେସ ନଂ ୨୭୫/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନାନୁଯାୟୀ, କୁମ୍ଭାରପଡ଼ା ଥାନା ପକ୍ଷରୁ ପାଟ୍ରୋଲିଂ କରୁଥିବା ସମୟରେ ବଡ଼ଶଙ୍ଖ ମାର୍କେଟ ପରିବା ଦୋକାନୀମାନଙ୍କଠାରୁ ଜଣେ ଯୁବକ ଦାଦାବଟି ଆଦାୟ କରୁଥିବା ଖବର ପାଇ ଉକ୍ତ ଅଞ୍ଚଳରେ ଚଡାଉ କରିଥିଲେ। ସେଠାରେ ବିଷ୍ଣୁକୁ ଗିରଫ କରି ୨ ଶହ ଟଙ୍କା ଜବତ କରିଛି।


# classifieds Everyday 0674-2580101, 2549302

real estate

**SALE**

**Ready for construction plot near Honspal, Pahala and Balianta both SC and General for sale. Contact Owner: 8327778739, 8908189698.** D-70940

**1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891.** D-21159

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**2400sft. GA plot immediately sale at Bharatpur (near Sum Hospital) & 3500sft. BDA plot sale at Patrapada (near DN Regalia Mall) & 1800sft. BDA plot sale at Pokhariput & 2178sft. plot sale at Samantarapur, Bhubaneswar, please contact- DEEPAK- 9937329999.** D-69989

ପୁରୀ ସହର ଗୁଡ଼ିଆ ସାହିରେ 1000sqft. ପୁସ୍ତାନି ଘର ବିକ୍ରିହେବ। ମନ୍ଦିରଠୁ 500mtr. 8763795928, 9861162562. D-59882

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

Bhubaneswar plot/ land available near AIIMS Hospital sqft.- 550/-, 900/-, 2200/- & at Janla-1000/-, Contact: 9583174462. D-70885

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21279

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

**Hurry-Up-Offer-Offer ready/ under construction flat/ duplex for sale in posh location of Bhubaneswar. 9938569014, 9861433014.** D-21323

construction

Want a dream home on your own plot assistance for construction, design and development. Contact: K.K. Construction 7008268129, 9439143273. D-71313

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

to-let

4000sqft. ground floor space is available for Ware House Office purpose at Rudrapur opposite Assoteck Pride 400 meters from NH-5. Contact: 9437024630. D-21211

Single room attached Toilet near Sisupalgad College, Bhubaneswar. Contact: 9437764734. D-70727

Rent for Office/ Bank/ Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar- 751019 was let-out to Bank. Contact- 9871816986. D-71401

healthcare

Newly open SPA offer @799/-, positively health benefits, Jaydev Bihar. 7846814019. D-60000

Swarna SPA newly open positively health benefits with expert therapist. 9556978408. D-71128

Newly open full body massage ladies and gents. 8658471570, 8327740003. D-70469

Refreshing your mind, your body with the best therapy at Lotus Spa. 8018891951. D-70468

Panchakarma, Acupressure, Magneto therapy, Piles, Fisure, Fistfula, Treatment Bhubaneswar. 8763725072. D-21329

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

business

Job-Rapido Captainରେ ରେଜିଷ୍ଟ୍ରେସନ୍ ହେବା ପାଇଁ DL, RC & Android Mobile ନେଇ ତଳ ଏଡ୍ରେସ୍‌ରେ ଆସନ୍ତୁ ଆଉ 25000/- ଯାଏ ମାସିକ କମାନ୍ତୁ। Address- 40, Pawani Complex, Lane L 4, Jagmohan Nagar, Bhubaneswar. Call & WhatsApp. 9513764947, 080-41434143. D-21338


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**Happy Birthday**



Sai Priyashi & Riyashi Jena

Count your life by smiles, not tears. Count your age by friends, not years.
*Happy birthday!*
**Wishes:-** Baba, Mama, Bou, Bapa, Zina, Baban, Munu, Sinu, Mamu, main, Ajaa, Aai, Suna main, Rupa main. D-21336

# ସଫଳତା ପରେ ହିଁ ବାସ୍ତବ ସଂଘର୍ଷ

**ମନର ଭାବକୁ ଶବ୍ଦର ରୂପ ଦେବା ମଣିଷଟିଏ ହେଉଛନ୍ତି ଗୀତିକାର ଅରୁଣ ମନ୍ତ୍ରୀ। ତାଙ୍କ ଲିଖିତ ପ୍ରଥମ ଭଜନ 'ତୁଳସୀ କ୍ଷେତ୍ରରେ ବଳଦେବ ଖ୍ୟାତ'କୁ ଭଜନ ସମ୍ରାଟ ଭିକାରୀ ବଳ ଗାଇଥିଲେ। କେବଳ ଭଜନ ନୁହେଁ, ଆଲ୍‌ବମ୍, ଯାତ୍ରା, ଓଡ଼ିଆ ଚଳଚ୍ଚିତ୍ର ପାଇଁ ଗୀତ ଲେଖି ସେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। 'ଅନାମିକା ନାୟିକା ସେ ହେଲା ମୋର ପ୍ରେମିକା' ଗୀତ ପାଇଁ ସେ ରାତାରାତି ଚର୍ଚ୍ଚାକୁ ଆସିଥିଲେ। ଇତିମଧ୍ୟରେ ସେ ୨ଶହରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର ଗୀତ, ୨ ହଜାରରୁ ଊର୍ଦ୍ଧ୍ୱ ଭଜନ, ଆଲବମ୍, ଯାତ୍ରା ପାଇଁ ଗୀତ ରଚନା କରି ସାରିଛନ୍ତି। ଜଗତ୍‌ସିଂହପୁର ଜିଲା ମଣିଜଙ୍ଗା ଗ୍ରାମରେ ତାଙ୍କର ଜନ୍ମ। କଟକକୁ କର୍ମଭୂମି ଭାବେ ବାଛିନେଇଥିବା ଅରୁଣ ମନ୍ତ୍ରୀଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**


ଅରୁଣ ମନ୍ତ୍ରୀ

**ପ୍ରଶ୍ନ– ସଙ୍ଗୀତ କ୍ଷେତ୍ରକୁ କେମିତି ଆସିଲେ?**
ଉତ୍ତର– ସ୍କୁଲରେ ପଢ଼ିବା ବେଳୁ କବିତା ଲେଖାଲେଖି କରୁଥିଲି। କଲେଜ ପଢ଼ିବା ସମୟରେ ମୋର ଏକ ଗୀତ ଆକାଶବାଣୀର ଯୁବବାଣୀ କାର୍ଯ୍ୟକ୍ରମରେ ବାଜିଲା। ଏହାପରେ ମୋର ଗୀତ ଲେଖା ନେଇ ଆଗ୍ରହ ବଢ଼ିଲା। ଗାଁରୁ କଟକ ପାଠ ପଢ଼ିବା ପାଇଁ ଆସିଥିଲି। ପାଠପଢ଼ା ସହ ଗୀତ ଲେଖୁଥିଲି ଏବଂ ବହୁ ସଙ୍ଗୀତ ନିର୍ଦ୍ଦେଶକଙ୍କ ପାଖକୁ ଯାଉଥିଲି। ଅନେକ ଥର ନିରାଶ ହେବାକୁ ପଡିଥିଲା। ନୂଆ ପିଲା ବୋଲି କେତେଜଣ କାମ ଦେଇ ନ ଥିଲେ। ହେଲେ ସରୋଜ ନନ୍ଦଙ୍କ ନିର୍ଦ୍ଦେଶନାରେ ମୋର ଭଜନ ରିଲିଜ୍ ହେବା ପରେ ଧୀରେ ଧୀରେ କାମ ମିଳିଥିଲା।

**ପ୍ରଶ୍ନ– ଆପଣ ଇଞ୍ଜିନିୟରିଂ କରି ସଙ୍ଗୀତକୁ ଜୀବିକା ଭାବେ ବାଛିନେଲେ। ଏନେଇ ପରିବାରର ସମର୍ଥନ ମିଳିଥିଲା କି?**
ଉତ୍ତର– ପ୍ରଥମେ ପ୍ରଥମେ ସମର୍ଥନ ମିଳି ନ ଥିଲା। ମୁଁ ଗୀତକୁ ପ୍ରଫେସନ କରିବା ପର୍ଯ୍ୟନ୍ତ ଅନ୍ୟ କେହି ଏହାକୁ ପ୍ରଫେସନ ଭାବେ ଗ୍ରହଣ କରି ନ ଥିଲେ। ଯେଉଁମାନେ ସଙ୍ଗୀତ ସହ ଜଡ଼ିତ ଥିଲେ ସେମାନେ ପ୍ରାୟ ସଙ୍ଗୀତ ବ୍ୟତୀତ ଚାକିରି କିମ୍ବା ବ୍ୟବସାୟ କରୁଥିଲେ। ତେଣୁ ଗୀତ ଲେଖି ଯେ ପେଟ ପୋଷି ପାରିବି ସେ ଭରସା ଘର ଲୋକଙ୍କର ନ ଥିଲା। ଇଞ୍ଜିନିୟରିଂ କ୍ୟାରିୟରକୁ ଛାଡି ଗୀତ ଲେଖୁଛି ବୋଲି କେତେ ମାନ ଅଭିମାନ ମଧ୍ୟ କରିଥିଲେ। ହେଲେ ବାପା ଜଗବନ୍ଧୁ ମନ୍ତ୍ରୀ ନିଜେ ୨ଟା ନାଟକ ଲେଖିବା ସହ ଅନେକ ନାଟକରେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତେଣୁ କେଉଁଠି ନା କେଉଁଠି ମୁଁ ଗୀତ ଲେଖେ ବୋଲି ତାଙ୍କର ଆଶୀର୍ବାଦ ଥିଲା, ଯାହା ମତେ ସଫଳତା ଦେଇଛି।

**ପ୍ରଶ୍ନ– ସଫଳତା ପାଇଲେଣି, ଭବିଷ୍ୟତକୁ କିଭଳି ଦେଖୁଛନ୍ତି?**
ଉତ୍ତର– ୨୫ବର୍ଷର କ୍ୟାରିୟର ଭିତରେ ସଂଘର୍ଷ କରିଚାଲିଛି। ସଂଘର୍ଷ ନ ଥିଲେ ସଫଳତା ମିଳେନାହିଁ। କହିବାକୁ ଗଲେ, ସଫଳତା ପାଇବା ପରେ ହିଁ ବାସ୍ତବ ସଂଘର୍ଷ ଆରମ୍ଭ ହୁଏ। ଆଗରୁ କ'ଣ ଲେଖିବା ନ ଲେଖିବା ତାହାର ଭୟ ନ ଥାଏ। କିନ୍ତୁ ଥରେ ସଫଳତା ପାଇବା ପରେ ମନରେ ଭୟ ଆସେ ଓ ସତର୍କ ହେବାକୁ ପଡେ। କ'ଣ ଲେଖିବି, ଶ୍ରୋତାମାନେ ତାକୁ କିପରି ଗ୍ରହଣ କରିବେ, ସେହି ଭାବନା ହିଁ ସଂଘର୍ଷ। ଜୀବନର ପ୍ରତି କ୍ଷେତ୍ରରେ ସଂଘର୍ଷ ଥିଲା, ଅଛି, ରହିବ ଓ ଏହା ରହିବା ମଧ୍ୟ ଦରକାର।

ଧରିତ୍ରୀ ଆଳାପ

**ପ୍ରଶ୍ନ– ଶ୍ରେଷ୍ଠ ଗୀତିକାର ଭାବେ ଦୁଇଥର ରାଜ୍ୟ ପୁରସ୍କାର ପାଇଛନ୍ତି। ଆଗକୁ ଆଉ କ'ଣ ଆଶା ରହିଛି?**
ଉତ୍ତର– ପୁରସ୍କାର ପାଇବା ନ ପାଇବା ଭାଗ୍ୟର କଥା। ପରିସ୍ଥିତି ଓ ସମୟ ଗୀତ ଲେଖିବାକୁ ବାଧ୍ୟ କରେ। ବେଳେବେଳେ ଗୀତ ହୃଦୟରୁ ଆସେ। ଯେ ପର୍ଯ୍ୟନ୍ତ ମତେ ଶ୍ରୋତାମାନେ ଖୋଜୁଥିବେ ସେ ପର୍ଯ୍ୟନ୍ତ ଗୀତ ଲେଖୁଥିବି। ମୋର ଆଶା ଶ୍ରୋତାମାନେ ମତେ ଖୋଜୁଥା'ନ୍ତୁ ଏବଂ ସେମାନଙ୍କ ମନଜାଣି ମୁଁ ଲେଖୁଥାଏ।

**ପ୍ରଶ୍ନ–ସଙ୍ଗୀତ ନିର୍ଦ୍ଦେଶନା କିମ୍ବା ସଂଳାପ ଲେଖିବା ଇଚ୍ଛା ଅଛି କି?**
ଉତ୍ତର– ନାଁ, ନିର୍ଦ୍ଦେଶନା ଦେବାର ତ ପ୍ରଶ୍ନ ଉଠୁନାହିଁ। ଆଉ ସଂଳାପ ଲେଖିବା ପାଇଁ ମତେ ପୂର୍ବରୁ ୨/୩ଟି ଅଫର ଆସିଛି, ମାତ୍ର ମୁଁ ମନା କରିଛି। ମୋ ମତରେ ଏବେ ମୁଁ ଚାଲିଚାଲି ବାଟମଙ୍ଗଳା ପାଖକୁ ଆସିଲିଣି। ସେଠାରୁ ସିଂହଦ୍ୱାର ମୋ ପାଇଁ ଆଉ ଅଳ୍ପ ବାଟ। ଏତେ ପାଖରୁ ବାଟଭାଙ୍ଗି ଆଉ କୁଆଡେ ଯିବି, ସେ ଭାବନା ଆସିନାହିଁ। ଯଦି ପରିସ୍ଥିତି ବାଧ୍ୟ କରିବ ତେବେ ସଂଳାପ ଲେଖିବା କଥା ଚିନ୍ତା କରିବି।

**ପ୍ରଶ୍ନ– ଏବେକାର ଓଡ଼ିଆ ଗୀତରେ ହିନ୍ଦୀ ଓ ଇଂଲିଶ ଭାଷାର ପ୍ରୟୋଗ ହେଉଛି। ଏହାଦ୍ୱାରା ଓଡ଼ିଆ ଗୀତର ମୌଳିକତା ନଷ୍ଟ ହେଉଛି କି?**
ଉତ୍ତର– ଆମ ସମାଜରେ ସବୁ ସମୟରେ ଅନୁପ୍ରବେଶ ଘଟିଛି। କେତେବେଳେ ସାହିତ୍ୟରେ ତ କେତେବେଳେ ସଙ୍ଗୀତରେ। ଏପରି କି ଆମ ଦେଶରେ ମଧ୍ୟ ଅନୁପ୍ରବେଶ ହେଉଛି। ଏହା ଯୁଗେଯୁଗେ ରହି ଆସିଛି। ମାତ୍ର ଅନୁପ୍ରବେଶ ଚିରସ୍ଥାୟୀ ନୁହେଁ। ବେଳେବେଳେ ପରିସ୍ଥିତି ବାଧ୍ୟ କରିଥାଏ ଗୀତରେ ହିନ୍ଦୀ ଏବଂ ଇଂଲିଶ ଭାଷା ପ୍ରୟୋଗ କରିବା ପାଇଁ। ତେବେ ଏହାଦ୍ୱାରା ନିଶ୍ଚିତପକ୍ଷେ ଓଡ଼ିଆ ଗୀତର ମୌଳିକତା ନଷ୍ଟ ହେଉଛି। ତେଣୁ ଯେତେଦୂର ସମ୍ଭବ ଆମକୁ ଅନ୍ୟ ଭାଷାର ପ୍ରୟୋଗ ନ କରିବା ଦରକାର।

**ପ୍ରଶ୍ନ– ନୂଆପିଢ଼ି ପାଇଁ ଗୀତ ରଚନା ସମ୍ପର୍କରେ କ'ଣ କହିବେ?**
ଉତ୍ତର– ଗୀତ ଲେଖିବାବେଳେ ମତେ ଲାଗେ ମୁଁ ନୂଆକରି ଲେଖୁଛି। ନୂଆ ଗୀତିକାର ହୋଇ ନ ଲେଖିଲେ ଜଣେ ଭଲ ଗୀତ ଲେଖିପାରିବ ନାହିଁ। ଗୀତ ଲେଖିବା ବେଳେ ସଙ୍ଗୀତ ସହିତ ସେଥିରେ ସାହିତ୍ୟ ରହିବା ଜରୁରୀ। ଏଥିସହ ଗୀତ ଲେଖିବାବେଳେ ତାହା ଯେଭଳି ସବୁ ବର୍ଗର ଲୋକଙ୍କୁ ଭଲ ଲାଗିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ସ୍ଥାନ, କାଳ, ପାତ୍ରର ଜ୍ଞାନ ରହିବା ଦରକାର।

**ପ୍ରଶ୍ନ– ଯାତ୍ରା ଓ ଚଳଚ୍ଚିତ୍ର ପାଇଁ ଗୀତ ଲେଖାରେ କ'ଣ ପାର୍ଥକ୍ୟ ରହିଛି?**
ଉତ୍ତର– ଯାତ୍ରା ପାଇଁ ଗୀତ ଲେଖିବା କଷ୍ଟ। କାରଣ ଦିନ, ରାତି, ଖରା, ବର୍ଷା ସବୁ ସେଇ ଗୋଟିଏ ଷ୍ଟେଜ୍‌ରେ ହୋଇଥାଏ। ତେଣୁ ସେଠାରେ ବେଶି କିଛି କରିବାର ସୁଯୋଗ ନ ଥାଏ। ମାତ୍ର ଚଳଚ୍ଚିତ୍ରରେ କିଛି ବି ଲେଖିହୋଇ ପାରିବ। ଚଳଚ୍ଚିତ୍ରରେ ଗୀତ ଅନୁଯାୟୀ ଶଟ୍ ନେବେ। ଦୁଇଟା ଯାକରେ କାହାଣୀର ଚାହିଦାକୁ ଦେଖି ଗୀତ ଲେଖିବାକୁ ପଡୁଥିଲେ ବି ଫିଲ୍ମରେ ସ୍ୱାଧୀନତା ଥାଏ।

**ପ୍ରଶ୍ନ– କେଉଁଭଳି ଗୀତ ଲେଖିବାକୁ ଭଲ ଲାଗେ?**
ଉତ୍ତର– ମୋ ଗୀତରେ ଆପଣାପଣ ରହିଛି। ସମସ୍ତଙ୍କ ହୃଦୟର କଥା ମତେ ଲେଖିବାକୁ ଭଲଲାଗେ। ଜଣେ ପ୍ରେମ କଲେ ତା' ମନରେ କ'ଣ ଭାବନା ଥିବ ଏବଂ ବିରହରେ ତା'ର ମନର ଦୁଃଖ କିଭଳି ଥିବ ତାହା ବୁଝିବାକୁ ଚେଷ୍ଟା କରେ। ସାଧାରଣ ଲୋକର ମନକଥାକୁ ଶବ୍ଦରେ ରୂପ ଦିଏ। ସବୁ ପ୍ରକାର ଗୀତ ଲେଖୁଛି, ହେଲେ ବିରହ ଓ ରୋମାଣ୍ଟିକ୍ ଗୀତ ଲେଖିବାକୁ ବେଶି ଭଲ ଲାଗେ।

**ପ୍ରଶ୍ନ– ତାହାହେଲେ ଆପଣ ବି ପ୍ରେମରେ ପଡ଼ିଥିବେ?**
ଉତ୍ତର– ପ୍ରେମ ବିନା ତ ଜୀବନ ସମ୍ଭବ ନୁହେଁ। ତେବେ ସବୁ ପ୍ରେମ କ'ଣ ସିନ୍ଦୂରରେ ସରେ...। ଭଲପାଇବା ଏକ ଆକର୍ଷଣ, ଏକ ଅନୁଭବ। ମୁଁ ବି ଭଲପାଇଛି। କେତେବେଳେ ମାଟିକୁ ଭଲପାଇଛି ତ ଆଉ କେତେବେଳେ ଫୁଲ, ନିଜ ଗାଁ, ଦେଶ, ମୋ ବୋଉ, ସ୍ତ୍ରୀ, ଝିଅ ଓ ଶ୍ରୋତା ସମସ୍ତଙ୍କୁ ଭଲପାଇଛି। ଭଲପାଇବାରେ ମିଠା ମିଠା ଦୁଷ୍ଟାମି ଭରି ରହିଥାଏ।

**ପ୍ରଶ୍ନ– ଦୁଷ୍ଟାମିର କିଛି ଅନୁଭୂତି?**
ଉତ୍ତର– ମୁଁ ଛୋଟବେଳେ ପ୍ରବଳ ଦୁଷ୍ଟ ଥିଲି। ଏବେ ଟିକେ ବଦଳିଯାଇଛି। ଆମ ବାଡ଼ିରେ ଗୋଟେ କୂଅ ଥିଲା। ପିଲାବେଳେ ସବୁ ଜିନିଷ ନେଇ ମୁଁ ସେ କୂଅରେ ପକାଇ ଦେଉଥିଲି। ଘର ତିଆରି କରିବା ପାଇଁ ଆମ ବାଡ଼ିରେ ବାଲି ଗଦା ହୋଇ ଥାଏ। ଦିନେ ମୋ ଦୁଷ୍ଟାମିରେ ଅତିଷ୍ଠ ହୋଇ ବାପା ମତେ ନେଇକି ସେହି ବାଲିରେ ବେକ ପର୍ଯ୍ୟନ୍ତ ପୋତି ଦେଇଥିଲେ। ଏବେ ବି ମୁଁ ଦୁଷ୍ଟ ଅଛି। କାରଣ ଦୁଷ୍ଟାମି ନ ଥିଲେ କ'ଣ ଗୀତ ଲେଖିହବ।




Cut the Coupon & Send it to :-
Dharitri, B-15, Industrial Estate, Rasulgarh, Bhubaneswar-751010
or
Click the photo of the filled message & send it to : -
Whatsapp 78944 47155
rakhimessagecontest@dharitri.com

ଭଉଣୀ ଓ ଭାଇର ପବିତ୍ର ସମ୍ପର୍କର ସାକ୍ଷୀ 'ରାକ୍ଷୀ ପୂର୍ଣ୍ଣମୀ'। ଏହି ପବିତ୍ର ସମ୍ପର୍କ ଭିତ୍ତିକ Rakhi Message Contest ରେ ୪୦ଟି ଶବ୍ଦର ବାର୍ତ୍ତା ୨୦ ଅଗଷ୍ଟ ୨୦୨୧ ସୁଦ୍ଧା ପଠାଇବାକୁ ଅନୁରୋଧ। ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ।

MESSAGE COUPON

ବାର୍ତ୍ତା :
..............................................................................
..............................................................................
..............................................................................
..............................................................................
..............................................................................
..............................................................................
..............................................................................
..............................................................................

ନାମ......................................., ବୟସ..........
ଠିକଣା....................................................
...............................ମୋବାଇଲ୍.........................

"BASIC T & Cs" :
*T & C Apply
The Dharitri Management reserves the right to decide on the qualification and basis for winning messeges.



କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ନବଜନ୍ମିତ ଭଉଣୀ ସୁଭଦ୍ରାକୁ ଧରିଛି। ପାଖରେ ବାପା ଭୂୟାଁ କହଁର ଉପସ୍ଥିତ ଅଛନ୍ତି।

# ବାପାଙ୍କୁ ପୋଡ଼ି ମାରିବା ଉଦ୍ୟମ: ଝିଅ, ଜ୍ୱାଇଁ ସମେତ ୪ ଗିରଫ

**ଝାରସୁଗୁଡ଼ା ଅଫିସ,୧୩।୮**

ଝାରସୁଗୁଡ଼ା ଟାଉନ ଥାନା କୋର୍ଟ ନିକଟ ଲେକ୍ଚର କଲୋନୀରେ ରହୁଥିବା କୈଳାସ ମେହେର(୬୫)ଙ୍କୁ ତାଙ୍କ ଝିଅ ଓ ଜ୍ୱାଇଁ ପୋଡି ମାରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ବୃଦ୍ଧ ଜଣଙ୍କ ଅଳ୍ପକେ ମୃତ୍ୟୁମୁଖରୁ ରକ୍ଷା ପାଇଯାଇଛନ୍ତି। ଏ ନେଇ କୈଳାସ ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କଲାପରେ ପୋଲିସ ୪୦୪/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଘଟଣାରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ପୋଲିସ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୃଦ୍ଧଙ୍କ ବଡଝିଅ ପଞ୍ଚମୀ ମେହେର(୩୫), ସାନଝିଅ ଯଶୋଦା ମେହେର(୩୦), ଜ୍ୱାଇଁ ତ୍ରିଲୋଚନ ମେହେର(୪୦) ଓ ଗୋପବନ୍ଧୁ ତନ୍ତୀ।

୧ବର୍ଷ ହେଲା କୈଳାସଙ୍କ ଘରେ ପାରିବାରିକ କଳହ ଲାଗିରହିଛି। ଫଳରେ ତାଙ୍କ ସ୍ତ୍ରୀ ଓ ଝିଅମାନେ ବାହାରେ ଅଲଗା ରହୁଥିବାବେଳେ କୈଳାସ ଘରେ ରହୁଛନ୍ତି। ଗତ ଗୁରୁବାର ରାତି ୯ଟାରେ କୈଳାସ ଘରେଥିବାବେଳେ ଝିଅ, ଜ୍ୱାଇଁ ପହଞ୍ଚିଥିଲେ। ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଝିଅ,ଜ୍ୱାଇଁ ଉତ୍କ୍ଷିପ୍ତ ହୋଇ ପ୍ରଥମେ ଘରେଥିବା ବାଇକ୍‌ରେ ନିଆଁ ଲାଗାଇ ଦେଇଥିଲେ। ପରେ ତାଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଏଥିରେ ଭୟଭୀତ ହୋଇ କୈଳାସ ଏକ ଘର ଭିତରେ ପଶି କବାଟ ଦେଇଦେଇଥିଲେ। କିନ୍ତୁ ଝିଅ,ଜ୍ୱାଇଁ ଘରର ଆଜ୍‌ବେଷ୍ଟସ୍ ଭାଙ୍ଗି ଭିତରେ ନିଆଁ ଲଗାଇ ଫେରାର୍ ହୋଇଯାଇଥିଲେ। ଫଳରେ ଘର ଭିତରେ ଆସବାପତ୍ର ସବୁ ପୋଡିଯାଇଛି। କୈଳାସ ଜୀବନ ବଞ୍ଚାଇ ଛାତର ଭଙ୍ଗା ଅଜବେଷ୍ଟସ୍ ଦେଇ ବାହାରକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଟ୍ରେଲର-ଆମ୍ବୁଲାନ୍ସ ମୁହାଁମୁହିଁ, ରୋଗୀ ସମେତ ୪ ମୃତ

**ରାୟଗଡ଼ା ଅଫିସ/ ମୁନିଗୁଡ଼ା,୧୩।୮(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅଧୀନ ମଞ୍ଜିରିକୋପାଠାରେ ଶୁକ୍ରବାର ଏକ ଟ୍ରେଲର ଧକ୍କାରେ ଆମ୍ବୁଲାନ୍ସରେ ଥିବା ୪ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ବଙ୍ଗମୁଣ୍ଡା ଅଞ୍ଚଳର ହନୀ ହଂସ(ମହିଳା), ଭକ୍ତ ହଂସ, ସୁଶାନ୍ତ କୁମାର ବିଶି ଏବଂ ରାୟଗଡ଼ା ଜିଲା ବିଷମକଟକର ଆମ୍ବୁଲାନ୍ସ ଚାଳକ ଅଭୟ କୁଶୁଲିଆ। ସେହିପରି ଗୁରୁତର ଦୁହେଁ ହେଲେ ଲକ୍ଷ୍ମଣ କରୁଆଁ ଓ ଜିତେନ୍ଦ୍ର ଭୋଇ।

ଘଟଣାରୁ ପ୍ରକାଶ, ରାୟଗଡ଼ା ଜିଲା ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସା ପରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହନୀଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଅନ୍ୟ ହସ୍ପିଟାଲକୁ ଯିବାକୁ ପରାମର୍ଶ ଦିଆଯାଇଥିଲା। ଫଳରେ ତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ନେଇ ତାଙ୍କର ୪ ସମ୍ପର୍କୀୟ ବଲାଙ୍ଗୀର ଜିଲାର ବଙ୍ଗମୁଣ୍ଡା ଫେରୁଥିଲେ। ଏହି ସମୟରେ ଝାରସୁଗୁଡ଼ାରୁ ଟିକିରି ଅଭିମୁଖେ ଆସୁଥିବା ଟ୍ରେଲର ଆମ୍ବୁଲାନ୍ସକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହନୀଙ୍କ ସମେତ ତାଙ୍କ ସମ୍ପର୍କୀୟ ଭକ୍ତ ଏବଂ ଚାଳକ ଅଭୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଅମ୍ବାଦଳା ପୋଲିସ ୩ ମୃତକ ଏବଂ ଅନ୍ୟ ୩ ଗୁରୁତର ସୁଶାନ୍ତ, ଲକ୍ଷ୍ମଣ ଓ ଜିତେନ୍ଦ୍ରଙ୍କୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଦୁଇ ଗୁରୁତରଙ୍କ ମଧ୍ୟରୁ ଲକ୍ଷ୍ମଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ ନିକଟରେ ଅନ୍ୟ କେହି ସମ୍ପର୍କୀୟ ନ ଥିବାରୁ ସେମାନଙ୍କୁ ରାୟଗଡ଼ା ସ୍ଥାନାନ୍ତର କରିବା ସମ୍ଭବ ହୋଇପାରୁନି ବୋଲି ଚିକିତ୍ସା କରୁଥିବା ଡାକ୍ତର ସବ୍ୟସାଚୀ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ସ୍ଥଳରେ ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ ଏବଂ ଅମ୍ବାଦଳା ପୋଲିସ ତଦନ୍ତ ଚଳାଇଛନ୍ତି। ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁ ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରୁଥିବା ଜଣାପଡ଼ିଛି।



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ଏବଂ ଟ୍ରେଲର।

RAVENSHAW UNIVERSITY
(State University, Accredited with NAAC's 'A' Grade)
CUTTACK- 753003, ODISHA

**U.G. ADMISSION ANNOUNCEMENT 2021-22**

**CAD-800:** Online Applications are invited for admission into the following Under Graduate Programmes for the session 2021-22: Botany, Zoology, Physics, Chemistry, Computer Science, Geography (Science & Arts), Geology, Economics (Science & Arts), Mathematics (Science & Arts), Statistics (Science & Arts), Commerce, Education, English, Hindi, History, Odia, Philosophy, Political Science, Psychology, Sanskrit, Sociology, Business Administration, Information Science & Telecommunication, Information Technology Management, Data Science Management and Journalism & Mass Communication.
**Integrated B.A. B.Ed. and B.Sc. B.Ed. Programmes** for the session 2021-22: Education, English, Odia, History, Political Science, Geography, Economics, Physics, Chemistry, Botany, Zoology and Mathematics.
Application forms for UG Science and UG Commerce courses for the session 2021-22 will be live from **06.08.2021**. Application forms for UG Arts courses will be available in the same link from the date of the publication of results by the CHSE, Odisha 2021.
Candidates are advised to visit the University website **"www.ravenshawuniversity.ac.in"** and log on to **'ADMISSION-21'** for complete information and admission prospectus including important dates, deadlines, fees, application procedures, eligibility and selection criteria.
Last date of online submission of application is **25.08.2021**.

**No.2195 /Dt-05.08.2021**
**Chairperson, P.G. Council, Ravenshaw University**
OIPR 11008/11/0002/2122

କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। -ଶ୍ରୀଅରବିନ୍ଦ

# ସୁପର ହିରୋ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ଏସିଆର ବୃହତ୍ତମ ନେଟ୍‌ୱର୍କ ସ୍କିକ୍‌ଇନ୍ ଚଳିତ ସପ୍ତାହରେ ଜଣାଶୁଣା ଆଇଏଏସ୍ ଅଧିକାରୀ ଇକ୍‌ବାଲ ସିଂ ଚହଲଙ୍କୁ ଚିହ୍ନଟ କରିଛି। କୋଭିଡ୍ ମହାମାରୀ ପରିଚାଳନାରେ ତାଙ୍କର ନିଆରା କାର୍ଯ୍ୟଶୈଳୀ ଲୋକମାନଙ୍କୁ ପ୍ରଭାବିତ କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବାରୁ ସେ ସ୍କିକ୍‌ଇନ୍‌ର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ୧୯୮୯ ବ୍ୟାଚ୍ ମହାରାଷ୍ଟ୍ର କ୍ୟାଡର୍ ଆଇଏଏସ୍ ଅଧିକାରୀ ଚହଲ କୋଭିଡ୍ ଭଳି ଏକ କଠିନ ସମୟରେ ସାହସିକତା ପ୍ରଦର୍ଶନ କରି ପରିସ୍ଥିତିର ଉଚିତ ପରିଚାଳନା କରିଛନ୍ତି। ମ୍ୟୁନିସିପାଲ କର୍ପୋରେଶନ ଅଫ୍ ଗ୍ରେଟର ମୁମ୍ବାଇ(ଏମ୍‌ସିଜିଏମ୍)ର ମ୍ୟୁନିସିପାଲ କମିଶନର ଭାବେ ସେ ମୁମ୍ବାଇରେ କୋଭିଡ୍-୧୯ ସଂକ୍ରମଣକୁ ରୋକିବା ଲାଗି ସମସ୍ତ ଅଭିଯାନର ନେତୃତ୍ୱ ନେଇଛନ୍ତି। ମହାରାଷ୍ଟ୍ରର ଅନ୍ୟ ଅଞ୍ଚଳଗୁଡ଼ିକ ଭଳି ମୁମ୍ବାଇ ମଧ୍ୟ ମହାମାରୀର ଭୟଙ୍କର କ୍ଷତିର ଶିକାର ହୋଇଛି। ସ୍ଥାନୀୟ ଅଧିକାରୀମାନଙ୍କୁ ନେଇ ସମ୍ମିଳିତ ଉଦ୍ୟମରେ ୨୬ଟିରୁ ଅଧିକ ଅଭିଯାନ ଚଳାଇ ମହାମାରୀର କଡ଼ା ମୁକାବିଲା କରି ଚହଲ ସୁପର୍ ହିରୋ ପାଲଟିଛନ୍ତି। ତାଙ୍କର ଏହି ମଡେଲକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଛି। ଯଥାଶୀଘ୍ର ଭାଇରସ୍ ପଲିସିକୁ କାର୍ଯ୍ୟକାରୀ କରିବା ସହ ଆମ୍ବୁଲାନ୍ସ ଉପଲବ୍ଧ କରାଇଛନ୍ତି। ଡକ୍ଟରମାନଙ୍କୁ ଉତ୍ସାହିତ କରିଛନ୍ତି। ମୁମ୍ବାଇରେ ଥିବା ବୃହତ୍ ହସ୍ପିଟାଲଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାରେ ବି ପ୍ରମୁଖ ଭୂମିକା ନେଇଛନ୍ତି। ଏହାସହ ୧୪୪ ଘରୋଇ ହସ୍ପିଟାଲକୁ ନେଇ ଏକ ନିଆରା ସହଭାଗୀ ପରିଚାଳନା ବ୍ୟବସ୍ଥା କରିବା ଥିଲା ତାଙ୍କ ମଡେଲର ବିଶେଷତା। କରୋନା ଭୂତାଣୁ ବିରୋଧରେ ଲଢେଇ ଜାରି ରଖି ତାଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚହଲ ସାହସିକତା ପ୍ରଦର୍ଶନ କରିଛନ୍ତି। ବହୁ ସମୟରେ ଅସାଧାରଣ ନିଷ୍ପତ୍ତି ବି ନେଇଛନ୍ତି, ଯାହା ତାଙ୍କ ଦକ୍ଷତାକୁ ପ୍ରତିପାଦିତ କରିଛି। ଘାତକ ତୃତୀୟ ଲହର ଶୀଘ୍ର ଆସିବାର ସମ୍ଭାବନା ଥିବାରୁ ସେ ଏହାର ମୁକାବିଲା ପାଇଁ ଆଗୁଆ ଯୋଜନା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏହି ଅଧିକାରୀ ପ୍ରଶଂସା ଓ ସମ୍ମାନର ପାତ୍ର।

## ପୋଲିସ ଅଧିକାରୀଙ୍କୁ ବିଦେଶୀ ପ୍ରଶିକ୍ଷଣ

ମୋଦିଙ୍କ ପ୍ରଶାସନିକ ଢାଞ୍ଚାରେ ଉପର ର୍‌ୟାଙ୍କ୍‌ରେ ଥିବା ପୋଲିସ ଅଧିକାରୀମାନଙ୍କ ଉପରେ ଅଧିକ ନିର୍ଭର କରିବାକୁ ପଡୁଥିବାରୁ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଏବେ ସର୍ବୋଚ୍ଚ ପ୍ରାଥମିକତା ହୋଇଛି। ବହୁ କ୍ଷେତ୍ରରେ ଦେଖାଯାଏ ହାଇଦ୍ରାବାଦର ନ୍ୟାଶନାଲ ପୋଲିସ ଏକାଡେମୀ(ଏନ୍‌ପିଏ)ରେ ପ୍ରଶିକ୍ଷଣ ନେଇଥିବା ଜଣେ ବାବୁ ତାଙ୍କ କାର୍ଯ୍ୟ ଦକ୍ଷତାର ସହ ତୁଳାଇଥାଆନ୍ତି। କିନ୍ତୁ ଏବେକାର ସରକାର ପୋଲିସ ଅଧିକାରୀଙ୍କୁ ବିଦେଶରେ ପ୍ରଶିକ୍ଷଣ ଦେଇ ଆହୁରି ଦକ୍ଷ କରିବାକୁ ଅଧିକ ନିବେଶ କରୁଛନ୍ତି। ସରକାରଙ୍କ ଏହି କାର୍ଯ୍ୟକୁ ସମର୍ଥନ କରାଯାଇପାରେ। ବାସ୍ତବରେ ଆଗାମୀ ଦିନର ଆବଶ୍ୟକତାକୁ ଲକ୍ଷ୍ୟ କରି ଆମ ସୁରକ୍ଷା ବଳକୁ ପ୍ରଶିକ୍ଷଣ ଦେବା ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ବିଦେଶରେ ପ୍ରଶିକ୍ଷଣ ଦେବାର ସରକାରଙ୍କ ପ୍ରୟାସ ନିଶ୍ଚିତ ଭାବେ ଉତ୍ସାହପ୍ରଦ। ଏବେକାର ଅତ୍ୟାଧୁନିକ ତଥା ବିକାଶର ଉଚ୍ଚସ୍ତରରେ ଥିବା ପୋଲିସ ବ୍ୟବସ୍ଥା ମଧ୍ୟରେ ବିଶ୍ୱରେ ଫ୍ରାନ୍ସ ପୋଲିସ ସର୍ବାଗ୍ରେ ରହିଛି। ଭିଡ ଓ ସନ୍ତ୍ରାସବାଦ ନିୟନ୍ତ୍ରଣ କରିବାଠାରୁ ଆରମ୍ଭ କରି ଜଟିଳ ସାଇବର କ୍ରାଇମ୍‌ର ମୁକାବିଲା କରିବାରେ ଫ୍ରାନ୍ସ ପୋଲିସ ଆଗରେ ରହିଛି। କିନ୍ତୁ ଭାରତୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଫ୍ରାନ୍ସ ଏକମାତ୍ର ଦେଶ ନୁହେଁ। ଏନ୍‌ପିଏ ମଧ୍ୟ ଆଇପିଏସ୍ ପ୍ରୋବେସନର୍‌ମାନଙ୍କୁ ପ୍ରଶିକ୍ଷଣ ଦେବାକୁ କିଛି ଦିନ ପାଇଁ ଇସ୍ରାଏଲ ପଠାଇ ଆସୁଛି। କିନ୍ତୁ କୋଭିଡ୍ ମହାମାରୀ ଯୋଗୁ ଏହି କାର୍ଯ୍ୟକ୍ରମରେ ବାଧା ଉପୁଜିଛି। ତେବେ ଏନ୍‌ପିଏ ଏବେ ରୁଷିଆ ଓ ଶ୍ରୀଲଙ୍କା ସହ ମିଶି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଇବାକୁ ଚାହୁଁଛି। କୁହାଯାଉଛି, ଫ୍ରାନ୍ସରେ ପ୍ରଶିକ୍ଷଣ ନେଲେ ଭାରତୀୟ ପୋଲିସ ସମ୍ମୁଖରେ ରହିଥିବା ଆହ୍ୱାନଗୁଡ଼ିକୁ ଆୟତ୍ତ କରିବା ପାଇଁ ଆଇପିଏସ୍ ପ୍ରୋବେସନର୍‌ମାନଙ୍କ କୌଶଳଗତ ଜ୍ଞାନ ଶୀଘ୍ର ବଢିବ।

## ଡେପୁଟେଶନ ନୀତିରେ ପକ୍ଷପାତ

ମହାରାଷ୍ଟ୍ର ସରକାର ଆଣିଥିବା ନୂଆ ଡେପୁଟେଶନ ପଲିସି ବା ପ୍ରତିନିଯୁକ୍ତି ନୀତିକୁ ନେଇ ବାବୁମାନଙ୍କ ମଧ୍ୟରେ ପୁଣି ଝଗଡ଼ା ଆରମ୍ଭ ହେବାର ସମ୍ଭାବନା ଦେଖାଦେଇଛି। ଡେପୁଟେଶନ ନୀତିରେ ପରିବର୍ତ୍ତନ ଯୋଗୁ ଆଇଆର୍‌ଏସ୍ ଅଧିକାରୀମାନେ ସବୁଠୁ ବେଶି ପ୍ରଭାବିତ ହୋଇଛନ୍ତି। ନୂଆ ନୀତିରେ ଆଇଆର୍‌ଏସ୍ ଏବଂ ଭାରତୀୟ ପୋଷ୍ଟାଲ ସର୍ଭିସ୍, ଭାରତୀୟ ରେଲୱେ ଟ୍ରାଫିକ୍ ସର୍ଭିସ୍ ଏବଂ ଅନ୍ୟ ସେବାର ଅଧିକାରୀମାନଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ଯଦି ରାଜ୍ୟ ସରକାରରେ କାର୍ଯ୍ୟ କରୁଥାଆନ୍ତ, ତେବେ ସେମାନେ ରାଜ୍ୟରେ ଡେପୁଟେସନ ସୁବିଧା ପାଇପାରିବେ। ଏହି ସମୟରେ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ କୌଣସି ବ୍ୟକ୍ତିଗତ କାରଣ ପାଇଁ ଡେପୁଟେଶନରେ ରହିପାରିବେ। ପୁନଶ୍ଚ ଆଇଆର୍‌ଏସ୍ ଅଧିକାରୀ ଏବଂ ସେମାନଙ୍କ ସମାନ ର୍‌ୟାଙ୍କ୍‌ର ଅନ୍ୟସେବାରେ ଥିବା ଅଧିକାରୀମାନେ ଆଇଏଏସ୍ ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ପଦବୀରେ ନିଯୁକ୍ତି ପାଇପାରିବେ ନାହିଁ। ଏହା ଆଇଏଏସ୍‌ଙ୍କ ଆଧିପତ୍ୟର ଆଉ ଏକ ଦୃଷ୍ଟାନ୍ତ। ଅନ୍ୟ ସେବାଗୁଡ଼ିକର ଅଧିକାରୀମାନଙ୍କୁ ଏହା କ୍ରୋଧିତ କରିଛି। ସେମାନେ ଚାପରେ ରହିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ପୂର୍ବ ସରକାରରେ କାମ କରୁଥିବା ଫୁଡ୍ ଆଣ୍ଡ୍ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଶନ୍‌ର କମିଶନର ତଥା ଆଇଆର୍‌ଏସ୍ ଅଧିକାରୀ ପଲ୍ଲଭୀ ଡରାଡେ ଏବେ ଏହି ପଦବୀରେ ରହିବାକୁ ଆଶା କରି ପାରିବେ ନାହିଁ। କୌତୂହଳର କଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଅଜୟ ମେହେଟା ଦକ୍ଷିଣ ମୁମ୍ବାଇରେ ଏକ ଫ୍ଲାଟ କିଣା ଘଟଣାରେ ଆଇଟି ତଦନ୍ତ ପରିସରଭୁକ୍ତ ହେବାର ପାଖାପାଖି କିଛି ସପ୍ତାହ ମଧ୍ୟରେ ନୂଆ ଡେପୁଟେଶନ ପଲିସି ଆସିଛି। ଆଇଆର୍‌ଏସ୍ ଏବଂ ଏହାର ତଳପାହ୍ୟା ସେବାର ଅଧିକାରୀମାନେ ଏଭଳି ପକ୍ଷପାତ ଘଟଣା ଉପରେ କିଭଳି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତାହା ଦେଖିବାକୁ ଅନେକ ଚାହିଁବସିଛନ୍ତି।

Email: dilipcherian@gmail.com

# ତେଲିଆ ମୁଣ୍ଡରେ ତେଲ



ଅକ୍ଷୟ କୁମାର ମିଶ୍ର

ଶିକ୍ଷା ଗ୍ରହଣ କାହା ପାଇଁ ସୁଯୋଗ ନ ହେଉ, ଶିକ୍ଷା ସମସ୍ତଙ୍କ ପାଇଁ ଅଧିକାର ହେଉ -ଏହି ନାରା ମୋ ଛାତ୍ର ଜୀବନକୁ ପ୍ରଭାବିତ କରିଥିଲା। ୧୯୮୦ରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଜ୍ଞାନ ପଢ଼ିବା ପାଇଁ ମୁଁ ନୂଆ ନୂଆ କଲେଜ ଯାଉଥାଏ। ବଡ଼ କଲେଜରେ ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ବାପାଙ୍କର ସାମର୍ଥ୍ୟ ନ ଥିବା ହେତୁ ପାଖ କଲେଜରେ ନାମ ଲେଖାଇବାକୁ ବାଧ ହେଲି। ଆଜି ଭଳି ଟ୍ୟୁଶନ, କୋଚିଂ ସେଣ୍ଟରର ସେମିତି ସୁବିଧା ନ ଥିଲା। ଥିଲେ ବି କ'ଣ ହୁଅନ୍ତା, ବାପାଙ୍କର ସୀମିତ ସମ୍ବଳ କଥା ଭାବିଲେ ସେ ଯେ ମୋ ପାଇଁ ସେତେବେଳେ ସେମିତି ସୁବିଧା ଯୋଗାଇ ପାରନ୍ତେ ଏ କଥା କହିବା ବାହୁଲ୍ୟ ହେବ। ଖୁବ୍ ମେଧାବୀ ନ ହେଲେ ମଧ୍ୟ ମୁଁ ଜଣେ ଉତ୍ତମ ଛାତ୍ର ଥିଲି ଏ କଥା କହିବାକୁ କୁଣ୍ଠାବୋଧ କରିବି ନାହିଁ। ଆତ୍ମପ୍ରଚାର କରିବା ମୋର ଆଦୌ ଉଦ୍ଦେଶ୍ୟ ନୁହେଁ। ଏକଥା ଏଠାରେ ଏଇଥିପାଇଁ ଉପସ୍ଥାପନ କରିବାକୁ ବାଧ ହେଲି କାରଣ ମୋ ବାପା ନିକଟରେ ସାମର୍ଥ୍ୟ ଥିଲେ ମୋତେ ହୁଏତ ଆଜି ଗୋଟିଏ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକତା କରିବାକୁ ପଡି ନ ଥାନ୍ତା। ଏହି ସମାନ କଥା ଅଥବା ଆହୁରି ଦୟନୀୟ ସ୍ଥିତି ଭିତରକୁ ମୋ ପରି ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଯେ ଟାଣି ହୋଇ ଯାଇଥିବେ ଏହା ନିଃସନ୍ଦେହରେ କୁହାଯାଇପାରେ। ଏହାର ଏକମାତ୍ର କାରଣ ଶିକ୍ଷା କ୍ଷେତ୍ରରେ ବୈଷମ୍ୟ। ସବୁଠି ସମାନ ସୁବିଧା ଉପଲବ୍ଧ ନାହିଁ। ଚାଳିଶବର୍ଷ ତଳେ ଯେଉଁ ବୈଷମ୍ୟ ମୋ ଛାତ୍ର ଜୀବନକୁ ଆନ୍ଦୋଳିତ କରୁଥିଲା ଆଜି ଶିକ୍ଷକତା ଜୀବନରେ ତାହା ହିଁ ବ୍ୟଥିତ କରୁଛି। ଆଜି ମଧ୍ୟ ଜୋରଦେଇ କହି ହେଉନାହିଁ ଶିକ୍ଷା ଲାଭ କରିବା ସମସ୍ତଙ୍କର ଅଧିକାର ବୋଲି। ବୈଷମ୍ୟର ଅଗ୍ନି କୁଣ୍ଡରେ କେତେ ଯେ ମେଧାବୀଙ୍କ ମେଧାଶକ୍ତି ଆହୁତି ହେଉଛି ତା'ର ହିସାବ କାହା ନିକଟରେ ନାହିଁ।

ସ୍ୱାଧୀନତା ପରେ ଆମ ରାଜ୍ୟରେ ଶିକ୍ଷାର ପ୍ରସାର ନିମନ୍ତେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାର ବୋଝକୁ ତତ୍କାଳୀନ ସରକାର ନିଜ କାନ୍ଧ ଉପରକୁ ନେବା ପରିବର୍ତ୍ତେ ଜନସାଧାରଣଙ୍କ ଉପରକୁ ଠେଲି ଦେଲେ ; ଯାହାର ବହୁମୁଖୀ ପ୍ରଭାବ ପଡ଼ିଲା। ଗୋଟିଏ ଦିଗରେ ବିଚାର କଲେ ଜନ ସାଧାରଣଙ୍କ ଅର୍ଥରେ ବହୁ ସ୍କୁଲ କଲେଜ ଖୋଲିଲା ଏବଂ ଶିକ୍ଷାର ଦ୍ରୁତ ପ୍ରସାର ହେଲା। କିନ୍ତୁ ଅନ୍ୟ ଦିଗରେ ଯୋଜନା ବିହୀନ ଭାବରେ ଆବଶ୍ୟକତାଠାରୁ ଅଧିକ ବିଦ୍ୟାଳୟ କିଛି ସ୍ଥାନରେ ପ୍ରତିଷ୍ଠା ହେଲା। ପୁନଶ୍ଚ ବହୁ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଦୀର୍ଘଦିନ ଧରି ଅନୁନ୍ନତ, ଅସଜଡା, ଅବିକଶିତ ହୋଇ ପଡ଼ିରହିଲା। ଏହି ସମସ୍ତ ବିଦ୍ୟାଳୟ ଦଶ ପନ୍ଦର ବର୍ଷ ଚାଲିଲା ପରେ ସରକାର ଏମାନଙ୍କୁ ଅନୁଦାନ ଦେଲେ। ଏମାନେ ସରକାରଙ୍କ ଖାତାକୁ ଆସିଲେ। ଅର୍ଥାତ୍ ସରକାରୀ, ଆଂଶିକ ସରକାରୀ ଓ ବେସରକାରୀ ଏହିପରି ତିନିପ୍ରକାରର ବିଦ୍ୟାଳୟ ଦେଖିବାକୁ ମିଳିଲା। ବୈଷମ୍ୟର ମୂଳଦୁଆ ପଡିଲା । ଏ ସବୁଥିରେ ଥିବା ସୁବିଧା ଧନଶାଳୀ ଲୋକଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ। ସେମାନେ ସେମାନଙ୍କର ପିଲାମାନଙ୍କୁ ଯୋଗ୍ୟତମ କରି ଗଢିତୋଳିବା ପାଇଁ ଉନ୍ନତ କିସମର ବିଦ୍ୟାଳୟ ଗଢ଼ିଲେ। ସରକାର ମଧ୍ୟ ଏହାକୁ ପରୋକ୍ଷରେ ପ୍ରୋତ୍ସାହନ ଦେଲେ ; ଯାହାକୁ କୁହାଗଲା ଘରୋଇ ବିଦ୍ୟାଳୟ। ପାଠ ବଜାର ଖୋଲିଲା। ବ୍ୟବସାୟ ଆରମ୍ଭ ହେଲା । ବୈଷମ୍ୟର ଗୁଣୋତ୍ତର ବୃଦ୍ଧି ହେଲା।

୧୯୮୫ରେ ନବୋଦୟ ବିଦ୍ୟାଳୟର ପ୍ରତିଷ୍ଠା ସରକାରୀ ଅର୍ଥ ବିନିମୟରେ ଗ୍ରାମାଞ୍ଚଳର କିଛି ପିଲାଙ୍କ ପାଇଁ ଅଧିକ ସୁଯୋଗ ଯୋଗାଇ ଦେବାର ବାଟ ଫିଟିଲା। ସହର ଓ ମଫସଲ ଭିତରେ ବୈଷମ୍ୟର ପ୍ରାଚୀର ଉଠିଲା। ତା'ପରେ ପୁଣି ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେଲା। ଏହି ସମସ୍ତ ପରିକଳ୍ପନା ଭିତରେ ଏକ ଅଦ୍ଭୁତ ଚିନ୍ତନ ଥିବା ମନେହୁଏ। ତାହା ହେଲା ସମସ୍ତେ ଉଚ୍ଚ ଶିକ୍ଷା ପ୍ରାପ୍ତ ହୋଇ କରିବେ କ'ଣ ?

ଏବେ ଏବେ ଆମ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ଦୁଇଟି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗୋଟିଏ ହେଲା 'ମୋ ସ୍କୁଲ', ଅନ୍ୟଟି 'ପୋଷ୍ୟ ବିଦ୍ୟାଳୟ ଗ୍ରହଣ'। ପ୍ରଥମ ଯୋଜନାଟି ମୁଖ୍ୟତଃ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଏବଂ ବିଦ୍ୟାଳୟ ସହିତ ଜନ ସଂଯୋଗ ସ୍ଥାପନ ନିମନ୍ତେ। ଏହି ଯୋଜନାର ସାରାଂଶ ହେଲା ବିଦ୍ୟାଳୟ ତରଫରୁ ଯେତିକି ଅର୍ଥ ଜମା ହେବ ତାକୁ ମିଶାଇ ସରକାର ତା'ର ତିନି ଗୁଣ ଅର୍ଥ ପ୍ରଦାନ କରିବେ। ଏହାକୁ ଲକ୍ଷ୍ୟ କରି ଶିକ୍ଷକମାନେ ପୁରାତନ ଛାତ୍ର ଓ ଶୁଭେଚ୍ଛୁମାନଙ୍କର ଦ୍ୱାରସ୍ଥ ହେଲେ। କିଛି ନ ହେଲେ ଉପର ଅଫିସରଙ୍କର ପ୍ରିୟ ଭାଜନ ହେବା ପାଇଁ ନିଜ ଦରମାରୁ କିଛି ଦେଇ ଜମା କଲେ। ଯାହା ହେଉନା କାହିଁକି ବିଦ୍ୟାଳୟର ଭିତ୍ତିଭୂମି ତ ବିକାଶ ହେବ। ଏମିତି ବି ହେଉଛି କିଛି ଲୋକ ସର୍ତ୍ତ ରଖି ଟଙ୍କା ଜମା କରୁଛନ୍ତି। ସରକାର ଘରୁ ଟଙ୍କା ଆସିବା ପରେ ଦୁଇଗୁଣ ଟଙ୍କାରେ କାମ ହେଉଛି, ଅବଶିଷ୍ଟ ଦାତାଙ୍କ ପକେଟକୁ ଫେରି ଯାଉଛି। ହେଲା ଯେ, କେବଳ ବିଦ୍ୟାଳୟକୁ ଚକାଚକ କରିଦେଲେ ଲାଭ କ'ଣ ହେବ ? ଅନେକ ବିଦ୍ୟାଳୟ ଚାଲିଛି ଜଣେ ଦୁଇଜଣ ଶିକ୍ଷକରେ। ମୋ ଭାଷାରେ ଯେଉଁ ସବୁ ଆଂଶିକ ସରକାରୀ ବିଦ୍ୟାଳୟ ଅଛି ସେଠାରୁ ଶିକ୍ଷକ ଅବସର ନେବା ପରେ ନିଯୁକ୍ତି ନାହିଁ କି ନିଯୁକ୍ତି ଦେବାର ନିୟମ ନାହିଁ। କିଛି ବନ୍ଦ ହେଲାଣି, କିଛି ବନ୍ଦ ହେବା ଅବସ୍ଥାରେ, ଆଉ ସବୁର ଜୀବନ କାଳ ପାଞ୍ଚରୁ ସାତ ବର୍ଷ। ତା'ପରେ ସ୍କୁଲ ଘରଗୁଡିକ କ'ଣ ହେବ ପ୍ରତିଷ୍ଠାତାମାନଙ୍କୁ ଚିନ୍ତା ଘାରିଛି।

କିଛି ଦିନ ହେଲା ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ପ୍ରିଣ୍ଟ ମିଡିଆରେ କିଏ କେଉଁ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବରେ ଗ୍ରହଣ କଲେ ତା'ର ଖବର ଲଗାତର ପ୍ରକାଶ ପାଇବାରେ ଲାଗିଛି। ପରେ ପରେ ଏହି ସୌଭାଗ୍ୟ ଲାଭ କରିଥିବା ବିଦ୍ୟାଳୟଟି ଯେଉଁ ଅଞ୍ଚଳରେ ଅବସ୍ଥିତ ସେଠାକାର ଲୋକେ ଖୁସି ବ୍ୟକ୍ତ କରୁଛନ୍ତି । ଏହାଦ୍ୱାରା ପୋଷ୍ୟ ବିଦ୍ୟାଳୟଟିର ଚେହେରା ଯାହା ଅଛି ସେଥିରେ ଆଖିଦୃଶିଆ ପରିବର୍ତ୍ତନ ହେବ ଏଥିରେ ଆଦୌ ସନ୍ଦେହ ନାହିଁ।

ଅପରପକ୍ଷେ ଶିକ୍ଷାର ସାଧନ କ୍ଷେତ୍ର ରୂପେ ଛାତ୍ରୀଛାତ୍ରଙ୍କୁ ଏହା କେତେ ସହାୟତା ଦେବ ତା'ର ଉତ୍ତର ଭବିଷ୍ୟତରେ ମିଳିବ। କିନ୍ତୁ ଶିକ୍ଷାବିତ୍‌ମାନଙ୍କୁ ଏହା ଦ୍ୱନ୍ଦ୍ୱରେ ପକାଇଦେଇଛି । ପ୍ରଶ୍ନ ଉଠୁଛି ଅନ୍ୟ ସବୁ ବିଦ୍ୟାଳୟର ଅବସ୍ଥା କ'ଣ ହେବ ? ଯେଉଁମାନେ ପୋଷ୍ୟ ବିଦ୍ୟାଳୟ ଗ୍ରହଣ କରୁଛନ୍ତି ସେମାନେ ଯଦି ଗୋଟିଏ ଦୁଇଟି ବିଦ୍ୟାଳୟକୁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ତେବେ ଅନ୍ୟ ବିଦ୍ୟାଳୟଗୁଡ଼ିକ ପ୍ରତି ଅନ୍ୟାୟ ହେବନାହିଁ କି? ପୁନଶ୍ଚ ଯେଉଁ ବିଦ୍ୟାଳୟଗୁଡିକ ପୋଷ୍ୟ ସନ୍ତାନର ମର୍ଯ୍ୟାଦା ପାଉଥିବା ଦେଖିବାକୁ ମିଳୁଛି ସେଗୁଡ଼ିକ ପ୍ରାୟ ସବୁ ବ୍ଲକ କିମ୍ବା ଜିଲାର ସଦର ମହକୁମାରେ ଅବସ୍ଥିତ ପୁରାତନ ସରକାରୀ ବିଦ୍ୟାଳୟ। ଏହିସବୁ ବିଦ୍ୟାଳୟର ଭିତ୍ତିଭୂମି ମଧ୍ୟ ଉନ୍ନତ। ଅର୍ଥାତ୍ ତେଲିଆ ମୁଣ୍ଡରେ ତେଲ ଦେବା ପ୍ରକ୍ରିୟା। ସାଧାରଣତଃ ଦେଖାଯାଏ ଦୁର୍ବଳ ବେରୋଜଗାରିଆ ପିଲାଟି ପ୍ରତି ବାପାମାଆର ଟିକିଏ ଅଧିକ ଅନୁକମ୍ପା ଥାଏ। ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ମଧ୍ୟ ସମାନ କଥା ଅଛି। ସାମାଜିକ ତଥା ଅର୍ଥନୈତିକ ଭାବେ ଅନଗ୍ରସର ଶ୍ରେଣୀ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା ବୈଷମ୍ୟର ଦୂରୀକରଣ ନିମନ୍ତେ ହୋଇଛି। ଏହାକୁ ଲକ୍ଷ୍ୟ କଲେ ପୋଷ୍ୟ ବିଦ୍ୟାଳୟ ଗ୍ରହଣ ଯୋଜନାଟି ଉଭୟ ନ୍ୟାୟିକ ଓ ସମ୍ବେଦନଶୀଳତାର ପରିପନ୍ଥୀ ନୁହେଁ କି?

ପୁନଶ୍ଚ ପ୍ରଶାସନିକ ଅଧିକାରୀମାନଙ୍କର ବଦଳି ବ୍ୟବସ୍ଥା ଅଛି। ସେମାନେ ଯେଉଁ ବିଦ୍ୟାଳୟକୁ ପୋଷ୍ୟ ଭାବରେ ଗ୍ରହଣ କରି ନବକଳେବର ଦେବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି ଅନ୍ୟତ୍ର ବଦଳି ହୋଇଗଲା ପରେ ତାହା ଅଧାଗଢା ହୋଇ ରହିଯିବ ନାହିଁ ତ ? ଅତୀତରେ ପୋଷ୍ୟ ପଞ୍ଚାୟତର ଅବସ୍ଥା ଆମେ ଦେଖିଛନ୍ତି। ଏହା ସେମିତି କେବଳ ବ୍ରେକିଂ ନିଉଜରେ ପରିଣତ ନ ହେଉ।

ଲୋକ ପ୍ରତିନିଧି ହୁଅନ୍ତୁ ଅଥବା ପ୍ରଶାସନିକ ଅଧିକାରୀ ହୁଅନ୍ତୁ ଏମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଅନୁଷ୍ଠାନର ବିକାଶ ପାଇଁ ଧନ, ମନ, ଜନ ବିନିଯୋଗ କରିବା କେତେ ଯୁକ୍ତିସଙ୍ଗତ ତାହା ବିଚାର୍ଯ୍ୟ। ସବୁଠାରୁ ବଡ଼ କଥା ହେଲା ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ତଥା ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତ ଶିଶୁଙ୍କୁ ସମାନ ଦୃଷ୍ଟିରେ ବିଚାର ନ କରିବା ଏବଂ ସେମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ନିମନ୍ତେ ସମାନ ସୁବିଧା ସୁଯୋଗ ଯୋଗାଇବାରେ ରାଷ୍ଟ୍ର ବା ରାଜ୍ୟର ବ୍ୟତିକ୍ରମ କେବଳ ଅବିଚାର ନୁହେଁ ଅନ୍ୟାୟ ମଧ୍ୟ। ସରକାର ଏମିତି ଯୋଜନା ନ କରନ୍ତୁ ଯାହା ବୈଷମ୍ୟର ଆଉ ଏକ ଘୃଣ୍ୟ ପରିବେଶକୁ ଜନ୍ମ ଦେବ। କିଛି ପିଲାଙ୍କ ପାଇଁ ପଲାଉର ବ୍ୟବସ୍ଥା କରି ଆଉ କିଛି ପିଲାଙ୍କୁ ଭୋକିଲା ପେଟରେ ରଖିବା ଉଚିତ ହେବ ନାହିଁ । ଯଦି ସରକାର ଏମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଇଚ୍ଛୁକ ତେବେ ତାହା ତଳ ଆଡୁ ଆରମ୍ଭ କରିବା ଉଚିତ, କିନ୍ତୁ କାହାକୁ ଅଣଦେଖା କିମ୍ବା ଅବହେଳା କରି ନୁହେଁ। ନ ହେଲେ ଲୋକେ କହିବେ ତେଲିଆ ମୁଣ୍ଡରେ ତେଲ ଦିଏ, ନୁଖୁରା ବାଳକୁ ପଚାରେ କିଏ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ:୭୦୦୮୦୭୩୫୯୯

# ଶୈଶବ ଓ ବ୍ୟକ୍ତିତ୍ୱ



ଚିନ୍ମୟୀ ପଣ୍ଡା

ପାଳନପୋଷଣ କରିବା ଏକ କଳା ବୋଲି ଯଦି ଧରିନିଆଯାଏ, ତେବେ ଏହାର ପର୍ଯ୍ୟବେକ୍ଷଣ କରିବା ଓ ସୁଚାରୁରୂପେ ତୁଲାଇବା ଯେ ନିହାତି ଏକ ବ୍ୟକ୍ତିଗତ ବ୍ୟାପାର ନୁହେଁ- ଏହା ଆମେ ଜାଣିବା ଦରକାର। ପାଳନପୋଷଣ ବ୍ୟକ୍ତିଗତ ସ୍ତରରେ ଆମେ ଆମ ସନ୍ତାନମାନଙ୍କର କରିଥାଉ। ଅନେକଙ୍କ କହିବା ବାହୁଲ୍ୟ ଯେ, ଏହା ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ବ୍ୟକ୍ତିଗତ ଅଧିକାର ଏବଂ ସେଥିରେ କାହାର ହସ୍ତକ୍ଷେପ ନିହାତି ନିନ୍ଦନୀୟ। କିନ୍ତୁ ଯେଉଁ ଶିଶୁଟି ପରିବାରରେ ପାଳିତ ହେଉଛି ଓ ସମୟକ୍ରମେ ସେ ଏକ ବ୍ୟକ୍ତିବିଶେଷରେ ପରିପ୍ରକାଶ କରି ଆମ ସମାଜର ଅଂଶବିଶେଷ ହେଉଛି, ଏହିପରିପ୍ରେକ୍ଷୀରେ ଆମେ ନିଶ୍ଚୟ ମାନିବାକୁ ପଡ଼ିବ ଯେ ଏହା କେବଳ ବ୍ୟକ୍ତିକୈନ୍ଦ୍ରିକ ନୁହେଁ। ପାଳନପୋଷଣର ସମସ୍ତ ସକାରାତ୍ମକ ଓ ନକାରାତ୍ମକ ଦିଗକୁ ସୁଚାରୁରୂପେ ଅନୁଶୀଳନ କରି ଏକ ସୁସ୍ଥ ଓ ଭଦ୍ର ମଣିଷ ଗଢ଼ିବା ସମସ୍ତ ଅଭିଭାବକଙ୍କ ଚେଷ୍ଟା ହେବା ଦରକାର। ଲାଳୟେତ୍ ପଞ୍ଚବର୍ଷାଣୀ /ଦଶବର୍ଷାଣୀ ତାଡ଼ୟେତ୍/ ପ୍ରାପ୍ତେ ଷୋଡ଼ଶେ ବର୍ଷ ପୁତ୍ରେ ମିତ୍ରବଦାଚରେତ୍। ସଂସ୍କୃତର ଏହି ଶିକ୍ଷାକୁ ଆମେ ଯଦି ଅନୁଗମନ କରିବା, ଆଧୁନିକ ସମାଜରେ ଏହା ଗ୍ରହଣ କରାଯିବ ନାହିଁ। ଅବଶ୍ୟ ପାଞ୍ଚବର୍ଷ ଯାଏଁ ଲାଳନ କରିବା। କିନ୍ତୁ ଦଶବର୍ଷାଣୀ ତାଡ଼ୟେତ୍ ଅର୍ଥାତ୍ ଦଶବର୍ଷ ଯାଏଁ ଯଦି ଅତି କଠୋର ଅନୁଶାସନର ପନ୍ଥା ଆମେ ଅବଲମ୍ବନ କରୁଛେ ତେବେ ଶିଶୁଟି ଭବିଷ୍ୟତରେ ଜଣେ ଉଚ୍ଚକୋଟୀର ମଣିଷ ହୋଇପାରିବ ବୋଲି ଯାହା କୁହାଯାଇଛି, ତାହା କେତେଦୂର ଗ୍ରହଣଯୋଗ୍ୟ ଏହାକୁ ନେଇ ଅନେକ ଆଲୋଚନା ହୋଇଥାଏ। ଅନୁଶାସନରେ ରହିବା, ନିଜ ସମସ୍ତ ଆଚରଣକୁ ନିୟନ୍ତ୍ରଣରେ ରଖିବା, ନିଜ ମର୍ଯ୍ୟାଦା ବୁଝିବା, ଅନ୍ୟକୁ ସମ୍ମାନ ଦେବା ଇତ୍ୟାଦି ନିଶ୍ଚୟ ଏକ ସୁନ୍ଦର ବ୍ୟକ୍ତିତ୍ୱ ଗଢ଼ିବାର ମାପକାଠି।

ଅନୁଶାସନ ଏକ ଅପରିହାର୍ଯ୍ୟ ଅଙ୍ଗ। କିନ୍ତୁ ଯେଉଁ ପର୍ଯ୍ୟନ୍ତ ମନସ୍ତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନ ଓ ତଥ୍ୟକୁ ଗୁରୁତ୍ୱ ଦିଆଗଲା ତା'ପରଠାରୁ ଅନୁଶାସନ ପଦ୍ଧତିରେ ଶାରୀରିକ ନିର୍ଯାତନାକୁ ଉଚ୍ଛେଦ କରାଗଲା। ମାଡ଼ ମାରିବା, ଆଣ୍ଠୁମାଡ଼ି କାନଧରି ବସି ରହିବା ବା ଏହିପରି ଅନେକ କାର୍ଯ୍ୟକଳାପ ଯାହାକୁ ସାଧାରଣତଃ ଦଣ୍ଡ ବୋଲି ଧରିନିଆଯାଇଥାଏ, ସେହି ସବୁକୁ ଆଲୋଚନା କରାଗଲା।

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଜନ୍ ପାଗେଟ୍‌ଙ୍କ ଦ୍ୱାରା ପ୍ରକାଶିତ ତଥ୍ୟକୁ ବିଶ୍ୱରେ ପ୍ରଥମ ପ୍ରକାଶିତ ଶିଶୁ ମନସ୍ତତ୍ତ୍ୱ ଜ୍ଞାନ ବୋଲି ଧରାଯାଏ। ଏହି ତଥ୍ୟ ଦ୍ୱାରା ପ୍ରକାଶିତ ଜ୍ଞାନକୁ ନେଇ ଶୈଶବ ଅବସ୍ଥାର ଲାଳନପାଳନ ପନ୍ଥା ମଧ୍ୟ ସମ୍ପୂର୍ଣ୍ଣ ରୂପେ ବଦଳିବାକୁ ଲାଗିଲା। ଏହାଦ୍ୱାରା ଶାରୀରିକ କ୍ରମବିକାଶ ଭଳି ମାନସିକ ବିକାଶକୁ ମଧ୍ୟ ଜୋର ଦିଆଗଲା। ଜନ୍ମଠାରୁ ଶିଶୁର ପ୍ରତ୍ୟେକ ବିକାଶସ୍ତରକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରାଗଲା ଓ ମାତା, ପିତା ତଥା ବୟସ୍କମାନେ କିପରି ଶିଶୁଟିର ଅନିସନ୍ଧିତ୍ସୁ ବୌଦ୍ଧିକ ଜ୍ଞାନର ବିକାଶକୁ ବୁଝିବେ ଓ ବୁଝାଇପାରିବେ ତାହାର ଗବେଷଣା ଆରମ୍ଭ ହେଲା। ରଢ଼ିବାଦୀ ଦଣ୍ଡ ପ୍ରଥାକୁ ପ୍ରବଳ ଭାବରେ ନିନ୍ଦା କରାଯିବା ସହ ତା'ଦ୍ୱାରା ମାନସିକ ସ୍ତରରେ ଶିଶୁଟିର ଯେଉଁ କ୍ଷତି ହୋଇଥାଏ ପର୍ଯ୍ୟାୟକ୍ରମେ ତାହା ତା'ର ବ୍ୟକ୍ତିତ୍ୱ ବିକାଶରେ ମଧ୍ୟ ବାଧାପ୍ରାପ୍ତ କରାଇଥାଏ ବୋଲି ଜଣାପଡ଼ିଲା।

ତେବେ ଶିଶୁ ବୟସରୁ ବ୍ୟକ୍ତିତ୍ୱ ବିକାଶ ଯେ ସମ୍ଭବ ତାହା ଆଜି ମଧ୍ୟ ଅନେକ ଅଭିଭାବକ ବୁଝନ୍ତି ନାହିଁ। ଶିଶୁଟିର ଶିକ୍ଷା ଆରମ୍ଭ ହୋଇଥାଏ ଯେବେଠାରୁ ସେ ମାତାଙ୍କ ଗର୍ଭ ମଧ୍ୟକୁ ପ୍ରବେଶ କରିଥାଏ। ଏହି ଗୂଢ଼ ତଥ୍ୟକୁ ମହାଭାରତରେ ମଧ୍ୟ ଉଲ୍ଲେଖ କରାଯାଇଛି। ସୁଭଦ୍ରାଙ୍କ ଗର୍ଭ ମଧ୍ୟରେ ରହି ଅଭିମନ୍ୟୁ ଯୁଦ୍ଧର କୌଶଳ ଶିକ୍ଷା କରିଥିଲେ, ଯାହା ସେ ମହାଭାରତ ଯୁଦ୍ଧକ୍ଷେତ୍ରରେ ପ୍ରଦର୍ଶନ କରିଥିଲେ। ତେବେ ଏହା ସ୍ପଷ୍ଟ ଯେ ଯଦି ଏକ ସୁନ୍ଦର ଓ ସୁଦୃଢ଼ ବ୍ୟକ୍ତିତ୍ୱର ସନ୍ତାନ ଚାହୁଁଛେ, ଆମକୁ ଅନେକ ତଥ୍ୟ ପୁଙ୍ଖାନୁପୁଙ୍ଖ ଜାଣିବା ଦରକାର ଓ ନିଜ ଭାରସାମ୍ୟ ରଖି ସନ୍ତୁଳିତ ଅବସ୍ଥାରେ ଶିଶୁଟିକୁ ତା'ର ଶୈଶବକୁ ଉପଭୋଗ କରାଇବା ସହ ଜ୍ଞାନ ବର୍ଦ୍ଧନରେ ମଧ୍ୟ ସାହାଯ୍ୟ କରାଇବା ଦରକାର।

ଜ୍ଞାନ ଓ ଅଭିଜ୍ଞତା ଅନୁଯାୟୀ ଯେଉଁଭଳି ଶିଶୁଟିର କ୍ରମବିକାଶ ହୋଇଥାଏ, ସେଭଳି ମାତୃତ୍ୱର ମଧ୍ୟ ଅଭିବୃଦ୍ଧି ହୋଇଥାଏ। ମାତୃଗର୍ଭକୁ ଆସିବା ପରଠାରୁ ଶିଶୁର ଜ୍ଞାନେନ୍ଦ୍ରିୟ ବିକାଶ ହେବା ପାଇଁ ଯେଉଁ ସମୟସୀମା ଥାଏ, ତାହା ମଧ୍ୟରେ ମହିଳା ଜଣକ ଅସାଧାରଣ ପରିବର୍ତ୍ତନ ସବୁ ନିଜ ମଧ୍ୟରେ ପାଇଥାନ୍ତି । ମାତୃତ୍ୱର ଅଙ୍କୁରୋଦ୍‌ଗମ ହୋଇଥାଏ, ମା' ଓ ଗର୍ଭସ୍ଥ ଶିଶୁ ମଧ୍ୟରେ ମମତାର ରଜ୍ଜୁ ବିକଶିତ ହୋଇଥାଏ। ମା' ହିଁ ସନ୍ତାନର ଭଲ, ମନ୍ଦ ଓ ଆବଶ୍ୟକତା ଇତ୍ୟାଦି ବୁଝିବାରେ ସମର୍ଥ ହୋଇଥାନ୍ତି। ପରୋକ୍ଷରେ ମୋର କହିବା କଥା ହେଲା ଛୁଆର ଲାଳନପାଳନ ସେହି ଦିନଠାରୁ ଅର୍ଥାତ୍ ଶିଶୁଟି ଗର୍ଭରେ ଥିବା ସମୟରୁ ହିଁ ଆରମ୍ଭ ହୋଇଥାଏ। ଏହି ପ୍ରକ୍ରିୟାରେ କେବଳ ମା' ଓ ସନ୍ତାନ ସଂଯୁକ୍ତ ଥାନ୍ତି। ତେଣୁ ଏହି ସମୟରେ ମା'ଙ୍କ ଦ୍ୱାରା ଗର୍ଭସ୍ଥ ଶିଶୁଟିକୁ ଶିକ୍ଷା ଦେବା ସମ୍ଭବ ହୋଇଥାଏ।

କୁହାଯାଏ ଅନ୍ୟ ପଶୁପକ୍ଷୀମାନଙ୍କଠାରୁ ମଣିଷଛୁଆ ଅଧିକ ସମୟ ନିଏ ଆତ୍ମନିର୍ଭରଶୀଳ ହେବାପାଇଁ। ଛୁଆଟିର ପ୍ରତ୍ୟେକ ଅବୟବର କ୍ରମବିକାଶ ଅତ୍ୟନ୍ତ ଶିଥିଳ ଗତିରେ ହୋଇଥାଏ। ଯଥା- ଆଖିଡୋଳା ଠିକ୍ ହେବା, ଅର୍ଥାତ୍ ସେ ଦୂର ପର୍ଯ୍ୟନ୍ତ ଦେଖି ପାରିବା। ବେକ ସଳଖିବା - ଅର୍ଥାତ୍ ମେରୁଦଣ୍ଡ ସାମାନ୍ୟ ଶକ୍ତ ହେବା। ବସିବା - ଅର୍ଥାତ୍ ଶରୀର କ୍ଷମତା ବୃଦ୍ଧି ପାଇବା। ଦାନ୍ତ ଉଠିବା - ଅର୍ଥାତ୍ ଖାଦ୍ୟ ଚୋବାଇବା ପାଇଁ ସକ୍ଷମ। ଠିଆ ହେବା ଓ ଚାଲିବା ହେଲା ଶେଷ ସୋପାନ ଶାରୀରିକ ବିକାଶ କ୍ଷେତ୍ରରେ।

ଆମକୁ ଏହି ବିକାଶ ସହ ତାଳଦେଇ ସମନ୍ୱୟ ଗତିରେ ଆମ ଲାଳନପାଳନ ସ୍ତରକୁ ସୋପାନ ସୋପାନ ଦେଇ ବୁଝି ପରଖି କାର୍ଯ୍ୟକାରୀ କରିବାକୁ ପଡ଼ିବ। ଅନେକ ମା'ଙ୍କୁ ମୁଁ ଦେଖିଛି ଛୁଆଟି ଚାଲି ଶିଖିବା ପରେ ବି କାଖେଇ ନେବା ଆଣିବା କରନ୍ତି। ଦାନ୍ତ ଉଠିବା ପରେ ବି ଚକଟା ଖାଦ୍ୟ ଖାଇବାକୁ ଦିଅନ୍ତି। ଏହାଦ୍ୱାରା ଶିଶୁଟିର କ୍ରମବିକାଶରେ ବାଧା ସୃଷ୍ଟି ହୁଏ। ଏମିତିକି ବ୍ୟକ୍ତିତ୍ୱ ବିକାଶରେ ମଧ୍ୟ ଅସୁବିଧା ହୁଏ। ତେଣୁ ଆମକୁ ସୃଷ୍ଟିର ରହସ୍ୟକୁ ବୁଝିବାକୁ ହେବ।

ଶରୀର ସାଥିରେ ମାନସିକ ବିକାଶ ମଧ୍ୟ ହୋଇଥାଏ। ଧୀଶକ୍ତି ବଢ଼ିବା, ଶବ୍ଦ କହିବାରୁ ବାକ୍ୟ କହିବା ଇତ୍ୟାଦି ସାଧାରଣତଃ ବିକଶିତ ହୋଇଥାଏ। ଏହି ସମୟ ହେଉଛି ଉତ୍କୃଷ୍ଟ ସମୟ ଶିଶୁଟିକୁ ପ୍ରାଥମିକ ଜ୍ଞାନ ଦେବା ପାଇଁ। ପାରିପାର୍ଶ୍ୱିକ ଅବସ୍ଥା, ଗଛ, ପତ୍ର, ପ୍ରକୃତି, ଦେଶବିଦେଶ ଇତ୍ୟାଦି ନାନା ଜ୍ଞାନର ସରଳ ବ୍ୟାଖ୍ୟା ଆମେ କରିବା ଦରକାର।

ଶାରୀରିକ ଶକ୍ତି ସହ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ବୃଦ୍ଧି ନିମନ୍ତେ ଆମେ ଯଦି ବ୍ରତୀ ହେବା ତା' ହେଲେ ନିଶ୍ଚୟ ଶିଶୁଟି ମଧ୍ୟରେ ଏକ ମହାନ୍ ବ୍ୟକ୍ତିତ୍ୱ ବିକଶିତ କରାଇ ପାରିବା। ପରିବାର ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଥିଲେ ପିଲାଟି ମଧ୍ୟରେ ସହନଶୀଳତା ବୃଦ୍ଧି ପାଇବା ଦେଖାଯାଇଥାଏ। ଶିଶୁ ସମୟରେ ହିଁ ଶିଶୁର ବ୍ୟକ୍ତିତ୍ୱକୁ ବୁଝି, ତାହାର ବିକାଶ କରାଇପାରିବା ହିଁ ହେଉଛି ଏକ ପରିପକ୍ୱ ଅଭିଭାବକତାର ପରିଚୟ।

ଏନ୍-୪, ଆଇଆର୍‌ସି ଭିଲେଜ, ନୂଆପଲ୍ଲୀ,
ଭୁବନେଶ୍ୱର, ମୋ: ୯୮୬୧୧୯୧୯୬୯

## ଏଇ ଭାରତରେ

ମଧ୍ୟପ୍ରଦେଶର ଜଣେ ବ୍ୟାଙ୍କର ତାଙ୍କ ଜୀବନର ଅଧା ସମୟ ଅନ୍ତିମ ସଂସ୍କାର କାର୍ଯ୍ୟରେ କଟାଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଜବଲପୁରରେ ଏହି ବ୍ୟାଙ୍କର ହେଉଛନ୍ତି ଆଶିଷ ଠାକୁର। ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ମୃତଦେହଗୁଡ଼ିକୁ ଆଣି ତାହାର ଅନ୍ତିମ ସଂସ୍କାର କରୁଛନ୍ତି। ଏବେସୁଦ୍ଧା ସେ ପାଖାପାଖି ୧୦ ହଜାରରୁ ଉର୍ଦ୍ଧ୍ୱ ମୃତଦେହ ଅନ୍ତିମ ସଂସ୍କାର କରି ସାରିଲେଣି। ଯିଏ ଯେଉଁ ଧର୍ମର ସେହି ରୀତିନୀତିରେ ଦାହ କରୁଛନ୍ତି କିମ୍ବା କବର ଦେଉଛନ୍ତି। ଠାକୁରଙ୍କୁ ଏବେ ବୟସ ୪୨। ୧୯୯୯ରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟ କରିବା ଲାଗି ସେ 'ମୋକ୍ଷ' ଏନ୍‌ଜିଓ ଗଠନ କରିଛନ୍ତି। ତାଙ୍କ ସହ ଏବେ ଅନେକ ସ୍ୱେଚ୍ଛାସେବୀ ଯୋଡି ହୋଇଛନ୍ତି। କୌଣସିଠାରୁ ମୃତଦେହ ସମ୍ପର୍କରେ କଲ୍ ପାଇବା କ୍ଷଣି ସେଠାରେ ପହଞ୍ଚି ଯାଉଛନ୍ତି। କେବଳ କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ସମୟରେ ଦୁଇ ମାସ ମଧ୍ୟରେ ୨୦୦୦ ମୃତଦେହ ଅନ୍ତିମ ସଂସ୍କାର କରିପାରିଛନ୍ତି। ଏହା ବ୍ୟତୀତ ଆଶିଷ ରାସ୍ତା କଡ଼ରେ ରହୁଥିବା ଅସହାୟ ଲୋକମାନଙ୍କୁ ଖାଦ୍ୟ ଓ ଔଷଧ ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅଗଷ୍ଟ ୧୯୯୬

- ବାଂଲାଦେଶର ପ୍ରତିଷ୍ଠାତା ରାଷ୍ଟ୍ରପତି ବଙ୍ଗବନ୍ଧୁ ଶେଖ ମଜିବୁର ରହେମାନ କଥା ହତ୍ୟା ଘଟଣା ସହ ଜଡ଼ିତ ଥିବା ଅଭିଯୋଗରେ ପୋଲିସ ସୈନ୍ୟ ବାହିନୀର ୩ ଜଣ ବରିଷ୍ଠ ଅବସରପ୍ରାପ୍ତ ଅଫିସରଙ୍କୁ ଗିରଫ କରିଛନ୍ତି।
- ବିଦେଶରୁ ୩ ଲକ୍ଷ ଆମେରିକୀୟ ଡଲାର ଲାଞ୍ଚ ସ୍ୱରୂପ ଗ୍ରହଣ କରିଥିବା ଅଭିଯୋଗରେ ଗିରଫ ହେବାର ଆଶଙ୍କା କରି ଆଗୁଆ ଜାମିନ ପାଇଁ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥା କରିଥିବା ଆବେଦନ ମାଡ୍ରାସ ହାଇକୋର୍ଟରେ ଖାରଜ।
- ଗଭୀର ସମୁଦ୍ରରୁ ମାଛ ଧରିବା ପାଇଁ ନୂଆ ଲାଇସେନ୍ସ ଇସ୍ୟୁ ବନ୍ଦ କରାଯିବା ନେଇ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ରାଷ୍ଟ୍ରମନ୍ତ୍ରୀ ଦିଲ୍ଲୀପ କୁମାର ରାୟ ଧର୍ମଘଟକାରୀ ମତ୍ସ୍ୟଜୀବୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 4 | | 2 | 5 | 3 | |
| | | 7 | | | 8 | | | |
| | | | | 5 | | | | 1 |
| 4 | | | | | 7 | | 8 | 5 |
| | | | | | 1 | 9 | | 6 |
| | 3 | 9 | | | | | 7 | |
| | | 5 | | | | | | 3 |
| | | 6 | | 2 | 5 | | | |
| | | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 8 | 9 | 5 | 3 | 4 | 6 | 1 |
| 9 | 5 | 4 | 6 | 7 | 1 | 3 | 8 | 2 |
| 6 | 3 | 1 | 2 | 8 | 4 | 5 | 9 | 7 |
| 1 | 6 | 9 | 7 | 3 | 5 | 8 | 2 | 4 |
| 8 | 7 | 3 | 4 | 1 | 2 | 6 | 5 | 9 |
| 5 | 4 | 2 | 8 | 9 | 6 | 1 | 7 | 3 |
| 4 | 8 | 5 | 3 | 2 | 9 | 7 | 1 | 6 |
| 2 | 1 | 6 | 5 | 4 | 7 | 9 | 3 | 8 |
| 3 | 9 | 7 | 1 | 6 | 8 | 2 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ମାର୍ଟସିଟିର ବଡ଼ ଦୁଃଖ

ମହାଶୟ,

ସ୍ମାର୍ଟ ସିଟି ଭୁବନେଶ୍ୱରର ଦୁଃଖ ହେଲା ଖରାପ ଜଳ ନିଷ୍କାସନ ବ୍ୟବସ୍ଥା। ଏଇ କିଛିଦିନ ତଳେ ଘଣ୍ଟାଏ ବର୍ଷାରେ ଗଳିକନ୍ଦି ଜଳାର୍ଣ୍ଣବ ହେବା ଦେଖିବାକୁ ମିଳିଥିଲା। ସ୍ମାର୍ଟ ସହର ଚିନ୍ତାଧାରା ଆସିଥିଲା ସହରର କିଛି ଦରକାରୀ ଭିତ୍ତିଭୂମିକୁ ଦୋରସ୍ତ କରି ଲୋକାଭିମୁଖୀ କରାଇବା ପାଇଁ। କିନ୍ତୁ ଏ ଦିଗରେ କାମ କରୁକରୁ ଆମେ ବହୁତକିଛି କଲେ ସତ, ହେଲେ ମଞ୍ଜିକଥାକୁ ଭୁଲିଗଲେ। ଯେତେ ପ୍ରାକୃତିକ ନାଳନର୍ଦ୍ଦମାର ଛୋଟବଡ ଜଳପଥ ଆଗରୁ ରହିଥିଲା ସେଗୁଡ଼ିକର ମହତ୍ ବୁଝିଲେନି। ପ୍ରଥମେ ସେସବୁର ସୁରକ୍ଷା ଆବଶ୍ୟକତା ଥିଲା। ବର୍ତ୍ତମାନର ସରକାର କହିପାରିବେନି ଯେ ପୂର୍ବ ସରକାର ସବୁ ପୋତିଦେଇ ଚାଲିଗଲେ ବୋଲି ସହର ଜଳାର୍ଣ୍ଣବ ହେଉଛି। ଏହାପୂର୍ବରୁ ଆମର ଯେଉଁ ମେଟ୍ରୋ କନସେପ୍ଟ ଥିଲା ତାହା ବି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଉନି। ଲଗାଣବର୍ଷାରେ ମୁମ୍ବାଇ, ଚେନ୍ନାଇ, କୋଲକାତା ଏବଂ ଦିଲ୍ଲୀ ପରି ଦେଶର ଚାରୋଟି ସହରର ଦୁଃଖଦ ଚିତ୍ର ଗଣମାଧ୍ୟମରେ ଦେଖିବାକୁ ପାଉଛେ। ସେ ସବୁକୁ ବିଶ୍ଳେଷଣ କରି ଆମ ସହରର ମାଷ୍ଟର୍‌ପ୍ଲାନ୍ ପ୍ରସ୍ତୁତ ହେବା ଦରକାର। ନଚେତ୍ ଲୋକେ କହିବେ ଭୁବନେଶ୍ୱର ସ୍ମାର୍ଟସିଟିର ବଡଦୁଃଖ ଜଳ ନିଷ୍କାସନ ଅବ୍ୟବସ୍ଥା।

-ଇଂ. ବିଦ୍ୟାଧର ପଣ୍ଡା, ପଞ୍ଚସଖା ନଗର, ଖଣ୍ଡଗିରି, ଭୁବନେଶ୍ୱର

## ଚିରନ୍ତନୀ

ଜଳିଉଠୁ ଜଳେ ସ୍ଥଳେ ଉଜ୍ଜ୍ୱଳାଇ
ସକଳ ମେଦିନୀ
ତୀକ୍ଷ୍ଣ ତାର ରଶ୍ମିଲାଗି ହସି ଉଠୁ
ତିମିର ଯାମିନୀ। -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭଙ୍ଗାରୁଜା ଘଟଣାରେ ୨୪ କୋର୍ଟଚାଲାଣ

କେନ୍ଦ୍ରାପଡ଼ା ଅଫିସ/ଢେଙ୍କାନାଳ ଅଫିସ/ରାଜକନିକା/ଆଳି(ଡି.ଏନ୍.ଏ.), ୧୩।୮

କେନ୍ଦ୍ରାପଡ଼ା ଜିଲା ଖରସ୍ରୋତା ନଦୀରୁ ଭଦ୍ରକକୁ ଜଳଯୋଗାଣ ପ୍ରତିବାଦରେ ରାଜକନିକା ବ୍ଲକ ବରୁଣାଡ଼ିହାରେ ପୋଲିସ, ପ୍ରଶାସନ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧ ଘଟଣାରେ ୨୪ ଜଣ ଗିରଫ ହୋଇଛନ୍ତି। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ଢେଙ୍କାନାଳ ଜିଲା ଗଁଦିଆ ଥାନା ସନ୍ଥସରା ଗ୍ରାମରେ ଥିବା ତାଙ୍କ ଫାର୍ମହାଉସରୁ ଶୁକ୍ରବାର ପୋଲିସ ଗିରଫ କରିଛି। ସେହିପରି ଗୁରୁବାର ବିଳମ୍ବିତ ରାତିରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ଅନ୍ୟ ୨୩ ଜଣଙ୍କୁ ଗିରଫ କରାଯାଇଛି। ସମସ୍ତ ଅଭିଯୁକ୍ତ କୋର୍ଟ ଚାଲାଣ ହୋଇଛନ୍ତି। ଅପରପକ୍ଷରେ ଏହି ଗିରଫଦାରିକୁ ନେଇ ଆନ୍ଦୋଳନକାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଳି ଓ ରାଜକନିକା ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ପାଣି ପାଇଁ ଏହି ଲଢ଼େଇ ଜାରି ରହିବ। ଆବଶ୍ୟକ ପଡ଼ିଲେ ଆଳି ଏବଂ ରାଜକନିକା ଅଞ୍ଚଳବାସୀ ଗିରଫ ଲାଗି ପ୍ରସ୍ତୁତ ଅଛନ୍ତି ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଆଇନ ହାତକୁ ନେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ଆବାହକ ତଥା ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା କହିଛନ୍ତି, ସ୍ଥାନୀୟ ଅଞ୍ଚଳବାସୀଙ୍କର ଖରସ୍ରୋତା ନଦୀ ଉପରେ ଅଧିକାର ଅଛି। ଏହି ଅଧିକାରକୁ କ୍ଷୁଣ୍ଣ କରିବାକୁ ଦିଆଯିବ ନାହିଁ। ସ୍ଥାନୀୟ ଅଞ୍ଚଳର କୃଷି, ପାନୀୟ ଜଳ ଓ ଭିତରକନିକା ପାଇଁ ଜଳ ସଂରକ୍ଷଣ ପରେ ବଳକା ହେଲେ ଅନ୍ୟ ଜିଲାକୁ ପାଣି ଦେବାରେ କୌଣସି ଆପତ୍ତି ନାହିଁ। ଏଥିପାଇଁ ନଦୀର ତଳମୁଣ୍ଡରେ ଏକ ବ୍ୟାରେଜ ନିର୍ମାଣ କରାଯାଉ।ତଳମୁଣ୍ଡରେ କେତେ ପରିମାଣରେ ଜଳ ପ୍ରବାହିତ ହେଉଛି, ତାହାର ନିର୍ଦ୍ଧାରଣ ପାଇଁ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଗିରଫ ବ୍ୟକ୍ତିଙ୍କୁ ଆବଶ୍ୟକ ଆଇନଗତ ସହାୟତା ଯୋଗାଇ ଦିଆଯିବ। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତି କହିଛନ୍ତି, ପୋଲିସ ଜଣେ ଆନ୍ଦୋଳନକାରୀ ମହିଳାଙ୍କୁ ଆକ୍ରମଣ ପରେ ଲୋକମାନେ ଉତ୍ତ୍ୟକ୍ତ ହୋଇଗଲେ। ସ୍ଥାନୀୟ ଲୋକଙ୍କୁ ଆଇନ ଜାଲରେ ଛନ୍ଦିବା ପାଇଁ ଜିଲା ପୋଲିସର ଏହା ଏକ ଚାଲ ଥିଲା। ସ୍ଥାନୀୟ ଲୋକଙ୍କୁ ନାଲି ଆଖି ଦେଖାଇ ପ୍ରକଳ୍ପ କାର୍ଯ୍ୟ କରିବା କନିକା ମାଟିରେ ସମ୍ଭବ ହେବ ନାହିଁ। ଖରସ୍ରୋତାର ସୁରକ୍ଷା ଲାଗି ୫୦ ହଜାର ଲୋକ ଗିରଫ ହେବା ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି। ଏହି ଲଢେଇ ଜାରି ରହିବ ବୋଲି ସେ କହିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ବେଳେ କେତେଜଣ ମହିଳା ଆଳି ଥାନା ଆଗରେ ବିରୋଧ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନସ୍ଥଳକୁ ଯାଇ ନ ଥିବା ଅନେକ ନିର୍ଦ୍ଦୋଷଙ୍କୁ ପୋଲିସ ବଳପ୍ରୟୋଗ କରି ଗିରଫ କରିଥିବା ସେମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦିତ ସମ୍ପଦ ଆଳି ଥାନାରେ ଖବରଦାତା ସମ୍ମିଳନୀ କରି ଅଭିଯୁକ୍ତଙ୍କ ଗିରଫଦାରି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭଦ୍ରକ ଜିଲାର ୪ ବ୍ଲକ ଏବଂ ୩ ପଞ୍ଚାୟତର ପାନୀୟ ଜଳ ଯୋଗାଣ ପାଇଁ ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତାରୁ ପାଣି ଉଠାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରୁଥିବାରୁ ସାମାନ୍ୟ ଉତ୍ତେଜନା ଲାଗି ରହିଛି। ପରିସ୍ଥିତି ନିୟନ୍ତ୍ରଣ ଲାଗି ଜିଲା ପ୍ରଶାସନ ପକ୍ଷରୁ ସିଆରପିସି ୧୪୪ ଧାରା ଲାଗୁ ହୋଇଛି। ଏହାସତ୍ତ୍ୱେ ଆନ୍ଦୋଳନକାରୀ କଟକଣା ଭାଙ୍ଗି ହିଂସା ଆଚରଣ ପ୍ରଦର୍ଶନ କରିଥିଲେ। ଦୁଇ ମାମଲାରେ ଅଦ୍ୟାବଧି ୨୪ ଜଣଙ୍କୁ ଗିରଫ କରାଯାଇଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ପୋଲିସ କେବେ ବିରୋଧ କରିବ ନାହିଁ। ତେବେ ଆଇନ ହାତକୁ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଳ୍ପଦିନ ମଧ୍ୟରେ ବରୁଣାଡିହାଠାରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଏସ୍‌ପି ସମ୍ପଦ ସୂଚନା ଦେଇଛନ୍ତି।

### ଗିରଫ ୨୪ ଅଭିଯୁକ୍ତ

ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଦଶଭାଗରିଆ ଗାଁର ଅଶୋକ ବେହେରା, ଅଚ୍ୟୁତପୁରର ଶଙ୍କର୍ଷଣ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ମୁକୁନ୍ଦପୁରର ବିପିନ ମୁଦୁଲି, ବାପିନା ମଲ୍ଲିକ, ମକୁନ୍ଦା ରାଉତ, ଭାଗ୍ୟଧର ମଲ୍ଲିକ, ଅଞ୍ଜନ ମୁଦୁଲି, ସୁବାସ ସାହୁ, ଗଞ୍ଜାର କୃତ୍ତିବାସ ପରିଡା, ବାଜପୁରର ପ୍ରକାଶ ଦାସ, ବରୁଣାଡିହାର ରବୀନ୍ଦ୍ରନାଥ ସ୍ୱାଇଁ, ଅଜିତ କୁମାର ନାୟକ, ପ୍ରିୟରଞ୍ଜନ ସାହୁ, କଣ୍ଟପଡାର ପ୍ରୀତମ ସାଇମନ ବିଶ୍ୱାଳ, ଝରାମୁହଁର ଅଂଶୁମାନ ନାୟକ, କଳାପାହାଡର ପ୍ରଦୀପ କୁମାର ବେହେରା, ବାଳକାଟୀର ଅକ୍ଷୟ କୁମାର ବେହେରା, ଗୌରହରି ମହାଳିକ, ଘନଶ୍ୟାମ ମହାଳିକ, ରାଣୀପୋଖରୀର ଅମରେନ୍ଦ୍ର ମଲ୍ଲିକ, ମନୋଜ କୁମାର ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ଦୋମାଳର କୃଷ୍ଣଚନ୍ଦ୍ର ପଣ୍ଡା।

# ବୁଣାକାରଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍, ବିନା ସୁଧରେ ୫୦ ହଜାର ପର୍ଯ୍ୟନ୍ତ ଋଣ

- ୩ ବର୍ଷରେ କଂକ୍ରିଟ୍ ହେବ ୧୫ ହଜାର ଲୁମ୍ ପିଟ୍
- ଯୋଗ୍ୟ ବୁଣାକାର ପରିବାରକୁ ଅଗ୍ରାଧିକାର ଭିତ୍ତିରେ ମିଳିବ ବାସଗୃହ

ଭୁବନେଶ୍ୱର, ୧୩।୮(ବ୍ୟୁରୋ)

ରାଜ୍ୟର ବୁଣାକାରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ରାଜ୍ୟରେ କୃଷି ପରେ ହସ୍ତତନ୍ତ ହିଁ ଗ୍ରାମାଞ୍ଚଳରେ ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଯୋଗାଇଥାଏ। ବୁଣାକାରମାନେ ସେମାନଙ୍କ ଦକ୍ଷତା ଦ୍ୱାରା ଓଡ଼ିଶାର ମହାନ ସାଂସ୍କୃତିକ ପରମ୍ପରାକୁ ହସ୍ତତନ୍ତ ଜରିଆରେ ସାରା ବିଶ୍ୱରେ ଉପସ୍ଥାପନ କରିଆସୁଛନ୍ତି। ଓଡ଼ିଶାର ତିଆରି ହସ୍ତତନ୍ତର ମଧ୍ୟ ବିଶେଷ ଚାହିଦା ରହିଛି। କିନ୍ତୁ ମହାମାରୀ କୋଭିଡ୍ ପରିପ୍ରେକ୍ଷୀରେ ଗତ ୨ ବର୍ଷରେ ହସ୍ତତନ୍ତ ବ୍ୟବସାୟ ଗଭୀର ପ୍ରଭାବିତ ହୋଇଛି ଏବଂ ଆମର ହଜାର ହଜାର ବୁଣାକାରଙ୍କ ରୋଜଗାରରେ ମଧ୍ୟ ହ୍ରାସ ଘଟିଛି। ଏହି ପ୍ୟାକେଜରେ କଂକ୍ରିଟ ହୋଇ ନ ଥିବା ୧୫ ହଜାର ଲୁମ୍ ପିଟ୍‌କୁ ପର୍ଯ୍ୟାୟକ୍ରମେ ଆଗାମୀ ୩ ବର୍ଷରେ କଂକ୍ରିଟ କରାଯିବ। ପ୍ରତି ଲୁମ୍ ପିଟ୍ କଂକ୍ରିଟ୍ ପାଇଁ ୭ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟର ୩୧,୩୪୨ଟି ଲୁମ୍ ପିଟ୍ ମଧ୍ୟରୁ ଏପର୍ଯ୍ୟନ୍ତ ୧୫,୦୭୧ଟି ଲୁମ୍ ପିଟ୍‌କୁ କଂକ୍ରିଟ କରାଯାଇଛି। ସେହିପରି ୩ ହଜାର ବୁଣାକାର ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ ଅଧୀନରେ ପ୍ରାଥମିକତା ଭିତ୍ତିରେ ହାଉସ୍-କମ୍-ୱାର୍କସେଡ୍ ଯୋଗାଇ ଦିଆଯିବ। ଏପର୍ଯ୍ୟନ୍ତ ୧୧୬୯୫ଟି ହାଉସ୍-କମ୍-ୱାର୍କସେଡ୍ ବୁଣାକାର ପରିବାରକୁ ଯୋଗାଇ ଦିଆଯାଇଛି। ଲୁଗାବୁଣା ଏବଂ କୁଟୀର ଶିଳ୍ପ ଉତ୍ପାଦନ ପ୍ରକ୍ରିୟାରେ ପରିବାରର ସଦସ୍ୟମାନେ ମଧ୍ୟ ସହଯୋଗ କରିଥାନ୍ତି। ସେହିପରି ଡିଜାଇନ ପ୍ରସ୍ତୁତି ମଧ୍ୟ ଏକ ଜଟିଳ ପ୍ରକ୍ରିୟା। ତେଣୁ ବୁଣାକାରଙ୍କ ଆଖି ଉପରେ ଯେପରି ବିଶେଷ ଚାପ ନ ପଡେ ଏବଂ ସେମାନେ ଦୀର୍ଘ ସମୟ କାମ କରିପାରିବେ, ସେଥିପାଇଁ ସେମାନଙ୍କୁ ଏହି ଯୋଜନାରେ ବିଜୁଳି ଆଲୁଅ ଓ ବିଜୁଳି ପଙ୍ଖା ଯୋଗାଇ ଦିଆଯିବ। ସେହିପରି ସମସ୍ତ ଯୋଗ୍ୟ ବୁଣାକାର ପରିବାରକୁ ଅଗ୍ରାଧିକାର ଭିତ୍ତିରେ ବାସଗୃହ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ହୋଇଛି। ପଞ୍ଚାୟତିରାଜ ବିଭାଗର ଗାଇଡ୍‌ଲାଇନ୍ ଅନୁସାରେ ଏଥିପାଇଁ ହିତାଧିକାରୀ ଚୟନ କରାଯିବ। ଏହି ପ୍ୟାକେଜ୍‌ରେ ବୁଣାକାରମାନେ ଯେପରି ସୁବିଧାରେ ଋଣ ପାଇପାରିବେ ତା ଉପରେ ଗୁରୁତ୍ୱ ଦିଆଯାଇଛି। ବୁଣାକାରମାନଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୁଣାକାରମାନଙ୍କ ଉତ୍ପାଦନ ସାମଗ୍ରୀ ରଖିବା ନିମନ୍ତେ ବିଭିନ୍ନ ଗୋଷ୍ଠୀ ଭିତ୍ତିଭୂମି ଯଥା ସିଏଫ୍‌ସି, ଗୋଦାମ ଓ ବିକ୍ରୟ କେନ୍ଦ୍ର ଆଦି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଜରିଆରେ କରାଯିବ ବୋଲି ସୂଚୀତ କରାଯାଇଛି।

**Manager ଆବଶ୍ୟକ**
ମାର୍ବଲ ଦୋକାନ ପାଇଁ **ମାର୍କେଟିଂ ପିଲା** ଆବଶ୍ୟକ। ବୟସ- 20-25, ଦରମା- 8000 - 15000/-, ସ୍ଥାନ- ଭୁବନ। ମାର୍ବଲ ଏବଂ ଟାଇଲ୍ସରେ ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
ମୋ- 8249410328, 9777339411

**WALK-IN-INTERVIEW**
Please visit Marshaghai College Website i.e. www.marshaghaicollege.ac.in for appointment of contractual GUEST FACULTY & NON-TEACHING STAFF for the Session 2021-22.
Sd./- Principal-cum-Secretary
Marshaghai College

**REQUIRED**
POST: ACCOUNTANT
Qualification: B.Com Pass, fluent in English.
SALESMAN - 2 NOS.
Qualification: B.A. Pass
OFFICE STAFF - 2 NOS.
Qualification: B.A.
Apply with C.V. & Photo
infojobapplication21@gmail.com
Last day for application 20th August 2021

**WANTED TEACHERS**
Male or Female for Odia & English Medium School, at Bhubaneswar.
Contact
9337119851, 7978084379

See Career Appointment on every Wednesday & Saturday

**ସିଙ୍ଗାପୁରରେ କାମ ଆରମ୍ଭ ହୋଇ ଗଲାଣି।**
Recruitment ପାଇଁ ଫୋନ୍ କରି ଆପଣଙ୍କ କାମର ସୂଚନା ନେଇ ପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
କିଶ୍ରେଶ ସାର୍ : 9157012447
ସୋନିଆ ମ୍ୟାଡାମ୍ : 9157312448, 9104103242

# ସୁନ୍ଦରଗଡ଼ର ସ୍କୁଲ ଛାତ୍ର ବମ୍ବେରୁ ଉଦ୍ଧାର

- ସିନେତାରକା ଅକ୍ଷୟ କୁମାରଙ୍କୁ ଭେଟିବାକୁ ବମ୍ବେ ଯାଇଥିଲେ
- ତାଙ୍କ ଘର ସମ୍ମୁଖରେ ସୁରକ୍ଷାକର୍ମୀ ହାତରେ ଧରାପଡ଼ିଲେ

**ସୁନ୍ଦରଗଡ଼,୧୩।୮(ଡି.ଏନ୍.ଏ.):** ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ଦେଖିବା ନିଶା ଏମିତି ଯେ, ମୋବାଇଲ ଫୋନ ବିକି ବମ୍ବେ ଚାଲିଯାଇଥିଲେ ସୁନ୍ଦରଗଡ଼ର ଜଣେ ସ୍କୁଲ ଛାତ୍ର। ଶେଷରେ ଅକ୍ଷୟ କୁମାରଙ୍କ ଘର ଆଗରେ ବୁଲୁଥିବାବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବମ୍ବେ ଚାଇଲ୍ଡଲାଇନରେ ରଖାଯାଇଛି। ଶୁକ୍ରବାର ସୁନ୍ଦରଗଡ଼ ଚାଇଲ୍ଡ ଲାଇନର ଏକ ଟିମ୍ ତାଙ୍କୁ ଆଣିବା ପାଇଁ ବମ୍ବେ ଅଭିମୁଖେ ଯାତ୍ରା କରିଛି। ଏହି ଛାତ୍ର ଜଣକ ସୁନ୍ଦରଗଡ଼ ଅରବିନ୍ଦ ସ୍କୁଲରେ ଦଶମ ଶ୍ରେଣୀରେ ପଢନ୍ତି। ଗତ ୯ ତାରିଖରେ ସେ ସ୍କୁଲ ଯିବାକୁ କହି ଘରୁ ଯାଇଥିଲେ। ଘରକୁ ନ ଫେରିବା ଦେଖି ପରିବାର ଲୋକେ ବହୁତ ଖୋଜାଖୋଜିକରିପାଇ ନ ଥିଲେ। ତା'ପରଦିନ ପରିବାର ଲୋକେ ସୁନ୍ଦରଗଡ଼ ଟାଉନ ଥାନାରେ ନିଖୋଜ ରିପୋର୍ଟ କରିଥିଲେ। ପୋଲିସ ଏକ ମାମଲା (ନଂ.୨୩୦/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଗତ ୧୧ ତାରିଖରେ ନିଖୋଜ ଛାତ୍ର ଜଣକ ବମ୍ବେରେ ସିନେତାରକା ଅକ୍ଷୟ କୁମାରଙ୍କ ଘର ସମ୍ମୁଖରେ ବୁଲାବୁଲି କରୁଥିବା ବେଳେ ସୁରକ୍ଷା କର୍ମୀମାନେ ତାଙ୍କୁ ସନ୍ଦେହରେ ଧରି ପୋଲିସକୁ ଜିମା ଦେଇଥିଲେ। ଏହା ପରେ ବମ୍ବେ ପୋଲିସ ସେଠାକାର ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲା। ପଚରାଉଚରା ପରେ ସେ ଓଡିଶା ସୁନ୍ଦରଗଡ଼ର ବୋଲି କହିଥିଲେ। ଅକ୍ଷୟ କୁମାରଙ୍କୁ ଭେଟିବାକୁ ଆସିଥିବା ସେ ପ୍ରକାଶ କରିଥିଲେ। ବମ୍ବେ ଚାଇଲ୍ଡଲାଇନ ପକ୍ଷରୁ ସୁନ୍ଦରଗଡ଼ ଜିଲା ଚାଇଲ୍ଡ ଲାଇନକୁ ସୂଚନା ଦିଆଯାଇଥିଲା। ଛାତ୍ର ଜଣକ ସିନେତାରକା ଅକ୍ଷୟ କୁମାର ଓ ସଲ୍‌ମାନ ଖାଁଙ୍କ ଫ୍ୟାନ ଥିବାରୁ ନିଜର ମୋବାଇଲ ଫୋନକୁ ତାଙ୍କର ଜଣେ ସାଙ୍ଗକୁ ବିକ୍ରି କରି ଝାରସୁଗୁଡାରୁ ଟ୍ରେନ ଯୋଗେ ବମ୍ବେ ଚାଲିଯାଇଥିଲେ।

## ୪ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନିଅ: ହାଇକୋର୍ଟ

**କଟକ ଅଫିସ,୧୩।୮:** ଆଥ୍‌ଲେଟ୍ ଦୂତୀ ଚାନ୍ଦଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ଆସନ୍ତା ୪ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନିଅ। ଏକ ୱେବ୍ ପୋର୍ଟାଲ

**ୱେବ୍ ପୋର୍ଟାଲ ପ୍ରତିନିଧିଙ୍କୁ ଦୂତୀ ଚାନ୍ଦଙ୍କ ଧମକ ମାମଲା**

ପ୍ରତିନିଧିଙ୍କୁ ଦୂତୀଙ୍କ ଧମକ ମାମଲାର ଶୁଣାଣିକରି ହାଇକୋର୍ଟ ବିଚାରପତି ବିଶ୍ୱଜିତ୍ ମହାନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୱେବ୍ ପୋର୍ଟାଲର ନିର୍ଦ୍ଦେଶକ ସୁଧାଂଶୁ ଶେଖର ରାଉତଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗତ ୩ ତାରିଖରେ ଦୂତୀଙ୍କ ବିରୋଧରେ ତାଙ୍କ ବାପା, ମା, ବଡ ଭଉଣୀ ପ୍ରେସ୍ ବିବୃତି ମାଧ୍ୟମରେ ଅଭିଯୋଗ କରିଥିଲେ। ଏନେଇ ୪ ତାରିଖ ସନ୍ଧ୍ୟାରେ ଉକ୍ତ ପୋର୍ଟାଲର ଖବରଦାତା ଦୂତୀଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରିଥିଲେ। ହେଲେ ଦୂତୀ ତାଙ୍କୁ ଗାଳିଗୁଲଜ କରିବା ସହ ମିଛ କେସ୍‌ରେ ଜେଲ୍‌ରେ ପୂରାଇଦେବେ ବୋଲି କହିଥିଲେ।

NATIONAL TESTING AGENCY
Excellence in Assessment
(उच्चतर शिक्षा विभाग, शिक्षा मंत्रालय, भारत सरकार के तहत एक स्वायत्त संगठन)
(An Autonomous Organization under the Department of Higher Education, Ministry of Education, Government of India)

काशी हिन्दू विश्वविद्यालय BANARAS HINDU UNIVERSITY

**ସର୍ବସାଧାରଣ ବିଜ୍ଞପ୍ତି**
ତାରିଖ: ୧୪।୦୮।୨୦୨୧

**କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ପ୍ରବେଶିକା ପରୀକ୍ଷା - ୨୦୨୧**
**ନିମନ୍ତେ ଅନ୍‌ଲାଇନ୍ ଆବେଦନ ପତ୍ର**

ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ **ଶିକ୍ଷା ଅଧିବେଶନ ୨୦୨୧-୨୨ ନିମନ୍ତେ ସ୍ନାତକ (ୟୁଇଟି) ଏବଂ ସ୍ନାତକୋତ୍ତର (ପିଇଟି)** ପାଠ୍ୟକ୍ରମରେ ନାମଲେଖା ଲାଗି **କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି)** ପଦ୍ଧତିରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) **ପ୍ରବେଶିକା ପରୀକ୍ଷା - ୨୦୨୧** ସଞ୍ଚାଳନ କରିବ।

| ବିଏଚ୍‌ୟୁ ପ୍ରବେଶିକା ପରୀକ୍ଷା - ୨୦୨୧ ନିମନ୍ତେ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଆବେଦନ ପତ୍ର ଦାଖଲର ଅବଧି | ୧୩ ଅଗଷ୍ଟରୁ ୦୬ ସେପ୍ଟେମ୍ବର, ୨୦୨୧ (ରାତି ୧୧.୫୦ ଘଟିକା ପର୍ଯ୍ୟନ୍ତ) |
|---|---|
| ଦେୟ ଜମା କରିବାର ଶେଷ ତାରିଖ | ୦୭ ସେପ୍ଟେମ୍ବର, ୨୦୨୧ (ରାତି ୧୧.୫୦ ଘ. ପର୍ଯ୍ୟନ୍ତ) |
| ପରୀକ୍ଷା ତାରିଖ | ୱେବ୍‌ସାଇଟ୍ ମାଧ୍ୟମରେ ପରେ ସୂଚିତ କରାଯିବ |
| ପରୀକ୍ଷା ପଦ୍ଧତି | କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି)/ହାଇବ୍ରିଡ୍ (ଟାବ୍‌ଲେଟ୍)/ କଲମ ଓ କାଗଜ (ଆବଶ୍ୟକତା ଅନୁସାରେ) |
| ପରୀକ୍ଷାର ପ୍ୟାଟର୍ନ | ଏକାଧିକ ବିକଳ୍ପ ରହିଥିବା ବସ୍ତୁନିଷ୍ଠ ପ୍ରକାର |
| ମୋଟ ଟେଷ୍ଟ ପେପର୍ | ୟୁଇଟି – ୨୩<br>ପିଇଟି – ୯୪ |
| ପରୀକ୍ଷାର ଭାଷା | ସୂଚନା ବୁଲେଟିନ୍‌ରେ ପ୍ରଦାନ କରାଯାଇଥିବା ବିବରଣୀ ଅନୁଯାୟୀ |

ବିଏଚ୍‌ୟୁ ପ୍ରବେଶିକା ପରୀକ୍ଷା-୨୦୨୧ରେ ଭାଗନେବା ପାଇଁ ଇଚ୍ଛୁକ ପ୍ରାର୍ଥୀ ୱେବ୍‌ସାଇଟ୍ https://bhuet.nta.nic.in, www.nta.ac.inରେ ଅନ୍‌ଲାଇନ୍ ଆବେଦନ କରିପାରିବେ। ପାଠ୍ୟକ୍ରମ କୋଡ୍, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ସଂରଚନା ଇତ୍ୟାଦି ସୂଚନା ବୁଲେଟିନ୍‌ରେ ଉପଲବ୍ଧ।
ପ୍ରାର୍ଥୀମାନେ କେବଳ https://bhuet.nta.nic.inରେ ଉପରପ୍ରଦତ୍ତ ଅବଧିରେ ଅନ୍‌ଲାଇନ୍ ଆବେଦନ କରିପାରିବେ। ବିଏଚ୍‌ୟୁ ପ୍ରବେଶିକା ପରୀକ୍ଷା – ୨୦୨୧ ଲାଗି ଆବେଦନ କରିବା ପୂର୍ବରୁ, ବାଞ୍ଛିତ ପାଠ୍ୟକ୍ରମ ପାଇଁ ବିଶ୍ୱବିଦ୍ୟାଳୟ ଆବଶ୍ୟକ କରୁଥିବା ଯୋଗ୍ୟତା ମାନଦଣ୍ଡକୁ ଯାଞ୍ଚ କରିନେବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ପରୀକ୍ଷା ଦେୟ ମଧ୍ୟ ଡେବିଟ୍/କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ୟୁପିଆଇ କିମ୍ବା ପେଟିଏମ୍ ବ୍ୟବହାର କରି ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିବାକୁ ହେବ (ବିବରଣୀ ପାଇଁ ଦୟାକରି ସୂଚନା ବୁଲେଟିନ୍ ଦେଖନ୍ତୁ)। ଯୋଗ୍ୟତାମୂଳକ ଡିଗ୍ରୀ/ସାର୍ଟିଫିକେଟ୍‌ର ଅନ୍ତିମ ପରୀକ୍ଷାରେ ଭାଗ ନେଉଥିବା ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିବା ପାଇଁ ଯୋଗ୍ୟ।
ଶିକ୍ଷା ଅଧିବେଶନ ୨୦୨୧-୨୨ ପାଇଁ ଡିପ୍ଲୋମା / ସାର୍ଟିଫିକେଟ୍ ପାଠ୍ୟକ୍ରମ ଲାଗି ଆବେଦନ ପ୍ରକ୍ରିୟା ତା୧୩।୦୮।୨୦୨୧ରିଖରୁ ଆରମ୍ଭ ହେବ। ଇଚ୍ଛୁକ ପ୍ରାର୍ଥୀ ବିଏଚ୍‌ୟୁ ୱେବ୍‌ସାଇଟ୍ (www.bhuonline.in) ପରିଦର୍ଶନ କରି ବିସ୍ତୃତ ସୂଚନା ପ୍ରାପ୍ତ କରିପାରିବେ।
କୌଣସି ପ୍ରଶ୍ନ କିମ୍ବା ସ୍ପଷ୍ଟୀକରଣ ପାଇଁ, ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍‌ପଡେସ୍କ ନଂ. ୦୧୧ ୪୦୭୫୯୦୦୦ରେ କଲ୍ କରିପାରନ୍ତି କିମ୍ବା bhu@nta.ac.inରେ ଏନ୍‌ଟିଏକୁ ଲେଖିପାରନ୍ତି।
(ଡା. ସାଧନା ପାରାଶର)
ବରିଷ୍ଠ ନିର୍ଦ୍ଦେଶକ (ପରୀକ୍ଷା)
davp 21354/11/0009/2122 ୱେବ୍‌ସାଇଟ୍: www.nta.ac.in ହେଲ୍‌ପଲାଇନ୍ ନମ୍ବର: ୦୧୧-୪୦୭୫୯୦୦୦

**PARADIP PORT TRUST**
e-TENDER CALL NOTICE
No. TD/TM/GEN-235(Vol-V)/21/1482 dtd. 09.08.2021
Name of the work "Allotment of 05 (Five) nos. of Mechanical Iron Ore/Iron Ore Pellet plots at IOHP". License fee: Rs. 2,82,31,500/-. Wharfage Charge: Rs. 15,28,690/-. Last date and time of Bid Submission: 31.08.2021, 1300 Hrs. Bid Opening Date and time: 31.08.2021, 1300 Hrs.
Refer our website for details
https://eprocure.gov.in/eprocure/app.
Sr. Asst. Traffic Manager
PPT/PR/84/21-22 Dated: 13.08.2021

**ODISHA JOINT ENTRANCE EXAMINATION - 2021 (OJEE - 2021)**
PUBLIC NOTICE REGARDING RESCHEDULING OF OJEE - 2021
No. OJEE/279 Date: 13.08.2021
No. KK-54: This is for information of all concerned that the **Odisha Joint Entrance Examination, 2021 (OJEE-2021)**, which was originally scheduled in the month of June, but had to be postponed due to COVID-19 pandemic, will now be conducted **during 6th September to 18th September, 2021**.
The Entrance Examination will be conducted in **Computer based Test (CBT) mode for all the Courses, in three shifts on each day of the examination.**
**The shift-wise complete schedule of the examination is displayed on the official website of OJEE (www.ojee.nic.in / www.odishajee.com).**
Information on Standard Operating Procedure (SOP) for the examination and downloading of Admit Card etc. shall be notified on.
The candidates and their parents are advised to keep visiting above websites for latest updates.
Sd./- CHAIRMAN, OJEE
OIPR-14020/11/0009/2122

**CIME** Bhubaneswar
**COLLEGE OF IT & MANAGEMENT EDUCATION**
(A Constituent College of BPUT, Odisha)
Plot No.4, Sector-A, Zone-B, Mancheswar Indl. Estate, Bhubaneswar-10,
Tel: 0674-2582442, www.cime.ac.in
No. KK-53
**CORRIGENDUM**
TENDER CALL NOTICE FOR RUNNING OF HOSTEL MESS OF COLLEGE OF IT AND MANAGEMENT EDUCATION, BHUBANESWAR
With reference to advertisement No-KK51 dt.10.08.2021, the last date and time of submission of the tender documents for running of Hostel Mess of CIME may be read as **23.08.2021 by 2.00 PM** instead of **18.08.2021 by 12.00 Noon.** Other terms and conditions shall remain same.
OIPR-14087/11/0002/2122 PRINCIPAL

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
e Procurement Notice for PMGSY Phase-III (Batch-II) works (2021-22)
**PRADHAN MANTRI GRAM SADAK YOJANA**
Bid Identification No. PMGSY-Online-BLGR-09/2021-22
No.-O-533:- **The Chief Construction Engineer, R. W. Circle, Bolangir on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of Bolangir for 23 (twenty three) number of packages with approximate estimated cost totaling to Rs. 69.00 Cr. including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract Date of release of Invitation for Bids through e-procurement dtd.**11.08.2021**.
**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand
Draft towards the cost of bid document and (b) original bid security in approved formant (c) original affidavit regarding correctness of information furnished with bid document as per provisions of Clause4.4B (a) (ii) of ITB with Chief Construction Enigneer, R. W. Circle, Bolangir, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Last Date/ Time for receipt of bids through e-procurement: 31.08.2021 up to 5.00 P.M.** For further details please log on to www.pmgsytenders.gov.in.
Sd./- D.K. Seth, Chief Construction Engineer,
R. W. Circle, Bolangir
OIPR-25118/11/0010/2122

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
**NOTICE INVITING TENDER**
Tender Notice No. TPWODL/SA/O/SU/035
TP Western Odisha Distribution Limited, invites quotations (in 2 part) from eligible vendors for the following packages:
**Rate Contract for Supply of Control Cable**
Interested bidders to submit Tender Participation Fee and Authorization letter by e-mail on or before **19th August 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of TPWODL website: **www.tpwesternodisha.com**.
Sd./- Chief Contracts & Stores

**OFFICE OF THE DEAN & PRINCIPAL**
**SAHEED LAXMAN NAYAK MEDICAL COLLEGE**
KORAPUT - 764020, KORAPUT, ODISHA
Tel. 06852-250101/E-mail: slnmchkoraput.od@gov.in
No. 2659/LIB-21 Dated the 11.8.2021
**TENDER CALL NOTICE**
No. E-334: Sealed tenders are invited from the registered firms for "Supply of Books" (Medical) for the financial year 2021-22 in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed tender paper, terms & conditions of Books can be obtained from the Office of the undersigned on payment of Rs.2000/- Cash + GST @ 18% (non-refundable) at the Accounts Section. The details are also available in the website **www.slnmch.nic.in, www.koraput.nic.in**. Those who will download the tender documents from website should enclose a DD for Rs.2000/- GST @ 18% towards cost of tender paper in favour of Dean & Principal S.L.N. Medical College, Koraput.
The undersigned reserves the right to cancel of the tender in full or parts at any time wtihout assigning any reason thereof.
Sd./- Dean & Principal
SLN Medical College, Koraput
OIPR-10121/11/0009/2122

**OFFICE OF THE DISTRICT JUDGE, RAYAGADA**
No. 01/Rect./2021
**ADVERTISEMENT**
Dated, the 12th days of August, 2021
Applications in the prescribed format are invited from intending candidates for filling up of the following posts of Junior Clerk/Copyist, Junior Typist, Junior Stenographer Grade-III and Salaried Amin in the scale of pay as noted against each category of posts per month with usual D.A. and other allowances as admissible by Government from time to time on regular basis in accordance with the provisions contained in Orissa District and Subordinate Courts' Non-judicial Staff Services (Method of Recruitment and Conditions of Service) Rules, 2008 and amendment Rules, 2010 subject to result of W.P. (C) No. 1273/2014 pending before the Hon'ble High Court of Orissa, Cuttack.

**Category-wise Vacancy Position**

| Name of Post | Scale of Pay | Scheduled Tribe | Scheduled Caste | S.E.B.C | UR | Total |
|---|---|---|---|---|---|---|
| Junior Clerk/ Copyist | Rs.19,900/- in Level-04 in the Pay Matrix under ORSP Rules, 2017 | 7 (3-W) | 4 (1-W) | -- | 7 (1-W) | 18 |
| Junior Typist | | 1 (W) | 1 (W) | -- | 1 | 3 |
| Stenographer Grade-III | Rs.25,500/- in Level-07 in the Pay Matrix under ORSP Rules, 2017 | -- | 1 (W) | -- | 2 (1-W) | 3 |
| Salaried Amin | Rs.21,700/- in Level-05 in the Pay Matrix under ORSP Rules, 2017 | -- | -- | -- | 1 | 1 |
| **Grand Total** | | **8** | **6** | **--** | **11** | **25** |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. The vacancies against ST & SC category advertised above include backlog vacancies.
The other condition of service shall be guided by the relevant provisions of Orissa District and Subordinate Courts' Non-Judicial Staff Services (Method of Recruitment and Conditions of Service) Rules, 2008 and amendment Rules, 2010 subject to result of W.P.(C) No. 1273/2014 pending before the Hon'ble High Court of Orissa, Cuttack.
The decision of the District Judge, Rayagada as to the result of the examination shall be final and in no case shall liable to be challenged.
The last date of receipt of application is fixed on **13.09.2021**. The application shall be sent to the **REGISTRAR, CIVIL COURTS, RAYAGADA, AT/P.O.- RAYAGADA, PIN - 765001, DIST-RAYAGADA on or before 13.09.2021 by 5.00 P.M.** through Speed Post/Registered Post only. Applicants may also drop their applications in the **Drop Box** kept in front of Nizarat Section, Civil Courts, Rayagada during the office hours on the working days only. Applications received in the office after the due date & time shall be summarily rejected.
For details of advertisement, application form, eligibility criteria, scheme of examination and method of selection are available in the District Courts website **https://districts.ecourts.gov.in/rayagada**.
By Order of the District Judge
Sd./- Registrar, Civil Courts, Rayagada

## ୨ଟନ୍ ଲୁହା ସ୍କ୍ରାପ ଜବତ, ଜଣେ ଗିରଫ

କୁଆଁରମୁଣ୍ଡା,(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଗୋବିରା ନିକଟରୁ ଗୁରୁବାର ଅପରାହ୍ଣରେ ଏକ ଲୁହା ସ୍କ୍ରାପ ବୋଝେଇ ପିକ୍‌ଅପ୍ ଗାଡ଼ି ଓଡି୧୪ଜେ ୯୬୬୭ ଜବତ ହୋଇଛି। ଏହା ସହ ଉକ୍ତ ଗାଡ଼ିର ଚାଳକ ଡି.ଆର୍ସ (୧୯)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଜବତ ସ୍କ୍ରାପର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ,ଉକ୍ତ ପିକ୍‌ଅପ୍ ଗାଡିରେ ଲୁହା ସ୍କ୍ରାପ ବୋଝେଇ ହୋଇ ବିଶ୍ରା ଅଞ୍ଚଳରୁ ବିଜାବାହାଲସ୍ଥିତ ମା' ଗିରିଜା ସ୍ପଞ୍ଜ କାରଖାନାକୁ ଯାଉଥିଲା। ପାଟ୍ରୋଲିଂ ପୋଲିସକୁ ଦେଖି ଡ୍ରାଇଭର ଉକ୍ତ ଗାଡିକୁ ନେଇ ଖସିଯିବାକୁ ଚେଷ୍ଟା କରୁଥିଲା।

## ସଂକ୍ଷେପରେ

### ବିଷାକ୍ତ ସାପ କାମୁଡ଼ାରେ ଯୁବକ ମୃତ

ଲହୁଣୀପଡା,୧୩।୮(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କେନ୍ଦୁଡିହି ଗ୍ରାମରେ ଜଣେ ଯୁବକଙ୍କ ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ଘଟିଛି। ଗ୍ରାମର ନିରୋଜ ଦେଓଗାନ (୩୮) ଗୁରୁବାର ସକାଳେ ନିଜ ବାଡିରେ ଘାସ କାଟୁଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଏ ସମ୍ପର୍କରେ ପରିବାର ଲୋକ ଜାଣିବା ପରେ ଡାକ୍ତରଖାନା ନେବା ପରିବର୍ତ୍ତେ ନିଜ ଘରେ ରଖି ଘରୋଇ ଉପଚାର କରିଥିଲେ। କିନ୍ତୁ ଶୁକ୍ରବାର ସକାଳୁ ପରିସ୍ଥିତି ଗୁରୁତର ହେବାରୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଦୁଇ ବାଇକ୍ ଧକ୍କା: ୪ ଆହତ

କୁତ୍ରା,୧୩।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ କୁତ୍ରା ଛକରେ ଶୁକ୍ରବାର ଅପରାହ୍ଣରେ ଦୁଇ ବାଇକ୍ ଧକ୍କା ହୋଇଛି। ଫଳରେ ୪ ଜଣ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ରାଜଗାଙ୍ଗପୁର ପଟୁ ଆସୁଥିବା ଏକ ବାଇକ ଓଡି ୧୬ ଜି ୪୦୭୨ ରାସ୍ତା ଅତିକ୍ରମ କରୁଥିବାବେଳେ ଆଉ ଏକ ବାଇକ ଓଡି ୧୬ ଏ ୮୯୭୪କୁ ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକରେ ଥିବା ୪ ଜଣ ଜଉରାମୁଣ୍ଡା ଖେରାପଡା ଗ୍ରାମର ନରବେଟ ଡୁଙ୍ଗଡୁଙ୍ଗ, ବିରତୋଲା ଗ୍ରାମର ମଙ୍ଗଲା ଧାନ ଓ ବିଜୁ ଧାନ ଛିଟିକି ପଡି ଆହତ ହୋଇଛନ୍ତି। ସେମାନଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇଛି।

### ଯୁବତୀ ଯୁବକଙ୍କୁ ଛୁରି ଦେଖାଇ ଲୁଟ୍

ବଡ଼ଗାଁ,୧୩।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗାଁ ନିକଟରେ ଜଣେ ଯୁବତୀ ଓ ଯୁବକଙ୍କୁ ବାଇକ୍‌ରେ ଆସି ୩ ଜଣ ଯୁବକ ଛୁରୀ ଦେଖାଇ ୨ ହଜାର ଟଙ୍କା, ୨ଟି ମୋବାଇଲ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ତରକରା ଅଞ୍ଚଳର ଜଣେ ଯୁବତୀ ଓ ରାଜଗାଙ୍ଗପୁର ଥାନା ଧରାଅଡାର ଜଣେ ଯୁବକ ଏବଂ ତାଙ୍କର ୨ ବନ୍ଧୁ ଟିମନା ଚାଟଲିପାହାଡ ସ୍ଥିତ ମନ୍ଦିର ଦର୍ଶନ କରି ପର୍ବତରୁ ତଳକୁ ଓହ୍ଲାଇଥିଲେ। ୨ ଯୁବକ ଆଗୁଆ ରାସ୍ତା ପଟକୁ ଆସିଥିଲା ବେଳେ ପଛରେ ଯୁବତୀଙ୍କ ସହିତ ତାଙ୍କ ସମ୍ପର୍କିୟ ଯୁବକ ତଳକୁ ଓହ୍ଲାଇ ଆସିଲା ବେଳେ ବାଇକ୍‌ରେ ଆସି ଜଗି ରହିଥିବା ୩ ଜଣ ଯୁବକ ଛୁରୀ ଦେଖାଇ ଯୁବକଙ୍କୁ ମାଡମାରି ୨ ହଜାର ଟଙ୍କା, ମୋବାଇଲ ଏବଂ ଯୁବତୀଙ୍କ ଠାରୁ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ଟିମନା, ପଞ୍ଚରା ଓ ଆଖପାଖ ଅଞ୍ଚଳରେ କିଛି ମାସ ମଧ୍ୟରେ ୩ଟି ଲୁଟ ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗତ କିଛି ମାସ ହେଲା ବଡଗାଁ ଥାନା ଅଞ୍ଚଳରେ ବାଇକ, ସାଇକେଲ ଚୋରି, ଲୁଟ୍ ଘଟଣା ବଢ଼ିଚାଲିଛି।



ନିଳବେର୍ଣ୍ଣୀ ସାହିରେ ବର୍ଷାଜଳ ଘରରେ ପଶିଯାଇଛି।



ସାହିବାସିନ୍ଦା ରାସ୍ତାରୋକୋ ଆନ୍ଦୋଳନ କରିଛନ୍ତି।

# ଘରେ ପଶିଲା ବର୍ଷାଜଳ: ଲୋକଙ୍କ ରାସ୍ତାରୋକୋ

ଦେବଗଡ଼,୧୩।୮(ଡି.ଏନ.ଏ)

**ଦେବଗଡ଼ ପୌର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା**

ଦେବଗଡ଼ ପୌର କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଓ ଉଦାସୀନତା ଯୋଗୁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା। ନିୟମିତ ଭାବେ ସହରରେ ଡ୍ରେନଗୁଡ଼ିକୁ ସଫା କରାଯାଉ ନାହିଁ। ଏହାର ପରିଣାମ ପୌରାଞ୍ଚଳବାସୀଙ୍କୁ ଭୋଗିବାକୁ ପଡୁଛି। ଦେବଗଡ଼ ପୌରାଞ୍ଚଳ ଅଧିନସ୍ଥ ୯ନମ୍ବର ୱାର୍ଡରେ ନିଳବେର୍ଣ୍ଣୀସାହିରେ ଥିବା ଡ୍ରେନଗୁଡିକରେ ଅଳିଆ ଆବର୍ଜନା ଜମି ରହିଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ବର୍ଷାଜଳ ଘରମାନଙ୍କରେ ପଶିଯାଇଥିଲା। ଫଳରେ ସାହି ବାସିନ୍ଦା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିଲେ। ଏହାର ପ୍ରତିବାଦ କରିବା ସହ ଉପଯୁକ୍ତ ଡ୍ରେନ ବ୍ୟବସ୍ଥା ଦାବିରେ ଉତ୍ୟକ୍ତ ମହିଳାପୁରୁଷ ନୀଳବେର୍ଣ୍ଣୀସାହି ଛକଠାରେ ଶୁକ୍ରବାର ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ ଦୀର୍ଘ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଦେବଗଡ଼-ସୁଗୁଡା-ଅନୁଗୋଳ ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଏପରିକି ଉକ୍ତ ରାସ୍ତାରେ ଦୁଇ ଚକିଆଯାନ ମଧ ଚଳାଚଳ କରିପାରି ନ ଥିଲା। ସୂଚନାପାଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ପୌର ପରିଷର ସଫେଇ କର୍ମଚାରୀମାନେ ସେଠାରେ ପହଞ୍ଚି ଡ୍ରେନଗୁଡିକ ସଫା କରିବା ସହ ତହିଁରୁ ବର୍ଷାଜଳ ନିଷ୍କାସନ କରିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡାଙ୍କ ମତାମତ ନିମନ୍ତେ ତାଙ୍କର ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ କଲ୍ ରିସିଭ ନ କରିବାରୁ ତାଙ୍କର ମତାମତ ମିଳିପାରିନାହିଁ।

# ପରିତ୍ୟକ୍ତ କୂଅରୁ ଗଳିତ ମୃତଦେହ ଉଦ୍ଧାର

କୁତ୍ରା,୧୩।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ବସ୍ତିର ଆମ୍ବ ବଗିଚାଠାରେ ଥିବା ଏକ ପରିତ୍ୟକ୍ତ କୂଅରୁ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାରୁ ଜଣାପଡିଛି ଯେ, କୁତ୍ରା ବସ୍ତିଠାରେ ଥିବା ଆମ୍ବ ବଗିଚା ଅଞ୍ଚଳରୁ ଦୁର୍ଗନ୍ଧ ଆସୁଥିଲା। ପରେ ନିକଟରେ ରହୁଥିବା ଲୋକେ କେଉଁଠୁ ଦୁର୍ଗନ୍ଧ ଆସୁଛି କହି ଦେଖିଲା ବେଳକୁ ପରିତ୍ୟକ୍ତ କୂଅ ଭିତରେ ଏକ ଗଳିତ ମୃତଦେହ ଥିବା ଦେଖିବାକୁ ପାଇଥିଲେ। ତାପରେ କୁତ୍ରା ପୋଲିସ ଓ କୁତ୍ରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସେମାନେ ସେଠାରେ ପହଞ୍ଚିଲା ପରେ ଅଗ୍ନିଶମ ବିଭାଗ କର୍ମଚାରୀ ରସି ସାହାଯ୍ୟରେ କୂଅ ଭିତରକୁ ପଶି ମୃତଦେହ ବାହାର କରିଥିଲେ। ଉଦ୍ଧାର ପରେ ଜଣାପଡିଲା ସେ କୁତ୍ରା ମନ୍ଦିର ପଡାର ଗୁରୁଚରଣ ପ୍ରଧାନ ଓରଫ ଆନ୍ନା (୪୦)। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁରକୁ ପଠାଇଛି। ତେବେ ସେ କୂଅ ଭିତରେ କିପରି ପଡ଼ିଲେ ତାହା ରହସ୍ୟ ହୋଇ ରହିଯାଇଛି। ପୋଲିସ ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟଆସିଲେ ପ୍ରକୃତ ସତ୍ୟ ଜଣାପଡିବ।

# ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନି ନିର୍ବାହୀ ସଂସ୍ଥା



ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର।

କୁତ୍ରା,୧୩।୮(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ଦୁର୍ନୀତି ଥମିବାର ନା ଧରୁନାହିଁ। କେତେବେଳେ କୂଅ ତ କେତେବେଳେ ଆବାସ ଦୁର୍ନୀତି। ଏବେ ପୁଣି ଗୋଟେ ଦୁର୍ନୀତି ସାମ୍ନାକୁ ଆସିଛି। କୁତ୍ରା ବ୍ଲକ ଅନ୍ତର୍ଗତ ସିଆଲଜୋର ଅଙ୍ଗନୱାଡି ଗୃହ ନିର୍ମାଣ ହେଉଛି। କିନ୍ତୁ ତାହା ନିମ୍ନମାନର କାମ ହେଉଛି ବୋଲି ଗ୍ରାମବାସୀ ବାରମ୍ବାର ସହକାରୀ ଯନ୍ତ୍ରୀଙ୍କ ପାଖରେ ଅଭିଯୋଗ କଲେ ମଧ ତାଙ୍କ ଅଭିଯୋଗକୁ ବେଖାତିର କରାଯାଉଥିବା କହୁଛନ୍ତି ଗ୍ରାମବାସୀ। ସହକାରୀ ଯନ୍ତ୍ରୀ କେବେ ପରିଦର୍ଶନ ପାଇଁ ଯାଉ ନ ଥିବାର ଅଭିଯୋଗ ମଧ ହେଉଛି। ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ କାମ ହେଉଥିବାର ମଧ ଅଭିଯୋଗ ଆସୁଛି। ଶେଷରେ ଏହାକୁ ନେଇ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ଗ୍ରାମବାସୀ। ଏନେଇ ବିଭାଗୀୟ ସରକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କୌଣସି ନିମ୍ନମାନର କାମ ହେଉନାହିଁ। ସବୁ ଠିକ ଅଛି। ଆପଣଙ୍କର ଯାହା କରିବା କଥା କରନ୍ତୁ ବୋଲି ଉତ୍ତର ଦେଇଥିଲେ। ନିମ୍ନମାନର ଇଟା ବ୍ୟବହାର, ସିମେଣ୍ଟ ବାଲି ମିଶ୍ରଣକୁ ନେଇ ସାଧାରଣରେ ଜନତା ଅଭିଯୋଗ କଲେ ସହକାରୀ ଯନ୍ତ୍ରୀ ଶୁଣିବା ଓ ତଦନ୍ତ କରିବା ପରିବର୍ତ୍ତେ ଓଲଟା ଅଭିଯୋଗକାରୀ ଏପରିକି ଗଣମାଧ୍ୟମକୁ ମଧ ଆମେ ଯାହା କରୁଛୁ ଠିକ କରୁଛୁ ବୋଲି କହୁଛନ୍ତି। ଜିଲା ସ୍ତରୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ତଦନ୍ତ ପାଇଁ ଦାବି କରିଛନ୍ତି ଗ୍ରାମର ଶ୍ରୀଧର ଭୋଇ, ଗୋବିନ୍ଦ କଲସେର, କିସମଣି ପଟେଲ, ଧ୍ରୁବ ଦେହେରି, ଦୁର୍ଗା ନାଏକ, ର୍ବିବଲ ଜଏପୁରିଆ, କୁନା ବରିହା।

## ପ୍ରଶାସନର ହସ୍ତକ୍ଷେପ ପରେ କୋଇଲା ପରିବହନ ବିବାଦ ତୁଟିଲା

ସୁନ୍ଦରଗଡ଼,୧୩।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଥିବା ଏମ୍‌ସିଏଲ ଗର୍ଜନବାହାଲ କୋଇଲା ଖଣିରୁ କୋଇଲା ପରିବହନକୁ ନେଇ ୨ ପରିବହନକାରୀ ସଂସ୍ଥା (ଟ୍ରାନ୍ସପୋର୍ଟର) ମଧ୍ୟରେ ଦେଖାଦେଇଥିବା ବିବାଦ ପ୍ରଶାସନର ହସ୍ତକ୍ଷେପ ପରେ ସମାଧାନ ହୋଇଛି। ଶୁକ୍ରବାର ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଉପସ୍ଥିତିରେ ଏହି ବିବାଦ ତୁଟିବା ପରେ ସମସ୍ତ ଗାଡି ଚଳାଇବା ପାଇଁ ଓଡିଶା ଟ୍ରାନ୍ସପୋର୍ଟ କମ୍ପାନୀର ସମସ୍ତ ଗାଡି ଖଣି ଭିତରକୁ ପ୍ରବେଶ କରି ଲୋଡିଂ କାର୍ଯ୍ୟ ଆରମ୍ଭ କରି କୋଇଲା ପରିବହନ କରିଛି। ପ୍ରକାଶ ଥାଉ କି ଗତ ୨ତାରିଖରେ ଓଡିଶା ଟ୍ରାନ୍ସପୋର୍ଟ କମ୍ପାନୀ ପଡୋଶୀ ଛତିଶଗଡ ରାଜ୍ୟର ରାଏଗଡସ୍ଥିତ ମେନେଟ ଇସ୍ପାତ କାରଖାନାକୁ ୫୦ହଜାର ଟନ୍ କୋଇଲା ପରିବହନ ପାଇଁ ନିର୍ଦ୍ଦେଶନାମା ପାଇଥିବା ବେଳେ ଏହାକୁ ଏକ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀ ବିରୋଧ କରି ପରିବହନରେ ବାଧା ଦେଇ ଆସୁଥିଲେ। ଏପରିକି ଏହି ପ୍ରଭାବଶାଳୀ ଗୋଷ୍ଠୀର ବ୍ୟକ୍ତିମାନେ ଓଡିଶା ଟ୍ରାନ୍ସପୋର୍ଟ କମ୍ପାନୀର ୨୦ଟି ଗାଡିକୁ ଖଣି ଭିତରେ ଧମକଚମକ ଦେଇ ଅଟକାଇ ରଖିଥିଲେ। ଏସମ୍ପର୍କରେ ଓଡିଶା ଟ୍ରାନ୍ସପୋର୍ଟ କମ୍ପାନୀ ତରଫରୁ ମଙ୍ଗଳବାର ହେମଗିର ଥାନାରେ ରିପୋର୍ଟ କରାଯିବା ସହ ଗୁରୁବାର କମ୍ପାନୀର ସମସ୍ତ କର୍ମଚାରୀ ଆସି ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ,ଏସ୍‌ପି ସାଗରିକା ନାଥ ଓ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ସାକ୍ଷାତ କରି ଏହାର ସମାଧାନ ପାଇଁ ଦାବି କରିଥିଲେ।

## ଟ୍ରକ୍ ଧକ୍କାରେ ବୃଦ୍ଧା ମୃତ: ରାସ୍ତାରୋକୋ

ସୁନ୍ଦରଗଡ଼ /ନୂଆଗାଁ, ୧୩।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ସୋରଡା କଦମଟୋଲି ନିକଟରେ ଶୁକ୍ରବାର ଅପରାହ୍ଣ ପ୍ରାୟ ସାଢେ ୪ଟାବେଳେ ପିଡିଏସ୍ ଚାଉଳ ବୋଝେଇ ଟ୍ରକ ଧକ୍କାରେ ମାଙ୍ଗୀ ଓରାମ (୭୦) ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛତ। ବୃଦ୍ଧାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି। ବିଶ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାତି ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରଖିଛନ୍ତି।

ମିଳିଥିବା ଖବର ଅନୁଯାୟୀ ରାଉରକେଲା ଏସ୍‌ଟିଆଇ ଗୋଦାମରୁ ଓଆର ୨୩-ଇ ୮୦୨୮ନଂ. ବିଶିଷ୍ଟ ୧୦ଚକିଆ ଟ୍ରକରେ ଚାଉଳ ବୋଝେଇ ହୋଇ ନୂଆଗାଁ ବ୍ଲକ ଚିତାପେଡି ଗ୍ରାମକୁ ଆସୁଥିଲା। ଏହି ସମୟରେ ଭାରସାମ୍ୟ ହରାଇ ଚାଉଳ ବୋଝେଇ ଟ୍ରକ୍ ରାସ୍ତା ପାର୍ଶ୍ୱରେ ଯାଉଥିବା ବୃଦ୍ଧାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇ ଥିବା ଟ୍ରକର ମାଲିକ ଘଟଣାସ୍ଥଳକୁ ଆସି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଉତ୍ୟକ୍ତ ଗ୍ରାମବାସୀ ଅଡି ବସିଛନ୍ତି। ଅପରପକ୍ଷେ ଗାଡିରେ ୪୯୮ ବସ୍ତା ପିଡିଏସ ଚାଉଳ ବୋଝେଇ ହୋଇଛି। ନିର୍ଦ୍ଧାରିତ ୧୫ଟନ୍ ଓଜନ ପରିବର୍ତ୍ତେ ଏହି ଟ୍ରକରେ ୨୫ କୁଇଣ୍ଟାଲ ଓଜନର ଓଭର ଲୋଡିଂ ହୋଇ ଚାଉଳ ବୋଝେଇ ହୋଇଛି। ଫଳରେ ଟ୍ରକ ଭାରସାମ୍ୟ ହରାଇ ଏହି ବୃଦ୍ଧାଙ୍କୁ ଧକ୍କା ଦେଇଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସ ଟ୍ରକ ଚାଳକ ଯଦୁମଣି ବଡାଇକଙ୍କୁ ଅଟକ ରଖି ଗ୍ରାମବାସୀଙ୍କୁ ବୁଝାସୁଝା କରୁଛି।

## ଗୀତାରାଣୀହାଙ୍ଗୀ ସ୍କୁଲରେ ଡ୍ରେସ୍ ବଣ୍ଟନ



ଗୀତାରାଣୀହାଙ୍ଗୀ ସ୍କୁଲରେ ଡ୍ରେସ୍ ବଣ୍ଟନ କରାଯାଉଛି।

ଟେନ୍‌ସା,୧୩।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଡେଙ୍ଗୁଳା ଗ୍ରାମପଞ୍ଚାୟତରେ ଥିବା ଗୀତାରାଣୀହାଙ୍ଗୀ ସ୍କୁଲରେ ଡ୍ରେସ ବଣ୍ଟନ କରାଯାଇଛି। ଶୁକ୍ରବାର ସରକାରଙ୍କ କରୋନା ନିୟମକୁ ପାଳନ କରାଯାଇ ଡ୍ରେସ୍ ବଣ୍ଟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସମୀର କୁମାର ପାଢୀ ଯୋଗଦେଇ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପ୍ୟାଣ୍ଟ, ସାର୍ଟ, ଜୋତା ଆଦି ବଣ୍ଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଦୀନବନ୍ଧୁ ଜେନା, ଶିକ୍ଷୟିତ୍ରୀ ଶ୍ରୀମତୀ ମହାକୁଡ଼ ଯୋଗଦେଇ କରୋନା ନିୟମକୁ ପାଳନ କରି ଡ୍ରେସ, ଜୋତା ବଣ୍ଟନରେ ସହଯୋଗ କରିଥିଲେ। ଯେଉଁ ଛାତ୍ରୀଛାତ୍ର ନ ଆସିଥିଲେ ସେମାନଙ୍କ ଘରକୁ ଯାଇ ଡ୍ରେସ, ଜୋତା ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ନିଜ ପିଲାଙ୍କୁ ଆଣିବାରେ ସହଯୋଗ କରିଥିଲେ।

## ହାତୀ ଉପଦ୍ରବ: ଧାନ ଫସଲ ନଷ୍ଟ

ଲହୁଣୀପଡା,୧୩।୮(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଲିପୋଷ ବନାଞ୍ଚଳର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହି ଜଙ୍ଗଲି ହାତୀମାନେ ଦୁଇ ଦିନ ହେବ କୁଲିପୋଷ ରେଞ୍ଜ ମହୁଲଡିହା ସେକସନର ବିଭିନ୍ନ ଗ୍ରାମରେ ପହଞ୍ଚି ଅନେକ ଚାଷୀଙ୍କ ଜମିରେ ଧାନ ଫସଲ ମାଡି ଦଳି ଚକଟି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଏହି ହାତୀ ପଲ ଦେବଗଡ ଜିଲା ବାରକୋଟ ବ୍ଲକର ସିଂହଶାଳ ଗ୍ରାମ ଦେଇ ମହୁଲଡିହା ସେକସନର ମୁଚୁରନାଳୀ ଗ୍ରାମ ଦେଇ ପ୍ରବେଶ କରିଥିଲେ। ଝିଙ୍କନାଳି ଗ୍ରାମର ଅନେକ ଲୋକଙ୍କ ଚାଷ ଜମି ମାଡି ଦଳି ନଷ୍ଟ କରି ଦେଇଛନ୍ତି ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ଗୁଲିପୋଷ ରେଞ୍ଜ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କୁଲିପୋଷ ରେଞ୍ଜ ତରଫରୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ଏହି ଜଙ୍ଗଲି ହାତୀ ପଲରେ ଦନ୍ତା, ଛୁଆ, ମାଈ ହାତୀ ପ୍ରାୟ ୧୦ଟା ଥିବା ବେଳେ ତିନି ଦିନ ଧରି ଏ ଅଞ୍ଚଳରେ ବୁଲାବୁଲି କରି ଧାନ ଫସଲ ନଷ୍ଟ କରିଛନ୍ତି। ବନ ବିଭାଗର ମହୁଲଡିହା ସେକସନ ଫରେଷ୍ଟର ଡେରୁଲାନନ୍ଦ ଗଡନାୟକଙ୍କ ନେତୃତ୍ୱରେ ବନରକ୍ଷୀ ରଞ୍ଜନ କୁମାର ରାଉତ, କୁଶଳେଶ୍ୱର ମାହାନ୍ତ ସମେତ ବନ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ମିଳିତ ଭାବେ ହାତୀମାନଙ୍କୁ ଜଙ୍ଗଲକୁ ଘଉଡେଇବା ପାଇଁ ଚେଷ୍ଟା ଚଳେଇଥିବା ଜଣାପଡିଛି।

# କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କଲେ ବିଧାୟକ

ଦେବଗଡ଼,୧୩।୮(ଡି.ଏନ.ଏ)

**ରେଳପଥ ସମେତ ଦେବଗଡ଼ ଜିଲାର ବିକାଶ ଦାବି**

ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଶୁକ୍ରବାର ଦିଲ୍ଲୀରେ ୩କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତକରି ରେଳପଥ ସହ ଜିଲାର ବିକାଶ ଦାବି କରିଥିଲେ। ବିଧାୟକ ପାଣିଗ୍ରାହୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସାକ୍ଷାତ କରିଥିଲେ। ନିର୍ମଣାଧିନ ତାଳଚେର-ବିମଳାଗଡ ରେଳପଥର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରିବା, ବ୍ରହ୍ମପୁର-ରେଢାଖୋଲ ରେଳପଥକୁ ଦେବଗଡ଼ ଦେଇ ଦେବଗଡ ଜିଲାର ବାରକୋଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଏବଂ ଝାରସୁଗୁଡା-କୁଚିଣ୍ଡା-ଦେବଗଡ଼ ଦେଇ ବାରକୋଟ ପର୍ଯ୍ୟନ୍ତ ରେଳପଥ ସଂଯୋଗ ନିମନ୍ତେ ଲିଖିତ ଦାବି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ମଧ ତାଙ୍କର ଦାବି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିବା ବିଧାୟକ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନୁରୂପ ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନଙ୍କୁ ସାକ୍ଷାତକରି ଦେବଗଡ ଜିଲାରେ ଏକ ଆୟୁର୍ବେଦିକ ମେଡିକାଲ କଲେଜ ସ୍ଥାପନ ସହ ପର୍ଯ୍ୟଟନ ଦକ୍ଷତା କେନ୍ଦ୍ର ସ୍ଥାପନ ପାଇଁ ମଧ ଲିଖିତ ଭାବେ ଦାବି ଜଣାଇଛନ୍ତି। ବିଧାୟକ ପାଣିଗ୍ରାହୀ ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ନୂତନ ଭାବେ ନିର୍ମିତ କଲ୍ୟାଣ ମଣ୍ଡପର ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନକୁ ହସ୍ତାନ୍ତର ପାଇଁ ମଧ ତାଙ୍କର ଦାବିପତ୍ରରେ ଉଲ୍ଲେଖ କରିଥିବା ଜଣାପଡିଛି। ସେହିପରି କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଟୁଡୁଙ୍କୁ ସାକ୍ଷାତ କରି ତିଳେଇବଣି ସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)କୁ କେନ୍ଦ୍ରୀୟ ଯୋଜନାରୁ ଅଧିକ ଅନୁଦାନ ଯୋଗାଇ ଦେବାକୁମଧ ଲିଖିତ ଭାବେ ଦାବିଜଣାଇଛନ୍ତି।





ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତକରି ଆଲୋଚନା କରୁଛନ୍ତି।

# ସରକାରୀ ଜମି ହଡ଼ପ ଉଦ୍ୟମକୁ ବିରୋଧ

ରାଉରକେଲା ଅଫିସ୍,୧୩।୮

ରାଉରକେଲା ସିଭିଲ ଟାଉନଶିପ୍‌ର ୭/୮ ଅଞ୍ଚଳରେ କୋଟି କୋଟି ଟଙ୍କାର ସରକାରୀ ଜମି ହାତେଇବା ପାଇଁ ଚାଲିଥିବା ଉଦ୍ୟମକୁ ରାଉରକେଲା ଜିଲା କଂଗ୍ରେସ ତୀବ୍ର ବିରୋଧ କରିଛି। ଏହି ଜମିରେ ଆବାସିକ ଆପାର୍ଟମେଣ୍ଟ ନିର୍ମାଣ କରି ଉକ୍ତ ଅଞ୍ଚଳରେ ଦୀର୍ଘ ୫୦ ବର୍ଷ ଧରି ବସବାସ କରିଆସୁଥିବା ଭୂମିହୀନ ଗରିବ ବସ୍ତିବାସିନ୍ଦାଙ୍କୁ ଆବଣ୍ଟନ କରିବା ପାଇଁ ଦଳ ତରଫରୁ ଦାବି କରାଯାଇଛି।

ସୂଚନା ଅନୁସାରେ, ଗୁରୁବାର ରାତିରେ ରାଉରକେଲା ୭/୮ ଅଞ୍ଚଳର ୪୨ ନମ୍ବର ଟାଉନ ୟୁନିଟ୍ ଖାତା ନ.୧୧୧ରେ କେତେକ ଲୋକ ଲୁହା ଆଙ୍ଗେଲ ପୋତି ଦଖଲ କରୁଥିବା ଜଣାପଡିଥିଲା। ଶୁକ୍ରବାର ସକାଳେ ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, କଂଗ୍ରେସ ନେତା ବିରେନ ସେନାପତି, ଜିଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ବ୍ଲକ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। କଂଗ୍ରେସ ନେତୃବୃନ୍ଦ ଘଟଣାସ୍ଥଳରେ ପହଞ୍ଚିବା କ୍ଷଣି ସେଠାରେ କାର୍ଯ୍ୟରତ ଶ୍ରମିକ ଓ କାମ କରାଉଥିବା ଲୋକମାନେ ଘଟଣାସ୍ଥଳ ଛାଡି ପଳାଇ ଯାଇଥିଲେ। ଏ ସମ୍ପର୍କରେ ଅନୁଧ୍ୟାନ କରିବାରୁ ଇଡ୍‌କୋ ଉକ୍ତ ଜମି ଓ ଖାତାରୁ ପ୍ରାୟ ୬୦ ଡେସିମିଲ ଜମି ରିଲାଏବଲ ସ୍କୁଲ ପର୍ଯ୍ୟଟନ ଶିଳ୍ପ ପାଇଁ ଗତ ଜୁନ୍ ମାସରେ ଆବଣ୍ଟନ କରିଥିବା ଜଣାପଡିଥିଲା। ଇଡ୍‌କୋର ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ ଜମି ଆବଣ୍ଟନ କଥା ସେମାନେ ସ୍ୱୀକାର କରିଥିବା ବେଳେ ଆବଣ୍ଟିତ ଜମି ଚିହ୍ନଟ କରି ଦଖଲ ଦିଆଯାଇ ନ ଥିବା କହିଥିଲେ। ଉକ୍ତ ଅଞ୍ଚଳରେ ଆବାସିକ ଜମିର ସରକାରୀ ମୂଲ୍ୟ ଡେସିମିଲ୍ ପ୍ରତି ୧୩ ଲକ୍ଷ ୭୫ ହଜାର ଥିବା ବେଳେ ଇଡ୍‌କୋ କର୍ତ୍ତୃପକ୍ଷ କାହିଁକି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଡେସିମିଲ୍ ପିଛା ମାତ୍ର ୫୦ ହଜାର ଟଙ୍କାରେ ଆବଣ୍ଟନ କରୁଛନ୍ତି ତାକୁ ନେଇ କଂଗ୍ରେସ ପ୍ରଶ୍ନ କରିଛି। ଅପରପକ୍ଷେ କଂଗ୍ରେସ ପ୍ରତିନିଧି ଦଳ ରାଉରକେଲା ତହସିଲଦାରଙ୍କୁ ସାକ୍ଷାତ କରି ଏହା ଉପରେ ଜାଣିବାକୁ ଚାହିଁବାରୁ ତହସିଲଦାର ସମ୍ପୃକ୍ତ ୪୨ ନମ୍ବର ଟାଉନ ୟୁନିଟ୍‌ରେ ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ଚଳିତ ବର୍ଷ ୧ଏକର ୨୫ ଡେସିମିଲ୍ ଜମିରୁ ଶିଳ୍ପ ବିକାଶ ପାଇଁ ଡେସିମିଲ ପିଛା ମାତ୍ର ୬୦ ହଜାର ଟଙ୍କାରେ ଦିଆଯାଇଥିବା ସୂଚନା ଦେଇଥିଲେ। ୪୨ ନମ୍ବର ଟାଉନ ୟୁନିଟ୍‌ରେ ସ୍ଥାନୀୟ ଜମି ଆବଣ୍ଟନ କମିଟି ଆବାସିକ ଜମି ଡେସିମିଲ ପିଛା ୧୩ ଲକ୍ଷ ୭୫ ହଜାର ଟଙ୍କାରେ ଆବଣ୍ଟନ କରୁଥିବା ବେଳେ ସମାନ ସ୍ଥାନରେ ସେହି ଜମିକୁ ମାତ୍ର ୬୦ ହଜାର ଟଙ୍କାରେ ଇଡ୍‌କୋ ହାତରେ ଟେକିଦେବା ଓ ଇଡ୍‌କୋ କର୍ତ୍ତୃପକ୍ଷ ଜଣେ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ମାତ୍ର ୮୫ ହଜାର ଟଙ୍କାରେ ଆବଣ୍ଟନ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ଜମି ଆବଣ୍ଟନ ପଛରେ ଏକ ବଡଧରଣର ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରି ତୁରନ୍ତ ଜମି ଆବଣ୍ଟନ ବାତିଲ୍ କରିବା ପାଇଁ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଏହି ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ କଂଗ୍ରେସ ତୀବ୍ର ଆନ୍ଦୋଳନ କରିବ ବୋଲି ତିର୍କୀ ଚେତାବନୀ ଦେଇଥିବା ଜିଲା ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।



କଂଗ୍ରେସ ନେତୃବୃନ୍ଦ ଜମି ହଡପ ଘଟଣାର ଅନୁଧ୍ୟାନ କରୁଛନ୍ତି।

## ଏବିଭିପିର ଏକ ଗାଁ ଅଭିଯାନ ଆରମ୍ଭ

ସମ୍ବଲପୁର,(ବ୍ୟୁରୋ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଏକ ଗାଁ, ଏକ ବିଦ୍ୟାର୍ଥୀ, ଏକ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ମାନେଶ୍ୱର ବ୍ଲକ ଅନ୍ତର୍ଗତ ଡାକ୍ତର ଝସକେତନ ସାହୁ ମହାବିଦ୍ୟାଳୟଠାରେ ସଂଯୋଜକ ଛନ୍ଦାଚରଣ ଦଳପତଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ବିଭାଗ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା, ରାଜନ ବିଶ୍ୱାଳ, ନିର ନାଥ, ବିଷ୍ଣୁ ସିଂ ଓ ଯୋଗେଶ୍ୱର ହଳଦିଆ ପ୍ରମୁଖ ସହଯୋଗ କରିଥିଲେ। ଅଗଷ୍ଟ ୧୫ ତାରିଖରେ ସମସ୍ତେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଏବିଭିପି କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ୬୦ ଲିଟର ଦେଶୀମଦ ଜବତ, ଜଣେ ଗିରଫ

**ରେଢ଼ାଖୋଲ,୧୩।୮(ଡି.ଏନ.ଏ.):** ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିସିଣ୍ଡା ଥାନା ଅନ୍ତର୍ଗତ ଧଳପୁର ଗ୍ରାମରେ ଚଢ଼ାଉ କରାଯାଇ ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଡେଲଫିନ୍ସ ଚେଲେକଚେଲା ନାମକ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୬୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଥିବା ଅବକାରୀ ଉପନିରୀକ୍ଷକ ବିଷ୍ଣୁଚରଣ ମଲ୍ଲିକ କହିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନକୁ ଏସ୍‌ଡିଜେଏମ୍ ସାନ୍ତା ସାମଲ ଖାରଜ କରିବା ଯୋଗୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଚଢ଼ାଉରେ ଅବକାରୀ ଏଏସ୍‌ଆଇ ବିନୋଦିନୀ ବେହେରା, ସିପାହି ଦିଲୀପ ସ୍ୱାଇଁ, ଶ୍ୟାମ ଭୋଇ, ମୋହନ ବେହେରା ପ୍ରମୁଖ ସାମିଲ ଥିଲେ।

### ବିଦ୍ୟୁତ୍ କର୍ମଚାରୀ ସଂଘ ବୈଠକ

**ବ୍ରଜରାଜନଗର,୧୩।୮(ଡି.ଏନ.ଏ.):** ଝାରସୁଗୁଡା ଜିଲା ବିଦ୍ୟୁତ କର୍ମଚାରୀ ସଂଘ ବୈଠକ ଏଠାରେ ଏକ ହୋଟେଲରେ ସଂଘ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ସୁବାସ ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଟିପିଡବ୍ଲ୍ୟୁଓଡିଏଲ ପ୍ରତ୍ୟେକ କର୍ମଚାରୀଙ୍କ ପଦୋନ୍ନତି ଜନିତ ପରୀକ୍ଷା ଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୦ରୁ ଲାଗୁ ହୋଇଥିବା ପାଉଣା ଉପରେ ଏମ୍‌ଡିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନୂଆପଡା ଜିଲାରେ ବିନା ଦୋଷରେ ଆକ୍ରମଣର ଶିକାର ହୋଇଥିବା ଲାଇନ ମ୍ୟାନଙ୍କ ଏତଲା ଆଧାରରେ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆଲୋଚନା ହୋଇଥିଲା । ଦୋଷୀଙ୍କୁ ଗିରଫ କରା ନ ଗଲେ ମହାସଂଘ ରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଥିଲେ ।

### ନାକଟିଦେଉଳ ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ

**ନାକଟିଦେଉଳ,୧୩।୮(ଡି.ଏନ.ଏ.):** ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପୂର୍ତ୍ତି ଅବସରରେ ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ପକ୍ଷରୁ ଶୁକ୍ରବାର ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକର ବଳମ ଓ ଉପରମୁଣ୍ଡା ୟୁଥ୍ ସ୍ପୋର୍ଟିଂ କ୍ଲବ ସଦସ୍ୟ ଯୋଗଦେଇ ଡାକ୍ତରଖାନା ପରିସର ସଫେଇ କରିଥିଲେ। ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବ ସଦସ୍ୟଙ୍କୁ ଉତ୍ସାହିତ କରିବା ସହ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅରୁଣ କୁମାର ସାହୁ ସୂଚନା ଦେଇଥିବା ବେଳେ ଶେଷରେ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ

**ରେଢାଖୋଲ,୧୩।୮(ଡି.ଏନ.ଏ.):** ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତର ବୈଷ୍ଣବଝୋଲି ଅଙ୍ଗନୱାଡି କେନ୍ଦ୍ର ପାଇଁ କର୍ମୀ ଚୟନରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଏକ ଦାବିପତ୍ର ବିଡିଓ ପରିକ୍ଷିତ ସାହୁଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବୈଷ୍ଣବଝୋଲି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତି ପାଇଁ ୨୯।୬।୨୦୨୧ରେ ନୋଟିସ ନଂ.୮୨୦ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ଗ୍ରାମର ୬ ଜଣ ଆବେଦନ କରିଥିଲେ। ତେବେ ମାଟ୍ରିକ ପରୀକ୍ଷାରେ କମ ନମ୍ବର ରଖିଥିବା ପ୍ରାର୍ଥିନୀଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଯୋଗ୍ୟ ପ୍ରାର୍ଥିନୀଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଏମ୍‌ଡି ମୁସଲିମ, ଲକ୍ଷ୍ମଣ ସାହୁ, ଜ୍ୟୋତି ଏକ୍କାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ପ୍ରତାରଣା

**କୁଚିଣ୍ଡା,୧୩।୮(ଡି.ଏନ.ଏ.):** କୁଚିଣ୍ଡା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ମହୁଲପାଲି ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଅଟକ ରଖିଛି। ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ ଯୁବକଜଣକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଛି।

# ବାଇକ୍ ଚୋରି ର୍ୟାକେଟ ରହସ୍ୟ ଉନ୍ମୋଚିତ

**ସମ୍ବଲପୁର,୧୩।୮ (ବ୍ୟୁରୋ)**

୨ ବର୍ଷ ଧରି ସମ୍ବଲପୁର ଜିଲାରେ ଚାଲିଥିବା ବାଇକ୍ ଚୋରି ର୍ୟାକେଟର ରହସ୍ୟ ଉନ୍ମୋଚନ ହୋଇଛି। ବିଭିନ୍ନ ଥାନା ପୋଲିସ ୨୧ ବାଇକ୍ ସହ ଗୋଟିଏ ଚାରିଚକିଆ ଗାଡ଼ି ଜବତ କରିଛି। ଏଥିରେ ସମ୍ପୃକ୍ତ ୧୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ରେଙ୍ଗାଲି ଥାନା ଅଞ୍ଚଳରୁ ଧରାପଡିଥିବା ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ରେଙ୍ଗାଲି ଥାନା ଅଞ୍ଚଳରୁ ଗିରଫ ଅଭିଯୁକ୍ତମାନେ ହେଲେ ମଦନ ସୁନ୍ଦର ଖଡିଆ (୨୯), ଜିତୁ ମାଝି (୨୭)। ସେହିପରି ଧନୁପାଲି ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ନିମାଇଁଚରଣ ନାୟକ (୨୫), ଟୁନା ଭୋଇ (୨୦), ଅଜୟ ଦେହୁରି



ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

(୨୨), କୃଷ୍ଣ ଚନ୍ଦ୍ର ସାହୁ (୨୨), ବାବୁଲାଲ ପ୍ରଧାନ (୩୫), ଶ୍ରୀରାମ କର୍ମୀ (୨୭), ସୁନୀଲ ମହାନନ୍ଦ (୨୩), ଇନ୍ଦ୍ରମଣି ପୋଡ଼ (୨୩)। ଟାଉନ ଥାନା ପୋଲିସ ଦ୍ୱାରା ଲକ୍ଷ୍ମୀନନ୍ଦ ନାୟକ (୨୫), ସୁବାସ ମହାନନ୍ଦିଆ (୨୧) ଗିରଫ ହୋଇଛନ୍ତି। ଏ ନେଇ ବିଭିନ୍ନ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ସମ୍ବଲପୁର ଏସ୍‌ପି

### ୨୧ ବାଇକ୍ ଜବତ, ୧୨ ଅଭିଯୁକ୍ତ ଗିରଫ

ବାତୁଲା ଗଙ୍ଗାଧର କହିଛନ୍ତି, ସମ୍ବଲପୁର ସହର ସମେତ ରେଢ଼ାଖୋଲ, କୁଚିଣ୍ଡା, ଜମନକିରା, ଯୁଯୁମୁରା ଅଞ୍ଚଳରେ ପ୍ରାୟ ୨ବର୍ଷ ଧରି ଏହି ର୍ୟାକେଟ ବାଇକ୍ ଓ ଚାରିଚକିଆ ଗାଡି ଚୋରି କରିଆସୁଥିଲା। ବିଶେଷସୂତ୍ରରୁ ଖବର ମିଳିବା ପରେ ସେମାନଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ବାଇକ୍ ଉଦ୍ଧାର କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ୨ ଜଣଙ୍କ ନାମରେ ବାଇକ୍ କିଣିବା ଅଭିଯୋଗରେ ମାମଲା ରୁଜୁ ହୋଇଛି।

# ଅଧ୍ୟାପକଙ୍କ ଅସଦାଚରଣ ମାମଲା: ସାକ୍ଷ୍ୟ ପ୍ରମାଣ ଅଭାବରୁ ମୁଦାଲା ସପକ୍ଷରେ ରାୟ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଜଜ୍ (ସ୍ୱତନ୍ତ୍ର) ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଅଧ୍ୟାପକ ପ୍ରଫେସର ଖଗେନ୍ଦ୍ରନାଥ ସେଠୀଙ୍କ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ବିଭୂତି ପଟ୍ଟନାୟକ, ପ୍ରଦୀପ ମିଶ୍ର, ସୁଦିପ ପଣ୍ଡା, ଯୁଧିଷ୍ଠିର ପ୍ରଧାନ ଥିବା ବେଳେ ପୀଡିତାଙ୍କ ପକ୍ଷରେ ସରକାରୀ ଓକିଲ ମାମଲା ଲଢୁଥିଲେ। ଘଟଣା ନେଇ ୨୦୧୫ ଜାନୁୟାରୀ ୭ରେ ଅଧ୍ୟାପକ ରଜତ କୁମାର କୁଜୁର ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୁର୍ଲା ପୋଲିସ ଅଭିଯୋଗ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏସ୍‌ୟୁ କର୍ତ୍ତୃପକ୍ଷ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରଫେସର ସେଠୀଙ୍କୁ ନିଲମ୍ବନ କରିଥିଲେ। ମାମଲାରେ ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

# ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ



ଶପଥପାଠ କରୁଛନ୍ତି ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ।

**ଜମନକିରା,୧୩।୮(ଡି.ଏନ୍.ଏ.)**

ଜମନକିରା ଯୁକ୍ତ ୩ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ସ୍ୱଚ୍ଛତା ଦିବସ ନେଇ ଶପଥ ପାଠ କରାଇଥିଲେ। ଅଧ୍ୟାପିକା ଡ. ତୃପ୍ତି ମିଶ୍ର, ଅରୁଣା ମିଶ୍ର, ସାଇନା ଭୋଇ, କୁଣ୍ଟୁଳୀ ମହାନନ୍ଦ, ଚେତନା ଗଡ଼ତିଆ, ସୁଲକ୍ଷଣା ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

# ଆକୃଷ୍ଟ କରୁଛି ତ୍ରିରଙ୍ଗ ଚକ୍ରି, ସମ୍ବଲପୁରୀ ରାଖୀ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ଗୋଟିଏ ଦିନ ପରେ ଅଗଷ୍ଟ ୧୫ ଓ କିଛିଦିନ ପରେ ରାଖୀ ପର୍ବ ଆସିବ। କୋଭିଡ୍ କଟକଣା ସତ୍ତ୍ୱେ ବଜାରରେ ଗହଳଚହଳ ଦେଖିବାକୁ ମିଳୁଛି। ପ୍ରତିବର୍ଷ ପରି ବଜାରରେ ଜାତୀୟ ପତାକା ବିକ୍ରି ହେଉଛି । ହେଲେ ଚଳିତବର୍ଷ ତ୍ରିରଙ୍ଗ ଥିବା କାଗଜ ତିଆରି ଚକ୍ରି ବିକ୍ରି କରାଯାଉଛି, ଯାହା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଯୁବତୀ ଯୁବକଙ୍କଠାରୁ ଛୋଟ ପିଲାମାନେ ଏହାକୁ ଆଗ୍ରହରେ କିଣି ନେଉଛନ୍ତି। ଜଣେ ଫେରିବାଲା କହିଛନ୍ତି, ଲୋକଙ୍କୁ ଆକୃଷ୍ଟ କରିବା ଲାଗି ଜାତୀୟ ପତାକା ରଙ୍ଗ ଭଳି କାଗଜରେ ଚକ୍ରି ତିଆରି କରିଛୁ। ଫଳରେ ବିକ୍ରି ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଜାତୀୟ ପତାକା ସାଙ୍ଗରେ ଲୋକେ ଚକ୍ରି କିଣି ନେଉଛନ୍ତି। କୋଭିଡ୍ ପାଇଁ ବଜାର ମାନ୍ଦା ରହିଛି। ତେଣୁ ପତାକା ସହିତ ଆଉ କିଛି ବିକ୍ରି କଲେ ଅଧିକ ଦୁଇ ପଇସା ରୋଜଗାର ହୋଇଯିବ ଭାବି ଏଭଳି କରୁଛୁ ବୋଲି କହିଥିଲେ।



ସମ୍ବଲପୁର ଗୋଲବଜାରରେ ତ୍ରିରଙ୍ଗ ଥିବା ଚକ୍ରି ବିକ୍ରି କରାଯାଉଛି ।

ସେହିପରି ପ୍ରଥମ କରି ବଜାରରେ ସମ୍ବଲପୁରୀ ଡିଜାଇନ (ଝଲକ)ର ରାଖୀ ମିଳୁଛି। ଫ୍ୟାନ୍ସି ସହିତ ସମ୍ବଲପୁରୀ ଝଲକ ଥିବା ରାଖୀର ଚାହିଦା ଅଧିକ ରହୁଛି। ବିକ୍ରି ପାଇଁ ସମସ୍ୟା ହେଉ ନାହିଁ। ଗୋଟିଏ ରାଖୀ ପିଛା ୨୦ରୁ ୫୦ ଟଙ୍କା ରହିଛି। ତଥାପି କୋଭିଡ୍ ପାଇଁ ବଜାର ମାନ୍ଦା ରହିଥିବା ଦୋକାନୀମାନେ କହିଛନ୍ତି।

# ପର୍ଯ୍ୟଟନସ୍ଥଳ ବିକାଶ ପାଇଁ ୭୫ଲକ୍ଷ ମଞ୍ଜୁର

**ସମ୍ବଲପୁର/ନାକଟିଦେଉଳ, ୧୩।୮(ବ୍ୟୁରୋ/ଡି.ଏନ.ଏ.)**

ରେଢାଖୋଲ ନିର୍ବାଚନମଣ୍ଡଳୀର ୩ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ୭୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ନାକଟିଦେଉଳ ବ୍ଲକର ପ୍ରସିଦ୍ଧ ପୌରାଣିକ ସ୍ଥଳୀ ଭୀମ ମଣ୍ଡଳୀର ବିକାଶ ପାଇଁ ୨୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ରେଢାଖୋଲ ନିକଟ ରଞ୍ଜନା ପିକ୍‌ନିକ୍ ସ୍ପଟ ପାଇଁ ୨୫ଲକ୍ଷ ଓ ସାହାସପୁର ଗିରିଗୋବର୍ଦ୍ଧନ ମନ୍ଦିର ବିକାଶ ପାଇଁ ୨୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏ ସମ୍ପର୍କରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଇ.ବି. ଜେନା ବିଭାଗୀୟ ଚିଠିସଂଖ୍ୟା ୬୫୭୬/ତା୫।୮।୨୧ରେ ସମ୍ବଲପୁର ଜିଲାପାଳଙ୍କୁ ପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ ଭୀମ ମଣ୍ଡଳୀକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ସହ ଏହାର ବିକାଶ ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଥିଲା। ଏ ନେଇ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ରାଜ୍ୟ ସରକାର ଏବଂ ପର୍ଯ୍ୟଟନ ବିଭାଗକୁ ପତ୍ର ଲେଖିଥିଲେ। ବର୍ତ୍ତମାନ ଏହାର ବିକାଶ ପାଇଁ ଅନୁଦାନ ମଞ୍ଜୁର ହୋଇଥିବାରୁ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବିଜେଡ଼ି ଜିଲା ଉପସଭାପତି ଅନାଦି ଚରଣ ସାହୁ, ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରେଢାଖୋଲ ବିଧାୟକ ପୂଜାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପଞ୍ଚାୟତ ନିର୍ବାଚନକୁ ନେଇ କର୍ମୀଙ୍କୁ ଗୁରୁମନ୍ତ୍ର




କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ଝାରସୁଗୁଡ଼ା ଅଫିସ,୧୩।୮**

### ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡାର ଏକ ହୋଟେଲ୍‌ରେ ଶୁକ୍ରବାର ବିଜେଡି ଜିଲା ସଭାପତି କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡପଡା ବିଧାୟକ ତଥା ଜିଲା ମୁଖ୍ୟ ପର୍ଯ୍ୟବେକ୍ଷକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ତଥା ଜିଲା ପର୍ଯ୍ୟବେକ୍ଷକ ସୁବାସ ସିଂହ, ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ରାଜ୍ୟ ମହିଳା ଉପସଭାପତି ସାଧନା ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହାକୁ ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ପରିଚାଳନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଦଳ ଯେମିତି ଶତପ୍ରତିଶତ ସଫଳତା ପାଇବ ଏ ସମ୍ପର୍କରେ ପର୍ଯ୍ୟବେକ୍ଷକମାନେ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟ ଚୌଧୁରୀ, ରବି ସିଂହ, ତ୍ରିନାଥ ଗୁଆଲ ଓ ଟିକେଶ୍ୱର ସେନାପତି, ମନୋରଞ୍ଜନ ମହାପାତ୍ର, ଜୟ କୁମାରୀ ପଟଲେ, ମିନତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ବିଜେଡି ଯୁବ ସଭାପତି ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ ।

# ଭାଜପା କୃଷକ ମୋର୍ଚ୍ଚାର ଜିଲାପାଳଙ୍କୁ ସ୍ମାରକପତ୍ର



ଭାଜପା ନେତୃବୃନ୍ଦ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୧୩।୮**

କୃଷକଙ୍କ ୪ଦଫା ସମ୍ବଳିତ ଦାବି ନେଇ ଝାରସୁଗୁଡା ଜିଲା କୃଷକ ମୋର୍ଚ୍ଚା ତରଫରୁ ଶୁକ୍ରବାର ଜିଲାପାଳ ସରୋଜ ସାମଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ଦର୍ଶାଯାଇଛି ଲ୍ୟାମ୍ପସ୍ ଓ ପାକ୍ସରୁ ଜିଲାର କୃଷକମାନଙ୍କୁ ସାର ଦିଆଯାଉଥିବାବେଳେ ଏହା ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ସେମାନେ ଚଢା ଦରରେ ବାହାର ମାର୍କେଟ୍‌ରୁ ସାର କିଣୁଛନ୍ତି। ଚାଷୀମାନେ ଚାଷ କାମରେ ବ୍ୟସ୍ତ ରହିଥିବାବେଳେ ଅନ୍ୟପଟେ ଧାନ ବିକ୍ରି ପାଇଁ ପାକ୍ସରେ ନାମ ପଞ୍ଜୀକରଣ କରିବାରେ ଲାଗିଛନ୍ତି। ଏହାକୁ ଦୃଷ୍ଟିରେ ରଖି ନାମ ପଞ୍ଜୀକରଣ ୧ ମାସ ବୃଦ୍ଧି ପାଇଁ ଦାବି ହେଉଛି। ଅନ୍ୟ ଜିଲାରେ କୃଷକଙ୍କୁ ଫସଲ ବୀମା ପ୍ରଦାନ କରାଯାଇଥିବାବେଳେ ଝାରସୁଗୁଡା ଜିଲାର ଏହା ମିଳିନାହିଁ। ଚଳିତବର୍ଷ ଅନିୟମିତ ବର୍ଷା ସାଙ୍ଗକୁ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। ଅଞ୍ଚଳକୁ ମରୁଡି ଘୋଷଣା ପାଇଁ ଦାବି ହେଉଛି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା କୃଷକ ମୋର୍ଚ୍ଚା ସଭାପତି ମୁରାରୀ ପ୍ରସାଦ ପାଣିଗ୍ରାହୀ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ଉପସଭାପତି ନେତାଜୀ ପଟ୍ଟନାୟକ, ଭାଜପା ଜିଲା ଯୁବମୋର୍ଚ୍ଚା ଲିଗାଲ୍ ସେଲ୍ ରାମହରି ପୂଜାରୀ, ଜିଲା ସାଧାରଣ ସମ୍ପାଦକ ପ୍ରେମସେନ୍ ରଏ, ଜିଲା ଓବିସି ମୋର୍ଚ୍ଚା ସଭାପତି ରାଜେଶ କୁମାର ବିଶ୍ୱକର୍ମା, ଖୁର୍ସିଦ୍ ଆଲମ୍ ଖାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଇଡା ଓ ଦେହୁରିପାଲି ଗ୍ରାମର ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ପରେ ଦୁତିକା ସାହୁ ମହାବିଦ୍ୟାଳୟର ବିଜ୍ଞାନଗାର ଗୃହ, ଦଧିବାବନ ମହାପ୍ରଭୁ ଭୋଗଗୃହ, ଲଇଡା ମନ୍ଦିରପଡାରୁ ସମଲେଇ ମନ୍ଦିର ରାସ୍ତା, ଦେହୁରିପାଲି ଗ୍ରାମ ରାସ୍ତା ଆଦି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଦୁତିକା ସାହୁ କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ନାଏକ, ଲଇଡାର ଭାଜପା ମଣ୍ଡଳ ସଭାପତି ପ୍ରକାଶ ପୃଷ୍ଟି, ଜୟନାରାୟଣ ନାଏକ, ଅଜୟ ମହାପାତ୍ର, ଗୋପିନାଥ ରୋହିଦାସ, ଅଶୋକ ରୋହିଦାସ, ନିର୍ମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସୁସ୍ଥ ଦୌଡ କାର୍ଯ୍ୟକ୍ରମ

**ସମ୍ବଲପୁର,୧୩।୮ (ବ୍ୟୁରୋ)**

ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସୁସ୍ଥ ଦୌଡ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲାର ୭୫ଟି ଗ୍ରାମରେ ହୋଇଥିବା ସୁସ୍ଥ ଦୌଡରେ ୭୫ ଜଣ ଯୁବତୀ ଯୁବକ ଭାଗ ନେଇଥିଲେ। ଚଳିତ ମାସ ୨୮ ତାରିଖରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ ସୁସ୍ଥ ଦୌଡ କାର୍ଯ୍ୟକ୍ରମ ହେବ। ଏହାକୁ ନେହେରୁ ଯୁବ କେନ୍ଦ୍ର ଓ ଜାତୀୟ ସେବା ଯୋଜନା ମିଳିତ ଭାବେ ଆୟୋଜନ କରିବେ ବୋଲି କେନ୍ଦ୍ର ପକ୍ଷରୁ ସୂଚୀତ କରାଯାଇଛି ।

### ଲାୟନ୍ସ କ୍ଲବ ସିଲ୍କ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର,୧୩।୮(ବ୍ୟୁରୋ):** ସମ୍ବଲପୁର ଲାୟନ୍ସ କ୍ଲବ ସିଲ୍କ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଚାରଭାଟି ଆଶା ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ୮୦ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ମଧୁମେହ ରୋଗ ବିଷୟରେ ସଚେତନ କରାଯାଇଥିଲା। ଜିଲା ସଂଯୋଜକ ଚରନଜିତ କେହୁରା, ଭିନା ବେଦୀ, ଦୀପା ଚାୱଲା, ସଭାନେତ୍ରୀ ସରିତା ପୌଦାର, ସମ୍ପାଦିକା କୁସ୍ମିତ ହୁରା, କୋଷାଧ୍ୟକ୍ଷା ରାଧିକା ପୌଦାର ଶିବିର ପରିଚାଳନା କରିଥିଲେ। ଡା. ସୁଷମା ଦାଶ ରୋଗୀଙ୍କ ଚିକିତ୍ସା କରିଥିଲେ।

# ଜିଲାରେ ଦଳ କିଶୋର ମହାନ୍ତି, ସରକାର ନବ ଦାସ: ମୁଖ୍ୟ ପର୍ଯ୍ୟବେକ୍ଷକ

**ଝାରସୁଗୁଡ଼ା ଅଫିସ,୧୩।୮**

ଝାରସୁଗୁଡ଼ା ଜିଲାରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅବସରରେ ଦଳ ତରଫରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା । ଏଥିରେ ଖଣ୍ଡପଡା ବିଧାୟକ ତଥା ଜିଲା ମୁଖ୍ୟ ପର୍ଯ୍ୟବେକ୍ଷକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ତଥା ପର୍ଯ୍ୟବେକ୍ଷକ ସୁବାସ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ବିଧାୟକ କିଶୋର ମହାନ୍ତି ଉପସ୍ଥିତ ଥିଲେ। ଖବରଦାତାମାନେ ନେତୃମଣ୍ଡଳୀଙ୍କୁ ଜିଲାରେ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ପଚାରିଥିଲେ। ଏହାର ଉତ୍ତର ଦେଇ ଖଣ୍ଡପଡା ବିଧାୟକ ପଟ୍ଟନାୟକ କହିଥିଲେ, ଜିଲା ସଭାପତିଙ୍କ କହିବା ଅନୁଯାୟୀ ଦଳର ସ୍ଥିତି ମଜଭୁତ ରହିଛି । ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଜିଲାରେ ୨୦୧୯ରେ ସଂଖ୍ୟାଧିକ ଭୋଟ୍ ପାଇଥିଲୁ। ନବ ବାବୁଙ୍କ ବିଜେଡିରେ ଯୋଗଦାନ ପରେ ଜିଲାରେ ଦଳର ସାଙ୍ଗଠନିକ ଶକ୍ତି ବହୁଗୁଣରେ ବଢ଼ିଛି। ଦଳରେ କ'ଣ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ଯାହା ଫଳରେ ଆଗାମୀ ଦିନରେ ଦଳ ସଫଳତା ହାସଲ କରିବ ବୋଲି ଖବରଦାତାମାନେ ମୁଖ୍ୟ ପର୍ଯ୍ୟବେକ୍ଷକଙ୍କୁ ପ୍ରଶ୍ନ କରିଥିଲେ। ଏ ନେଇ ସେ କହିଥିଲେ ଦଳ ତରଫରୁ କାର୍ଯ୍ୟକ୍ରମ କରାଯାଇଛି ବୋଲି ଆଗାମୀ ଦିନରେ ଦଳ ସଫଳତା ପାଇବ। ଦଳ ଓ ସରକାରଙ୍କୁ କେମିତି ଏକାଧାରାରେ ନେଇ ଚାଲିଛି ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ଜିଲାର ଉଭୟ ନେତାଙ୍କୁ ଖୁସ୍ କରିବାକୁ ଯାଇ ମୁଖ୍ୟ ପର୍ଯ୍ୟବେକ୍ଷକ କହିଥିଲେ ଏଠାରେ ଦଳ ହେଲା କିଶୋର ମହାନ୍ତି ଓ ସରକାର ହେଲେ ନବ ଦାସ ଉଭୟ ଏକାଧାରାରେ ଚାଲିଛନ୍ତି।

# ପାଣିମୋରାରେ ମୋବାଇଲ ସେବା ଅପହଞ୍ଚ

**ରେଢାଖୋଲ,୧୩।୮(ଡି.ଏନ.ଏ.)**

ରେଢାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକର ପାଣିମୋରା ପଞ୍ଚାୟତରେ ମୋବାଇଲ ସେବା ଅପହଞ୍ଚ ହୋଇଛି। ଫଳରେ ପଞ୍ଚାୟତବାସୀ ଯୋଗାଯୋଗରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଶୁକ୍ରବାର ପଞ୍ଚାୟତର ଶତାଧିକ ମହିଳା ରେଢାଖୋଲ ଉପଜିଲାପାଳ ପବିତ୍ରମୋହନ ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତରେ କୌଣସି ଏକ ମୋବାଇଲ ଟାୱାର ସ୍ଥାପନ କରା ନ ଗଲେ ଆଗାମୀ ଦିନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ମାଓବାଦୀ ଉପଦ୍ରୁତ ତଥା ୫ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପୂର୍ବରୁ ପ୍ରତିଶ୍ରୁତି



ଉପଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ମହିଳାମାନେ।

ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଉନ୍ନତି ହୋଇପାରିନାହିଁ। ସାମାନ୍ୟ ମୋବାଇଲ ସେବା ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନରେ ପାଠ ପଢା ଯାଉଥିବା ବେଳେ ମୋବାଇଲ ସେବା ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ସେହିପରି କେହି ଅସୁସ୍ଥ କିମ୍ବା ଦୁର୍ଘଟଣାର

### ଉପଜିଲାପାଳଙ୍କୁ ପଞ୍ଚାୟତବାସୀଙ୍କ ଦାବିପତ୍ର

ସମ୍ମୁଖୀନ ହେଲେ ୧୦୮ କିମ୍ବା ଆମ୍ବୁଲାନ୍ସ ଡାକିବା ସମ୍ଭବ ହୋଇପାରୁ ନାହିଁ। ପ୍ରାୟ ୮ରୁ ୯ କି.ମି. ଗଲେ ମୋବାଇଲ ସେବା ମିଳୁଛି। ପୂର୍ବରୁ ଏ ନେଇ ଉପଜିଲାପାଳ ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଉପଜିଲାପାଳ ବେହେରା ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରପଞ୍ଚ ସନ୍ତୋଷିନୀ ସାହୁ, ରିନା ସାହୁ, ସୁଦର୍ଶନ ନାଏକ, ପ୍ରମୋଦ କୁମାର ଦେଓ, ପ୍ରିୟମ୍ବଦା ସମର୍ଥାଙ୍କ ସମେତ ପଞ୍ଚାୟତର ବହୁ ମହିଳାପୁରୁଷ ଦାବିପତ୍ର ପ୍ରଦାନ କରିଥିଲେ।

**ପଞ୍ଚାୟତସ୍ତରୀୟ ମହିଳା ଅଧିକାର ସାକ୍ଷାତ୍ ବୈଠକ**

ତରଭା(ଡି.ଏନ.ଏ.):ତରଭା ବ୍ଲକ ଅନ୍ତର୍ଗତ ବଘିଆ ଗ୍ରାମ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଦି ହଙ୍ଗର ପ୍ରୋଜେକ୍ଟ ଇଣ୍ଡିଆ ଆନୁକୂଲ୍ୟରେ ମହିଳା ଅଧିକାର ସାକ୍ଷାତ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ତରଭା ବ୍ଲକ ସଂଯୋଜକ ଲକ୍ଷ୍ମଣ କୁମାର ସାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଘିଆ ଗ୍ରାମ ପଞ୍ଚାୟତର ୧୫ ଜଣ ୱାର୍ଡ ପ୍ରତିନିଧି ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ସଭା କାର୍ଯ୍ୟ ଗୁଣନିଧି ମାଝୀ ପରିଚାଳନା କରିଥିବା ବେଳେ ପ୍ରମୋଦିନୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ନିଜ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ୱାର୍ଡ ପ୍ରତିନିଧି ପୁଷ୍ପକାନ୍ତି ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସଂକ୍ରମିତ ଶିଶୁଙ୍କ ପାଇଁ ୩ ହଜାର ବେଡ୍ ପ୍ରସ୍ତୁତ

**ତୃତୀୟ ଲହର ମୁକାବିଲା**



ଭୁବନେଶ୍ୱର, ୧୩।୮(ବ୍ୟୁରୋ): ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏ ନେଇ ଶୁକ୍ରବାର ଡିଏମ୍ଇଟି ସିବିକେ ମହାନ୍ତି ସୂଚନା ଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ରାଜ୍ୟରେ ସଂକ୍ରମିତ ଶିଶୁଙ୍କ ଲାଗି ୬ଶହ ବେଡ୍ ଆବଶ୍ୟକ ପଡ଼ିପାରେ। କିନ୍ତୁ ରାଜ୍ୟ ସରକାର ୩ହଜାର ବେଡ୍ ପ୍ରସ୍ତୁତ କରୁଛନ୍ତି। କେବଳ ଆଇସିୟୁ ଓ ଏଚ୍‌ଡିୟୁ ବେଡ୍ ୬୧୦ ରହିଛି। ଆବଶ୍ୟକସ୍ଥଳେ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ବି କରାଯିବ। କେଉଁ ସ୍ଥାନରେ କରାଯିବ ସେ ନେଇ କେସ୍ ଲୋଡ୍ ସ୍ଥିତି ଦେଖି ଆବଶ୍ୟକସ୍ଥଳେ ନିଷ୍ପତ୍ତି ନିଆଯିବ। ସେପଟେ ସମ୍ଭାବ୍ୟ ସ୍ଥିତିର ମୁକାବିଲା କରିବା ପାଇଁ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଜିଲା କମିଟି ଜିଲା ସ୍ତରରେ ସ୍ଥିତି ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବ। ପ୍ରସ୍ତୁତି କିପରି ଚାଲିଛି, କିପରି ତ୍ୱରାନ୍ୱିତ କରାଯିବ, ସଫଳ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ କ'ଣ ନିଆଯାଇପାରିବ ସେ ନେଇ କମିଟି ରିପୋର୍ଟ ଦେଲେ ସରକାର ପ୍ରସ୍ତୁତ ହେବେ। ଯଦି କୌଣସି ଲକ୍ଷଣ ଥିବା ଶିଶୁ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି ସେମାନଙ୍କର ଆର୍‌ଟିପିସିଆର ଟେଷ୍ଟ କରାଯିବ ବୋଲି ଡିଏମ୍ଇଟି କହିଛନ୍ତି।

### ସେବାୟତ ପରିବାରଙ୍କ ଦର୍ଶନ ଅବଧି ସରିଲା

ପୁରୀ ଅଫିସ,୧୩।୮: ଶ୍ରୀମନ୍ଦିରରେ ସେବାୟତ ପରିବାରର ସଦସ୍ୟମାନେ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେବାୟତ ପରିବାରର ସଦସ୍ୟଙ୍କ ପାଇଁ ଥିବା ସ୍ୱତନ୍ତ୍ର ୨ୟ ଦିନିଆ ଅବଧି ଶୁକ୍ରବାର ଶେଷ ହୋଇଛି। ଗୁରୁବାର ଭଳି ଶୁକ୍ରବାର ମଧ ମଙ୍ଗଳ ଆଳତିଠାରୁ ପହୁଡ଼ ପର୍ଯ୍ୟନ୍ତ ସେବାୟତ ପରିବାରର ସଦସ୍ୟମାନେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ଶନିବାର ଓ ରବିବାର ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବାକୁ ଥିବାବେଳେ ସୋମବାରଠାରୁ ପୁରୀ ସହରବାସୀଙ୍କ ପାଇଁ ଦର୍ଶନ ଆରମ୍ଭ ହେଉଛି। ପୁରୀ ସହରବାସୀଙ୍କୁ ୱାର୍ଡୱାରୀ ଦର୍ଶନ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ପୌରସଂସ୍ଥା ଟୋକନ୍ ବଣ୍ଟନ ବ୍ୟବସ୍ଥା ଆରମ୍ଭ ହୋଇସାରିଛି। ୱାର୍ଡୱାରୀ ଲୋକଙ୍କୁ ଟୋକନ୍ ବଣ୍ଟାଯାଉଥିବା ବେଳେ ପ୍ରତ୍ୟେକ ଦିନ ତିନି ପର୍ଯ୍ୟାୟରେ ଭିନ୍ନ ଭିନ୍ନ ୱାର୍ଡର ଲୋକେ ଦର୍ଶନ କରିବେ। ଟୋକନ୍ ଓ ପରିଚୟ ପତ୍ର ଦେଖାଇ ସହରବାସୀ ଦର୍ଶନ ସୁବିଧା ଉଠାଇପାରିବେ। କିଓସ୍କୋ ମାଧମରେ ଦର୍ଶନାର୍ଥୀମାନଙ୍କ ପରିଚୟ ପତ୍ରକୁ ସ୍କାନ୍ କରାଯାଇ ଅପଲୋଡ୍ କରାଯିବ ଓ ପରେ କଟକଣା ମଧରେ ଦର୍ଶନାର୍ଥୀ ଶ୍ରୀମନ୍ଦିରରେ ପ୍ରବେଶ କରି ଦର୍ଶନ କରିପାରିବେ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଅନ୍ୟପଟେ ଲୌହସେଡ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ କନା ବନ୍ଧା ଚାଲିଛି। ସେହିଭଳି ବ୍ୟାରିକେଟ୍ ମଧରେ କିଓସ୍କୋଗୁଡ଼ିକ ରଖାହୋଇସାରିଛି।

### ପୁତୁରା ଟାଙ୍ଗିଆ ଚୋଟରେ ଦାଦା ମୃତ

ଲହୁଣୀପଡା,୧୩।୮ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଉଲକୁଣ୍ଡେଇ ଗ୍ରାମରେ ଗୁରୁବାର ସକାଳ ପ୍ରାୟ ୬ଟାରେ ଘରୋଇ କଳିକୁ ନେଇ ହତ୍ୟାକାଣ୍ଡ ଘଟିଛି। ପୁତୁରା ଟାଙ୍ଗିଆ ଚୋଟରେ ଦାଦାଙ୍କ ମୃତ୍ୟୁ ଘଟିଛି। ଉଲକୁଣ୍ଡେଇ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ପୁତୁରା ସାଧ ମୁଣ୍ଡା (୨୧) ଏକ ଟାଙ୍ଗିଆ ସାହାଯ୍ୟରେ ଦାଦା ଗୋପାଳ ମୁଣ୍ଡା (୫୬)ଙ୍କ ମୁଣ୍ଡକୁ ଦୁଇ ତିନି ଚୋଟ ମାରି ଫେରାର୍ ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୋପାଳଙ୍କୁ ଆମ୍ବୁଲାନ୍ସ ଯୋଗେ ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ ମଧ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିବାବେଳେ ରାତି ପ୍ରାୟ ୧ଟାରେ ଚିକିତ୍ସାଧିନ ଅବସ୍ଥାରେ ଗୋପାଳଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ବୁର୍ଲା ଡାକ୍ତରଖାନାକୁ ଯାଇ ଘଟଣାର ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ମଧ ଖୋଳତାଡ ଜାରି ରଖିଛି।

# ସଙ୍କଟରେ ୬୦ ଟ୍ରାନ୍ସଫର୍ମର ୟୁନିଟ୍

- ଟାଟା ପାୱାର ନୀତି ପାଇଁ ଟେଣ୍ଡରରେ ଭାଗ ନେବାର ସୁଯୋଗ ମିଳୁନି
- ତୁରନ୍ତ ହସ୍ତକ୍ଷେପ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ

ଭୁବନେଶ୍ୱର,୧୩।୮(ବ୍ୟୁରୋ)

ଟାଟା ପାୱାରର ନୀତି ରାଜ୍ୟର ୬୦ରୁ ଅଧିକ ଟ୍ରାନ୍ସଫର୍ମର ୟୁନିଟ୍ ଓ ସେଥିରେ କାମ କରୁଥିବା ୫ ହଜାରରୁ ଅଧିକ ଲୋକଙ୍କ ଜୀବନଜୀବିକା ପ୍ରତି ବିପଦ ସୃଷ୍ଟି କରିଛି। ଏହି ସଂସ୍ଥାଗୁଡ଼ିକ ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ନୀତି ଆଧାରରେ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକର ଆବଶ୍ୟକତା ପୂରଣ କରୁଥିଲେ। ଓଡ଼ିଶାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ ଟାଟା ପାୱାରର ପ୍ରବେଶ ପରେ କମ୍ପାନୀର ଏକପାଖିଆ ଓ ମନମାନି ନୀତି ଯୋଗୁ ରାଜ୍ୟରେ ଥିବା ଟ୍ରାନ୍ସଫର୍ମର ୟୁନିଟ୍ ଓ ତତ୍ ସଂକ୍ରାନ୍ତୀୟ ସଂସ୍ଥାଗୁଡ଼ିକ ବର୍ତ୍ତମାନ ଅର୍ଡର ପାଉନାହାନ୍ତି। କମ୍ପାନୀ ଜାଣିଶୁଣି ଏଭଳି ନୀତି ପ୍ରସ୍ତୁତ କରିଛି, ଯେଭଳି ଏହି ସଂସ୍ଥାଗୁଡ଼ିକ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ। ଏହି ସଂସ୍ଥାଗୁଡ଼ିକ ପାଖରେ ବିଆଇଏସ୍, ବିଇଇ ଓ ଆଇଏସ୍ଓ ଭଳି ମାନ୍ୟତା ଥିଲେ ମଧ ସେମାନଙ୍କୁ ଭେଣ୍ଡର ଭାବେ ବିଚାର କରାଯାଉନାହିଁ ବୋଲି ରାଜ୍ୟ ଟ୍ରାନ୍ସଫର୍ମର ପ୍ରସ୍ତୁତକାରୀ ସଂଘର କର୍ମକର୍ତ୍ତା ଶୁକ୍ରବାର ଏକ ଖବରଦାତା କାର୍ଯ୍ୟକ୍ରମରେ ଦାବି କରିଛନ୍ତି।



ଏହି ମାମଲାରେ ଗଭୀର ଚିନ୍ତାପ୍ରକଟ କରି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂଘ ଓଡ଼ିଶା ଆସୋସିଏଶନ ଅଫ୍ ସ୍ମଲ୍ ଆଣ୍ଡ୍ ମିଡିୟମ ଏଣ୍ଟରପ୍ରାଇଜେସ(ଓସ୍ମି)ର ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି, ରାଜ୍ୟରେ ଟାଟା ପାୱାର ପ୍ରବେଶ କରିବା ପରେ ସ୍ଥାନୀୟ ଟ୍ରାନ୍ସଫର୍ମର ଓ ତତ୍ ସମ୍ପର୍କିତ ୟୁନିଟ୍‌ଗୁଡ଼ିକୁ ଅଣଦେଖା କରାଯାଉଛି। କମ୍ପାନୀ ସ୍ଥାନୀୟ ୟୁନିଟ୍‌ଗୁଡ଼ିକୁ ଗୁରୁତ୍ୱ ଦେଉନାହିଁ। ସରକାର ଧାର୍ଯ୍ୟ କରିଥିବା ନୀତିକୁ ଏହି କମ୍ପାନୀ ମାନୁନାହିଁ। ରାଜ୍ୟର ପ୍ରୋକ୍ୟୁରମେଣ୍ଟ ନୀତିକୁ ମାନିବା ଓ ତୁରନ୍ତ ଭେଣ୍ଡର ଡେଭେଲପ୍‌ମେଣ୍ଟ କାର୍ଯ୍ୟକ୍ରମ ଆରମ୍ଭ କରି ସ୍ଥାନୀୟ ୟୁନିଟ୍‌ଗୁଡ଼ିକୁ ଭେଣ୍ଡର ଭାବେ ଗ୍ରହଣ କରିବା ଲାଗି ଟାଟା ପାୱାରକୁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ। ସବୁ ଭେଣ୍ଡରଙ୍କୁ ସାମିଲ କରିବା ଲାଗି ଟାଟା ପାୱାରକୁ ଏହାର କଠୋର ଯୋଗ୍ୟତା ମାନଦଣ୍ଡ କୋହଳ କରିବାକୁ ପଡ଼ିବ ବୋଲି ସ୍ୱାଇଁ କହିଛନ୍ତି। ଓଡ଼ିଶା ଟ୍ରାନ୍ସଫର୍ମର ମାନୁଫାକଚର୍ସ ଆସୋସିଏଶନ (ଓଟିଏମଏ)ର ସଭାପତି ଶାରଦା ପ୍ରସନ୍ନ ଦାସ କହିଛନ୍ତି, ବିଦ୍ୟୁତ ବିତରଣ କମ୍ପାନୀଗୁଡିକରେ ସରକାରଙ୍କ ଅଂଶଧନ ଥିଲେ ମଧ ଟାଟା ପାୱାର ରାଜ୍ୟର ପ୍ରୋକ୍ୟୁରମେଣ୍ଟ ନୀତିକୁ ପାଳନ କରୁନାହିଁ। ଟାଟା ପାୱାର ରାଜ୍ୟ ବାହାରୁ ଟ୍ରାନ୍ସଫର୍ମର କିଣିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ଭାବେ ବୁଝାପଡୁଛି। ଏହାଦ୍ୱାରା ଓଡ଼ିଶା ବିପୁଳ ରାଜସ୍ୱ ହରାଇବ। ସ୍ଥାନୀୟ ୟୁନିଟ୍‌ଗୁଡ଼ିକ ରୁଗ୍‌ଣ ହୋଇଯିବାର ଆଶଙ୍କା ଉପୁଜିଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଟ୍ରାନ୍ସଫର୍ମର ୟୁନିଟ୍‌ଗୁଡ଼ିକରେ ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିବେଶ ହୋଇଛି। ୧୫୨୦ ପ୍ରତ୍ୟକ୍ଷ ଓ ୩ ହଜାର ଲୋକଙ୍କୁ ପରୋକ୍ଷ ଭାବେ ସଂସ୍ଥାଗୁଡିକ ନିଯୁକ୍ତି ଦେଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ଟାଟା ପାୱାର ପକ୍ଷରୁ ନିକଟରେ ଜାରି କରାଯାଇଥିବା ଟେଣ୍ଡରରେ ଜାଣିଶୁଣି ଏଭଳି କଠୋର ଯୋଗ୍ୟତା ମାନଦଣ୍ଡ ରଖାଯାଇଛି। ଏନେଇ ଟାଟା ପାୱାରର ଜନୈକ ବରିଷ୍ଠ ଅଧିକାରୀଙ୍କ ମତାମତ ଲୋଡ଼ାଯାଇଥିଲେ ମଧ ସେ କହିଛି କହିବାକୁ ମନା କରିଦେଇଛନ୍ତି।




କୋଟିଆକୁ ନେଇ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଷଡ଼ଯନ୍ତ୍ର ବିରୋଧରେ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# ୨ ଦିନରେ ୨ କିସମର ନିମନ୍ତ୍ରଣ କାର୍ଡ଼

## ଦିନକ ପରେ ସ୍ୱାଧୀନତା ଦିବସ







ଗୁରୁବାର ଦିଆଯାଇଥିବା ନିମନ୍ତ୍ରଣ କାର୍ଡ଼ (ବାମ)। ଶୁକ୍ରବାର ଦିଆଯାଇଥିବା ନିମନ୍ତ୍ରଣ କାର୍ଡ଼ ।

ବରଗଡ଼ ଅଫିସ୍,୧୩।୮

ଦିନକ ପରେ ୭୫ତମ ସ୍ୱାଧୀନତା ଦିବସ। ରବିବାର ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଏହି ସମାରୋହ ଅନୁଷ୍ଠିତ ହେବ। ଏହି ସମାରୋହରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପତାକା ଉତ୍ତୋଳନ କରିବେ। ସମାରୋହରେ ଯୋଗଦେବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କାର୍ଡ଼ ଦିଆଯାଇଛି। ତେବେ ୨ଦିନରେ ୨କିସମର ନିମନ୍ତ୍ରଣ କାର୍ଡ଼ ଏବେ ଆଲୋଚନାର ବିଷୟ ହୋଇଛି। ଗୁରୁବାର ଦିଆଯାଇଥିବା ନିମନ୍ତ୍ରଣ କାର୍ଡ଼ର ବାମ ପାର୍ଶ୍ୱରେ ନାରଙ୍ଗୀ, ସବୁଜ ରଙ୍ଗ ମଝିରେ ଅଶୋକ ଚକ୍ର ଥିଲା। ମଧ୍ୟଭାଗରେ ଧଳାରଙ୍ଗ ନ ଥିଲା। ଏହା ପ୍ରଶାସନର ଦୃଷ୍ଟିକୁ ଆସିବା ପରେ କାର୍ଡ଼ରେ ପରିବର୍ତ୍ତନ କରାଯାଇ ନିମନ୍ତ୍ରଣ କାର୍ଡ଼ର ବାମପାର୍ଶ୍ୱରେ ନାରଙ୍ଗୀ, ସବୁଜ ରଙ୍ଗ ମଝିରେ ଧଳାରଙ୍ଗ ସହିତ ଅଶୋକ ଚକ୍ର ସ୍ଥାନୀତ କରାଯାଇଛି। ନିମନ୍ତ୍ରଣ କାର୍ଡ଼ର ମଧ୍ୟଭାଗରେ ଧଳାରଙ୍ଗ ରଖିବାକୁ ଭୁଲିଯିବା ଏବଂ ଦୃଷ୍ଟିକୁ ଅଣାଯିବା ପରେ ସେଥିରେ ପରିବର୍ତ୍ତନ କରାଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

# ସେପ୍ଟେମ୍ବର ସୁଦ୍ଧା ସରିବ ଟେଣ୍ଡର ପ୍ରକ୍ରିୟା

## ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ

ବରଗଡ଼ ଅଫିସ୍,୧୩।୮

ବରଗଡ଼ରେ କ୍ୟାନସର ହସପିଟାଲ ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ ୯୦କୋଟି ୨୭ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହାର ଟେଣ୍ଡର ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ସରିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡ଼ି ନେତୃବୃନ୍ଦ ସୂଚନା ଦେଇଛନ୍ତି। ଜିଲାବାସୀଙ୍କ ଅନୁରୋଧକୁ ରକ୍ଷା କରି ଏଭଳି ପଦକ୍ଷେପ ନେଇଥିବା ଯୋଗୁ ବିଜେଡ଼ି ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଖବରଦାତା ସମ୍ମିଳନୀରେ ଦଳର ବରଗଡ଼ ଜିଲା ପର୍ଯ୍ୟବେକ୍ଷକ ତଥା ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟକ ରୀତା ସାହୁ, ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ବିଜେଡ଼ି ନେତା ଗୌରହରି ମିଶ୍ର, ବିମଳ କିଶୋର ଦେବତା, ଅଚ୍ୟୁତାନନ୍ଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।

# ଜଗତ୍‌ସିଂହପୁର ବିକାଶ ପାଇଁ ୨୯ ପ୍ରକଳ୍ପ

ଜଗତ୍‌ସିଂହପୁର ଅଫିସ୍/ ଭୁବନେଶ୍ୱର, ୧୩।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଶୁକ୍ରବାର ଅପରାହ୍ଣରେ ଜଗତ୍‌ସିଂହପୁର ଜିଲାରେ ୧୧ ପ୍ରକଳ୍ପର ଶୁଭାରମ୍ଭ କରିଥିବାବେଳେ ୧୮ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୋଟ ୨୯ ପ୍ରକଳ୍ପ ପାଇଁ ୨୧୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଜଗତ୍‌ସିଂହପୁର ଓଡ଼ିଶାର ଏକ ଆଗୁଆ ଜିଲା। ପାରାଦୀପ ବନ୍ଦର ଦେଶର ଏକ ପ୍ରମୁଖ ବନ୍ଦର। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଜିଲାର ସାମଗ୍ରିକ ବିକାଶରେ ବିଶେଷ ସହାୟକ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁସ୍ତରରେ ବିକାଶକୁ ଗୁରୁତ୍ୱ ଦିଆଯାଇ ଏସବୁ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଜୟ ଶଙ୍କର ଦାସ, ସମ୍ବିତ ରାଉତରାୟ, ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡିକ ମଧରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ, ସୁମୁଡ଼ା ବାଲିସାହିର ସ୍ଥାନୀୟ ନାଳ ଉପରେ ସେତୁ, ପାଇକା ନଦୀ ଲଙ୍କାପଡ଼ା ସେତୁ, ମା' ଶାରଳାଙ୍କ ମନ୍ଦିର ଓ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତୀକରଣ, ମାର୍କେଟ କମ୍ପ୍ଲେକ୍ସ, ପାରାଦୀପ ଆଇଟିଆଇ, ସ୍ୱତନ୍ତ୍ର ସର୍କିଟ ହାଉସ, କୋଭିଡ୍ ହସ୍ପିଟାଲରେ ଅମ୍ଳଜାନ ପ୍ଲାଣ୍ଟ ଆଦି ଅନ୍ତର୍ଭୁକ୍ତ। ସେହିପରି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡିକ ମଧରେ ଜଗତ୍‌ସିଂହପୁର ଆଦର୍ଶ ଶ୍ମଶାନ, ଗୋପାଳସାଗର ପୁଷ୍କରିଣୀ, ପାର୍କ, ସିହା ଓ ଅଗପାଳଠାରେ ଆଦର୍ଶ ବିଦ୍ୟାଳୟ, ଗଡ଼କୁଜଙ୍ଗସ୍ଥିତ ହାଡୁଆ ନାଳ ଉପରେ ଉଚ୍ଚ ସେତୁ ନିର୍ମାଣ, ବକ୍ସ ସେଲ୍ ସେତୁ, କୋଠିସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ନୂତନ ଗୃହ ଆଦି ପ୍ରକଳ୍ପ ରହିଛି। ଶେଷରେ ଜିଲାପାଳ ମହାପାତ୍ର ଜିଲା ପ୍ରଶାସନ ଓ ଜିଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ, ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ।



ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି। ଉପସ୍ଥିତ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

### ସେକ୍ସ ର୍ୟାକେଟ ଠାବ: ଜଣେ ଗିରଫ

ବାଉଁଶୁଣୀ, ୧୩।୮(ଡି.ଏନ୍.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ସେକ୍ସ ର୍ୟାକେଟ ଠାବ କରିଛି। ଗୁରୁବାର ରାତିରେ ପାଟ୍ରୋଲିଂ ସମୟରେ ରୁଣ୍ଡିମହୁଲ ଛକ ନିକଟ ପଡ଼ିଆରେ ଆପତ୍ତିଜନକ ଅବସ୍ଥାରେ ଜଣେ ଯୁବତୀ ଓ ଜଣେ ଯୁବକଙ୍କୁ ପାଇଥିଲେ। ସେଠାରେ ପୋଲିସ ଗାଡିକୁ ଦେଖି ଆଉ ୩ ଜଣ ଦୌଡ଼ି ପଳାଇ ଯାଇଥିଲେ। ପଚରାଉଚରାବେଳେ ୪ଜଣ ଯୁବକ ମିଶି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଜନୈକା ଯୁବତୀଙ୍କୁ ଆଣି ସେକ୍ସ ର୍ୟାକେଟ ଚଳାଇଥିଲେ ବୋଲି ଜଣାପଡ଼ିଥିଲା। ସ୍ଥାନୀୟ ରୁଣ୍ଡିମହୁଲ ଗ୍ରାମର ଜଗୁ ସାହୁ ଉକ୍ତ ଯୁବତୀ ସହିତ ଆପତ୍ତିଜନକ ଅବସ୍ଥାରେ ଥିବାବେଳେ କଣ୍ଟାମାଳ ପୋଲିସ ହାତରେ ଧରାପଡିଥିଲେ। ପୋଲିସ ଏକ ମାମଲା (ନଂ.୧୦୧/୨୦୨୧) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଜଗୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଖୁବ୍‌ଶୀଘ୍ର ଅନ୍ୟ ୩ଜଣ ଗ୍ରାହକଙ୍କୁ ମଧ ଗିରଫ କରାଯିବ ବୋଲି ଥାନା ଆଇଆଇସି ଅଶ୍ୱିନୀ ଭିତିରିଆ କହିଛନ୍ତି।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବିରେ ଧାରଣା

ତରଭା,୧୩।୮(ଡି.ଏନ.ଏ.)

ତରଭା ସହରରେ ଆଜିର ଦିନ ଅର୍ଥାତ ୨୦୧୯ ଅଗଷ୍ଟ ମାସ ୧୩ ତାରିଖ ଦିନ ଭୟାବହ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ସହର ତଥା ବ୍ଲକର ନିବୃତି ନଦୀ କୂଳବର୍ତ୍ତୀ କିଛି ଗାଁକୁ ଛାରଖାର କରି ଦେଇଥିଲା । ସେତେବେଳେ ସରକାରଙ୍କ ତରଫରୁ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଯେଉଁ ସାହାଯ୍ୟ ଦିଆଯାଇଥିଲା ତାହା ସମୁଦ୍ରକୁ ଶଙ୍ଖେ ପଣା ସଦୃଶ । ବିଭିନ୍ନ ସ୍ଥାନରେ ପ୍ୟାକେଜ ଘୋଷଣା କରାଯାଇଥିଲେ ହେଁ ତରଭା ସହର ତଥା ବ୍ଲକର କେତେକ ଗ୍ରାମାଞ୍ଚଳର ବନ୍ୟା କ୍ଷତିଗ୍ରସ୍ତମାନେ ଏଥିରୁ ବଞ୍ଚିତ ହୋଇଥିଲେ । ଏପରି କି ବନ୍ୟା ହେବାର ଆଜି ୨ ବର୍ଷ ପୁରିଥିଲେ ମଧ କ୍ଷତିଗ୍ରସ୍ତ ଲୋକଙ୍କୁ ଠିକ ହିସାବରେ ଆର୍ଥିକ ସହାୟତା ପ୍ରଦାନ କରାଯାଇ ନାହିଁ । ତେଣୁ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ପ୍ରଦାନ ଦାବିରେ ଶୁକ୍ରବାର ଭୋଲା ବର୍ମାଙ୍କ ସହିତ ତରଭାର କେତେକ ସଚେତନ ନାଗରିକ ଓ ଭୀମଆର୍ମିର କର୍ମକର୍ତ୍ତାମାନେ ରାଲି କରିବା ସହ ଧାରଣା ଦେଇଥିଲେ । ସେମାନେ ତରଭା ବାଳକ ହାଇସ୍କୁଲ ଠାରୁ ରାଲିରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ତହସିଲ ଅଫିସରେ ପହଞ୍ଚି ଧାରଣାରେ ବସିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅନାଦି ଚରଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ଟଙ୍କ ରଣା, ମିଳନ କୁମାର ସାହୁ, ଇନ୍ଦ୍ରମଣି ଜାଲ, ଛାୟାକାନ୍ତ ନାଗ, ତରଣୀ ନାଗ, ଦଶରଥ ନାଗ, ସଚିତ କୁମାର ଭିମରାଓ, କୁମାର ନାଗ, ଟଙ୍କଧର ସୁନା, ଚିନ୍ତାମଣି ନାଗ ଓ ଭରତ ନାଗଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

# ଅବସରପ୍ରାପ୍ତ ରାଷ୍ଟ୍ରଦୂତଙ୍କ ଘରୁ ଚୋରି

## ଡ୍ରାଇଭର ଗିରଫ, ୨୨ ସୁନା ଚେନ୍ ଜବତ

ଭୁବନେଶ୍ୱର,୧୩।୮(ବ୍ୟୁରୋ)

ଶହୀଦନଗରରେ ରହୁଥିବା ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କ ଘରୁ ଚୋରି ହୋଇଛି। ଏହି ଘଟଣାରେ ଶୁକ୍ରବାର ପୋଲିସ ତାଙ୍କ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲାର ସୁମନ ପ୍ରଧାନ। ତାଙ୍କଠାରୁ ୨୨ଟି ଚୋରି ସୁନା ଚେନ୍ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଶହୀଦନଗର ଥାନା ଅନ୍ତର୍ଗତ ସ୍ୱର୍ଣ୍ଣ ହସ୍ପିଟାଲ ନିକଟରେ ରହୁଛନ୍ତି ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆ ଓ ତାଙ୍କ ସ୍ତ୍ରୀ। ଦୀର୍ଘଦିନ ହେବ ସୁମନ ତାଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ବାଡ଼ିବଗିଚା ଦେଖାଶୁଣା କରୁଥିବା ମାଳୀଙ୍କୁ ଘରର ଏକ ଚାବି ମଧ ରଖିବାକୁ ଦେଇଥିଲେ ବେଉରିଆ ଦମ୍ପତି। ତେବେ ସୁମନ ମାଲିକଙ୍କ ଘରେ ଠାକୁର ପିନ୍ଧିଥିବା ସୁନା ଚେନ୍ ଚୋରି କରିବାକୁ ଯୋଜନା କରି ସୁଯୋଗକୁ ଅପେକ୍ଷା କରିଥିଲେ। ବୁଧବାର ରାତିରେ ବେଉରିଆ ଦମ୍ପତି ରାତ୍ରି ଭୋଜନ ସାରି ଶୋଇବା ପରେ ବିଳମ୍ବିତ ରାତିରେ ସୁମନ ତାଙ୍କ ଘରକୁ ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ଠାକୁର ଘର ଚାବି ଲୁଚାଇ ଆଣିଥିଲେ। ଏହାପରେ ଠାକୁର ପିନ୍ଧିଥିବା ସମସ୍ତ ୨୨ ସୁନା ଚେନ୍ ଚୋରି କରିନେଇଥିଲେ। ଗୁରୁବାର ସକାଳେ ଏହା ଦେଖିବା ପରେ ବେଉରିଆ ଦମ୍ପତି ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନଂ.୩୧୪/୨୧ରେ ମାମଲା ରୁଜୁ କରିଥିଲା। ଡ୍ରାଇଭର ସୁମନ ଓ ମାଳୀଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା ବେଳେ ସୁମନ ଚୋରି କରିଥିବା ନେଇ ପୋଲିସ ଆଗରେ ମାନିବା ସହ ଚୋରି ଚେନ୍ ସେ ରହୁଥିବା ରୁମ୍‌ର ଖଟତଳେ କପଡାରେ ବାନ୍ଧି ରଖିଥିବା ପୋଲିସ ଆଗରେ କହିଥିଲେ।

# ଅନ୍ଧାରରେ ସୌମ୍ୟଙ୍କ ପରିବାର

## ତଦନ୍ତ ପ୍ରକ୍ରିୟାକୁ ନେଇ ଅସନ୍ତୋଷ



ଖଇରା, ୧୩।୮(ଡି.ଏନ.ଏ.)

ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ୧ମାସ ପୂରିଗଲାଣି। ମାସକ ଭିତରେ ପାରଳାଖେମୁଣ୍ଡି ପୋଲିସ ତଦନ୍ତ କେବଳ ପଚରାଉଚୁରା ଭିତରେ ସୀମିତ ରଖିଛି। ତଦନ୍ତ ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଯେତେବେଳେ ଗଣମାଧ୍ୟମକୁ ସାମ୍ନା କରୁଛନ୍ତି କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତର ରଖୁଛନ୍ତି।ବର୍ତ୍ତମାନ ତଦନ୍ତ ଚାଲିଛି।ତଦନ୍ତ ପରେ ଯାହା କିଛି କୁହାଯାଇପାରିବ।ତଦନ୍ତ ପ୍ରକ୍ରିୟା ନେଇ ସୌମ୍ୟଙ୍କ ପରିବାର ଲୋକ ଅନ୍ଧାରରେ ରହିଛନ୍ତି। କାହା ଇସାରାରେ କିଏ ଯାଞ୍ଚ କରୁଛି ତଦନ୍ତ ଆଗଉଛି କି ସ୍ଥିର ରହିଛି ତାହା ପରିବାର ଲୋକେ ବୁଝି ପାରୁନାହାନ୍ତି। ୧୩ତାରିଖରେ ବିଭାଗୀୟ ତଦନ୍ତ ଶେଷ ଦିବସ ଥିବା ବେଳେ ମୁଖ୍ୟ ବନ ସଂରକ୍ଷକ ତଦନ୍ତ ଶେଷ ହୋଇଛି କି ଆହୁରି ବାକି ଅଛି ତାହା ଜାଣିବାରେ ମଧ ଅଜ୍ଞ ବୋଲି ଭାଇ ରଞ୍ଜନ ମହାପାତ୍ର କହିଛନ୍ତି।

ତାଙ୍କ ପ୍ରତିକ୍ରିୟା ଅନୁଯାୟୀ ବିଭାଗୀୟ ତଦନ୍ତ ପାଇଁ ବାପା ଅଭିରାମ ମହାପାତ୍ର ଇନ୍ସପେକ୍ଟର ଜେନେରାଲ ଅଫ ଫରେଷ୍ଟଙ୍କୁ ଜୁଲାଇ ୧୪ତାରିଖରେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ।କାର୍ଯ୍ୟାଳୟ ତରଫରୁ ଅଗଷ୍ଟ ୫ତାରିଖରେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କୁ ତଦନ୍ତ ରିପୋର୍ଟ ମାଗିବା ସହ ଅଗଷ୍ଟ ୧୩ତାରିଖ ପୂର୍ବରୁ ପ୍ରଦାନ କରିବାକୁ କହିଥିଲେ।ଏହାର ଏକ କପି ପରିବାର ସଦସ୍ୟଙ୍କୁ ପ୍ରଦାନ କରିବାକୁ ଉଲ୍ଲେଖ କରାଯାଇଥିଲା। ହେଲେ ୧୩ତାରିଖ ଅତିକ୍ରମ କରିବାକୁ ବସିଥିବା ବେଳେ ଏଭଳି ତଦନ୍ତକୁ ନେଇ ପରିବାର ଲୋକଙ୍କୁ ଅନ୍ଧାରରେ ରଖାଯାଇଛି।ସେପଟେ ଏସ୍‌ପି ତପନ ପଟ୍ଟନାୟକଙ୍କ ଅବସର ପରେ ଏବେ ଦାୟିତ୍ୱରେ ଥିବା ଅତିରିକ୍ତ ଏସ୍‌ପି ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟା ଅନୁଯାୟୀ, ତଦନ୍ତ ସରିଛି, କେବଳ ଫରେନସିକ ରିପୋର୍ଟ ମିଳିବା ପରେ ତଦନ୍ତ ରିପୋର୍ଟ ପ୍ରକାଶ କରାଯିବ ବୋଲି କହିଛନ୍ତି।ଏହାକୁ ନେଇ ଭାଇ ରଞ୍ଜନ ପ୍ରଶ୍ନ ଉଠାଇଛନ୍ତି।ସୌମ୍ୟ ରହୁଥିବା ଘରକୁ ଅଧିକାରୀମାନେ କ୍ରାଇମ ସ୍ପଟ୍ ବୋଲି କହୁଥିବା ବେଳେ ଗୋଟିଏ ଘରେ ସୌମ୍ୟଙ୍କ ସହ ରହୁଥିବା ପତ୍ନୀ ବିଦ୍ୟାଭାରତୀ ଓ ରୋଷେୟା କିଭଳି ପୋଡ଼ିବାର କାରଣ ସମ୍ପର୍କରେ କହିପାରୁ ନାହାନ୍ତି ତାହା ତାଙ୍କୁ ବିସ୍ମିତ କରୁଛି।କ୍ରାଇମବ୍ରାଞ୍ଚ ସହଯୋଗ କରୁଥିବା କୁହାଯାଉଥିବା ବେଳେ କାହିଁକି ସେ ୨ଜଣଙ୍କୁ ରିମାଣ୍ଡରେ ନେଇ ପଚାରୁନାହିଁ ବୋଲି ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତମାନଙ୍କୁ ଜଣକ ପରେ ଜଣେ ମୁକ୍ତ କରିବାକୁ ସବୁକିଛି ଯୋଜନା ସରିଛି।କେବଳ ତଦନ୍ତ କରାଯାଉଥିବା ନାମରେ ପରିବାର ଲୋକଙ୍କୁ ଭକୁଆ ବନାଯାଉଛି।ତଦନ୍ତ ଫଳ କଣ ହେବ ଏହା କେବଳ ତାଙ୍କ ପରିବାର ନୁହେଁ ସାଧାରଣ ଲୋକ ଅଳ୍ପ ବହୁତ ଜାଣି ସାରିଲେଣି ବୋଲି ଭାଇ ରଞ୍ଜନ ଓ ମାମୁ ଶୀତିକଣ୍ଠ ପଣ୍ଡା ନିଜର ପ୍ରତିକ୍ରିୟାରେ କହିଛନ୍ତି।

# ସିଧାସଳଖ ନିର୍ବାଚିତ ହେବେ ମେୟର, ପୌରାଧ୍ୟକ୍ଷ

## ଜନସାଧାରଣଙ୍କ ମତାମତ ଲୋଡ଼ିଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

ସ୍ଥାନ ସଂରକ୍ଷଣକୁ ନେଇ ଗତ ୩ ବର୍ଷ ହେବ ରାଜ୍ୟରେ ପୌର ନିର୍ବାଚନ ହୋଇପାରି ନାହିଁ। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ପୌର ନିର୍ବାଚନ ବିଳମ୍ବକୁ ନେଇ ଭାଜପା ହାଇକୋର୍ଟର ଦ୍ୱାରସ୍ଥ ହୋଇଛି। ଏହାପରେ ରାଜ୍ୟ ସରକାର ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ପୌରପାଳିକା ଅଧିନିୟମର ପୁନଃସଂଶୋଧନ ଚିଠା ଆଇନର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହିତ ୱାର୍ଡ ସୀମା, ପୁନଃ ସୀମା ନିର୍ଦ୍ଧାରଣ, ସ୍ଥାନ ସଂରକ୍ଷଣ ଓ ନିର୍ବାଚନ ପରିଚାଳନାକୁ ନେଇ ଏହି ବିଜ୍ଞପ୍ତି ଜାରି କରାଯାଇଛି। ଶୁକ୍ରବାରଠାରୁ ୩୦ ଦିନ ମଧ୍ୟରେ ଏନେଇ ଜନସାଧାରଣଙ୍କ ନିକଟରୁ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଛି। ଏହି ବିଜ୍ଞପ୍ତି ଅନୁସାରେ ରାଜ୍ୟ ସରକାର ଓଡ଼ିଶା ପୌରପାଳିକା ନିୟମାବଳୀ ୧୯୯୪ର ସଂଶୋଧନ କରାଯାଇଛି। ଏଣିକି ବିଜ୍ଞାପିତ ଅଞ୍ଚଳ ପରିଷଦ, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଏବଂ ମହାନଗର ନିଗମ ମେୟର ପ୍ରତ୍ୟକ୍ଷ ନିର୍ବାଚନ ଜରିଆରେ ନିର୍ବାଚିତ ହେବେ। ଏଥିପାଇଁ କାଉନ୍‌ସିଲର ଓ ଅଧ୍ୟକ୍ଷ ପଦବୀ ସକାଶେ ଦୁଇ ସ୍ୱତନ୍ତ୍ର ଭିନ୍ନ ରଙ୍ଗର ବାଲଟ ରହିବ। ପୌରାଞ୍ଚଳ ଜନସଂଖ୍ୟା ଆଧାରରେ ଅଧ୍ୟକ୍ଷ ପଦବୀ କେଉଁ ବର୍ଗର ହେବେ ତାହା ସ୍ଥିର କରାଯିବ। ଅଧ୍ୟକ୍ଷ ନିର୍ବାଚନ ଲାଗି ଗୋଟିଏ ଏବଂ ୱାର୍ଡ କାଉନସିଲର ନିର୍ବାଚନ ଲାଗି ଅନ୍ୟ ଗୋଟିଏ ଏହିପରି ଦୁଇଟି ଅଲଗା ଅଲଗା ବକ୍ସ ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ରହିବ।

## ସଂକ୍ଷେପରେ

### ଦାଦାଙ୍କୁ ଠେଙ୍ଗାରେ ପିଟି ହତ୍ୟା

ବଇଣ୍ଡା, ୧୩।୮ (ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପ୍ରତାପପୁର ଗ୍ରାମରେ ଗୁରୁବାର ରାତିରେ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଗଙ୍ଗାଧର ନାଗଙ୍କୁ ଠେଙ୍ଗାରେ ପିଟି ତାଙ୍କ ପୁତୁରା ଲିପୁ ନାଗ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଗଙ୍ଗାଧରଙ୍କ ସମ୍ପର୍କୀୟ ଜ୍ୟୋତି ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୯୧/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲିପୁଙ୍କୁ ଗିରଫ କରିଛି। ପୋଲିସ କହିଛି, ଲିପୁ ଓ ଗଙ୍ଗାଧରଙ୍କ ପରିବାର ମଧ୍ୟରେ କିଛି ମାସ ହେବ ଜମିବାଡ଼ି ସମସ୍ୟାକୁ ନେଇ ବିବାଦ ଲାଗି ରହିଥିଲା। ଗୁରୁବାର ରାତିରେ ଗଙ୍ଗାଧର ଓ ଲିପୁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଲିପୁ ଏକ ଠେଙ୍ଗାରେ ଗଙ୍ଗାଧରଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ହଣ୍ଡପା ଆଇଆଇସି ପ୍ରଦୀପ ପ୍ରଧାନ ପହଞ୍ଚି ଲିପୁଙ୍କୁ ଗିରଫ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି।

### ଫ୍ରିଜ୍ ବୋଝେଇ ଟ୍ରକ୍‌ରେ ଅଫିମ ଚାଲାଣ

■ ୨୦ କିଗ୍ରା ଅଫିମ, କଣ୍ଟେନର ଜବତ : ୩ଗିରଫ

ଭୁବନେଶ୍ୱର, ୧୩।୮ (ବ୍ୟୁରୋ): ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶୁକ୍ରବାର ଏକ ଆନ୍ତଃରାଜ୍ୟ ଅଫିମ ଚୋରା ଚାଲାଣ ର୍ୟାକେଟ ଧରିଛି। ଭୁବନେଶ୍ୱରକୁ ଫ୍ରିଜ୍ ନେଇ ଆସିଥିବା କଣ୍ଟେନରୁ ୨୦ କେଜିରୁ ଊର୍ଦ୍ଧ୍ୱ ଅଫିମ ଜବତ କରିବା ସହ ଡ୍ରାଇଭର ସମେତ ୩ଜଣଙ୍କୁ ଗିରଫ କରିଛି। ଏନେଇ ଏନ୍‌ସିବି ଟିମ୍ ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ, ଅଭିଯୁକ୍ତମାନେ ଉକ୍ତ ଅଫିମକୁ ଝାଡ଼ଖଣ୍ଡରୁ ଏକ ଫ୍ରିଜ୍ ବୋଝେଇ କଣ୍ଟେନରରେ ଆଣିଥିଲେ। ଭୁବନେଶ୍ୱରରେ ଫ୍ରିଜ୍ ଖାଲି କରିବା ପରେ କଣ୍ଟେନରରେ ଅଫିମ ଧରି ଉତ୍ତରପ୍ରଦେଶର ଜଣେ ବ୍ୟବସାୟୀଙ୍କୁ ବିକ୍ରି ପାଇଁ ବାହାରିଥିଲେ। ଏନେଇ ବିଶ୍ୱସ୍ତ ଖବର ପାଇବା ପରେ ଏନ୍‌ସିବି ଟିମ୍ ୧୬ ନମ୍ବର ଜାତୀୟ ରାଜପଥରେ ଚଢ଼ାଉ କରି ଭୁବନେଶ୍ୱର ଉପକଣ୍ଠ ପିତାପଲ୍ଲୀ ନିକଟରେ ଉକ୍ତ କଣ୍ଟେନରକୁ ଅଟକାଇଥିଲା। ଯାଞ୍ଚ କରାଯିବାରୁ ସେଥିରୁ ଅଫିମ ବାହାରିଥିଲା। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ସେମାନେ ଉତ୍ତରପ୍ରଦେଶର ବରେଲିରେ ଜଣକୁ ଅଫିମ ସପ୍ଲାଏ କରିଥାନ୍ତେ ବୋଲି କହିଥିବା ଏନସିବିର ଜଣେ ଅଧିକାରୀ କହିଛନ୍ତି।

# ସି.ଆର. ପଲ୍ କମିଶନଙ୍କ ରିପୋର୍ଟର ତର୍ଜମା ହେଉଛି

## ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ମାମଲା

■ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ ଅଫିସ, ୧୩।୮



ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ପର୍କିତ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଆସନ୍ତା ଅକ୍ଟୋବର ୨୭ରେ ପରବର୍ତ୍ତୀ ଶୁଣାଣି ହେବ। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଯୁଗ୍ମ ସଚିବ ସମରେନ୍ଦ୍ର ଧଳ ହାଇକୋର୍ଟରେ କାଉଣ୍ଟର ଆଫିଡାଭିଟ୍ ଦାଖଲ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ୨୦୧୯ ମାର୍ଚ୍ଚ ୮ରେ ଏକ କମିଟି ଗଠନ କରାଯାଇଥିଲା। ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ହେଲେ ସାଧାରଣ ଲୋକମାନେ ସୁବିଧାରେ ଆଇନ ସେବା ପାଇପାରିବେ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଲୋକଙ୍କ ମଙ୍ଗଳ ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ। ସେହିପରି ପଶ୍ଚିମ ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ପଦକ୍ଷେପ ନିଆଯାଇଛି। ଜଷ୍ଟିସ ସି.ଆର. ପଲ୍ କମିଶନଙ୍କ ରିପୋର୍ଟ ଉପରେ ରାଜ୍ୟ ସରକାର ତର୍ଜମା କରୁଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା। ଏ ନେଇ ୨୦୧୯ ମାର୍ଚ୍ଚ ୮ରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଗତ ମାର୍ଚ୍ଚ ୩୦ରେ ଏହି ମାମଲା ଉପରେ ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ୪ ସପ୍ତାହରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କର

## ନାବାଳିକା ଗର୍ଭବତୀ ମାମଲା

■ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି

କେନ୍ଦୁଝର, ୧୩।୮ (ସ୍ୱ.ପ୍ର.)– ଜଣେ ନାବାଳିକା ଗର୍ଭବତୀ ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି (ଜାତୀୟ ମାନବାଧିକାର କମିଶନ) ଚିଫ୍ ସେକ୍ରେଟାରି ଓ କେନ୍ଦୁଝର ଏସ୍‌ପିଙ୍କୁ ନୋଟିସ କରିଛନ୍ତି। ୪ ସପ୍ତାହ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଠିକ୍ ସମୟରେ ରିପୋର୍ଟ ନ ପହଞ୍ଚିଲେ ବା ଖିଲାପ ହେଲେ ମାନବାଧିକାର ସୁରକ୍ଷା ଆଇନ–୧୯୯୩ର ଧାରା ୧୩ ଅନୁଯାୟୀ ବ୍ୟକ୍ତିଗତ ହାଜର ହୋଇ ରିପୋର୍ଟ ଦାଖଲ କରିବାକୁ ପଡ଼ିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତ ଜୁନ୍‌ରେ କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଏହାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାଏକ ଏନ୍‌ଏଚ୍‌ଆର୍‌ସି ନିକଟରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଥିଲେ। ଗତ ଜାନୁୟାରୀ ୩୧ରେ ନାବାଳିକାଙ୍କୁ ଜଣଙ୍କ ଘରୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି ଓ ପୋଲିସ ମୁକ୍ତାକାଶ ଆଶ୍ରୟ ଗୃହରେ ରଖିଥିଲେ। ସେତେବେଳେ ନାବାଳିକାଙ୍କର ମେଡିକାଲ ଯାଞ୍ଚରେ ଅବହେଳା ପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ମାନବାଧିକାର କର୍ମୀ ନାଏକ ନିବେଦନ କରିଥିଲେ।

# କୂଅରୁ ଭାଲୁ ଉଦ୍ଧାର



ଦିଗପହଣ୍ଡି, ୧୩।୮ (ଡି.ଏନ.ଏ.) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଲା ଗ୍ରାମ ଶୈବପୀଠ କଡ଼ରେ ଥିବା ଅବ୍ୟବହୃତ କୂଅରୁ ଶୁକ୍ରବାର ଏକ ଭାଲୁକୁ ଉଦ୍ଧାର କରାଯାଇଛି। ଭାଲୁଟି ଗୁରୁବାର ବିଳମ୍ବିତ ରାତିରେ ନିକଟସ୍ଥ କେରାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରୁ ବଡ଼ଡୁମ୍ବୁଲା ଗାଁ ଆଡ଼କୁ ଚାଲି ଆସିଥିଲା। କୌଣସି ପ୍ରକାରେ ଭାଲୁଟି ଶୈବପୀଠ କଡ଼ରେ ଥିବା କୂଅରେ ପଡ଼ିଯାଇଥିଲା। ଶୁକ୍ରବାର ଅପରାହ୍ନରେ କେତେଜଣ ଲୋକ କୂଅରୁ ଗର୍ଜନ ଶୁଣି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ କୂଅରେ ଭାଲୁ ପଡ଼ିଯାଇଥିବା ଦେଖି ବନ ବିଭାଗ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଉଭୟ ବିଭାଗର କର୍ମଚାରୀମାନେ ପହଞ୍ଚି ଭାଲୁକୁ ଏକ ଯନ୍ତା ଦ୍ୱାରା କୂଅରୁ ଉଦ୍ଧାର କରିଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକଙ୍କ ପରାମର୍ଶ କ୍ରମେ ଉଦ୍ଧାର କରାଯାଇଥିବା ଭାଲୁଟିକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ କହିଛନ୍ତି।

# କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ



ଭୁବନେଶ୍ୱର, ୧୩।୮ (ବ୍ୟୁରୋ): ରାଜ୍ୟରେ ବ୍ରାଉନସୁଗାର କାରବାର ବନ୍ଦ ହେଉନି। ଯେତେ ଜବତ ହେଉଛି, ସେତେ ବାହାରୁଛି। ଗୁରୁବାର ସନ୍ଧ୍ୟାରେ ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ ନିକଟରେ ବ୍ରାଉନସୁଗାର ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଏକ ର୍ୟାକେଟକୁ ଧରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୧ କେଜି ୨୬୫ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୨୫ ଲକ୍ଷ ହେବ। ଏନେଇ ଏସ୍‌ଟିଏଫ୍ ଏନ୍‌ଡିପିସି ଆକ୍ଟରେ ଏକ ମାମଲା (ନଂ.୨୮/୨୧) ରୁଜୁକରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା କ୍ୟାଣ୍ଟେନମେଣ୍ଟ ଥାନା ମସ୍ତାନ ରୋଡ୍‌ର ମହମ୍ମଦ ସାୟାଜ ଓରଫ ଆଫତାବ୍, ଭଦ୍ରକ ଜିଲା ପୁରୁଣା ବଜାର ଥାନାଞ୍ଚଳର ସେକ୍ କୁମାରଦ୍ଦିନ୍ ଓରଫ ମୁନା ଏବଂ ଖୋର୍ଦ୍ଧା ଜିଲା ସଦର ଥାନା ପାଲ୍ଲା ଗ୍ରାମର ସୌରଭ ପଟ୍ଟନାୟକ। ଏମାନେ ଏତେ ପରିମାଣର ବ୍ରାଉନସୁଗାର କେଉଁଠୁ ଆଣିଲେ, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

# ବାଇଡେନ୍‌ଙ୍କ ସେନା ପ୍ରତ୍ୟାହାର ନିଷ୍ପତ୍ତିକୁ ସମାଲୋଚନା

କାବୁଲ, ୧୩।୮

ଚଳିତ ମାସ ଶେଷ ସୁଦ୍ଧା ଆମେରିକା ସମସ୍ତ ସୈନ୍ୟଙ୍କୁ ଫେରାଇ ନେବା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଆଫଗାନିସ୍ତାନ ଦଖଲ ପାଇଁ ତାଲିବାନ ଲଢ଼େଇ ଜାରି ରଖିଛି। ୨୦ ବର୍ଷ ପରେ ଆଫଗାନିସ୍ତାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିଷ୍ପତ୍ତିକୁ ଦୋଷାରୋପ କରାଯାଉଛି। ତେବେ ବାଇଡେନ୍ ନିଜ ନିଷ୍ପତ୍ତି ପାଇଁ ଅନୁତପ୍ତ ନୁହନ୍ତି ବୋଲି ୩ ଦିନ ପୂର୍ବରୁ ସ୍ପଷ୍ଟ କରିଛନ୍ତି। ଆଫଗାନିସ୍ତାନ ପାଇଁ ଆମେରିକାକୁ ୧ ଟିଲିୟନ ଡଲାରରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ପଡ଼ିଛି ଓ ଏହାର ହଜାର ହଜାର ସୈନ୍ୟ ପ୍ରାଣବଳି ଦେଇଥିବା ବାଇଡେନ୍ କହିଥିଲେ। ଗୁରୁବାର ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କ ସହ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ କଥା ହୋଇ ଦେଶର ସୁରକ୍ଷା ପାଇଁ ସହାୟତା ଯୋଗାଇଦେବାକୁ କହିଥିଲେ। ଆମେରିକାର ସୈନ୍ୟ ପ୍ରତ୍ୟାହାର ରଣନୀତି ଯୋଗୁ ଆଫଗାନିସ୍ତାନରେ ୧୯୭୫ର ସାଇଗନ ପତନଠାରୁ ଆହୁରି ଖରାପ ସ୍ଥିତି ସୃଷ୍ଟି ହୋଇଛି। ଆଫଗାନ ସେନାକୁ ଅଧିକ ସହାୟତା ଯୋଗାଇଦେବା ପାଇଁ ଆମେରିକା ସିନେଟ୍‌ର ରିପବ୍ଲିକାନ ନେତା ମିଚ୍ ମକୋନେଲ କହିଛନ୍ତି। ଏହା ନ କଲେ ଅଲ୍ କାଏଦା ଏବଂ ତାଲିବାନ ସେପ୍ଟେମ୍ବର ୧୧ରେ କାବୁଲରେ ଥିବା ଆମେରିକା ଦୂତାବାସକୁ ଜାଳି ୨୦ତମ ବାର୍ଷିକୀ ପାଳନ କରିପାରନ୍ତି ବୋଲି ସେ ସତର୍କ କରାଇଦେଇଛନ୍ତି। ଆଫଗାନ ଏକ ବିଫଳ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି। ଅଲ୍ କାଏଦା ଭଳି ଆତଙ୍କବାଦୀ ସଂଗଠନ ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରତି ପୁଣିଥରେ ବିପଦ ସୃଷ୍ଟି କରିପାରନ୍ତି ବୋଲି ବ୍ରିଟେନ ପ୍ରତିରକ୍ଷା ସଚିବ ବେନ୍ ୱାଲାସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତାଲିବାନକୁ ସମର୍ଥନ କରିବ ନାହିଁ ବୋଲି ପାକିସ୍ତାନ କହୁଥିବାବେଳେ ବାସ୍ତବରେ ଏହା ଆତଙ୍କବାଦୀଙ୍କୁ ସହାୟତା ଯୋଗାଇ ଦେଉଛି। ତାଲିବାନ ପାଇଁ ପାକିସ୍ତାନରେ ଆତଙ୍କବାଦୀ ନିଯୁକ୍ତ କରାଯାଉଛି।

# ଖୋର୍ଦ୍ଧାରେ ବଢୁଛି ଲଘୁ ଖଣିଜ ଚୋରାଚାଲାଣ

## ୫ ପାୱାର ଟିଲର, ଟ୍ରକ ଜବତ

ଖୋର୍ଦ୍ଧା ଅଫିସ, ୧୩।୮

ଖୋର୍ଦ୍ଧା ଉପଖଣ୍ଡରେ ଦିନକୁ ଦିନ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ବଢ଼ିଚାଲିଛି। ଦୈନିକ ଶହ ଶହ ଟ୍ରକ, ଟ୍ରାକ୍ଟର ଯୋଗେ ମୋରମ, ମାଙ୍କଡ଼ା ପଥର ଚୋରା ଚାଲାଣ ଚାଲିଛି। ପ୍ରଶାସନ ପକ୍ଷରୁ ଏନେଇ ବାରମ୍ବାର ଚଢ଼ାଉ ସତ୍ତ୍ୱେ କୌଣସି ଫରକ ପଡୁନାହିଁ। ଚୋରା ଚାଲାଣ ରୋକିବା ଲାଗି ଉପଖଣ୍ଡରେ ୩ଟି ଟାସ୍କ ଫୋର୍ସ ଗଠନ କରାଯାଇଛି। ତଥାପି ଗଳାବାଟ ଦେଇ ମାଫିଆମାନେ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଉପଖଣ୍ଡରେ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ଼ ଆଦି ଅଞ୍ଚଳରୁ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଚାଲିଛି। ଏନେଇ ଉପଖଣ୍ଡ ପକ୍ଷରୁ ଜୁଲାଇ ସୁଦ୍ଧା ୪କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଅଗଷ୍ଟ ପହିଲାରୁ ପୁଣି ଥରେ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଶ୍ରୀମନ୍ଦିର ପ୍ରଶାସନର ପାହାଡରୁ ବେଆଇନ ଭାବେ ପଥର ଚାଲାଣ କରୁଛନ୍ତି। ଖୋର୍ଦ୍ଧା ତହସିଲର ଟାଙ୍ଗିଆପଡ଼ା, କୁମାରବସ୍ତ, ନିଆଳ, ମଲ୍ଲିପୁର, ପୁରୁସାହି, କେରଙ୍ଗ, ମଳିପଡା, ଜଙ୍କିଆ ପ୍ରମୁଖ ଅଞ୍ଚଳରେ ମାଫିଆଙ୍କ ରାଜ ଯୋଗୁ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। ଅନ୍ୟପଟେ ମାଙ୍କଡ଼ା ଚାଲାଣ ଯୋଗୁ ଗାତ ସୃଷ୍ଟି ହୋଇ କୃତ୍ରିମ ହ୍ରଦ ପାଲଟିଛି। ନିଜିଗଡ ଟାପଙ୍ଗ ମୁଣ୍ଡିଆ ପାହାଡ଼ ଚାରିପଟୁ ପଥର କଟାଯିବା ଫଳରେ ଏହାର ଚାରିପଟେ ଗାତରେ ପାଣି ଜମି କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି। ଟାଙ୍ଗିଆପଡ଼ା ମୌଜାର ଲଘୁଖଣିଜ ଦ୍ରବ୍ୟ ବେଆଇନ ଚାଲାଣ ହେଉଥିବା ଖବରପାଇ ଶୁକ୍ରବାର ଖୋର୍ଦ୍ଧା ତହସିଲ ପଦ୍ମଚରଣ ସାହୁ ବେଆଇନ ଖଣିରେ ଚଢ଼ାଉ କରିଥିଲେ। ଖଣିରୁ ଗୋଟିଏ ଟ୍ରକ ଜବତ କରାଯାଇଛି। ସେହିପରି ଜଙ୍କିଆ ଅଞ୍ଚଳରେ ତହସିଲଦାର ଚଢ଼ାଉ କରି ୨ଟି ପାୱାରଟିଲର ଓ ଖଣି ନିକଟରୁ ଏକ ମିନିଟ୍ରକ ଜବତ କରାଯାଇଛ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ସେହିପରି ଖୋର୍ଦ୍ଧା ବ୍ଲକ୍ ଆଗରୁ ଏକ ବାଲି ବୋଝେଇ ହାଇୱା ଗାଡିକୁ ମଧ୍ୟ ଏହି ଟିମ୍ ଜବତ କରିଥିବା ତହସିଲଦାର ସାହୁ କହିଛନ୍ତି । ହାତଗଣତି କେତକ ଗାଡ଼ିରୁ ରାଜସ୍ୱ ବିଭାଗ ଜାରିମାନା ଆଦାୟ କରି ପଥର ମାଫିଆଙ୍କୁ ଅନୁକମ୍ପା ଦେଖାଉଥିବା ସାଧାରଣରେ ଅଭିଯୋଗ ହେଉଛି।


**TRIBAL DEVELOPMENT COOPERATIVE CORPORATION OF ODISHA LTD**

Rupali Square, Bhoi Nagar, Bhubaneswar-751022, Odisha
Tel No.2542475, 2542617, FAX-2544828, Email:admin@tdccodisha.org

**E-Auction Notification No: 1511 Date: 13.08.2021**

No. CAD-884:- E-Auction for Sale of Sal Seeds, Seeded Tamarind, De-Seeded Tamarind & Seeded Harida 2021 Crop procured under MSP Scheme through forward auction platform of MSTC Ltd (E – RaKAM) & NCDEX e-Market Ltd. The e-Auction will be held on 06.09.2021 & the same will be reflected in www.neml.in & www.mstcecommerce.com. The details terms and conditions can be downloaded from the website www.tdccodisha.org. Any changes/modification in the auction documents will be posted on website.

OIPR-26005/11/0014/2122 Sd./- Managing Director

GOVERNMENT OF ODISHA E-mail: rw_rourkela@yahoo.co.in

**OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA**

**TENDER CALL NOTICE**

No. O-531 BID IDENTIFICATION NO. ONLINE-EERKL-07 of 2021-22

1. Name of the Work : Road Works
2. Total No. of Works : 2 (Two) Nos.
3. Estimated Cost : Rs.35.36 lakhs & Rs.48.80 lakhs
4. Class of Contractor : "C", "B" & "A" Class
5. Period of Completion : 04 (Four) Calendar Months
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Rourkela | Online-EERKL-07 of 2021-22 | 16.08.2021 from 10.00 A.M. | 26.08.2021 upto 5.00 P.M. |

Further details can be seen from the website www.tendersorissa.gov.in.

Sd./- Executive Engineer, RW Division, Rourkela
OIPR-25067/11/0008/2122

HOUSING AND URBAN DEVELOPMENT DEPARTMENT
OFFICE OF THE
**BARGARH MUNICIPAL COUNCIL, BARGARH**
At/P.O./Dist.- Bargarh, PIN - 768028
e-Mail: bargarhmunicipality.eo@gmail.com
Website: www.bargarhmunicipality.in
Ph.: 06646-234347, Fax: 06646-234347

Letter No. 4072 **Invitation for Bids** Date: 12.08.2021

Bid Identification No. 2/BGH-MUN/2021-22

No. C-739: The Executive Officer, Bargarh Municipality on behalf of Bargarh Municipality invites bids on percentage rate basis on Online mode for works as detailed in the table given below from eligible contractors registered with the Sate/Central Govt. and contractors of equivalent grade/ULBs contractor for execution of works on production of definite proof from the appropriate authority.

| | | |
|---|---|---|
| 1 | Nature of Work | Civil Work |
| 2 | No. of Work | 27 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | "D" & "C" |
| 6 | Availability of Bids documents in website | From 11.00 hrs. Dt.16.08.2021 to 17.30 Dt.26.08.2021 |
| 7 | Date of Opening of Bid | Dt.27.08.2021 11.00 hrs. |
| | The bidder have to participate in ONLINE bidding only. Further details can be seen from the website i.e. https://tenderodisha.gov.in and Bargarh Municipality website i.e. http://www.bargarhmunicipality.in. Any addendum/corrigendum/cancelation of tender can also be seen only in the said webstie. | |

Sd./- Executive Officer, Bargarh Municipality
OIPR-13103/11/0005/2122

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA**
AT/PO- KARANJIA, DIST-MAYURBHANJ-757037
Tel: 06796-296144, e-mail: cce.dip.dowr@gmail.com

**"e" Procurement Notice**

**Bid Identification No. 02/CCEDIP of 2021-22**

No. A-358:-
Name of Work : As per Detailed Tender Call Notice
Total No. of Packages : 03 (Three) Nos. of Individual work
Estimated cost of Package : As per DTCN
Period of Completion : As per DTCN
Class of Contractor : As per DTCN
Other Details :

| Procurement Officer | Bid-Identification No. | Availability of tender on-line for bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 02/CCEDIP of 2021-22 (on-line) | 17.08.2021 at 10.00 AM | 02.09.2021 up to 05.00 PM |

Further details can be seen from the Govt. website www.tendersorissa.gov.in.

Any addendum/corrigendum/cancellation of tender can also be seen in the said Website.

OIPR-32337/11/0002/2122 Sd./- Chief Construction Engineer, Deo Irrigation Project, Karanjia

No.C-743
OFFICE OF THE
**NOTIFIED AREA COUNCIL, DHARAMGARH**
(Dt)- KALAHANDI
E-mail: nacdharmagarh@gmail.com
No. 1619/DMH Dated 12.08.21

**DETAILED TENDER CALL NOTICE**

| | | |
|---|---|---|
| Name of the work | : | Complete website for NAC Dharamgarh |
| Tender notice no. & Date | : | 1611/DMH, Dt.10.08.2021 |
| Agency | : | As per eligibility |
| Period of Tender | : | THREE YEAR |
| Available of Documents | : | 12.08.2021 to 25.08.2021 (in Office Hours) at NAC Office Dharamgarh |
| Last date of receipt of documents | : | Upto 01.00 PM of 25.08.2021 |
| Date of opening of Bid | : | 03.30 PM of 25.08.2021 |
| Name and address of the Officer inviting the notice | : | Executive Officer, NAC, Dharamgarh, Kalahandi |
| Details can be seen from | : | http://www.kalahandi.nic.in |

Sd./- Sub-Collector-cum-Executive Officer NAC, Dharamgarh
OIPR-13163/11/0007/2122

GOVERNMENT OF ODISHA
**OFFICE OF THE SUPERINTENDING ENGINEER, P.H. DIVISION, BALANGIR**
Ph. No. (06652-234647), Email ID: eephbgr@yahoo.co.in

No. C-742 **NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

Bid Identification No. SE PH BGR 21/2021-22 Dt.09.08.2021

01. Name of the Work : 02 Nos.
02. Estimated Cost : Rs.92.05 to 96.31 lakhs
03. Period of Completion : 06 (Six) Calendar Months
04. Date & time of availability of bid document in the portal : From 11.00 A.M. of Dt.16.08.2021 to 5.00 P.M. of Dt.25.08.2021
05. Last date/time of receipt of bids in the portal : 5 P.M. of Dt.25.08.2021
06. Date & time of opening of bids : At 11.00 A.M. of Dt.26.08.2021
07. Name and address of the Officer Inviting Bid : Superintending Engineer, P.H. Division, Balangir At: Tulsinagar, Dist.- Balangir PIN - 767001

Further details can be seen from the website http://tenders.ori.nic.in or www.tendersorissa.gov.in.

Sd./- Superintending Engineer
P.H. Division, Balangir
OIPR-13005/11/0014/2122

# କ ବି ତା

## ଆଜି ଆମେ ସ୍ୱାଧୀନ

ଦିନେ ଥିଲେ ଆମେ ପରାଧୀନ
ଆଜି ଆମେ ସ୍ୱାଧୀନ,
କେତେ ବୀର ଯୋଦ୍ଧାଗଣ
ହରାଇଲେ ଜୀବନ।
ଇଂରେଜୀଙ୍କ ନାଲି ଆଖି
ଦେଖିଦେଲେ ଜବାବ,
ପଛୁ ପଛେ ହାତକଡି
ରହିଲେନି ନୀରବ।
ସଂଗ୍ରାମରୁ ଜାତ ହେଲା
ସ୍ୱାଧୀନତା ଦିବସ,
ଅଗଷ୍ଟ ୧୫ ଏବେ
ଭରିଦିଏ ହରଷ।
ଏହି ଶୁଭ ଦିବସରେ
ମଥା ନଇଁ ପଡୁଛି,
ସ୍ୱାଧୀନତା ରଣ ଭୂଇଁ
ଶହୀଦଙ୍କୁ ଝୁରୁଛି।
ଜାତୀୟତା ଭାବ କହି
ଗଢ଼ିବା ଏ ଦେଶକୁ,
ଛୋଟ ଛୋଟ କଥା ଭୁଲି
ବଢ଼ିଯିବା ଆଗକୁ।

**–ବସନ୍ତ ଦାସ,**
ରମ୍ଭା, ବରୀ, ଯାଜପୁର

## ଜୟ ଯବାନ ଜୟ କିଷାନ

ଏ ଦେଶ ମାଟିର
ସନ୍ତାନ ଆମେରେ
ଆମେ ତା'ର ଧନ
ସେ ଆମ ପ୍ରାଣରେ।
ବାପୁ କହେ ଅହିଂସା
ମୋ ନୀତିରେ
ଚାଚା ଗଲେ
ହାତେ ଧରି ଶାନ୍ତିରେ
ପ୍ରଗତି ସମତା
ଆମରି ସ୍ୱରରେ
ଶାନ୍ତିର ମଶାଲ
ପୁଣି ତୁ ଜାଳରେ।
ଯେତେ ଯହିଁ ଶିଶୁ–
ସାଥୀ ଆସରେ
କୃଷକ ସୈନିକ
ଆଜି ଜାଗରେ
ଜାତୀୟ ପତାକା
ଗଗନେ ଉଡ଼େରେ
ପ୍ରଣତି ଆମର
ପତାକା ତଳେରେ।

**–ମିନତି ରାୟ,** ସାତଶଙ୍ଖ, ପୁରୀ

## ଆମ ତ୍ରିରଙ୍ଗା

ଫର ଫର ହୋଇ ଉଡୁଅଛି ଆଜି
'ତ୍ରିରଙ୍ଗା' ଆମରି ଦେଶ ପତାକା,
ଭାରତ ମାତାର ସନ୍ତାନ ଆମେ
ଆମରି ମଥାର ବିଜୟ ଟିକା।
ଅଗଷ୍ଟ ପନ୍ଦର, ସ୍ୱାଧୀନତା ପ୍ରାପ୍ତି
ଆମ ଜୀବନର ସ୍ମୃତିର ଦିନ,
ଏଇ ଦିନ ଆମେ ବିଦେଶୀ ହାତରୁ
ପରାଧୀନତାକୁ କରିଲୁ ଛିନ୍ନ।
ଆମ ଦେଶ ଟେକ, ଆମର ଗୌରବ
ଆମରି ପତାକା ଦେଶ ତମାମ,
ସଗର୍ବେ ଉଡ଼ଇ ନୀଳ ଆକାଶରେ
ଛିନ୍ନ କରି ଜାତି, ବର୍ଣ୍ଣ ଓ ଧର୍ମ।
ସବୁଜ ରଙ୍ଗର ମହତ୍ ଉଦ୍ଦେଶ୍ୟ
ଆମରି ଦେଶର 'ସୁପ୍ରଗତି',
ନାରଙ୍ଗୀ ରଙ୍ଗରେ ଲେଖା ହୋଇଥାଏ
ବୀର ଯବାନଙ୍କ 'ତ୍ୟାଗ'ର ଗୀତି।
ଧବଳ ରଙ୍ଗର ଅପାର ମହିମା
'ଶାନ୍ତି'ର ପ୍ରତୀକ ଆମ ଦେଶର,
ତ୍ୟାଗ ଓ ପ୍ରଗତି, ଶାନ୍ତି ଓ ମୈତ୍ରୀ
ଏହି ତିନି ରଙ୍ଗ ସେ ପତାକାର।
ଆସ ଆସ ପିଲେ ଶପଥ କରିବା
ଆମ ପତାକାର ଚରଣ ତଳେ,
ଆସୁଯେତେ ବାଧା, ଝଞ୍ଜା ଏଦେଶେ
ସବୁ ଦୂରେଇବା ଏକତା ବଳେ।

**– ପୁଷ୍ପଲତା ମହାନ୍ତି**
୭୧/ଏ, ବିଜେବି ନଗର,
ଭୁବନେଶ୍ୱର

ଆ ଇ ନା



ସୁହାନୀ
୭ବର୍ଷ

# ତିନିଧାଡ଼ିରେ ପ୍ରଭାତଫେରି

ଗପ

ଛୋଟ ସହରଟିଏ । ସହରକୁ ଲାଗି ଗାଁଟିଏ । ନାଁ ତା'ର ସୁନ୍ଦରପୁର । ଗାଁ ମୁଣ୍ଡରେ ବିଦ୍ୟାଳୟର ପରିବେଶ ଭାରି ସୁନ୍ଦର । ଥରେ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ସ୍ୱତନ୍ତ୍ର ଭାବେ ପାଳନ କରାଗଲା । ପତାକା ଉତ୍ତୋଳନ ପୂର୍ବରୁ ହେଲା ପ୍ରଭାତଫେରି ।

ଦୁଇ ଧାଡ଼ି ହୋଇ ଛାତ୍ରୀଛାତ୍ର ବିଦ୍ୟାଳୟ ଭିତରୁ ବାହାରିଲେ । ଆଗରେ ବାଜା ବାଜୁଛି ଓ ତ୍ରିରଙ୍ଗା ଉଡୁଛି । ପିଲାମାନେ ବୋଲୁଛନ୍ତି ଝଣ୍ଡା ଉଚ୍ଚା ରହେ ହାମାରା... । ଗାଁ ଓ ସହର ପରିକ୍ରମା କରି ଛାତ୍ରୀଛାତ୍ର ପୁଣି ବିଦ୍ୟାଳୟ ପ୍ରାଙ୍ଗଣକୁ ଫେରିଲେ । ଆଶ୍ଚର୍ଯ୍ୟର କଥା ଦୁଇଧାଡ଼ିରେ ଯାଇଥିବା ପିଲାମାନେ ଫେରିଲା ବେଳକୁ ତିନି ଧାଡିରେ ଆସିଛନ୍ତି । କୋଡ଼ିଏ ଜଣ ବାହାର ପିଲା ବି ଛାତ୍ରୀଛାତ୍ରଙ୍କ ସହ ଆସିଛନ୍ତି । ଏହା ଦେଖି ପ୍ରଧାନଶିକ୍ଷକ ଖୁସି ହେଲେ । ତା'ପରେ ଏକ ସଭାର ଆୟୋଜନ ହେଲା । ସେଠାରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ । ଜଣେ ସ୍ୱେଚ୍ଛାସେବୀ ଆସି ପ୍ରଧାନଶିକ୍ଷକଙ୍କୁ ପଚାରିଲେ, ଆଚ୍ଛା ଗୁରୁଜୀ ତୃତୀୟ ଧାଡ଼ିରେ ଆସିଥିବା ପିଲାମାନଙ୍କ ଭିତରୁ କେହି ଘର କାମରେ ନିୟୋଜିତ ଥିଲେ ତ ଆଉ କେହି ଦୋକାନ ବଜାରରେ କାମ କରୁଥିଲେ । ଅଭିଭାବକଙ୍କୁ ବାରମ୍ବାର ବୁଝାଇବା ସତ୍ତ୍ୱେ ଏ ପିଲାମାନଙ୍କୁ ପାଠପଢ଼ିବାକୁ ଛାଡୁ ନ ଥିଲେ । ଆପଣ କ'ଣ ଉପାୟ କଲେ ଯେ ସେମାନେ ବିଦ୍ୟାଳୟକୁ ଆସିଛନ୍ତି ଆଉ ଭାରି ଖୁସି ଦେଖା ଯାଉଛନ୍ତି ? ପ୍ରଧାନଶିକ୍ଷକ ହସିଦେଇ କହିଲେ ବୁଝିଲେ ସାହୁବାବୁ, ବେଳେବେଳେ ଆମଦ୍ୱାରା ଯାହା ହୁଏ ନାହିଁ ତାହାକୁ ପିଲାମାନେ କରିପାରନ୍ତି । ପୂର୍ବନିଷ୍ପତ୍ତି ମୁତାବକ ସ୍ୱାଧୀନତା ଦିବସ ପ୍ରଭାତଫେରି କାର୍ଯ୍ୟକ୍ରମ ବେଳେ ସେମାନଙ୍କୁ ନୂଆ ସ୍କୁଲ ଡ୍ରେସ ପିନ୍ଧାଯାଇ ବିଦ୍ୟାଳୟକୁ ନିମନ୍ତ୍ରଣ କରାଗଲା ମିଠେଇ ନେବାପାଇଁ । ଆଜିର ଦିନରେ ଏହି ପିଲାମାନଙ୍କୁ ଆମ ବିଦ୍ୟାଳୟର ଏକ ଛାତ୍ରୀଛାତ୍ର ଦଳ ପାଠପଢ଼ିବା ନିମନ୍ତେ ବୁଝାଇ ଆଣିଛନ୍ତି। ଠିକ୍ ଏହି ସମୟରେ ସଭାରେ ଘୋଷଣା କରାଗଲା ଯେ ବିଦ୍ୟାଳୟର ଯେଉଁ ଛାତ୍ରୀଛାତ୍ରମାନେ ଏହି କୋଡ଼ିଏ ଜଣ ଶିଶୁଙ୍କୁ ପାଠପଢ଼ିବା ପାଇଁ ବୁଝାଇ ଆଣିଛନ୍ତି ସେମାନଙ୍କୁ ପ୍ରଧାନଶିକ୍ଷକ ପୁରସ୍କୃତ କରିବେ । ପୁରସ୍କାର ବିତରଣ ପରେ ସେହି ନୂଆ ପିଲାମାନଙ୍କ ପିତାମାତା ଓ ଅଭିଭାବକ ଆସି ପହଞ୍ଚିଲେ ବିଦ୍ୟାଳୟରେ । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉଦ୍ୟମକୁ ଭାରି ପ୍ରଶଂସା କଲେ । ଉପସ୍ଥିତ ସ୍ୱେଚ୍ଛାସେବୀ ସାହୁବାବୁ କହିଲେ, ଆପଣମାନେ ଏ ସ୍ୱାଧୀନତା ଦିବସରେ ବଢ଼ିଆ ପଦକ୍ଷେପ ନେଲେ । ବିଦ୍ୟାଳୟର ସବୁ ଛାତ୍ରୀଛାତ୍ର ଏକ ସ୍ୱରରେ କହିଲେ, ଏଥର ପ୍ରତିବର୍ଷ ପ୍ରଭାତଫେରିରେ ପାଠପଢା ଛାଡ଼ିଥିବା ପିଲାମାନେ ତୃତୀୟଧାଡ଼ିରେ ବିଦ୍ୟାଳୟକୁ ଫେରିବେ । ଯେଉଁ ବର୍ଷଠାରୁ ତୃତୀୟଧାଡି ଫାଙ୍କା ହେବ, ଆମେ ଜାଣିବୁ ସ୍ୱାଧୀନତାର ମୂଲ୍ୟ ସମସ୍ତେ ବୁଝିଗଲେ ।

**–ଶୁଭନାରାୟଣ ଶତପଥୀ,** ବିଜିପୁର, ବ୍ରହ୍ମଗିରି , ମୋ: ୯୪୩୮୪୩୨୦୨୩



## ଖିଲିଖିଲି ହସ

ସ୍କୁଲରେ ଫେରିବା ପରେ ଥରେ ଅସୀତ ଆସି ତା' ବାପାଙ୍କୁ କହିଲା, ବାପା, ଆଜି ମୁଁ ଭାରି ଖୁସି। କାରଣ ମୁଁ କ୍ଲାସ ପରୀକ୍ଷାରେ ଯେତିକି ନମ୍ବର ରଖିଛି ତାହା କେହି ରଖିନାହାନ୍ତି। ବାପା ଉତ୍ତର ଦେଲେ, ଭଲ କଥା। ଏଣିକି ମନ ଲଗାଇ ପାଠ ପଢ଼। ତା'ହେଲେ ତୁ କେତେ ନମ୍ବର ରଖିଛୁ ? ଅସୀତ କହିଲା, ବାପା, ମୁଁ ସବୁ ବିଷୟରେ ଶୂନ (୦) ରଖିଛି ଆଉ ସବୁ ମିଶାଇ ଦେଲେ ବି ଶୂନ ହେଉଛି। ସାର୍ ମୋତେ କହିଲେ ଯେ ମୁଁ କୁଆଡେ ସ୍କୁଲରେ ରେକର୍ଡ କରିଛି।

ଥରେ ହରିବାବୁଙ୍କ ଚାକର ଫୁଲ ଗଛରୁ ଡାଳଟିଏ ଆଣି ଘରକୁ ଆସିଲା। ଏହାଦେଖି ହରିବାବୁଙ୍କ ପତ୍ନୀ ତାକୁ ପଚାରିଲେ, ଆରେ, ତୋତେ ମୁଁ ଫୁଲ ଆଣିବାକୁ କହିଥିଲି। ତୁ ଡାଳ ଭାଙ୍ଗି ଆଣିଲୁ କାହିଁକି ? ଚାକର କହିଲା, କ'ଣ କରିବି ଆଜ୍ଞା, ସେଠାରେ ଲେଖାହୋଇଥିଲା ଯେ, ଏଠାରୁ ଫୁଲ ତୋଳନ୍ତୁ ନାହିଁ। ତେଣୁ ମୁଁ ଫୁଲ ନ ଆଣି ସିଧା ଡାଳ ଭାଙ୍ଗି ଆଣିଛି।

ଏକଦା ସୋନୁ ମାମା ଏବଂ ପିନୁ ମାମା କଥା ହେଉଥାଆନ୍ତି। ସୋନୁ ମାମା– ଆରେ ଜାଣିଛୁ ମୋ ପୁଅ ସବୁବେଳେ ଆଙ୍ଗୁଠି ଚୁଚୁମୁ ଥିଲା। ତା'ହେଲେ ଏହି ଅଭ୍ୟାସ ତାହାର କେମିତି ଛଡାଇଲୁ ବୋଲି ପିନୁ ମାମା ପଚାରିଲେ। ସୋନୁ ମାମା ଉତ୍ତର ଦେଲେ, 'ଏପରି ଅଭ୍ୟାସ ଛାଡିବା ପାଇଁ ତାକୁ ଏବେ ଢ଼ିଲା ପ୍ୟାଣ୍ଟ ପିନ୍ଧାଉଛି।

## ଟଗଲା ଭୀମୁ




## ତୁମ ପଢ଼ିବା ପାଇଁ




**ମୋ ଆଶା :** ତ୍ରୟମାସିକ ଶିଶୁ–କିଶୋର ସାହିତ୍ୟ ପତ୍ରିକା 'ମୋ ଆଶା'ର ବର୍ଷ ସଂଖ୍ୟା ପ୍ରକାଶିତ ହୋଇଛି। ଏହି ସଚିତ୍ର ପତ୍ରିକାର ଏଥର ସଂସ୍କରଣରେ ପ୍ରକାଶିତ ହୋଇଛି ପିଲାଙ୍କ ମନକୁ ଛୁଇଁଲା ଭଳି ବିଷୟବସ୍ତୁ। ବଟକୃଷ୍ଣ ତ୍ରିପାଠୀ, ପ୍ରଣବ କୁମାର ସ୍ୱାଇଁ, ବସନ୍ତ କୁମାର ସ୍ୱାଇଁ, କ୍ଷେତ୍ରମୋହନ ମହାରଣା, ପ୍ରିୟଦର୍ଶିନୀ ମହାନ୍ତି, ବିପିନ ବିହାରୀ ନାୟକ, ପ୍ରକାଶ କୁମାର ଚାନ୍ଦ ଏବଂ ତ୍ରିଲୋଚନ ମଥାନ ଆଦି ଲେଖକଙ୍କ ଲେଖା ସୁନ୍ଦର ତଥା ହୃଦୟସ୍ପର୍ଶୀ ହୋଇଛି। ହୀରାଲାଲ ବରିହାଙ୍କ ଅଳଙ୍କରଣ ପିଲାମାନଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ଆଶା କରାଯାଏ। ସୁମନ୍ତ କୁମାର ମହାରଣାଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୨୦ଟଙ୍କା। **ଯୋଗାଯୋଗ :** 'ମୋ ଆଶା', ଲିଟିଲ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ।



# ଆସୁଛି ଅଗଷ୍ଟ ପନ୍ଦର

**କରୋନା କଟକଣା ମଧ୍ୟରେ ଏବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କର କ୍ଲାସରେ ଆରମ୍ଭ ହୋଇଛି ପାଠପଢ଼ା। ଆସନ୍ତା ସୋମବାରଠାରୁ ନବମ ଶ୍ରେଣୀ ପିଲାଙ୍କ ପାଇଁ ବି ସ୍କୁଲ ଖୋଲିବାକୁ ଯାଉଛି। ହେଲେ ଏଥର ବି ସ୍କୁଲରେ ପିଲାଙ୍କୁ ଅଗଷ୍ଟ ପନ୍ଦର ପାଳିବା ନେଇ ରହିଛି କଟକଣା। ତେବେ ଏବର୍ଷ ଏହି ଦିବସଟିକୁ କେମିତି ପାଳିବେ ସେ ସମ୍ପର୍କରେ କେତେକ ସ୍କୁଲ ପିଲାଙ୍କ ମତାମତକୁ ନେଇ ଉପସ୍ଥାପନା...**

### ଗ୍ରୁପରେ ଏକାଠି ପାଳିବୁ

ଆମକୁ ସ୍କୁଲକୁ ଯିବାକୁ ମନା କରାଯାଇଛି। ସେଥିପାଇଁ ତ ଆମେ ସାଙ୍ଗମାନେ ଅନଲାଇନ୍‌ରେ ଅଗଷ୍ଟ ପନ୍ଦର ପାଳନ କରିବାକୁ ନିଷ୍ପତ୍ତି ନେଇଛୁ। ସକାଳ ୯ଟାବେଳେ ଆମ ସାଙ୍ଗମାନେ ଏକ ଗ୍ରୁପ କରି ମିଟିଂ କରିବୁ ଆଉ ଘରେ ରହି ସାମୁହିକଭାବେ ଜାତୀୟ ସଙ୍ଗୀତ ଗାଇବୁ। ଏଥିସହ ସମସ୍ତେ ସ୍କୁଲ ୟୁନିଫର୍ମ ପିନ୍ଧିବୁ ବୋଲି କଥା ହୋଇଛୁ। *–ସ୍ଥିତିପ୍ରଜ୍ଞା ଲେଙ୍କା*
*କ୍ଲାସ–୭, ଓଡିଆ ଆଦର୍ଶ ବିଦ୍ୟାଳୟ, ମାଧପୁର, ସୁକିନ୍ଦା, ଯାଜପୁର*

### ଅନ୍‌ଲାଇନ୍‌ରେ ପାଳିବୁ

ସ୍କୁଲକୁ ସିନା ଯିବୁନି କିନ୍ତୁ ଅନ୍‌ଲାଇନ୍‌ରେ ସ୍କୁଲର ସବୁ ପିଲା ପତାକା ଉତ୍ତୋଳନ ସମୟରେ ଉପସ୍ଥିତ ରହିବୁ। ଅନ୍‌ଲାଇନ୍ କ୍ଲାସ ଭଳି ପତାକା ଉତ୍ତୋଳନ କରାହେବ। ଜାତୀୟ ସଙ୍ଗୀତ ବୋଲାହେବ। ଜାତୀୟ ସଙ୍ଗୀତ ବୋଲିବା ପାଇଁ ଆମେ ଘରେ ଅଭ୍ୟାସ କରୁଛୁ। କିନ୍ତୁ ଦୁଃଖ ଲାଗୁଛି କି ଏଥର କୌଣସି ପ୍ରକାରର ପ୍ରତିଯୋଗିତା ହେବ ନାହିଁ।
*–ଶ୍ରଦ୍ଧାଞ୍ଜଳି ମହାନ୍ତି,*
*କ୍ଲାସ– ୧୦, ସର୍ବୋଦୟ କନ୍ୟା ବିଦ୍ୟାଳୟ, ପଶ୍ଚିମ ବିହାର, ନୂଆଦିଲ୍ଲୀ*

### ଜାତୀୟ ପତାକା ତିଆରି କରିଛି

ଅଗଷ୍ଟ ପନ୍ଦର ଦିନ ସ୍କୁଲରେ ଜାତୀୟ ପତାକା ଉତ୍ତୋଳନ ହୁଏ, ସଭା ହୁଏ ଆଉ ସେଓ –ବୁନ୍ଦି ଓ ବିସ୍କୁଟ ବି ଖାଇବାକୁ ଦିଆଯାଏ। କିନ୍ତୁ ଗତବର୍ଷ ଭଳି ଏଥର ବି ଆମର ସ୍କୁଲ ଖୋଲି ନାହିଁ। ତେଣୁ ଏଥର ବି ଆମକୁ ଏସବୁ ଜିନିଷ ମିଳିବ ନାହିଁ। ହେଲେ ମୁଁ ଛୋଟ ଜାତୀୟ ପତାକା ତିଆରି କରି ଆମ ଘରେ ଲଗାଇବି ଏବଂ ଆମ ପାଖ ଘରେ ଥିବା ମୋ ସାଙ୍ଗ ଆଉ ମୋ ଭାଇ ମିଶିକି ଜାତୀୟ ପତାକା ଧରି ଛାତ ଉପରେ ଜାତୀୟ ସଙ୍ଗୀତ ଗାଇବୁ।
*–ସୃଷ୍ଟିସ୍ୱରୂପା ପୁରୀ, କ୍ଲାସ– ୬, ଡ୍ରିମ୍ ଇଣ୍ଡିଆ ସ୍କୁଲ, ମଧୁପାଟଣା, କଟକ*

### ଜାତୀୟ ସଙ୍ଗୀତ ବୋଲିବୁ

ଅଗଷ୍ଟ ପନ୍ଦର ତ ଆମେ ପାଳନ କରିବୁ ନିଶ୍ଚୟ। ଆମେ ଭାଇ ଭଉଣୀ ଆଉ ଆମ ବିଲ୍‌ଡିଂରେ ରହୁଥିବା ସବୁ ପିଲା ମିଶିକି ଆମ ଛାତ ଉପରେ ସେଦିନ ଏକାଠି ଜାତୀୟ ସଙ୍ଗୀତ ବୋଲିବୁ। ମାମା କହିଛନ୍ତି, ସବୁ ସାଙ୍ଗ ପିଲାଙ୍କ ପାଇଁ ବିସ୍କୁଟ ଓ ଚକୋଲେଟ୍ ଆଣି ଦେବେ। ଠାକୁରଙ୍କୁ ଡାକୁଛି ଆରବର୍ଷକୁ ଯେମିତି କରୋନା ଚାଲିଯାଉ ଆମେ ସ୍କୁଲରେ ଭଲଭାବେ ପାଳନ କରିବୁ।
*–ଦେବରାଜ ମହାନ୍ତି*
*କ୍ଲାସ– ୫, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ଭଦ୍ରକ*

### ସଂଗ୍ରାମୀଙ୍କ ସମ୍ପର୍କରେ କହିବୁ

ଅଗଷ୍ଟ ପନ୍ଦର ପାଇଁ ଆମେ ଅଳ୍ପ କେତେଜଣ ସାଙ୍ଗ ମିଶିକି ଅନଲାଇନରେ ଜୁମ୍ କ୍ଲାସ ଭଳି ମିଟିଂ କରିବୁ। ମତେ ସ୍ୱାଧୀନତା ସଂଗ୍ରାମୀ ସୁବାସ ବୋଷଙ୍କ ସମ୍ପର୍କରେ କହିବା ପାଇଁ କୁହାଯାଇଛି। ଅନ୍ୟ ସାଙ୍ଗମାନେ ବି ମହାପୁରୁଷଙ୍କ ସମ୍ପର୍କରେ କହିବେ। ଏଥିପାଇଁ ଆମେ ପୂରା ପ୍ରସ୍ତୁତି କରିଛୁ।
***ଅନିନ୍ଦ୍ୟ ଅରବିନ୍ଦ,** କ୍ଲାସ–୭, ଶ୍ରୀମଦ୍‌ଭଗବତ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର*


ସ୍ଥିତିପ୍ରଜ୍ଞା


ଅନିନ୍ଦ୍ୟ


ଦେବରାଜ


ଶ୍ରଦ୍ଧାଞ୍ଜଳି


ସୃଷ୍ଟି ସ୍ୱରୂପା

## କହିଲ ଦେଖି

ଉପର ରଙ୍ଗଟି ତ୍ୟାଗ ଓ ସାହସ
ମଝିରଙ୍ଗ କହେ ସତ୍ୟ ଶାନ୍ତି ଦେଶ
ତଳରଙ୍ଗ ଗୋଟି ସମୃଦ୍ଧି, ବିଶ୍ୱାସ
ଜାତୀୟ ଦିବସେ ଫରଫର ଉଡ଼େ
କୁହ ଏ ମାସରେ କିଏ ମନେପଡ଼େ ?
ଉ–**ଜାତୀୟ ପତାକା**



ଚାରିଦିଗକୁ ଚାରିଟି ସିଂହ
ଅଛନ୍ତି ଆଗକୁ ଚାହିଁ
ତଳେ ଘୋଡା ଆଉ ଷଣ୍ଢର ଚିହ୍ନ
ସତ୍ୟମେବ ଜୟତେ କହି,
ମଝିରେ ଚକ୍ର ଚିହ୍ନ–
ସ୍ୱାଧୀନ ଦେଶର ଗୌରବ ବଢାଏ
ପାଏ କେ' ଉଚ୍ଚ ସମ୍ମାନ।
ଉ–**ଜାତୀୟ ସଙ୍କେତ**

ଜାତୀୟ କାର୍ଯ୍ୟକ୍ରମ ପୂର୍ବରୁ
ହୋଇଥାଏ ସଦା ଗାନ
ଗାଇବା ବେଳେ ସମ୍ମାନ ଦେଇ
ହେଉ ଆମେ ଦଣ୍ଡାୟମାନ,
ରଚିଲେ ବିଶ୍ୱକବି–
ଜାଣିଛ ଯଦି ଗୀତଟି ବୋଲ
ସ୍ୱଦେଶ ପ୍ରେମୀ ଭାବି।
ଉ–**ଜାତୀୟ ସଙ୍ଗୀତ**

**–ନିରଞ୍ଜନ ପତି**
*ଗାନ୍ଧିମାର୍ଗ, ଅନୁଗୋଳ*

ତୁମ ତୂଳୀରୁ


**ସାଇ ସୋହମ୍ ପ୍ରଧାନ**
କ୍ଲାସ–୮,
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ସତ୍ୟବାଦୀ, ପୁରୀ







**ସୋନମ୍ ପାତ୍ର**
କ୍ଲାସ– ୫, ଏକାଡେମିକ୍ ହାଇଟ୍ ପବ୍ଲିକ ସ୍କୁଲ,
ଭବାନୀପାଟଣା,
କଳାହାଣ୍ଡି


**ବାଦଲ କୁମାର ନାୟକ**
କ୍ଲାସ–୬, କ୍ୟୁଏଭି,
ଦେଉଳିପାଲି,
ଧର୍ମଶାଳା, ଯାଜପୁର







**ତପସ୍ୱିନୀ ସାହୁ**
କ୍ଲାସ–୬,
କୁମୁରିସିଂହା ପଞ୍ଚାୟତ
ଉଚ୍ଚ ବିଦ୍ୟାଳୟ,
ଅନୁଗୋଳ


**ସାଇସୌରଭ ରାଉତ**
କ୍ଲାସ–୪, ବିବି
ମେମୋରିଆଲ ସ୍କୁଲ,
କୋଲକାତା








**ସାଇ ସୌମେନ୍ଦୁ**
କ୍ଲାସ–୧, ଓଡିଏମ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର

**ସଂକ୍ଷେପରେ**

## ଟୁଇଟର ଇଣ୍ଡିଆ ଏମ୍‌ଡିଙ୍କୁ ନୂଆ ଦାୟିତ୍ୱ

**ନୂଆଦିଲ୍ଲୀ,୧୩।୮:** ଟୁଇଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ମନୀଷ ମାହେଶ୍ୱରୀଙ୍କୁ କମ୍ପାନୀ ନୂଆ ଦାୟିତ୍ୱ ପ୍ରଦାନ କରିଛି। ରାଜସ୍ୱ କୌଶଳ ଏବଂ ପରିଚାଳନା କ୍ଷେତ୍ରରେ କମ୍ପାନୀର ସାନଫ୍ରାନସିସ୍କୋ କାର୍ଯ୍ୟାଳୟରେ ସେ ବରିଷ୍ଠ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ନୂଆ ଆଇଟି ଆଇନକୁ ନେଇ ଭାରତ ସରକାର ଏବଂ ଟୁଇଟର ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ କମ୍ପାନୀ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୨ ମାସ ପୂର୍ବରୁ ମାହେଶ୍ୱରୀଙ୍କୁ ଗାଜିଆବାଦ ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେ ଜଣେ ବୟୋଜ୍ୟେଷ୍ଠ ଲୋକଙ୍କୁ ହଇରାଣ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଆସିବା ପରେ ଏହାକୁ ନେଇ ଅନେକ ପ୍ରତିକ୍ରିୟା ରଖିଥିଲେ। ତାଙ୍କୁ କର୍ନାଟକ ହାଇକୋର୍ଟ ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ କୌଣସି ବଳପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶରେ କହିଛନ୍ତି।

## ବିଓବି ପକ୍ଷରୁ ଏସ୍‌ଏଚ୍‌ଜି ଋଣ ମେଳା

**ଭୁବନେଶ୍ୱର,୧୨।୮:** ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏସ୍‌ଏଚ୍‌ଜି ଋଣ ମେଳା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଙ୍କୁ ୨.୩୭ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଏବଂ ସମ୍ପାଦିକାଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଏଥିରେ ପାଟନା ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ରମେଶ କୁମାର ମହାନ୍ତି, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୨ର କ୍ଷେତ୍ରୀୟ ମୁଖ୍ୟ ଅନ୍ନୟ କୁମାର ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୨ ର ଉପ-କ୍ଷେତ୍ରୀୟ ମୁଖ୍ୟ ନିର୍ବିକାର ରଥ ଅତିଥି ରୂପେ ଯୋଗଦେବା ସହ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ବାନାମ୍ବର ବେହେରା ଏବଂ ଚାନ୍ଦି ବାଉଁଶ ମୂଳ ଶାଖାର ଶାଖା ପ୍ରବନ୍ଧକ ସୁଧାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭେଇକିଲ ସ୍କ୍ରାପେଜ୍ ନୀତି ଆରମ୍ଭ

ନୂଆଦିଲ୍ଲୀ,୧୩।୮



- ଉନ୍ମୋଚନ କଲେ ମୋଦି
- ଯୁବବର୍ଗ, ଷ୍ଟାର୍ଟଅପ୍ ଯୋଜନାରେ ସାମିଲ ହେବାକୁ ଆହ୍ୱାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭେଇକିଲ ସ୍କ୍ରାପେଜ ନୀତିକୁ ଶୁଭାରମ୍ଭ କରିଛନ୍ତି। ଏହା ଦେଶର ବିକାଶ ଯାତ୍ରାରେ ଏକ ମାଇଲ ଖୁଣ୍ଟ ହେବ ବୋଲି କୁହାଯାଉଛି। ଯୁବବର୍ଗ ଏବଂ ଷ୍ଟାର୍ଟଅପ୍ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ମୋଦି ଆହ୍ୱାନ ଜଣାଇଛନ୍ତି। ଦେଶରେ ଯାନ ସ୍କ୍ରାପିଂ ନେଇ ଭିତ୍ତିଭୂମି ସ୍ଥାପନ ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ସେ କହିଛନ୍ତି। ନୂଆ ପଦକ୍ଷେପ ଦ୍ୱାରା ପ୍ରଦୂଷଣ ସୃଷ୍ଟିକାରୀ ଏବଂ ଫିଟ୍ ନ ଥିବା ଯାନଗୁଡ଼ିକୁ ପରିବେଶ ଉପଯୋଗୀ ଉପାୟରେ ବଜାରରୁ ହଟାଇ ଦିଆଯିବ। ସମସ୍ତ ଅଂଶୀଦାରଙ୍କ ଲାଗି ଏକ ଭାଲ୍ୟୁ ଆଣିବା ଦିଗରେ କାର୍ଯ୍ୟପନ୍ଥା ହାତକୁ ନିଆଯିବ।

ଯାନ ସ୍କ୍ରାପିଂ ନୀତିରେ ଏକ ଇକୋସିଷ୍ଟମ ପ୍ରସ୍ତୁତ କରାଯିବ। ଏହାଦ୍ୱାରା ଅଟୋମେଟେଡ ଟେଷ୍ଟିଂ ଷ୍ଟେଶନ ପଞ୍ଜୀକୃତ ଭେଇକିଲ ସ୍କ୍ରାପିଂ ଫାସିଲିଟି ସାରା ଦେଶରେ ସ୍ଥାପନ କରାଯିବ। ଦେଶର ଭେଇକିଲ ଫ୍ଲିଟକୁ ଆଧୁନିକୀକରଣ କରିବାରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ମୋଦି ଆଶାବାଦୀ ରହିଛନ୍ତି। ବର୍ଜ୍ୟବସ୍ତୁରୁ ସମ୍ପତ୍ତି ସୃଷ୍ଟି କରିବା ଦିଗରେ ନୂଆ ନୀତି ସହାୟକ ହେବ। ପ୍ରଦୂଷଣ ସୃଷ୍ଟି କରୁଥିବା ଯାନଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ବାଦ ଦିଆଯାଇପାରିବ। ଦେଶର ମୋବିଲିଟି ଏବଂ ଅଟୋମୋବାଇଲ କ୍ଷେତ୍ରକୁ ଏକ ନୂଆ ପରିଚୟ ଦେବ। ଏକ ନିରନ୍ତର ଏବଂ ପରିବେଶ ଉପଯୋଗୀ ପଦ୍ଧତିରେ ଏକ ସର୍କୁଲାର ଇକୋନୋମି ଗଠନ ଦିଗରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ମୋଦି ସ୍ପଷ୍ଟ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ନୀତିନ ଗଡକରୀ କହିଛନ୍ତି, ବଜାରରେ ବୈଧ ଫିଟନେସ ନ ଥିବା ୧ କୋଟି ଯାନ ରହିଛି।

### ନୀତିରେ କ'ଣ ରହିଛି

ନୂଆ ନୀତି ଯାନର ଫିଟନେସ ଆଧାରରେ କାର୍ଯ୍ୟକାରୀ ହେବ। ଯାନ କେତେ ବର୍ଷ ଚାଲିଛି ସେ ନେଇ ନିୟମ କଡାକଡି ହୋଇନାହିଁ। ବାଣିଜ୍ୟିକ ଯାନଗୁଡ଼ିକ ୧୫ ବର୍ଷ ଏବଂ ବ୍ୟକ୍ତିଗତ ବ୍ୟବହାର ହେଉଥିବା ଯାନ ୨୦ ବର୍ଷ ହୋଇଥିଲେ, ଫିଟନେସ ଟେଷ୍ଟରେ ବିଫଳ ହେଲେ ଏହାକୁ ସ୍କ୍ରାପିଂ କରାଯିବ। ଯାନଗୁଡ଼ିକୁ ଜବତ କରାଯିବା ସହ ସ୍କ୍ରାପିଂ କରାଯିବ। ଏପ୍ରିଲ ୨୦୨୩ ପରଠାରୁ ଭାରିଯାନଗୁଡ଼ିକର ବାଧ୍ୟତାମୂଳକ ଟେଷ୍ଟିଂ କରାଯିବ। ପର୍ଯ୍ୟାୟ ଭିତ୍ତିରେ ୨୦୨୪ ଜୁନ୍ ପରଠାରୁ ଅନ୍ୟ ବର୍ଗଗୁଡ଼ିକ ଲାଗି ଏହା କାର୍ଯ୍ୟକାରୀ କରାଯିବ। ଭିଣ୍ଟେଜ କାରଗୁଡ଼ିକୁ ବର୍ତ୍ତମାନ ଏହି ନୀତି ପରିସରଭୁକ୍ତ କରାଯାଇନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଯାନଗୁଡ଼ିକ ଲାଗି ସରକାର ନୀତି ଆଣିବେ। ସ୍କ୍ରାପିଂ ପ୍ରମାଣପତ୍ର ଦେଖାଇଲେ ନୂଆ ଯାନ କ୍ରୟରେ ଲୋକଙ୍କୁ ରିହାତି ମିଳିବ। ରୋଡ୍ ଟିକସରେ ୨୫% ପର୍ଯ୍ୟନ୍ତ ଛାଡ, ରେଜିଷ୍ଟ୍ରେଶନ ଫି ଛାଡ ଏବଂ ଯାନ ନିର୍ମାତାଙ୍କ ଲାଗି ମଧ୍ୟ ରିହାତି ବ୍ୟବସ୍ଥା ରହିଛି। ସଡକ ଏବଂ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ନୂଆ ଗାଇଡଲାଇନରେ କୁହାଯାଇଛି, ଯାନ ସ୍କ୍ରାପିଂ ପ୍ରମାଣପତ୍ର ଦେଖାଇ ନୂଆ ଗାଡି କିଣିଲେ କାର କମ୍ପାନୀ ୫% ରିହାତି ଦେବେ। ଏ କ୍ଷେତ୍ରରେ ଜିଏସ୍‌ଟି ରିହାତି ବ୍ୟବସ୍ଥା ଆଗକୁ ଆସିପାରେ। ଏ ନେଇ ଅର୍ଥମନ୍ତ୍ରଣାଳୟକୁ କୁହାଯିବ ବୋଲି ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ରିଲାଏନ୍ସ ରିଟେଲ ଆଣିଲା ପ୍ୟୁରିକ ଇନ୍‌ଷ୍ଟାସେଫ




ନୂଆଦିଲ୍ଲୀ,୧୩।୮

ରିଲାଏନ୍ସ ରିଟେଲ କଞ୍ଜ୍ୟୁମର ବ୍ରାଣ୍ଡ ପକ୍ଷରୁ ପ୍ୟୁରିକ ଇନ୍‌ଷ୍ଟାସେଫ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କ ସ୍ୱାସ୍ଥ୍ୟ, ପରିମଳ ଏବଂ ସୁରକ୍ଷାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପ୍ରଡକ୍ଟ ପ୍ରସ୍ତୁତ କରିଛି। ଏହା ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ଘରକୁ ସଂକ୍ରମଣଠାରୁ ରକ୍ଷା କରିପାରିବ। କୋଭିଡ ପରେ ସ୍ୱଚ୍ଛତା ଏବଂ ପରିମଳ ଗ୍ରାହକଙ୍କ ଲାଗି ଅନେକ ଗୁରୁତ୍ୱ ବହନ କରୁଛି। ସୁସ୍ଥ ଜୀବନଶୈଳୀରେ ବଞ୍ଚିବାକୁ ଲୋକମାନେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଭଳି ପ୍ରଡକ୍ଟ ବ୍ୟବହାର ଦ୍ୱାରା ଭାଇରସ ଏବଂ କୀଟାଣୁଠାରୁ ସୁରକ୍ଷା ଲାଭ କରିହେବ। ଗ୍ରାହକଙ୍କ ସଂକ୍ରମଣ ନିରୋଧୀ ପ୍ରଡକ୍ଟ ଆବଶ୍ୟକତା ଆଧାରରେ କମ୍ପାନୀ ଏହାକୁ ପ୍ରସ୍ତୁତ କରିଛି। ନିମ, ହଳଦୀ, ଲେମ୍ବୁ ଏବଂ କର୍ପୂର ଭଳି ପ୍ରାକୃତିକ ଉପାଦାନକୁ ଏଥିରେ ସାମିଲ କରାଯାଇଛି। ଏହା ଦ୍ରୁତ ଭାବେ ବ୍ୟାକ୍ଟେରିଆ ଏବଂ ଭାଇରସ ଉପରେ ପ୍ରଭାବୀ ହୋଇପାରିବ ବୋଲି କମ୍ପାନୀ କହିଛି। ବ୍ୟକ୍ତିଗତ ସ୍ୱଚ୍ଛତା ବର୍ଗରେ କମ୍ପାନୀ କୀଟାଣୁଠାରୁ ସୁରକ୍ଷା ଲାଗି ସାବୁନ, ହ୍ୟାଣ୍ଡୱାଶ୍, ହ୍ୟାଣ୍ଡ ସାନିଟାଇଜର, ସାୱାର ଜେଲ, ପ୍ରୋଟେକ୍ସନ ୱାଇପ୍ସ ରହିଛି। ସେହିଭଳି ହୋମ୍ ଡିସ୍‌ଇନ୍‌ଫେକସନ ବର୍ଗରେ ଡିସ୍‌ଇନ୍‌ଫେକଟାଣ୍ଟ ସ୍ପ୍ରେ, ମଲ୍ଟିପରପସ ଡିସ୍‌ଇନ୍‌ଫେକଟାଣ୍ଟ, ଆଣ୍ଟିସେପଟିକ ଲିକ୍ୱିଡ, ଭେଜିଟେବଲ ୱାଶିଂ ଲିକ୍ୱିଡ, କ୍ଲିନର ସ୍ପ୍ରେ ରହିଛି। ଏହି ପ୍ରଡକ୍ଟଗୁଡ଼ିକ ରିଲାଏନ୍ସ ସ୍ମାର୍ଟ, ରିଲାଏନ୍ସ ଫ୍ରେସ, ସ୍ମାର୍ଟପଏଣ୍ଟ, ବିଗ୍ ବଜାର, ଇଜିଡେକ୍ଲବ ଭଳି ବିଭିନ୍ନ ଷ୍ଟୋରରେ ଉପଲବ୍ଧ ହେବ। ବର୍ତ୍ତମାନ ଏହି ପ୍ରଡକ୍ଟ ଉପରେ ସ୍ୱତନ୍ତ୍ର ଅଫର ରହିଛି। ଜିଓମାର୍ଟ ଡଟ୍ କମ୍ ଏବଂ ନେଟ୍‌ମେଡ୍ ଏହି ପ୍ରଡକ୍ଟଗୁଡ଼ିକୁ ଅର୍ଡର କରିପାରିବେ।

# ନିବେଶକଙ୍କ ଲାଭ ୩.୫ ଲକ୍ଷ କୋଟି

ନୂଆଦିଲ୍ଲୀ,୧୩।୮



**ସର୍ବକାଳୀନ ରେକର୍ଡ ସ୍ତରରେ ସେନ୍‌ସେକ୍ସ**

ଶୁକ୍ରବାର ଲଗାତର ଦ୍ୱିତୀୟ ଦିନ ଲାଗି ଭାରତର ପୁଞ୍ଜି ବଜାର କାରବାର ଉନ୍ନତ ରହିଛି। ଫଳରେ ନିବେଶକଙ୍କୁ ୩.୫ ଲକ୍ଷ କୋଟି ଟଙ୍କା ଲାଭ ହୋଇଥିବା ଜଣାପଡ଼ିଛି। ପ୍ରଥମ ଥର ଲାଗି ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୫୫ ହଜାର ପଏଣ୍ଟ ସ୍ତରରୁ ଊର୍ଦ୍ଧ୍ୱରେ ବନ୍ଦ ହୋଇଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ) ୫୯୩.୩୧% ବୃଦ୍ଧି ପାଇଛି। ଶୁକ୍ରବାର ଏହା ୬୪୩.୮୧ ପଏଣ୍ଟ ବଢି ୫୫,୪୮୭.୭୯ ପଏଣ୍ଟ ସ୍ତର ଛୁଇଁଥିଲା। କାରବାର ଶେଷ ବେଳକୁ ସେନ୍‌ସେକ୍ସ ୧.୦୮ ପଏଣ୍ଟ ବା ୫୫,୪୩୭.୨୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଗୁରୁବାର ସେନ୍‌ସେକ୍ସ ୩୧୮.୦୫ ପଏଣ୍ଟ ଊର୍ଦ୍ଧ୍ୱରେ ରହିଥିଲା। ସେନସେକ୍ସରେ ଟିସିଏସ୍ କାରବାର ସବୁଠାରୁ ଭଲ ରହିଛି। ଏଲଆଣ୍ଡଟି, ଭାରତୀ ଏୟାରଟେଲ, ଏଚ୍‌ସିଏଲ୍ ଟେକ୍, ଟାଟା ଷ୍ଟିଲ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ବଜାଜ ଅଟୋ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର କାରବାର ମଧ୍ୟ ଉନ୍ନତ ରହିଛି।

## ପିଏନ୍‌ବିର ହିନ୍ଦୀ ପତ୍ରିକା

ଭୁବନେଶ୍ୱର,୧୩।୮

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି)ର ଅଞ୍ଚଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ସଞ୍ଜୀବ ଭରଦ୍ୱାଜଙ୍କ ଦ୍ୱାରା ବ୍ୟାଙ୍କର ଦ୍ୱିତୀୟାର୍ଦ୍ଧ ହିନ୍ଦୀ ପତ୍ରିକା 'ଉତ୍କଳ ବାଣୀ'ର ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଉପ-ଅଞ୍ଚଳ ମୁଖ୍ୟ ଜନ୍ମେଜୟ ଦୀକ୍ଷିତ, ଉପ-ମହାପ୍ରବନ୍ଧକ (ରାଜଭାଷା) ଆଦିତ୍ୟ କୁମାର ପାଢ଼ୀଙ୍କ ସମେତ ଏହାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପତ୍ରିକାରେ କର୍ମଚାରୀ ଏବଂ ଏହାର ସଦସ୍ୟମାନଙ୍କ ଦ୍ୱାରା ସ୍ୱରଚିତ ଲେଖା, କବିତା ଓ ପ୍ରବନ୍ଧ ଇତ୍ୟାଦି ସ୍ଥାନ ପାଇଥାଏ।

## ହ୍ୟୁଣ୍ଡାଇ ପକ୍ଷରୁ ଫ୍ରିଡମ୍ ଡ୍ରାଇଭ

HYUNDAI

ନୂଆଦିଲ୍ଲୀ,୧୩।୮

ପ୍ରମୁଖ ଯାନ ନିର୍ମାତା ହ୍ୟୁଣ୍ଡାଇ ପକ୍ଷରୁ ଫ୍ରିଡମ ଡ୍ରାଇଭ ସମ୍ପର୍କରେ ଘୋଷଣା କରାଯାଇଛି। ସ୍ୱାଧୀନତା ଦିବସକୁ ନଜରରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଚଳିତ ମାସ ୧୪ରୁ ୨୧ ମଧ୍ୟରେ ଏହି କାର୍ଯ୍ୟକ୍ରମ କମ୍ପାନୀ ପରିଚାଳନା କରିବ। କମ୍ପାନୀ ପକ୍ଷରୁ ନିର୍ଦ୍ଦିଷ୍ଟ ବର୍ଗ ବର୍ଦ୍ଧିତ ୱାରେଣ୍ଟି ଉପରେ ୧୦% ରିହାତି ପ୍ରଦାନ କରାଯାଉଛି। ଗ୍ରାହକ ଆର୍‌ଏସ୍‌ଏ ଉପରେ ୨୦% ରିହାତି ଲାଭ କରିପାରିବେ। ଚଳିତ ବର୍ଷ ଜାନୁୟାରୀରୁ ଜୁନ ୨୧ ମଧ୍ୟରେ ଯେଉଁ ଗ୍ରାହକମାନଙ୍କର ସର୍ଭିସ ଅବଧି ରହିଥିଲା ମେକାନିକାଲ ଲେବର ଉପରେ ସେମାନେ ୧୫% ରିହାତି ପାଇବେ। ସ୍ୱତନ୍ତ୍ର ଅଫର ସମ୍ପର୍କିତ ସବିଶେଷ ଠିକଣା ଗ୍ରାହକ ହ୍ୟୁଣ୍ଡାଇ ଡିଲରଶିପଗୁଡ଼ିକରେ ଲାଭ କରିପାରିବେ ବୋଲି ସୂଚନା ରହିଛି।

---

## ଗୋଆ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ବିଅର



**ପଣଜୀ:** ଗୋଆ ଭ୍ରମଣରେ ଯାଉଥିବା ପୁରୁଷ ପର୍ଯ୍ୟଟକଙ୍କର ପ୍ରଥମ ପସନ୍ଦ ବିଅର ଏବଂ ହ୍ୱିସ୍କି। ପର୍ଯ୍ୟଟକମାନଙ୍କ ମଦ୍ୟପାନ ଆଗ୍ରହକୁ ନେଇ ଗୋଆ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ୧୬.୩ ପ୍ରତିଶତ ପୁରୁଷ ପର୍ଯ୍ୟଟକ କେବଳ ଦୈନିକ ମଦ ପିଇବା ପାଇଁ ସେଠାକୁ ଯାଇଥାନ୍ତି। ତେବେ ମାତ୍ର ୫ ପ୍ରତିଶତ ମହିଳା ପର୍ଯ୍ୟଟକ ଦୈନିକ ମଦ ପିଇଥାନ୍ତି। ଉକ୍ତ ସର୍ଭେ ପାଇଁ ଗୋଆ ଭ୍ରମଣରେ ଯାଇଥିବା ୯୬୨ ଘରୋଇ ପର୍ଯ୍ୟଟକଙ୍କ ମତାମତ ନିଆଯାଇଥିଲା। 'ରେଭିଷ୍ଟା ଡେ ଟୁରିଜମ୍' ନାମକ ଅନ୍ତର୍ଜାତୀୟ ପତ୍ରିକାର ସଦ୍ୟତମ ସଂସ୍କରଣରେ ଏହା ପ୍ରକାଶ ପାଇଛି। ଗୋଆରେ ମଦ ପିଇବା ଉପରେ କୌଣସି କଟକଣା ନାହିଁ। ସେଠାରେ ସହଜରେ ଓ ଶସ୍ତାରେ ମଦ ଉପଲବ୍ଧ ହୋଇଥାଏ।

**ଫୁରସତ୍**

# ରାଜ୍ୟରେ ବଢ଼ୁଛି ଗୋଧି ଶିକାର


ୱାଟର ମନିଟର ଲିଜାର୍ଡ

**ଭୁବନେଶ୍ୱର:** ଆଜି ୱାର୍ଲଡ ଲିଜାର୍ଡ ଡେ'। ପ୍ରତିବର୍ଷ ଅଗଷ୍ଟ ୧୪ରେ ଏହି ଦିବସ ପାଳନ କରାଯାଏ। ବିଶ୍ୱରେ ପ୍ରାୟ ୬ହଜାର ଲିଜାର୍ଡ ପ୍ରଜାତିର ସରୀସୃପ ଦେଖାଯାନ୍ତି। କିନ୍ତୁ ବିଭିନ୍ନ କାରଣରୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ସଙ୍କଟରେ ଅଛନ୍ତି। ଗୋଧିଠାରୁ ଆରମ୍ଭ କରି ଏଣ୍ଡୁଅ, ଝିଟିପିଟି ପର୍ଯ୍ୟନ୍ତ ସବୁ ଲିଜାର୍ଡ ପ୍ରଜାତିରେ ଅନ୍ତର୍ଭୁକ୍ତ। ତେବେ ଏଥିରେ ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ ଅନ୍ତର୍ଭୁକ୍ତ। କିନ୍ତୁ ଚୋରା କାରବାର ଯୋଗୁ ଏମାନଙ୍କ ଶିକାର ବଢ଼ିବାରେ ଲାଗିଛି। ଓଡ଼ିଶାରେ ବିଶେଷ କରି ଗୋଧିର ଚୋରା କାରବାର ହେଉଥିବା ଦେଖାଯାଇଛି। ଓଡ଼ିଶାରୁ ପଶ୍ଚିମବଙ୍ଗ, ବାଂଲାଦେଶ ଗୋଧି ବେପାର ହେଉଥିବା ଜଣାପଡ଼ିଛି। ଗୋଧି ମାଂସ ଖାଇବା ପାଇଁ ଏବଂ ତା' ଚମଡ଼ାରୁ ବିଭିନ୍ନ ସୌଖୀନ ଜିନିଷ ସହ ବାଦ୍ୟଯନ୍ତ୍ର ତିଆରି କରିବା ପାଇଁ ଏହାର ଶିକାର ହୋଇଥାଏ। ଏହା ମୁଖ୍ୟତଃ ଖଞ୍ଜଣି ବାଦ୍ୟଯନ୍ତ୍ରରେ ବ୍ୟବହାର କରାଯାଇଥାଏ। ଓଡ଼ିଶାରେ ୩ ପ୍ରକାରର ଗୋଧି ଦେଖାଯାଆନ୍ତି। ଭିତରକନିକା ହେନ୍ତାଳ ବନରେ ୱାଟର ମନିଟର ଲିଜାର୍ଡ ଏବଂ ରାଜ୍ୟର ଅନ୍ୟ ସ୍ଥାନରେ ବେଙ୍ଗଲ ମନିଟର ଓ ୟେଲୋ ମନିଟର ଲିଜାର୍ଡ ଦେଖାଯାନ୍ତି। ଏହି ୩ ପ୍ରକାର ଗୋଧି ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ସରୀସୃପ। ଏମାନଙ୍କୁ ଶିକାର କଲେ ୭ବର୍ଷ ଜେଲ ଦଣ୍ଡର ବ୍ୟବଧାନ ରହିଛି। କିନ୍ତୁ ରାଜ୍ୟରେ ବନ ବିଭାଗର ଉଦାସୀନତା ଯୋଗୁ ଶିକାର ବଢ଼ିଛି। ଧୀରେ ଧୀରେ ଏମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଗୋଧିମାନଙ୍କ ଗୁରୁତ୍ୱକୁ ଉପଲବ୍ଧ କରି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨୦୧୨ରୁ ୱାଟର ମନିଟର ଲିଜାର୍ଡ ବା ପାଣି ଗୋଧିଙ୍କ ବ୍ରିଡିଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଯାବତ୍ ୨୭ଟି ଛୁଆ ଜନ୍ମ ନେଇଛନ୍ତି। ଏଥି ମଧ୍ୟରୁ କିଛି ଜନ୍ତୁ ଅଦଳବଦଳ କାର୍ଯ୍ୟକ୍ରମରେ ଭାରତର ପ୍ରାୟ ୬ଟି ଚିଡ଼ିଆଖାନାକୁ ପଠାଯାଇଛି। ତେବେ ୨୦୧୮ରେ କୃତ୍ରିମ ଉପାୟରେ ଗୋଧି ଅଣ୍ଡାକୁ ଫୁଟେଇବାରେ ମଧ୍ୟ ସଫଳତା ମିଳିଛି।

**ଆଜି ୱାର୍ଲଡ ଲିଜାର୍ଡ ଡେ'**

## ଶ୍ରୀଦେବୀଙ୍କ ସହ ଫିଲ୍ମକୁ ମନା କରିଥିଲେ ଆମିର



**ମୁମ୍ବାଇ:** ଅଭିନେତ୍ରୀ ଶ୍ରୀଦେବୀଙ୍କ ବଳିଷ୍ଠ ଅଭିନୟ ଆଜି ବି ଲୋକଙ୍କ ମନରୁ ଲିଭିନି। ସାଧାରଣତଃ ଯୁବ ଅଭିନେତାମାନେ ଶ୍ରୀଦେବୀଙ୍କ ସହ ଯେମିତି ହେଲେ ଥରେ କାମ କରିବାକୁ ଇଚ୍ଛା କରିଥାନ୍ତି। ସେତେବେଳେ ଶ୍ରୀଦେବୀଙ୍କ ଅଭିନୀତ ଫିଲ୍ମ ପ୍ରାୟ ହିଟ୍ ହେଉଥିଲା। କିନ୍ତୁ ମିଷ୍ଟର ପର୍‌ଫେକ୍ଟନିସ ଭାବେ ପରିଚିତ ଆମିର ଖାନ୍ ଶ୍ରୀଦେବୀଙ୍କ ସହ ଫିଲ୍ମ କରିବାକୁ ମନା କରିଦେଇଥିଲେ। ୯୦ ଦଶକରେ ଜଣେ ନିର୍ଦ୍ଦେଶକ ଶ୍ରୀଦେବୀଙ୍କ ସହ ଅଭିନୟ କରିବାକୁ ଆମିରକୁ ପ୍ରସ୍ତାବ ଦେଇଥିଲେ। ଆମିର ତାଙ୍କଠାରୁ ବୟସରେ ବଡ଼ ଅଭିନେତ୍ରୀଙ୍କ ସହ କାମ କରିବା ପାଇଁ ଚାହୁଁ ନ ଥିବାରୁ ଉକ୍ତ ପ୍ରସ୍ତାବକୁ ଏଡ଼ାଇ ଯାଇଥିଲେ।

## ପାକ୍ ସୁପ୍ରିମକୋର୍ଟରେ ପ୍ରଥମ ମହିଳା ବିଚାରପତି


ଜଷ୍ଟିସ୍ ଆୟେଶା ମଲିକ

ଇସ୍‌ଲାମାବାଦ: ପାକିସ୍ତାନ ସୁପ୍ରିମକୋର୍ଟର ୭୫ ବର୍ଷ ଇତିହାସରେ ଏକ ନୂଆ ଘଟଣା ଘଟିବାକୁ ଯାଉଛି। ସେପ୍ଟେମ୍ବର ୯ରେ ଜଷ୍ଟିସ୍ ଆୟେଶା ମଲିକଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରାଯିବ। ପାକିସ୍ତାନର ସର୍ବୋଚ୍ଚ ଅଦାଲତରେ ବିଚାରପତି ରୂପେ ନିଯୁକ୍ତ ହେବାରେ ଜଷ୍ଟିସ୍ ଆୟେଶା ହେବେ ପ୍ରଥମ ମହିଳା। ପାକିସ୍ତାନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ମୁଶିର ଆଲାମ ଆସନ୍ତା ୧୭ରେ ଅବସର ନେବେ। ଖାଲି ହେବାକୁ ଥିବା ଏହି ପଦବୀରେ ଜଷ୍ଟିସ୍ ଆୟେଶାଙ୍କୁ ନିଯୁକ୍ତି ଦେବା ଲାଗି ପ୍ରଧାନ ବିଚାରପତି ଗୁଲଜାର ଅହମ୍ମଦ ସୁପାରିସ କରିଛନ୍ତି। ଆୟେଶା ଲାହୋରସ୍ଥିତ ପାକିସ୍ତାନ ଲ' କଲେଜରେ ଆଇନ ପାଠ ପଢ଼ିଥିଲେ। ଲଣ୍ଡନସ୍ଥିତ ହାର୍ଭାର୍ଡ ଲ' ସ୍କୁଲରେ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ୧୯୯୭ରେ ଫଖ୍ରୁଦ୍ଦିନ ଜି. ଇବ୍ରାହିମ୍‌ଙ୍କ ଲିଗାଲ ଫାର୍ମରେ କ୍ୟାରିୟର ଆରମ୍ଭ କରି ୨୦୦୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ୨୦୧୨ରେ ଲାହୋର ହାଇକୋର୍ଟରେ ତାଙ୍କୁ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ବର୍ତ୍ତମାନ ମଧ୍ୟ ସେ ଲାହୋର ହାଇକୋର୍ଟରେ କାର୍ଯ୍ୟରତ ଓ ବରିଷ୍ଠତା ତାଲିକାରେ ଚତୁର୍ଥ ର୍‍ୟାଙ୍କରେ ଅଛନ୍ତି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସନୀୟ କମ୍ପାନୀ ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN / HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457719344
9458657264

**ଭାରତର ନଂ.1 Tower Company**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/- ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
7983517788
8004625362

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

**DHANLAXMI FINANCE**
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ**

୰ବିନୋଦିନି ମହାନ୍ତି
ଆଦିମାତା କଲୋନୀ, ମିଶ୍ରନିବାସ, ଭୁବନେଶ୍ୱର-୧୭
ଆବିର୍ଭାବ: ୩୦।୦୬।୧୯୫୦
ତିରୋଧାନ: ୦୫।୦୮।୨୦୨୧
ମାମା, ତୁମର ଅକାଳ ବିୟୋଗ ଆମକୁ ବାକ ଶୂନ୍ୟ କରିଦେଇଛି। ଜୀବନର ଚଲାପଥରେ ଯାହା ସହ ତମେ ମିଶିଛ ସେମାନଙ୍କ ନିକଟରେ ପ୍ରିୟ ପାତ୍ର ହୋଇ ପାରିଛ। ଆପଣଙ୍କର ଆଶୀର୍ବାଦର ହାତ ଆମ ଉପରେ ସବୁବେଳେ ଥାଉ। ତୁମର ପୁଣ୍ୟ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମର ହତଭାଗ୍ୟ ସ୍ୱାମୀ, ପୁଅ: କୁଏଲ, ବାବୁଲ, ବୋହୂ: ଶିଖା, କୁନ୍‌ମୁନ୍, ନାତୁଣୀ: କୁସୀ, ଖୁସି ଏବଂ ପରିବାରବର୍ଗ।
ଧ-୬୮୮୭୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰କୁନ୍ତଳା ସେଠୀ
ଶିଉଳା, ପିପିଲି, ପୁରୀ
ଆବିର୍ଭାବ: ୦୨।୦୩।୧୯୬୫
ତିରୋଧାନ: ୦୪।୦୮।୨୦୨୧
ଆମ ପରିବାରରେ ତୁମର ଉପସ୍ଥିତି ଆକାଶ ପରି ବ୍ୟାପ୍ତ, ସାଗର ପରି ଗଭୀର ଥିଲା। ତୁମେ ଆମ ସମସ୍ତଙ୍କୁ ଅସମୟରେ ଛାଡ଼ି ସବୁଦିନ ପାଇଁ ଆରପାରିକୁ ଚାଲିଗଲ। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମକୁ ବ୍ୟଥିତ କରୁଛି। ତୁମେ ଯେଉଁଠି ଥାଅ, ତୁମର ଅମର ଆତ୍ମା ଚିର ଶାନ୍ତିରେ ରହୁ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ଲାଗି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ସ୍ୱାମୀ ଗୋପାଳ କୃଷ୍ଣ ସେଠୀ, ପୁତ୍ର: ଲିପୁ, ପୁତ୍ରବଧୂ: ଲୋପା, ଝିଅ: ଲିପି, ଜ୍ୱାଇଁ: ବୁଲୁ, ନାତୁଣୀ: ଭବ୍ୟା ଏବଂ ରଶ୍ମି, ପିଣ୍ଟୁ, ବାପିନା, ସୀମା, ସୋମ୍, ଓମ୍, ଭଞ୍ଜ, ରୀନା, ପପୁ, ରିଙ୍କି, ପଙ୍କୁ, ବାପି, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୧୩୧୩

**ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ
ଢୁମ୍‌ଢୁମା ହାଉସିଂ ବୋର୍ଡ କଲୋନୀ ଫେଜ୍-୨, ଏଲ୍-୧୭୪୧, କଣ୍ଟିଲୋ, କୃଷ୍ଣଚନ୍ଦ୍ରପୁର ପାଟଣା
ତିରୋଧାନ: ୦୫।୦୮।୨୦୨୧ (ଗୁରୁବାର)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଜୀଉଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ, ପୁତ୍ର: ଜୟ ପ୍ରକାଶ, ବୋହୂ: ବର୍ଣ୍ଣାଳୀ, କନ୍ୟା: ଜିପୁନି, ପୂଜା, ଜ୍ୱାଇଁ: ଖୁକୁ, ଲକି, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୩୧୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**

୰ପଞ୍ଚେଇ ମହାନ୍ତି
ନାଆଡା, ଆମ୍ବଶାଳ, ବାଲିକୁଦା, ଜଗତସିଂହପୁର
ଆବିର୍ଭାବ : ୧୭.୦୭.୧୯୪୪
ତିରୋଧାନ : ୧୪.୦୮.୨୦୨୦
ଚାହୁଁ ଚାହୁଁ ଗୋଟେ ବର୍ଷ ବିତିଗଲା ଜଣାପଡୁନି ସତେ ଯେମିତି ଲାଗୁଛି ତୁ ଦାଣ୍ଡପିଣ୍ଡାରେ ବସି କିଏ ଆସୁଛି ଯାଉଛି ତାର ହିସାବ ରଖୁଛୁ। ଆମେ ସବୁ ସେହି କାଳ ରାତ୍ରୀ ଅଗଷ୍ଟ ୧୪ ତାରିଖକୁ ଭୁଲିନାହୁଁ କି ଭୁଲି ପାରିବୁ ନାହିଁ। ପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା କାଶୀ ବିଶ୍ୱନାଥ ତୋତେ ସବୁ ଦୁଃଖ କଷ୍ଟରୁ ମୁକ୍ତି ଦେଇ ପଣ୍ଡ ଘୋଡେଇ ରଖିଥାଆନ୍ତୁ ବୋଲି ଆମମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୨୧୩୧୨

# ଭାରତ ୩୬୪ରେ ଅଲ୍‌ଆଉଟ

**ଲର୍ଡ୍ସ, ୧୩।୮**

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସରେ ୧୨୬.୧ ଓଭରରେ ୩୬୪ ରନକରି ଅଲ୍‌ଆଉଟ ହୋଇଛି। ଓପନର ଲୋକେଶ ରାହୁଲଙ୍କ ଶତକ ଓ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ଶୁକ୍ରବାର ଭାରତ ଦ୍ୱିତୀୟ ଦିନରେ ସମ୍ମାନଜନକ ସ୍କୋର ହାସଲ କରିଛି। ଇଂଲଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରି ଭାରତକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହାନ୍ତି। ଜବାବରେ

**ଦ୍ୱିତୀୟ ଟେଷ୍ଟ**
**ଆଣ୍ଡରସନଙ୍କୁ ୫ ଉଇକେଟ**

ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ଦ୍ୱିତୀୟ ଦିବସ ତୃତୀୟ ସେସନରେ ୩୮ ଓଭରରେ ୨ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଛି। ଅଧିନାୟକ ଜୋ ରୁଟ ୩୯ ଓ ରୋରି ବର୍ନ୍ସ ୪୬ ରନକରି ବ୍ୟାଟିଂ ଜାରି ରଖିଛନ୍ତି। ଭରତୀୟ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ ୧୫ତମ ଓଭରରରେ କ୍ରମାଗତ ଦୁଇଟି ବଲ୍‌ରେ ଦୁଇଟି ଉଇକେଟ ନେଇ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ସେ ଦ୍ୱିତୀୟ ବଲରେ ଡମ ସିବଲି ଓ ଏହାପର ବଲ୍‌ରେ ହସିବ ହମିଦଙ୍କୁ ଆଉଟ କରିଥିଲେ। ସିବଲି ୧୧ ରନ କରିଥିବା ବେଳେ ଶର୍ଟ ମିଡ୍‌ଉଇକେଟରେ ରାହୁଲଙ୍କ କ୍ୟାଚ୍ ଦେଇଥିଲେ। ସେହିପରି ହମିଡ ଖାତା ଖୋଲିବା ପୂର୍ବରୁ ବୋଲ୍ଡ ହୋଇଥିଲେ। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୬/୩ରୁ ଭାରତ ଖେଳ ଆରମ୍ଭ କରି ଶୁକ୍ରବାର ଅଲ୍‌ଆଉଟ ହୋଇଥିଲା। ମାତ୍ର ୮୮ ରନରେ ଭାରତ ଅନ୍ତିମ ୭ ଉଇକେଟ ହରାଇଥିଲା। ପ୍ରଥମ ସେସନରେ ଭାରତ ୪ ଉଇକେଟ ହରାଇଥିଲା। ଭାରତ ତରଫରୁ ରାହୁଲ ସର୍ବାଧିକ ୧୨୯ ରନର ଶତକୀୟ ଇନିଂସ ଖେଳିଥିଲେ। ସେହିପରି ଇଂଲଣ୍ଡ ତରଫରୁ ଆଣ୍ଡରସନ ରୋହିତ, ପୂଜାରା, ରାହାନେ, ଈଶାନ୍ତ ଶର୍ମା ଓ ଯଶପ୍ରୀତ ବୁମ୍‌ରାଙ୍କୁ ଆଉଟ କରିଥିଲେ। ଓଭରନାଇଟ୍ ସ୍କୋର ୧୨୭ ରନରୁ ରାହୁଲ ଖେଳ ଆରମ୍ଭ କରିଥିଲେ ଓ ଆଉ ମାତ୍ର ୨ରନ ଅଧିକ ସଂଗ୍ରହ କରି ଓଲି ରବିନସନଙ୍କ ବଲ୍‌ରେ ଡମ୍ ସିବ୍‌ଲିଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ରାହୁଲ ୨୫୦ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ଏବଂ ୧୨ ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିପରି ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ୧ରୁ ଖେଳ ଆରମ୍ଭ କରି ଆଉ କୌଣସି ରନ ସଂଗ୍ରହ କରି ନ ପାରି ଆଉଟ ହୋଇଥିଲେ। ସେ ଆଣ୍ଡରସନଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ରାହାନେଙ୍କ ଦୁର୍ବଳ ଫର୍ମ ଜାରି ରହିଛି। ସେ ଗତ ୯ଟି ଟେଷ୍ଟରେ ୧୯. ୨୧ ହାରରେ ମାତ୍ର ୨୬୯ ରନ ସଂଗ୍ରହ କରିଛନ୍ତି। ଏଥିରେ କେବଳ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଭଲ ଆରମ୍ଭକୁ ବଡ଼ ଇନିଂସରେ ପରିଣତ କରିବାରେ ପୁଣିଥରେ ବିଫଳ ହୋଇଥିଲେ। ସେ ମାତ୍ର ୩୭ ରନ ସଂଗ୍ରହ କରି ମାର୍କ ଉଡ୍‌ଙ୍କ ବଲ୍ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୪୦ ରନର ଇନିଂସ ଖେଳି ମାର୍କ ଉଡ୍‌ଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ଆଣ୍ଡରସନଙ୍କୁ କ୍ୟାଚ ଦେଇଥିଲେ। ଜାଡେଜାଙ୍କୁ ବାଦ୍ ଦେଲେ ବାକି ଟେଲଏଣ୍ଡରମାନେ ବିଫଳ ହୋଇଛନ୍ତି। ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ଖାତା ଖୋଲିପାରି ନ ଥିଲେ। ଈଶାନ୍ତ ୮ ରନ କରି ଆଣ୍ଡରସନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଲଞ୍ଚ ପରେ ଭାରତ ୨୮ ରନରେ ୩ ଉଇକେଟ ହରାଇଥିଲା। ବୋଲିଂରେ ଆଣ୍ଡରସନଙ୍କ ୫ ଉଇକେଟ ସଫଳତାକୁ ବାଦ୍ ଦେଲେ ଓଲି ରବିନସନ ଓ ମାର୍କ ଉଡ୍ ୨ଟି ଲେଖାଏ, ମୋଇନ ଅଲି ଗୋଟିଏ ଉଇକେଟ ହାସଲ କରିଥିଲେ।


୫ ଉଇକେଟ ହାସଲକାରୀ ଇଂଲଣ୍ଡର ଜେମ୍ସ ଆଣ୍ଡରସନ।

**ଲର୍ଡ୍ସରେ ଭାରତ ବିପକ୍ଷରେ ଆଣ୍ଡରସନ**
୨୦୦୭: ୫/୪୨ ଓ ୨/୮୩
୨୦୧୧: ୨/୮୭ ଓ ୫/୬୫
୨୦୧୪: ୪/୬୦ ଓ ୧/୭୭
୨୦୧୮: ୫/୨୦ ଓ ୪/୨୩
୨୦୨୧: ୫/୬୨

## ବିଦେଶ ମାଟିରେ ପନ୍ତଙ୍କ ୧୦୦୦ ଟେଷ୍ଟ ରନ

ଆଣ୍ଡରସନ ୩୧ଥର ଗୋଟିଏ ଇନିଂସରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଓପନିଂ ଯୋଡିରେ ରାହୁଲ ଓ ରୋହିତ ୧୨୬ ରନ ସଂଗ୍ରହ କରି ଭଲ ଆରମ୍ଭ ପ୍ରଦାନ କରିଥିଲେ। ସେହିପରି ତୃତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ରାହୁଲ ୧୧୭ ରନ ସଂଗ୍ରହ କରିଥିଲେ। ଗୁରୁବାର କୋହଲି ୪୨ ଓ ପୂଜାରା ୯ ରନକରି ଆଉଟ ହୋଇଥିଲେ। ପନ୍ତ ଏଥିସହ ବିଦେଶରେ ୧୦୦୦ ଟେଷ୍ଟ ରନ ପୂରଣ କରିଛନ୍ତି। ବିଦେଶ ମାଟିରେ ସେ ମୋଟ ୧୦୧୧ ରନ ସଂଗ୍ରହ କରିଛନ୍ତି। ୨୬ ରନ କରିବା ପରେ ପନ୍ତ ଏକ ହଜାର ରନ ପୂରଣ କରିଥିଲେ। ସେ ଭାରତର ଚତୁର୍ଥ ଉଇକେଟକିପର ବ୍ୟାଟ୍ସମ୍ୟାନ ଭାବେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ମହେନ୍ଦ୍ର ସିଂ ଧୋନୀ (୨୪୭୬ ରନ), ଫାରୁକ ଇଞ୍ଜିନିୟର (୧୨୦୯ରନ) ଓ ସୟଦ କିରମାନୀ (୧୧୦୯) ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ରୋହିତ ଶର୍ମାଙ୍କ ପରେ ପନ୍ତ ଦ୍ୱିତୀୟ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଚଳିତବର୍ଷ ୬୦୦ ଟେଷ୍ଟ ରନ ପୂରଣ କରିଛନ୍ତି। ଏହି ଦୁଇଜଣଙ୍କୁ ବାଦ୍ ଦେଲେ ବିଶ୍ୱର ଅନ୍ୟ ୩ଜଣ ବ୍ୟାଟ୍ସମ୍ୟାନ ଜୋ ରୁଟ୍ (୧୦୬୪), ଲାହିରୁ ଥିରିମାନେ (୬୫୯ ରନ) ଓ ଦିମୁଥ କରୁଣାରତ୍ନେ (୬୨୪ ରନ) ଚଳିତ ବର୍ଷ ୬୦୦ ଟେଷ୍ଟ ରନ ପୂରଣ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୧୨୬.୧ ଓଭରରେ ୩୬୪ ଅଲଆଉଟ(ରାହୁଲ- ୧୨୯, ରୋହିତ ଶର୍ମା- ୮୩, କୋହଲି- ୪୨, ଜାଡେଜା- ୪୦, ପନ୍ତ- ୩୭, ଆଣ୍ଡରସନ- ୫/ ୬୨, ରବିନସନ- ୨/୭୩, ମୋଇନ- ୧/୫୩)। ଇଂଲଣ୍ଡ ପ୍ରଥମ ଇନିଂସ- ୩୮ ଓଭରରେ ୧୦୦/୨ (ରୁଟ୍- ୩୯, ବର୍ନ୍ସ- ୪୬, ସିରାଜ- ୨/ ୨୮)।

# ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଦେଲା ୩ ଲକ୍ଷ

**ଭୁବନେଶ୍ୱର, ୧୩।୮ (କ୍ରୀଡ଼ା ପ୍ରତିନିଧି)**

ପୂର୍ବ ପ୍ରତିଶ୍ରୁତି ଅନୁସାରେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୪ ହକି ଅଲିମ୍ପିଆନଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ପୁରୁଷ ଦଳର ଦୁଇ ସଦସ୍ୟ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଦିଆ ଯାଇଛି। ସେହିପରି ୪ର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ମହିଳା ଦଳରେ ସାମିଲ ଥିବା ଦୁଇ ଓଡ଼ିଆ ହକି ଖେଳାଳିଙ୍କୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଉକ୍ତ ଅର୍ଥରାଶି ଗତ ୧୧ ତାରିଖରେ ଖେଳାଳିମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି ବୋଲି ଶୁକ୍ରବାର ଆସୋସିଏଶନର ସାଧାରଣ ସମ୍ପାଦକ ଅଭିଜିତ ପଲ୍ ଏକ ଇସ୍ତାହାର ମାଧ୍ୟମରେ ପ୍ରକାଶ କରିଛନ୍ତି।

# ଭାରତୀୟ କ୍ୟାମ୍ପ୍‌ରେ ପ୍ୟାରୀ, ଜବାମଣି



ପ୍ୟାରୀ ଖାଖା ଓ ଜବାମଣି ଟୁଡୁ।

**ଭୁବନେଶ୍ୱର, ୧୩।୮ (କ୍ରୀଡ଼ା ପ୍ରତିନିଧି)**

ଏଏଫ୍‌ସି ମହିଳା ଏସିଆନ କପ୍-୨୦୨୨ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳର କ୍ୟାମ୍ପ୍ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ଜାମସେଦପୁରରେ ଅନୁଷ୍ଠିତ ହେବ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ଏହି କ୍ୟାମ୍ପ୍ ପାଇଁ ଓଡ଼ିଶାର ୨ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ସୁନ୍ଦରଗଡ଼ର ପ୍ୟାରୀ ଖାଖା ଓ ମୟୂରଭଞ୍ଜର ଜବାମଣି ଟୁଡୁ। ଫୁଟ୍‌ବଲ

**ଏଏଫ୍‌ସି ମହିଳା ଏସିଆନ କପ୍**

ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା ପ୍ୟାରୀ ଓ ଜବାମଣିଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭକାମନା ମନାସିଛନ୍ତି।

# ଓଡ଼ିଶା ଏଫ୍‌ସିର ଗୋଲକିପିଂ ଓ କଣ୍ଡିଶନିଂ କୋଚ୍ ନିଯୁକ୍ତ


ଜୋଆକ୍ୱିନ ଭାଲେରିଓ ଓଲିଭେରା


ଜୋସ ମାସ୍କାରୋସ ବାଲାଗୁଏର

**ଭୁବନେଶ୍ୱର, ୧୩।୮ (କ୍ରୀଡ଼ା ପ୍ରତିନିଧି)**

ହିରୋ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)ର ୮ମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ଶୁକ୍ରବାର ଏହାର ଗୋଲକିପିଂ ଏବଂ ଷ୍ଟ୍ରେନ୍ଥ ଓ କଣ୍ଡିଶନିଂ କୋଚ୍ ନିଯୁକ୍ତ କରିଛି। ଗୋଲକିପିଂ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି ସ୍ପେନ୍‌ର ଜୋଆକ୍ୱିନ ଭାଲେରିଓ ଓଲିଭେରା। ସେହିପରି ଷ୍ଟ୍ରେନ୍ଥ ଓ କଣ୍ଡିଶନିଂ କୋଚ୍ ଭାବେ ଅନ୍ୟତମ ପୂର୍ବତନ ସ୍ପାନିଶ ଖେଳାଳି ଜୋସ ମାସ୍କାରୋସ ବାଲାଗୁଏର ଭୁବନେଶ୍ୱରଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ସହିତ ଚୁକ୍ତିବଦ୍ଧ ହୋଇଛନ୍ତି। ପେସାଦାର ଫୁଟ୍‌ବଲରୁ ଅବସର ନେବା ପରେ କୋଲକିପିଂ କୋଚ୍ ଓଲିଭେରା ବିଭିନ୍ନ ସ୍ପାନିଶ୍ କ୍ଲବ ସହିତ କାମ କରିଛନ୍ତି। ତାଙ୍କ ନିକଟରେ ୟୁଫା 'ବି' ଗୋଲକିପର କୋଚ୍ ଏବଂ ୟୁଫା 'ଏ' ଲାଇସେନ୍ସ ରହିଛି।

''ନୂଆ ପ୍ରୋଜେକ୍ଟକୁ ନେଇ ମୁଁ ବହୁତ ଖୁସି ଏବଂ କାର୍ଯ୍ୟ ଆରମ୍ଭ କରିବାକୁ ବ୍ୟଗ୍ର। ଆଗାମୀ ସିଜନ ବହୁତ ଭଲ ରହିବ ଏବଂ ଅଭିଜ୍ଞତାକୁ ଉପଯୋଗ କରି କ୍ଲବ ପାଇଁ ମୁଁ ଶ୍ରେଷ୍ଠ କାର୍ଯ୍ୟ କରିବାକୁ ଚେଷ୍ଟା କରିବି'' ବୋଲି କହିଛନ୍ତି ଓଲିଭେରା। ଫୁଟ୍‌ବଲରେ ଫିଟ୍‌ନେସ ଟ୍ରେନିଂ ଉପରେ ବାଲାଗୁଏରଙ୍କ ୨୦ ବର୍ଷର ଅଭିଜ୍ଞତା ଅଛି। ସେ ମଧ୍ୟ ଓଡ଼ିଶା ଏଫ୍‌ସି ସହିତ ଯୋଡ଼ି ହୋଇଥିବାରୁ ଖୁସି ପ୍ରକାଶ କରିଛନ୍ତି। ''ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରି ମୁଁ ଆନନ୍ଦିତ ଏବଂ ଆଇଏସ୍‌ଏଲ ପାଇଁ ଭାରତରେ ପହଞ୍ଚିବାକୁ ପ୍ରସ୍ତୁତ ହେଉଛି। କ୍ଲବ ପାଇଁ ଆମେ ଅନେକ କିଛି ହାସଲ କରିବାନେଇ ମୁଁ ଦୃଢ଼ ଆଶାବାଦୀ'' ବୋଲି ସେ କହିଛନ୍ତି। ଓଡ଼ିଶା ଏଫ୍‌ସିର ଦୁଇ ନୂଆ ସଦସ୍ୟଙ୍କ ସମ୍ପର୍କରେ ମତ ଦେବାକୁ ଯାଇ ମୁଖ୍ୟ କୋଚ୍ କିକୋ ରାମିରେଜ କହିଛନ୍ତି ଯେ, ''ମାସ୍କାରୋସ ଓଡ଼ିଶା ଏଫ୍‌ସି ଖେଳାଳିଙ୍କୁ ଭଲ ଅବସ୍ଥାରେ ରଖିବାରେ ସହାୟକ ହୋଇପାରିବେ। ସ୍ପେନ୍‌ର ପ୍ରଥମ ଡିଭିଜନ ଟପ୍ ଟିମ୍‌ଗୁଡ଼ିକ ସହ କାର୍ଯ୍ୟ କରିଥିବାରୁ ତାଙ୍କର ବହୁ ଅଭିଜ୍ଞତା ରହିଛି। ସେ ଯେତେଶୀଘ୍ର ଦଳ ସହ ଯୋଗଦେବେ ସେତେଶୀଘ୍ର ପିଲାମାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିପାରିବେ''। ସେହିପରି ଭାଲେରିଓଙ୍କର ଶୀର୍ଷସ୍ଥାନୀୟ ଦଳଗୁଡ଼ିକ ସହ କାମ କରିବାର ଅଭିଜ୍ଞତା ଅଛି। ପୂର୍ବରୁ ସେ ପ୍ରିମିୟର ଲିଗ୍‌ର ପ୍ରତିଷ୍ଠିତ ମ୍ୟାନେଜର ରାଫା ବେନିଟେଜଙ୍କ ସହ କାମ କରିଛନ୍ତି। ଆମେ ଭାଗ୍ୟବାନ ଯେ ଉଭୟ ଆମ ଯୋଜନାରେ ସାମିଲ ହୋଇଛନ୍ତି ବୋଲି ମୁଖ୍ୟ କୋଚ୍ କହିଛନ୍ତି। ଓଏଫ୍‌ସି କ୍ଲବ ସଭାପତି ରାଜ ଅଥ୍ୱାଲ ଉଭୟ କୋଚିଂ ଷ୍ଟାଫ୍‌ଙ୍କୁ ଓଡ଼ିଶା ପରିବାରକୁ ସ୍ୱାଗତ କରିଛନ୍ତି।

# ୧୫ ଖେଳାଳି, ୮ ଅଫିସିଆଲଙ୍କୁ ଅନୁମତି

**କରାଚୀ, ୧୩।୮ (ପି.ଟି.)**

ୟୁଏଇରେ ହେବାକୁଥିବା ଟି୨୦ ବିଶ୍ୱକପ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି) ପ୍ରତି ଦଳ ପାଇଁ ୧୫ ଖେଳାଳି ଓ ୮ ଅଫିସିଆଲ ଆଣିବାକୁ ଅନୁମତି ଦେଇଛି। ଅଂଶଗ୍ରହଣକାରୀ ଦେଶଗୁଡ଼ିକ ଚୂଡ଼ାନ୍ତ ୧୫ ଖେଳାଳି ଏବଂ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ମିଶାଇ ୮ ଅଫିସିଆଲଙ୍କ ନାମ ଦାଖଲ କରିବାର ଡେଡ୍‌ଲାଇନ୍ ସେପ୍ଟେମ୍ବର ୧୦କୁ ଆଇସିସି ଧାର୍ଯ୍ୟ କରିଛି ବୋଲି ପାକିସ୍ତାନ କ୍ରିକେଟ ବୋର୍ଡର ଜଣେ କର୍ମକର୍ତ୍ତା ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ''କୋଭିଡ୍-୧୯ ପରିସ୍ଥିତି ଏବଂ ଜୈବ ସୁରକ୍ଷିତ ପରିବେଶକୁ ଦୃଷ୍ଟିରେ ରଖି ଅଂଶଗ୍ରହଣକାରୀ ଦେଶଗୁଡ଼ିକ ସେମାନଙ୍କ ଦଳରେ ଅଧିକ ଖେଳାଳିଙ୍କୁ ସାମିଲ କରି ପାରିବେ। ମାତ୍ର ଅତିରିକ୍ତ ଖେଳାଳିଙ୍କ ଖର୍ଚ୍ଚ ସମ୍ପୃକ୍ତ ବୋର୍ଡ ବହନ କରିବ। ଆଇସିସି କେବଳ ୧୫ ଖେଳାଳି ଓ ୮ ଅଫିସିଆଲଙ୍କ ଖର୍ଚ୍ଚ ବହନ କରିବ।

୨୦୧୬ ପରେ ପ୍ରଥମ ଥର ପାଇଁ ଟି୨୦ ବିଶ୍ୱକପ ଆସନ୍ତା ଅକ୍ଟୋବର ୧୭ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ଓମାନ ଏବଂ ୟୁଏଇର ୩ଟି ଭେନ୍ୟୁ ଦୁବାଇ, ଆବୁଧାବି ଓ ଶାରଜାରେ ଅନୁଷ୍ଠିତ ହେବ। ବାଂଲାଦେଶ, ଶ୍ରୀଲଙ୍କା ଓ ଆୟର୍ଲାଣ୍ଡକୁ ମିଶାଇ ୮ ଦଳ ବିଶିଷ୍ଟ କ୍ୱାଲିଫାଇଂ ଟୁର୍ନାମେଣ୍ଟର ମ୍ୟାଚ ଗୁଡ଼ିକ ଓମାନ ଏବଂ ୟୁଏଇର ଗୋଟିଏ

**ଟି୨୦ ବିଶ୍ୱକପ**

ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରୁ ୪ଟି ଦଳ ସୁପର-୧୨ ପର୍ଯ୍ୟାୟକୁ ଉନ୍ନୀତ ହେବେ। ୧୨ଟି ଦଳକୁ ନେଇ ମୁଖ୍ୟ ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୪ରୁ ୟୁଏଇରେ ଆରମ୍ଭ ହେବ। କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୋର୍ଡଗୁଡ଼ିକ କେତେଜଣ ଅତିରିକ୍ତ ଖେଳାଳିଙ୍କୁ ଦଳରେ ନେବେ ତାହା ସ୍ଥିର କରିବେ। ଯଦ୍ୱାରା କୌଣସି ଖେଳାଳି କରୋନା ପଜିଟିଭ୍ ହେଲେ କିମ୍ବା ଆହତ ଜନିତ ସମସ୍ୟାକୁ ଆସିଲେ ଅତିରିକ୍ତ ଖେଳାଳିଙ୍କୁ ବଦଳ କରାଯାଇପାରିବ। କ୍ୱାରାଣ୍ଟାଇନ୍ ଅବଧି ଆରମ୍ଭ ହେବାର ୫ ଦିନ ପୂର୍ବରୁ ଦଳଗୁଡ଼ିକ ଚାହିଁଲେ ମୂଳ ଦଳ ତାଲିକାରୁ ଖେଳାଳି ପରିବର୍ତ୍ତନ କରିପାରିବେ। ମାତ୍ର ବୋର୍ଡଗୁଡ଼ିକ ଖେଳାଳି ତାଲିକା ସେପ୍ଟେମ୍ବର ୧୦ ମଧ୍ୟରେ ପଠାଇବା ବାଧ୍ୟତାମୂଳକ।

# ଜାତୀୟ ଇ-କାଟାରେ ଭାଗନେଲେ ୬୦ ପ୍ରତିଯୋଗୀ


ରାଜୀବ ସିଂ


ଦୀପକ ସାମନ୍ତରା


ଗୌରୀ ମହାନ୍ତି

**ଭୁବନେଶ୍ୱର, ୧୩।୮ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ପକ୍ଷରୁ ଏକ ଇ-କାଟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ରାଜ୍ୟରୁ ମୋଟ ୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା କରାଟେ ସିନିୟର କୋଚ୍ ଏବଂ ମାଷ୍ଟର ବର୍ଗ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ହୋଇଥିଲା। ମହିଳାରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ପୁରୁଷରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗୀ ଭାଗନେଇ କୃତକାର୍ଯ୍ୟ ହୋଇଛନ୍ତି।

ଦୁଇଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୋଟ ୨୦ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। କରାଟେ କ୍ରୀଡ଼ା 'ଏକ ଜୀବନ ଶୈଳୀ' ପ୍ରତିପାଦିତ କରିବାର ଲକ୍ଷ୍ୟ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ୧୦,୦୦୦, ଦ୍ୱିତୀୟଙ୍କୁ ୬,୦୦୦ ଓ ତୃତୀୟଙ୍କୁ ୩,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଜାତୀୟ ସ୍ତରୀୟ ରେଫରି ମୁଥୁ ରାଜୁ, ମୁତୁମ୍ ବଙ୍କିମ୍ ସିଂ ଏବଂ ଗଣେଶ ରାଜପୁତ ପରିଚାଳନା କରିଥିଲେ। ପୁରୁଷ ବିଭାଗରେ ପ୍ରେମଜିତ ସେନ୍ ପ୍ରଥମ, ରାଜୀବ ସିଂ ଦ୍ୱିତୀୟ ଏବଂ ଦୀପକ ସାମନ୍ତରା ଓ ରଞ୍ଜିତ ଜୋସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପଶ୍ଚିମବଙ୍ଗ ପ୍ରଥମ, ଓଡ଼ିଶା ଦ୍ୱିତୀୟ ଓ ତୃତୀୟ ଏବଂ କେରଳକୁ ଆଉ ଏକ ତୃତୀୟ ସ୍ଥାନ ମିଳିଥିଲା। ମହିଳାରେ ମହାରାଷ୍ଟ୍ରର ଶର୍ମିଳା ଗାରୁ ପ୍ରଥମ, ଓଡ଼ିଶାର ଗୌରୀ ମହାନ୍ତି ଦ୍ୱିତୀୟ ଏବଂ ପଶ୍ଚିମବଙ୍ଗର ଟୁମ୍ପା କର୍ମାକର ଓ ଆସାମର ହିମାଦ୍ରି ରାଜବୋଙ୍ଗସି ତୃତୀୟ ସ୍ଥାନ ପାଇଥିଲେ। ପ୍ରତିଯୋଗିତାକୁ କରାଟେ ଇଣ୍ଡିଆ ସଂଘ ମାନ୍ୟତା ଦେଇଥିବାରୁ ଡ. ହରିପ୍ରସାଦ ପଟ୍ଟନାୟକ ରାଜ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ।

# ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ ୨.୦ ଲଞ୍ଚ୍ କଲେ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

ସାରା ଦେଶ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବା ବେଳେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଏକ ନୂଆ ପ୍ରୋଗ୍ରାମ ଲଞ୍ଚ୍ କରିଛନ୍ତି। ଦେଶବ୍ୟାପୀ ସେ ଶୁକ୍ରବାର 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ ୨.୦' ପ୍ରୋଗ୍ରାମ ଲଞ୍ଚ୍ କରିଛନ୍ତି। ଅଗଷ୍ଟ ୧୫ରୁ ଏହି ପ୍ରୋଗ୍ରାମ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖରେ ଶେଷ ହେବ। ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ପତାକା ହଲାଇ ଠାକୁର ଏହି ଇଭେଣ୍ଟ ଲଞ୍ଚ୍ କରିଛନ୍ତି।

ଦେଶର ୭୫ଟି ଜଣାଶୁଣା ତଥା ପ୍ରତିଷ୍ଠିତ ସ୍ଥାନରେ ଏହି ରନ୍ ବା ଦୌଡ଼ର ଆୟୋଜନ ପାଇଁ ବ୍ୟବସ୍ଥା କରାଯାଉଛି। ଦେଶର ୭୫୦ଟି ଜିଲାର ୭୫ଟି ଗ୍ରାମରେ ମଧ୍ୟ ଏହି ରନ ଆୟୋଜନ ହେବ। ଦେଶର ୭ କୋଟି ୫୦ ଲକ୍ଷ ଯୁବକ ଓ ନାଗରିକଙ୍କୁ ଏହି ରନରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଠାକୁର ଟୁଇଟ୍ କରି ସୂଚନା ଦେଇଛନ୍ତି। ପୋର୍ଟ ବ୍ଲେୟାର ସେଲୁଲାର ଜେଲ, ହିମାଚଳ ପ୍ରଦେଶର ଲାହଲ ସ୍ପିଟି ଜିଲାର କାଜା ପୋଷ୍ଟ, ମୁମ୍ବାଇର ଗେଟଓ୍ୱେ ଅଫ୍ ଇଣ୍ଡିଆ ଓ ପଞ୍ଜାବର ଅଟାରୀ ବର୍ଡର ସମେତ ଦେଶର ୭୫ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ଇଭେଣ୍ଟ ଆୟୋଜନ ହେବ।

# ସମ୍ବଲପୁର, କୋରାପୁଟ, ରାଉରକେଲା ବିଜୟୀ

**ଭୁବନେଶ୍ୱର, ୧୩।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକରେ ସମ୍ବଲପୁର, କୋରାପୁଟ ଓ ରାଉରକେଲା ବିଜୟ ହାସଲ କରିଛନ୍ତି। ଦିନିକିଆ ଫର୍ମାଟରେ ଖେଳାଯାଉଥବା ଏହି ଟୁର୍ନାମେଣ୍ଟର ୯୧ତମ ମ୍ୟାଚ୍‌ରେ ସମ୍ବଲପୁର ୬ ଉଇକେଟରେ ଗଜପତିକୁ ହରାଇଛି।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଟସ୍ ଜିତି ଗଜପତି ପ୍ରଥମେ ବ୍ୟାଟିଂ କରି ୩୯.୪ ଓଭରରେ ୧୫୪ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ରୋନାଲ୍ଡ ଆର.ବି ସିଂ ୭୫, କଡଗଲା ଚନ୍ଦୁ ୩୩, ଅଭିଜିତ ପାଢୀ ୧୫ ରନକରି ଆଉଟ ହୋଇଥିଲେ। ବୋଲିଂରେ ସମ୍ବଲପୁର ତରଫରୁ ସୟଦ ଜାକି ୪, ଶ୍ରେଷ୍ଠ ସିଂ ୨, ରୋଶନ ମହାପାତ୍ର ୨ ଓ ପ୍ରଦୀପ ପ୍ରଧାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସମ୍ବଲପୁର ୩୧ ଓଭରରେ ୪ ଉଇକେଟ ହରାଇ ୧୫୮ ରନକରି ବିଜୟୀ ହୋଇଛି। ଦଳ ପକ୍ଷରୁ ଆୟୁଷ ୬୩, ରୋଶନ ୪୫, ଜୟଦ ଜାକି ୨୧ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଗଜପତିର ରୋନାଲ୍ଡ ୩ ଓ ରଞ୍ଜନ ପରିଡା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

## ରାୟଗଡ଼ା ୧୦୩ ରନରେ ପରାସ୍ତ

ରେଭେନ୍ସା-୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ରାୟଗଡା ୧୦୩ ରନରେ କୋରାପୁଟଠାରୁ ପରାସ୍ତ ହୋଇଛି। ଟସ ଜିତି କୋରାପୁଟ ପ୍ରଥମେ ବ୍ୟାଟିଂ କରି ୪୮.୨ ଓଭରରେ ୧୯୭ ରନକରି ଅଲଆଉଟ ହୋଇଥିଲା। ଦଳର ପ୍ରଭଞ୍ଜନ ଅଧିକାରୀ ୩୨, ସନ୍ଦୀପ ପଟ୍ଟନାୟକ ୩୦, ଅଂଶୁମାନ ପଟ୍ଟନାୟକ ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ରାୟଗଡାର ଉମା ଏସ୍. ସାହୁ ଓ ସଞ୍ଜୟ କେ. ପାତ୍ର ୩ଟି ଲେଖାଏ, ରଞ୍ଜନ କୁମାର ୨ ଉଇକେଟ ନେଇଥିଲେ। ଜବାବରେ ରାୟଗଡ଼ା ୨୯.୨ ଓଭରରେ ୯୪ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ମାନସ ଶତପଥୀ ୨୧, ରାଜ ଗୌଡ଼ା ୧୭, ସଞ୍ଜୟ ପାତ୍ର ୧୪ ରନ ସଂଗ୍ରହ କରିଥିଲେ। କୋରାପୁଟର ନିରଞ୍ଜନ ଗୌଡ଼ା ସର୍ବାଧିକ ୫, ଆଦିତ୍ୟ ଶତପଥୀ ୨, ସନ୍ଦୀପ ପଟ୍ଟନାୟକ ୨ ଉଇକେଟ ଅକ୍ତିଆର କରିଥିଲେ।


ନିରଞ୍ଜନ ଗୌଡ଼ା

## ଜଗତ୍‌ସିଂହପୁର ୭ ଉଇକେଟରେ ହାରିଲା

ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମୁକାବିଲାରେ ଜଗତ୍‌ସିଂହପୁର ୭ ଉଇକେଟରେ ରାଉରକେଲାଠାରୁ ପରାସ୍ତ ହୋଇଛି। ଟସ୍ ଜିତି ଜଗତ୍‌ସିଂହପୁର ପ୍ରଥମେ ବ୍ୟାଟିଂ କରି ୨୧.୩ ଓଭରରେ ୪୫ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ତରଫରୁ ସୂର୍ଯ୍ୟକାନ୍ତ ଦାସ ୯ ଓ ସାମସୁଲ ଖାଁ ୫ ରନକରି ଆଉଟ ହୋଇଥିଲେ। ବୋଲିଂରେ ରାଉରକେଲାର ସ୍ୱସ୍ତିକ ସାମଲ ୪, ରିତେଶ ପାଣ୍ଡେ ୩ ଓ କିଶୋର ଛତ୍ରୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାଉରକେଲା ୧୩.୨ ଓଭରରେ ୩ ଉଇକେଟ ହରାଇ ୪୬ ରନକରି ବିଜୟୀ ହୋଇଛି। ଦଳ ତରଫରୁ ରିତେଶ ପାଣ୍ଡେ ୧୪, ପ୍ରୀତମ୍ ଜେନା ୧୪, ସୁଜାଲ କୁମାର ସିଂ ୧୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଜଗତ୍‌ସିଂହପୁରର ମନୋଜ ଦାସ ୨ ଓ ଓମ୍‌କାର ମହାନ୍ତି ଗୋଟିଏ ଉଇକେଟ ହାସଲ କରିଥିଲେ।

**କଳାହାଣ୍ଡି କପ୍ କ୍ରିକେଟ**
**ନିରଞ୍ଜନଙ୍କୁ ୫ ଉଇକେଟ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅଗଷ୍ଟ ୧୪/୨୦୨୧ Sambalpur, Saturday, August 14/ 2021



ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିଥିବା ପିଏସପିବିର ହକି ଖେଳାଳିଙ୍କୁ ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ସମ୍ବର୍ଦ୍ଧିତ କରିବା ଅବସରରେ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଡେନେର୍ବି ଭାରତୀୟ ମହିଳା ଫୁଟ୍‌ବଲ କୋଚ୍ ହେବେ

ନୂଆଦିଲ୍ଲୀ, ୧୩।୮ (ପି.ଟି.)


ଥୋମାସ ଡେନେର୍ବି

ସୁଇଡେନର ଥୋମାସ ଡେନେର୍ବି ଭାରତ ସିନିୟର ମହିଳା ଫୁଟ୍‌ବଲ ଦଳର ହେଡ୍ କୋଚ୍ ହେବେ। ଯଥାଶୀଘ୍ର ସେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଶୁକ୍ରବାର ଘୋଷଣା କରିଛି। ୬୨ ବର୍ଷୀୟା ଡେନେର୍ବି ପୂର୍ବରୁ ୧୭ ବର୍ଷରୁ ଭାରତୀୟ ମହିଳା ଦଳର ଦାୟିତ୍ୱରେ ଥିଲେ। ୨୦୨୨ ଜାନୁୟାରୀ ୨୦ରୁ ଫେବୃୟାରୀ ୬ ମଧ୍ୟରେ ଭାରତରେ ଏଏଫ୍‌ସି ଏସିଆନ କପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ଡେନେର୍ବିଙ୍କୁ ଏହି ନୂଆ ଦାୟିତ୍ୱ ପ୍ରଦାନ କରାଯିବ।

ନୂଆ ଦାୟିତ୍ୱ ପାଇଥିବାରୁ ଗର୍ବିତ। ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର କୋଚ୍ ହେବା ମୋ ପାଇଁ ଏକ ବଡ଼ ସମ୍ମାନ ବୋଲି ଡେନେର୍ବି କହିଛନ୍ତି। ଡେନେର୍ବି ୟୁଇଏଫ୍‌ଏ ପ୍ରୋ ଡିପ୍ଲୋମା ହାସଲ କରିଛନ୍ତି। ଏଏଫ୍‌ସି ମହିଳା ଏସିଆନ କପ୍ ପାଇଁ ଭାରତୀୟ ଦଳକୁ ପ୍ରସ୍ତୁତ କରିବା ଏକ ବଡ଼ ଚ୍ୟାଲେଞ୍ଜ। ଜୀବନର ମାନେ ହିଁ ଚ୍ୟାଲେଞ୍ଜ। ଏହା ଅନୁଭବ କରିଛି। ବିଭିନ୍ନ ଦେଶର ଜାତୀୟ ଦଳର କୋଚ୍ ହିସାବରେ ଡେନେର୍ବି ଦୀର୍ଘ ୩୦ ବର୍ଷଧରି କାର୍ଯ୍ୟ କରି ସଫଳତା ହାସଲ କରିଛନ୍ତି। ତେଣୁ ଜଣେ କୋଚ୍ ହିସାବରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ତାଙ୍କ ତତ୍ତ୍ୱାବଧାନରେ ସୁଇଡେନ ମହିଳା ଦଳ ୨୦୧୧ ଫିଫା ବିଶ୍ୱକପ୍‌ରେ ତୃତୀୟ ସ୍ଥାନରେ ଅଭିଯାନ ଶେଷ କରିଥିଲା ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେ ମଧ୍ୟ ନାଇଜେରିଆ ମହିଳା ଦଳର କୋଚ୍ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନାଇଜେରିଆ ମହିଳା ଦଳ ୨୦୧୯ ଫିଫା ମହିଳା ବିଶ୍ୱକପ୍ ଖେଳିଥିଲା ଓ ୨୦୧୮ରେ ଅନେକ ପୁରସ୍କାର ହାସଲ କରିଥିଲା। ନାଇଜେରିଆରେ ତାଙ୍କୁ ୨୦୧୮ କୋଚ୍ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ଅଭିଜ୍ଞତାରୁ ଭାରତୀୟ ମହିଳା ଦଳ ଫାଇଦା ଉଠାଇପାରିବ। ପୁଣି ଭାରତ ସହ ସେ ଅଭ୍ୟସ୍ତ ହୋଇସାରିଛନ୍ତି। ବୈଷୟିକ ଓ ପ୍ରତିଦ୍ୱନ୍ଦ୍ୱିତା ଦୃଷ୍ଟିକୋଣରୁ ସେ ଭାରତୀୟ ଦଳକୁ ନୂଆ ସୋପାନରେ ପହଞ୍ଚାଇପାରିବେ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶଳ ଦାସ କହିଛନ୍ତି।

ତେବେ ଏଏଫ୍‌ସି ଏସିଆନ କପ୍ ୨୦୨୨ ଫେବୃୟାରୀରେ ଶେଷ ହେବା ପରେ ଡେନେର୍ବି ଭାରତୀୟ ୧୭ ବର୍ଷରୁ କମ୍ ବିଶ୍ୱକପ୍ ଦଳର କୋଚ୍ ଭାବେ ପୁଣି ଦାୟିତ୍ୱ ଗ୍ରହଣ କରିବେ। ସେତେବେଳ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲରମାନେ ଆସିଷ୍ଟାଣ୍ଟ କୋଚ୍ ଆଲେକ୍ସ ଆମ୍ବ୍ରୋଜଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ଜାରି ରଖିବେ। ଆମ୍ବ୍ରୋଜ ଡେନେର୍ବିଙ୍କ ସହ ଏକାଠି କାର୍ଯ୍ୟ କରୁଛନ୍ତି। ଏଏଫ୍‌ସି ଏସିଆନ କପ୍ ପୂର୍ବରୁ ଭାରତୀୟ ଦଳ ଏକାଧିକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ତେଣୁ ଫୁଟ୍‌ବଲ ତଥା ପ୍ରଦର୍ଶନ ଉନ୍ନତି ପାଇଁ ଏଆଇଏଫ୍‌ଏଫ୍ ଡେନେର୍ବି ଓ ଅନ୍ୟମାନଙ୍କ ସହ ଏକାଠି କାର୍ଯ୍ୟ କରିବ। ତେବେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ସ୍ଥିତିକୁ ଦୃଷ୍ଟିରେ ରଖି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ। ସାରା ବିଶ୍ୱରେ ଭ୍ରମଣଜନିତ କଟକଣା ଜାରି ରହିଛି। ଦେଶରେ ଏବେ କରୋନା ସ୍ଥିତିରେ ସୁଧାର ଆସିଛି। ତେଣୁ ଖୁବ୍‌ଶୀଘ୍ର ଭାରତରେ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଏଆଇଏଫ୍‌ଏଫ୍ ଯୋଜନା କରୁଛି।

ସବୁ ଘରୋଇ ଟୁର୍ନାମେଣ୍ଟ ଓ ସିନିୟର ଜାତୀୟ ଚାମ୍ପିୟନଶିପ୍ ନଭେମ୍ବରରେ ଆୟୋଜନ କରିବାକୁ ଯୋଜନା କରାଯାଉଛି। ଭୁବନେଶ୍ୱରରେ ୨୦୨୨ ମାର୍ଚ୍ଚ ଓ ଏପ୍ରିଲରେ ହିରୋ ଆଇଡବ୍ଲ୍ୟୁଏଲ୍ ଆୟୋଜନ କରିବାକୁ ମଧ୍ୟ ଯୋଜନା କରାଯାଉଛି।

# ଡବ୍ଲ୍ୟୁଏଫ୍‌ଆଇ ନୋଟିସ୍‌ର ଜବାବ ରଖିଲେ ସୋନମ

ନୂଆଦିଲ୍ଲୀ, ୧୩।୮ (ପି.ଟି.)


ସୋନମ ମଲିକ

ଦୁର୍ବ୍ୟବହାର ପାଇଁ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଦ୍ୱାରା ପ୍ରେରିତ ନୋଟିସ୍‌ର ଜବାବ ରଖିଛନ୍ତି ରେସ୍‌ଲର ସୋନମ ମଲିକ। ଭବିଷ୍ୟତରେ ଏଭଳି ଭୁଲ କାର୍ଯ୍ୟ ସେ କରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଭିନେଶ ଫୋଗତଙ୍କ ଭାବପ୍ରବଣ ମନ୍ତବ୍ୟ କ୍ରୀଡ଼ାର ଜାତୀୟ ମହାସଂଘ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। ଟୋକିଓ ଅଲିମ୍ପିକ୍ସ ବିଶୃଙ୍ଖଳା ପାଇଁ ଡବ୍ଲ୍ୟୁଏଫ୍‌ଆଇ ଭିନେଶଙ୍କୁ ସସ୍‌ପେଣ୍ଡ କରିଥିଲା ଏବଂ ୧୯ ବର୍ଷୀୟା ସୋନମଙ୍କ ବିରୋଧରେ ନୋଟିସ ଜାରି କରିଥିଲା। ସୋନମ ଗେମ୍ସରେ ଅଂଶଗ୍ରହଣ ପାଇଁ ଯିବା ପୂର୍ବରୁ ପାସ୍‌ପୋର୍ଟ ପାଇଁ ସେ ସାଇ ଷ୍ଟାଫ୍‌ଙ୍କ ସହାୟତା ଲୋଡିଥିଲେ। ସୋନମ ନୋଟିସର ଜବାବ ଦେଇଛନ୍ତି। ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଫେଡେରେଶନ ଖୁବ୍ ଶୀଘ୍ର ତାଙ୍କ ଉପରେ ନିଷ୍ପତ୍ତି ନେବ। ଅନ୍ୟପକ୍ଷରେ ଟୋକିଓ ଅଲିମ୍ପିକ୍ସରେ ବିପର୍ଯ୍ୟୟ ଲାଗି ବର୍ତ୍ତମାନ ତାଙ୍କ ମାନସିକ ଅବସ୍ଥା ଭଲ ନାହିଁ। ରେସ୍‌ଲିଂକୁ ହୁଏତ ସେ ଫେରି ନ ପାରନ୍ତି ବୋଲି କହିଛନ୍ତି। କିନ୍ତୁ ଭିନେଶ ଯାହା କହିଛନ୍ତି ଡବ୍ଲ୍ୟୁଏଫ୍‌ଆଇ ଉପରେ ତାହା କୌଣସି ପ୍ରଭାବ ପକାଇ ପାରି ନ ଥିବା ଶୁଣିବାକୁ ମିଳୁଛି। ଡବ୍ଲ୍ୟୁଏଫ୍‌ଆଇ ତାଙ୍କଠାରୁ ଲିଖିତ ଉତ୍ତର ଚାହୁଁଛି। ନୋଟିସ୍‌ର ଜବାବ ରଖିବା ଲାଗି ଭିନେଶଙ୍କ ପାଇଁ ସମୟ ସୀମା ଅଗଷ୍ଟ ୧୬ ରହିଛି। ଫେଡେରେଶନର କହିବା ଅନୁସାରେ ହଙ୍ଗେରୀରେ ଟ୍ରେନିଂ ସାରି ଟୋକିଓରେ ପହଞ୍ଚିବା ପରେ ଭିନେଶଙ୍କ ବ୍ୟବହାର ଆଚରଣ ଶୋଭନୀୟ ନ ଥିଲା। ସେ ତାଙ୍କ ଭାରତୀୟ ଟିମ୍‌ମେଟ୍‌ଙ୍କ ପାଖରେ ରହିବା ଲାଗି ମନା କରିଦେଇଥିଲେ। ପ୍ରତିଯୋଗିତା ବେଳେ ସେ ସେମାନଙ୍କ ସହ ଟ୍ରେନିଂ ନେବାକୁ ରାଜି ନ ଥିଲେ। ପୁନଶ୍ଚ ଲଢେଇ ବେଳେ ଭାରତୀୟ ଦଳର ଅଫିସିଆଲ ସ୍ପନସର ପରିବର୍ତ୍ତେ ଏକ ଘରୋଇ ସ୍ପନସରଙ୍କ ଲୋଗୋ ତାଙ୍କ ପୋଷାକରେ ଦେଖିବାକୁ ମିଳିଥିଲା। ଏହି କାରଣରୁ ଡବ୍ଲ୍ୟୁଏଫ୍‌ଆଇ ତାଙ୍କୁ ସସ୍‌ପେଣ୍ଡ କରିଥିଲା।

# କ୍ରିକେଟରୁ ଉନ୍ମୁକ୍ତ ଚାନ୍ଦଙ୍କ ଅବସର

ମୁମ୍ବାଇ, ୧୩।୮ (ପି.ଟି.)



ଭାରତକୁ ୧୯ବର୍ଷରୁ କମ୍ ବିଶ୍ୱକପ୍ ଟାଇଟଲ ସଫଳତା ଆଣି ଦେଇଥିବା ଉନ୍ମୁକ୍ତ ଚାନ୍ଦ ସିନିୟର ସ୍ତରରେ ଅସଫଳ ରହିବା ପରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୨୮ବର୍ଷୀୟ ଉନ୍ମୁକ୍ତ ତାଙ୍କର ଏହି ନିଷ୍ପତ୍ତି ସୋସିଆଲ ମିଡିଆରେ ଟୁଇଟ ଓ ତାଙ୍କର କିଛି ସ୍ମରଣୀୟ ଭିଡିଓ ଜରିଆରେ ଅବଗତ କରାଇଛନ୍ତି। ସମ୍ଭବତଃ ସେ ତାଙ୍କ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଟିମ୍‌ମେଟ୍ ସ୍ମିତ ପଟେଲଙ୍କ ଭଳି ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ଟି୨୦ ଲିଗ୍‌ରେ ଖେଳିବାକୁ ଚାହୁଁଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୌଣସି ବିଦେଶୀ ଟି୨୦ ଲିଗ୍‌ରେ ଏହାର ରେଜିଷ୍ଟ୍ରିଭୁକ୍ତ ଖେଳାଳିଙ୍କୁ ଭାଗ ନେବାକୁ ଅନୁମତି ଦେଇ ନ ଥାଏ। ଏହି କାରଣରୁ ଉନ୍ମୁକ୍ତ ଅବସର ନିଷ୍ପତ୍ତି ନେଇ ପାରିଥାନ୍ତି। ଚାନ୍ଦ ହେଉଛନ୍ତି ଜଣେ ଡାହାଣହାତୀ ବ୍ୟାଟ୍ସମ୍ୟାନ ଓ ଅଫ୍‌ବ୍ରେକ୍ ବୋଲର। ତାଙ୍କ ନେତୃତ୍ୱରେ ୨୦୧୨ରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିଥିଲା। ଏହି ସଫଳତା ପାଇଁ ଉନ୍ମୁକ୍ତ ଦେଶର ଘରେ ଘରେ ପରିଚିତ ହୋଇଯାଇଥିଲେ। ମ୍ୟାଚରେ ସେ ୧୧୧ରନ କରି ଅପରାଜିତ ରହିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀରେ ଜନ୍ମ ଗ୍ରହଣ କରିଥିବା ଏହି ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ସିନିୟର ଦଳରେ ନେବା ଲାଗି ଏକଦା ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ତାଙ୍କ ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ଅତୀତରେ ସେ ଥରେ ଭାରତ 'ଏ' କ୍ୟାମ୍ପରୁ ଛୁଟି ନେଇ ଏକ ଘରୋଇ ଚ୍ୟାନେଲର ଟକ୍ ଶୋ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଶ୍ୱକପ୍ ବିଜୟୀ ଭାରତ ଅଧିନାୟକ କପିଳ ଦେବ ଷ୍ଟେଜ୍‌ରେ ତାଙ୍କୁ କଡ଼ା ସମାଲୋଚନା କରିଥିଲେ।

# ଚେନ୍ନାଇନ୍ ଏଫ୍‌ସିରୁ ଖେଳିବେ ଦେଭିନ୍ଦର


ଦେଭିନ୍ଦର ସିଂ

**ଚେନ୍ନାଇ, ୧୩।୮ (ପି.ଟି.):** ଭାରତୀୟ ଡିଫେଣ୍ଡର ଦେଭିନ୍ଦର ସିଂ ଦୁଇଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଚାମ୍ପିୟନ ଚେନ୍ନାଇନ୍ ଏଫ୍‌ସି ତରଫରୁ ଖେଳିବେ। ଏଥିଲାଗି ଫୁଟ୍‌ବଲ ଟିମ୍ ସହ ଏକ ବର୍ଷିକିଆ ଚୁକ୍ତି ହୋଇଛି। ୨୦୧୮-୧୯ ଅଭିଯାନ ପୂର୍ବରୁ ଆଣ୍ଠୁରେ ଆଘାତପ୍ରାପ୍ତ ହେବାରୁ ଏହି ୨୫ବର୍ଷୀୟ ଅନ୍ତର୍ଜାତୀୟ ଖେଳାଳି ଆଇଏସ୍‌ଏଲ୍‌ର ଗତ ୩ଟି ସିଜନ ଖେଳି ପାରି ନ ଥିଲେ। ଦେଭିନ୍ଦର ୟୁନିଭର୍ସିଟି ଫୁଟ୍‌ବଲରୁ ଜାତୀୟ ଦଳକୁ ଉନ୍ନୀତ ହୋଇଥିଲେ। ୨୦୧୮ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତର ୨୩ ବର୍ଷରୁ କମ୍ ଫୁଟ୍‌ବଲ ତରଫରୁ ଖେଳୁଥିବାବେଳେ ତାଙ୍କ ପ୍ରଦର୍ଶନ ପୂର୍ବତନ ଜାତୀୟ ଟିମ୍ କୋଚ୍ ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ୍‌ଙ୍କୁ ପ୍ରଭାବିତ କରିଥିଲା। ଏହାପରେ ସେ ପୂର୍ବତନ ପଞ୍ଜାବ ୟୁନିଭର୍ସିଟି ଡିଫେଣ୍ଡର ୨୦୧୮ରେ ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍‌ରେ ସିନିୟର ଦଳରେ ପଦାର୍ପଣର ସୁଯୋଗ ପାଇଥିଲେ। ଭାରତ ତରଫରୁ ସେ ୩ଟି ଅନ୍ତର୍ଜାତୀୟ ମ୍ୟାଚରେ ଖେଳିବା ସୁଯୋଗ ପାଇଛନ୍ତି। ଦେଭିନ୍ଦର କହିଛନ୍ତି, ଚଳିତ ସିଜନରେ ଚେନ୍ନାଇନ ଏଫ୍‌ସି ତରଫରୁ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି।



ପଞ୍ଚକୁଲା ଠାରେ ଶୁକ୍ରବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟୀ ରେସଲର ରବି ଦହିୟାଙ୍କୁ ୪ କୋଟି ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ

## ପୋଲରେ ପିଟି ହୋଇ ବାଇକ୍ ଆରୋହୀ ମୃତ

ନୂଆପଡ଼ା ଅଫିସ: ନୂଆପଡା ଜିଲା ଖଡିଆଳ ଥାନା ସାନମହେଶ୍ୱର ଗାଁ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଆରୋହୀ ଭାରସାମ୍ୟ ହରାଇ ଏକ ପୋଲରେ ପିଟି ହୋଇ ଜଣେ ବାଇକ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଡେନ ଥାନା ଦରଗାଁ ଗ୍ରାମର ପ୍ରସନ୍ନ ଦଳ (୫୦)। ପ୍ରସନ୍ନ ଏକ ମୋଟରସାଇକେଲରେ ରାସାୟନିକ ସାର କିଣିବା ପାଇଁ ସାନମହେଶ୍ୱର ଗାଁକୁ ଆସୁଥିଲେ। ସେହି ସମୟରେ ଭାରସାମ୍ୟ ହରାଇ ଏକ ପୋଲରେ ପିଟିହୋଇ ପଡି ଯଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ଖଡିଆଳ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ଝିଅକୁ ଚିକିତ୍ସା କରି ଫେରୁଥିବା ବେଳେ ହୃଦ୍‌ଘାତରେ ମା’ ମୃତ


କଲ୍ୟାଣୀ ଖଣ୍ଡଗିରୀ (ଫାଇଲ ଫଟୋ)।

**ଅମରପାଲି,୧୩।୮(ଡି.ଏନ.ଏ):** ଡାକ୍ତରଖାନାରେ ଝିଅର ଚିକିତ୍ସା କରି ଘରକୁ ଫେରୁଥିବା ବେଳେ ହୃଦ୍‌ଘାତରେ ମାଆଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ। ମୃତକ ହେଲେ କଲ୍ୟାଣୀ ଖଣ୍ଡଗିରି (୪୫)। ସେ ହେଉଛନ୍ତି ଉପଖଣ୍ଡର କଳାପଥରସ୍ଥିତ ସତ୍ୟବାଦୀ ଯୁକ୍ତ ୨ କଲେଜର ଓଡିଆ ବିଭାଗ ଅଧାପକ ରାମଚନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ। ପ୍ରକାଶ ଯେ, କଲ୍ୟାଣୀଙ୍କ ଝିଅ ପ୍ରତ୍ୟାଶା ଅସୁସ୍ଥ ଥିଲେ। ସେ ସ୍ୱାମୀ ରାମଚନ୍ଦ୍ର ଓ ପୁଅ ସ୍ୱାଗତ ସହ ମିଶି ଗୁରୁବାର ପ୍ରତ୍ୟାଶାଙ୍କୁ ବୁର୍ଲା ମେଡିକାଲ ନେଇ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ସେହିଦିନ ରାତିରେ ଘରକୁ ଗାଡିରେ ଫେରିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ବୁର୍ଲା ମେଡିକାଲ ନିଆଯାଇ ବର୍ହିଃବିଭାଗରେ ଚିକିତ୍ସା କରାଯିବା ବେଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ମୃତ ଶରୀରକୁ କଲ୍ୟାଣୀଙ୍କ ପୈତୃକ ଘର ବୀରମହାରାଜପୁରସ୍ଥିତ ବିକଳପାଲିକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ସ୍ୱାମୀ ଅଧାପକ ରାମଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ମୃତ କଲ୍ୟାଣୀ ବୀରମହାରାଜପୁର ଉପଖଣ୍ଡୀୟ ସାମ୍ବାଦିକ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଭଉଣୀ ଅଟନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆଜାଦୀ କା ଅମୃତ ଦିବସ ପାଳନ କରିବ ନେହେରୁ ଯୁବ କେନ୍ଦ୍ର




**ନୂଆପଡ଼ା ଅଫିସ,୧୩।୮:** ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ନୂଆପଡା ନେହେରୁ ଯୁବ କେନ୍ଦ୍ର ଆଜାଦୀ କା ଅମୃତ ଦିବସ ପାଳନ କରିବ। ଏ ନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ନୂଆପଡା ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ଆଶିଷ କୁମାର ଠାକୁର ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଯୁବ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ସେପ୍ଟମ୍ବର ୧୩ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଫିଟ ଇଣ୍ଡିଆ ଫ୍ରିଡମ ରନ ୨.୦ ଆୟୋଜନ କରାଯାଇଛି। ଏଥିରେ ଦେଶର ୨୯ ରାଜ୍ୟରୁ ୭୪୪ ଜିଲାର ନେହେରୁ ଯୁବ କେନ୍ଦ୍ର ଅଂଶ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ନୂଆପଡା ନେହେରୁ ଯୁବକେନ୍ଦ୍ର ମଧ୍ୟ ସାମିଲ ରହିଛି। ଆସନ୍ତା ସେପ୍ଟମ୍ବର ୧୧ରେ ନୂଆପଡା ସଦର ଟାଉନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲାର ଅଧିକାରୀ, ଜନପ୍ରତିନିଧି, ଯବଗୋଷ୍ଠୀ, ସାମାଜିକ କର୍ମୀ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ଜିଲାର ଏଫିଲେଟେଟ ଯୁବକ ସଂଘ ମଧ୍ୟରୁ ୭୫ଗାଁରୁ ୭୫ଟି ଯୁବକ ସଂଘ ମନୋନୀତ ହୋଇଛନ୍ତି ସେହି ଗାଁକୁ ଯାଇ ଫ୍ରିଡମ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଠାକୁର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ମୁକେଶ ପାଣ୍ଡେ, ତାପସ ଦତ ସାହୁ, ଜନକ ରାମ ପାଣ୍ଡେ ଓ ବିଶାଖା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଷ୍ଟିହୀନ ଶିଶୁଙ୍କୁ ମିଲ୍କ ପାଉଡର ବଣ୍ଟନ

**ନୂଆପଡ଼ା ଅଫିସ,୧୩।୮:** ନୂଆପଡା ଜିଲା ଖଡିଆଳ ବ୍ଲକ ରାନୀମୁଣ୍ଡା ପଞ୍ଚାୟତ ସମାଡପଦର ଗାଁରେ ପୁଷ୍ଟିହୀନ ଶିଶୁମାନଙ୍କୁ ମିଲ୍କ ପାଉଡର ବଣ୍ଟନ କରାଯାଉଛି। ଯାହାଦ୍ୱାରା ପୃଷ୍ଟିହୀନ ଶିଶୁମାନଙ୍କ ପୁଷ୍ଟିହୀନତା ଦୂର ହେବା ସାଙ୍ଗେ ଓଜନ ଓ ଉଚ୍ଚତା ବଢାଇବାରେ ସହାୟକ ହେବ। ଶୁନରୁ ୫ ବର୍ଷର ଶିଶୁମାନଙ୍କ ମଧରେ ଅଧିକ ପୁଷ୍ଟିହୀନତା ଦେଖାଦେଉଥିବାରୁ ଏହି କାର୍ଯ୍ୟକ୍ରମ ହାତକୁ ନେଇ ଭୁବନେଶ୍ୱର ଜୀବଦୟା ଫାଉଣ୍ଡେଶନ ସହାୟତାରେ ୟାର ଅନୁଷ୍ଠାନ ଖଡିଆଳ ପକ୍ଷରୁ ରାନୀମୁଣ୍ଡା ପଞ୍ଚାୟତ ସମାଡପଦର ଗାଁର ଶୁନରୁ ୫ ବର୍ଷର ୫୦ଜଣ ଶିଶୁଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଅନ୍ୟ ବ୍ଲକରେ ମଧ୍ୟ ସର୍ଭେ କାର୍ଯ୍ୟ ଚାଲିଛି। ସର୍ଭେ ରିପୋର୍ଟ ଆସିବା ପରେ କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯିବ। ଆଗାମୀ ବର୍ଷ ପାଇଁ ଦାବି କରାଯାଇଛି ବୋଲି ଜୀବଦୟା ଫାଉଣ୍ଡେଶନ ମ୍ୟାନେଜର ଦେବାଶିଷ ପାତ୍ର ସୂଚନା ଦେଇଛନ୍ତି। ୟାର ଅନୁଷ୍ଠାନ ସଭାପତି ମହେନ୍ଦ୍ର ଯୋଶୀ, ସମ୍ପାଦକ ହରି ଦାସ ପଟେଲ, ପ୍ରୋଗ୍ରାମ ମ୍ୟାନେଜର ଅରୁଣ କୁମାର ବିଶ୍ୱାଳ ସହଯୋଗ କରୁଛନ୍ତି।

# ପ୍ରତିବନ୍ଧକ ସାଜିଛି ବେହେରା ନାଳ

**ବଡ଼କଛାର ଗାଁ**
- ହଇରାଣ ହୁଅନ୍ତି ଗ୍ରାମବାସୀ
- ବର୍ଷା ଋତୁରେ ରୋଗୀଙ୍କୁ ଖଟିଆରେ ବୋହୁଛନ୍ତି

**କୋକସରା,୧୩।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ବଡକଛାର ଗାଁକୁ ଭଲ ରାସ୍ତା ନାହିଁ। ଗାଁକୁ ଯିବାକୁ ହେଲେ ପଡିଥାଏ ବେହେରା ନାଳ। ବର୍ଷା ହେଲେ ନାଳରେ ପାଣି ବଢିଲେ ଗାଁ ଲୋକଙ୍କ ପାଇଁ ପ୍ରତିବନ୍ଧକ ସାଜୁଛି। ସପ୍ତାହ ସପ୍ତାହ ଧରି ବାହାକୁ ଯାଇ ନ ପାରି ଗୃହବନ୍ଦି ହୁଅନ୍ତି ବଡକଛାରବାସୀ। ଗାଁରେ ୨୦ ପରିବାରର ପ୍ରାୟ ୧୫୦ ଲୋକେ ବାସ କରୁଛନ୍ତି। ଆବାସ ଯୋଜନାରେ ଘର, ନଳକୂପ, ବିଦ୍ୟୁତ ସେବା ଆଦି ଗାଁରେ ପହଞ୍ଚି ଥିବା ବେଳେ ରାସ୍ତାନାହିଁ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଏହି ଗାଁକୁ ଯିବାକୁ ହେଲେ ପ୍ରଥମେ ପଡିଥାଏ ବେହେରା ନାଳ। ନାଳରେ ପୋଲ ନ ଥିବାରୁ ଯିବାଆସିବାରେ ଅନେକ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ବର୍ଷା ଦିନେ ଗାଁରେ କାହାର ସ୍ୱାସ୍ଥ୍ୟ ଖରାପ ହୁଏ ତେବେ ଖଟିଆରେ ବୋହି ନେବା ବ୍ୟତିତ ଅନ୍ୟ କୌଣସି ଉପାୟ ନାହିଁ। ବେହେରା ନାଳ ପାର ହେଲେ ମିଳିଥାଏ ଆମ୍ବୁଲାନ୍ସ ସେବା ବୋଲି ଗାଁ ଲୋକେ କହିଛନ୍ତି। ନାଳରେ ପୋଲ ନ ଥିବାରୁ ବର୍ଷା ଦିନେ ନାଳ ପାଣି ବଢିଯାଏ। ଏଥି ଯୋଗୁ କୋମଳମତି ଶିଶୁ ଅଙ୍ଗନୱାଡି ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଯିବା ବନ୍ଦ ହୋଇଥାଏ। ଏପରି କି ପଞ୍ଚାୟତରୁ ରାଶନ ସାମଗ୍ରୀ ଆଣିବା ସମୟରେ ଲୋକେ ହଇରାଣ ହେଉଛନ୍ତି। ବର୍ଷା ଯୋଗୁ ଦିନ ଦିନ ଧରି ରାଶନ ସାମଗ୍ରୀ ଆଣିବା ପାଇଁ ଅପେକ୍ଷା କରିବାକୁ ପଡିଥାଏ ବୋଲି ଗାଁ ଲୋକେ କୁହନ୍ତି।

ରାସ୍ତା ଓ ବ୍ରିଜ ନିର୍ମାଣ ପାଇଁ ବିଭିନ୍ନ ସମୟରେ ନେତା, ମନ୍ତ୍ରୀ ଓ ପ୍ରଶାସନ ପାଖରେ ଗୁହାରି କରି ଆସୁଥିଲେ ବି କେହି କର୍ଣ୍ଣପାତ କରୁ ନ ଥିବାରୁ ଆଜି ବି ଗାଁରେ ସବୁ ଦିନିଆ ରାସ୍ତା ହୋଇ ପାରି ନ ଥିବା ଗାଁ ଦଶରଥ ମାଝି, ଶଙ୍କର ମାଝି, ଖଗେଶ୍ୱର ନାଏକ, ନରେନ୍ଦ୍ର ମାଝି, ମିଥିଳା ମାଝି, ଧନମତି ନାଏକ, ଚନ୍ଦନି ନାଗ, କୁଷୁମ ପି ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ କୋକସରା ବିଡିଓ ମନୀଷା ଦାସଙ୍କୁ ପଚାରିବାରୁ ସେହି ସ୍ଥାନକୁ ଦେଖିବା ପରେ କେତେ ଏଷ୍ଟିମେଟ୍‌ରେ ବ୍ରିଜ ଦରକାର ଓ ରିଜର୍ଭ ଏରିଆ ରହିଥିବାରୁ ବିଭାଗୀୟ ଅନୁମତି ପରେ ରସ୍ତା ଓ ବ୍ରିଜ ହୋଇ ପାରିବ ବୋଲିକହିଛନ୍ତି।


ବଡକଛାର ଗ୍ରାମବାସୀ।

# ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

**ଜୁନାଗଡ,୧୩।୮(ଡି.ଏନ୍.ଏ.)**




- ୩୪ ପଞ୍ଚାୟତକୁ ୧୯ ପିଇଓ
- ଏବିଡିଓ, ଜିପିଓ, ହିସାବରକ୍ଷକ ପଦବୀ ଖାଲି
- ୧୦୨ ପଦବୀରୁ ବର୍ତ୍ତମାନ ୩୩ ଖାଲି
- ମନ୍ତ୍ରୀଙ୍କ ନିର୍ବାଚନୀ ମଣ୍ଡଳୀ, ବିରୋଧୀ ଦଳ ନେତାଙ୍କ ବ୍ଲକ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟରେ ଏବେ କର୍ମଚାରୀ ଅଭାବ ଦେଖାଦେଇଛି। ୩୪ଟି ପଞ୍ଚାୟତକୁ ନେଇ ବ୍ଲକ ଗଠିତ ହୋଇଛି। ଜୁନାଗଡ ନିର୍ବାଚନମଣ୍ଡଳୀର ଏହା ମୁଖ୍ୟାଳୟ ଥିବା ବେଳେ ଏଠାକାର ବିଧାୟକ ଭାବେ ହେଭିୱେଟ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ରହିଛନ୍ତି। ସେହିପରି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମଧ୍ୟ ଏହି ବ୍ଲକର ନୂଆଗୁଡା ଗ୍ରାମରୁ ଆସିଛନ୍ତି। ଫଳରେ ଜିଲାର ସମସ୍ତ ବ୍ଲକ ମଧ୍ୟରୁ ଜୁନାଗଡ ବ୍ଲକର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏପରି ସ୍ଥଳେ ଏହି ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ମୋଟ ୧୦୨ପଦବୀ ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ୩୩ ପଦବୀ ଖାଲି ରହିଛି। ସେହିପରି ବ୍ଲକର ୩୪ଟି ପଞ୍ଚାୟତକୁ ୩୪ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରହିବାକୁ ଥିବା ବେଳେ ତାହା ବଦଳରେ ଏବେ ମାତ୍ର ୨୨ଜଣ ରହିଛନ୍ତି। ସେଥିମଧ୍ୟରୁ ୩ଜଣ ପିଇଓ ବ୍ଲକ କାର୍ଯ୍ୟାଳୟରେ ସଂଯୋଗ ହୋଇ ବିଭିନ୍ନ ବିଭାଗରେ କାମ କରୁଛନ୍ତି। ଅବଶିଷ୍ଟ ୧୯ ପିଇଓ ୩୪ ପଞ୍ଚାୟତ କାର୍ଯ୍ୟ ସମ୍ଭାଳୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜଣେ ପିଇଓ ୩ଟି ପଞ୍ଚାୟତ ଦାୟିତ୍ୱ ମଧ ନେଇଛନ୍ତି। ସେହିପରି ଏବିଡିଓ, ହିସାବ ରକ୍ଷକ ପଦବୀ ଦୀର୍ଘ ଦିନ ହେବ ଖାଲି ରହିଥିବା ବେଳେ ଜିପିଓ ପଦବୀକୁ ପିଆଇ (ପ୍ରଗତି ସହାୟକ) ଭାରପ୍ରାପ୍ତ ଭାବେ ରହି ସମ୍ଭାଳୁଛନ୍ତି। ଏହାଛଡା ୩୪ ପଞ୍ଚାୟତ ପାଇଁ ୨୩ ଜଣ ଜିଆରଏସ୍ (ଗ୍ରାମ ରୋଜଗାର ସେବକ) ରହିଛନ୍ତି। ଫଳରେ ଜଣେ ଜଣେ ଜିଆର୍‌ଏସ ୨ଟି ଲେଖାଏ ପଞ୍ଚାୟତକୁ ମଧ ସମ୍ଭାଳୁଛନ୍ତି। ଏ ନେଇ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଖାଲି ଥିବା ପଦବୀ ପୂରଣ ହେଲେ କାମ କରିବା ସହଜ ହୁଅନ୍ତା ବୋଲି କହିଥିଲେ। ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶୀଘ୍ର ଖାଲିଥିବା ପଦବୀ ଗୁଡିକୁ ପୂରଣ କରିବାକୁ ଦାବି ହୋଇଛି।

# ଅନ୍ୟ ପାଇଁ ପ୍ରେରଣା ଦିବ୍ୟାଙ୍ଗ ସୁରେନ୍ଦ୍ର

**ଲାଠୋର,୧୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତ ବାଞ୍ଜିପାଲି ଗ୍ରାମରେ ଦିବ୍ୟାଙ୍ଗ ସୁରେନ୍ଦ୍ର ତାଣ୍ଡିଙ୍କ ଘର। ଗାଁର ଉନ୍ନତି ସହିତ ଶ୍ରମିକଙ୍କୁ କାମ ଯୋଗାଇ ଦେବା ନିମନ୍ତେ ତାଙ୍କର ପ୍ରଚେଷ୍ଟା ଆଜି ତାଙ୍କୁ ପ୍ରଶଂସା ସାଉଁଟିବାକୁ ସୁଯୋଗ ଆଣି ଦେଇଛି। ସୁରେନ୍ଦ୍ର ଜଣେ ଗ୍ରାଜୁଏଟ। ଅନେକ ବାର ଚେଷ୍ଟା କରି କୌଣସି କ୍ଷେତ୍ରରେ ନିଯୁକ୍ତି ନ ମିଳିବାରୁ ଶେଷରେ ଶ୍ରମିକ ଭାବେ କାମ କରିବାକୁ ଆଗେଇ ଆସିଥିଲେ। ଦୀର୍ଘ ଦିନ ହେବ ସେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ବାଞ୍ଜିପାଲି ଗ୍ରାମବାସୀ ଆମ୍ବଗଛ ଠାରୁ ଖଜୁରବନ୍ଦ ପର୍ଯ୍ୟନ୍ତ ବାଏପାସ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଥିଲେ। ହେଲେ ବିଭାଗୀୟ ଅଧିକାରୀ ଏହାକୁ କର୍ଣ୍ଣପାତ ନ କରି ଆଜିକାଲି କହି ସମୟ ଗଡେଇ ଚାଲିଥିଲେ। ଏମଜିଏନଆରଇଜିଏସ ଯୋଜନାରେ ଏହି ରାସ୍ତା କେମିତି ନିର୍ମାଣ ହୋଇ ପାରିବ ଏବଂ ଗ୍ରାମବାସୀ ଉପକୃତ ହେବେ ସେହି ଲକ୍ଷ୍ୟରେ ସୁରେନ୍ଦ୍ର କାର୍ଯ୍ୟ ଡିମାଣ୍ଡ କରିଥିଲେ। ତାଙ୍କ ଡିମାଣ୍ଡ ଅନୁଯାୟୀ ସେହି ରାସ୍ତା ନିର୍ମାଣ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ସୁରେନ୍ଦ୍ର ରାସ୍ତା କାମ କରିଛନ୍ତି। ଆଗାମୀ ଦିନରେ ଗ୍ରାମର ଅନ୍ୟ ଶ୍ରମିକମାନେ ଏହି କାମରେ ନିୟୋଜିତ ହୋଇ ରୋଜଗାର ପାଇପାରିବା ସହ ରାସ୍ତା ନିର୍ମାଣ ହେଲେ ଗ୍ରାମବାସୀ ଉପକୃତ ହୋଇ ପାରିବେ।


ରାସ୍ତା ନିର୍ମାଣ କାମ କରୁଛନ୍ତି ସୁରେନ୍ଦ୍ର।

## ନୂତନ ରୂପାନ୍ତରଣରେ ସାମିଲ ପାଇଁ ଦାବିପତ୍ର ପ୍ରଦାନ

**ଦୁର୍ଗେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ**

**ଲାଠୋର,୧୩।୮(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମୋ ସ୍କୁଲ ଯୋଜନାର ନୂତନ ରୂପାନ୍ତରଣରେ ସାମିଲ କରିବାକୁ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଶୁକ୍ରବାର ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ୧୪ ଜୁଲାଇ ୧୯୭୧ରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୪୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଅଦ୍ୟାବଧି ଏହି ବିଦ୍ୟାଳୟକୁ ମୋ ସ୍କୁଲ ଯୋଜନାର ନୂତନ ରୁପାନ୍ତରଣରେ ସାମିଲ କରାଯାଇନାହିଁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଭିତ୍ତିଭୂମିର ବିକାଶ, ଶିକ୍ଷା ଉପକରଣ ବୃଦ୍ଧି ତଥା ଅନ୍ୟାନ୍ୟ ଆଭ୍ୟନ୍ତରୀଣ ବିକାଶ ଅତ୍ୟନ୍ତ ଜରୁରୀ ହୋଇଥିବା ଲକ୍ଷ୍ୟ କରି ସରପଞ୍ଚ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।


ବିଡିଓଙ୍କ ଜରିଆରେ ଲାଠୋର ସରପଞ୍ଚ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଶ୍ୱଶୁରଙ୍କ ଗାଁରେ ଜ୍ୱାଇଁଙ୍କ ଆତ୍ମହତ୍ୟା

**କର୍ଲାମୁଣ୍ଡା,୧୩।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ଥାନା ଅଧୀନ ରିଷିଡା ଫାଣ୍ଡି ଅନ୍ତର୍ଗତ କୁଜାମହୁଲ ଗ୍ରାମରେ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ଅଇଲାପାଲିର ପ୍ରଭାକର ଭୁକ୍ତା। ସେ ଅଢ଼େଇ ବର୍ଷ ତଳେ କୁଜାମହୁଲ ଗ୍ରାମର ରାଧେ ଝାଙ୍କରଙ୍କ ଝିଅ ଝିଲିଙ୍କୁ ବିବାହ କରିଥିଲେ। ଦୁଇ ବର୍ଷ ହେଲା ପ୍ରଭାକର ସ୍ତ୍ରୀଙ୍କ ସହ ଶ୍ୱଶୁର ଘରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଥିବା ଜଣାଯାଇଛି। ଗୁରୁବାର ରାତିରେ ସେ ହଠାତ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କ ଝୁଲନ୍ତା ମୃତଦେହ ଏକ ମହୁଲ ଗଛରେ ଠାବ କରାଯାଇଛି ବୋଲି ମୃତକଙ୍କ ସ୍ତ୍ରୀ ରିଷିଡା ଫାଣ୍ଡିରେ ଲିଖିତ ଭାବେ ଜଣାଇଛନ୍ତି। ରିଷିଡା ଫାଣ୍ଡି ଅଧିକାରୀ କ୍ଷୀରସିନ୍ଧୁ ମାଝି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଜାରି ରଖିଛି। ଏ ନେଇ ମ.ରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୧) ରୁଜୁ ହୋଇଛି।

## ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଲେ ଦୁର୍ବୃତ୍ତ

**ଧର୍ମଗଡ,୧୩।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଭାରତୀୟ ଷ୍ଟେଟବ୍ୟାଙ୍କ (ଏସବିଆଇ) ମୁଖ୍ୟ ଶାଖାରୁ ଶୁକ୍ରବାର ଜଣେ ବ୍ୟକ୍ତି ଟଙ୍କା ଉଠାଇ ବ୍ୟାଗ ଧରି ପଦାକୁ ବାହାରିବା ବେଳେ ରାସ୍ତା ଉପରୁ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ଧର୍ମଗଡ ଏସବିଆଇ ମୁଖ୍ୟ ଶାଖାରୁ ଆମ୍ବଗୁଡା ଗ୍ରାମର ଉଦ୍ଧବ ସୁନାନୀ ୧ ଲକ୍ଷ ୯ ହଜାର ଟଙ୍କା ଉଠାଇଥିଲେ। ଏକ ବ୍ୟାଗରେ ଟଙ୍କା ରଖି ବ୍ୟାଙ୍କରୁ ପଦାକୁ ଆସୁଥିଲା ବେଳେ ମୁଖ୍ୟ ରାସ୍ତା ଉପରେ ହଠାତ ଜଣେ ଦୁର୍ବୃତ୍ତ ଆସି ଟଙ୍କା ଭର୍ତ୍ତିବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଥିଲେ। ଖବର ପାଇ ଧର୍ମଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଛି।

# ଦୀର୍ଘ ବର୍ଷ ପରେ ସଫା ହେଲା ନୂଆଗୁଡ଼ା ମୁଖ୍ୟ ରାସ୍ତା


ନୂଆଗୁଡା ମୁଖ୍ୟ ରାସ୍ତା ସଫା ହୋଇଛି।

**ଜୁନାଗଡ,୧୩।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଟିଟୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମ ମୁଖ୍ୟ ରାସ୍ତା ଦୀର୍ଘବର୍ଷ ହେବ ମରଣଯନ୍ତ୍ରା ପାଲଟିଥିଲା। ବିଶେଷି କରି ବର୍ଷା ଦିନରେ ରାସ୍ତାରେ ଆଣ୍ଠୁଏ କାଦୁଅ ହୋଇ ଶୋଚନୀୟ ହୋଇପଡିଥିଲା। ରାସ୍ତାର ଏପରି ଦୂରାବସ୍ଥା ଯୋଗୁ ଯାତାୟାତ ସମୟରେ ପଡିଯାଇ ଲୋକେ ଖଣ୍ଡିଆଖାବରା ହେଉଥିଲେ। ଗତ କିଛି ଦିନ ତଳେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଓ ବିଏସ୍‌ଏସଓ ତୁଷାର ରଞ୍ଜନ ସାହୁ ନୂଆଗୁଡା ଗ୍ରାମ ପରିଦର୍ଶନ ସମୟରେ ରାସ୍ତାର ଦୂରାବସ୍ଥା ଦେଖିଥିଲେ। ସ୍ଥାନୀୟ ସରପଞ୍ଚଙ୍କୁ ଏହାର ସମାଧାନ କରିବା ପାଇଁ କହିଥିଲେ। ସ୍ଥାନୀୟ ସରପଞ୍ଚ ସୁଧିରା ମେହେରଙ୍କ ଉଦ୍ୟମରେ ଶୁକ୍ରବାର ଦୀର୍ଘ ବର୍ଷ ପରେ ନୂଆଗୁଡା ଗ୍ରାମ ମୁଖ୍ୟ ରାସ୍ତା ସଫା କରାଯାଇଛି। ଦିନତମାମ ଜେସିବି ଓ ଟ୍ରାକ୍ଟର ସାହାର୍ଯରେ ରାସ୍ତାରୁ ମଇଳାକୁ ସଫା କରାଯାଇଥିଲା। ରାସ୍ତା ସଫା ହେବା ପରେ ନୂଆଗୁଡାବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ପ୍ରକାଶ ଯେ, ଡ୍ରେନ ନ ଥିବାରୁ ରାସ୍ତା କଡ ଘରର ଲୋକ ନିତ୍ୟବ୍ୟବହାର୍ଯ୍ୟ ପାଣିକୁ ଛାଡିବା ସହ ରାସ୍ତା କଡରେ ଘର କରୁଥିବା ଲୋକ ମାଟି ବାଲି ପକାଇ ଦେବା ଯୋଗୁ ଦୀର୍ଘ ବର୍ଷ ହେବ ରାସ୍ତାରେ ଆଣ୍ଠୁଏ କାଦୁଅ ସୃଷ୍ଟି ହୋଇଥିଲା। ଫଳରେ ଏକ ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟିହେବା ସହ ଗ୍ରାମର ଶୋଭାକୁ ଅକ୍ଷୁର୍ଣ୍ଣ କରିଥିଲା।

# ଜମି ପଟ୍ଟା ମିଳିବା ପରେ ଧାରଣାରୁ ଉଠିଲେ ୧୮ ପରିବାର


୧୮ ପରିବାର ତହସିଲ ଅଫିସ ଆଗରେ ଧାରଣା ଦେଇଛନ୍ତି।

**କୋକସରା,୧୩।୮(ଡି.ଏନ.ଏ.)**

ଜମି ପଟ୍ଟା ପାଇଁ କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଅଧୀନ ଗମ୍ଭାରୀଗୁଡା ଗ୍ରାମର ୧୮ ପରିବାର ଶୁକ୍ରବାର ତହସିଲ ଅଫିସ ଆଗରେ ଧାରଣା ଦେଇଥିଲେ। ତହସିଲଦାର ଆସି ସେମାନଙ୍କ ପଟ୍ଟା ପ୍ରଦାନ କରିବା ପରେ ସେମାନେ ଧାରଣାରୁ ଉଠିଯାଇଥିଲେ। ସୂଚନା ଯେ, ଗମ୍ଭାରୀଗୁଡା ଗ୍ରାମର ୧୮ ପରିବାର ୨୦୧୮ରେ ମ୍ୟୁଟେଶନ କରି ପଟ୍ଟା ଲାଗି ଆବେଦନ କରିଥିଲେ। ଆଜି ସୁଦ୍ଧା ସେମାନଙ୍କୁ ପଟ୍ଟା ମିଳି ଥିଲା। ପଟ୍ଟା ନ ଥିବାରୁ ଏହି ପରିବାର ଅନେକ ସମସ୍ୟା ଦେଇ ଗତି କରୁଥିଲେ। ପଟ୍ଟା ପାଇଁ ତହସିଲ ଅଫିସକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଶେଷରେ ଶୁକ୍ରବାର ୧୮ ପରିବାର ତହସିଲ ଅଫିସ ଆଗରେ ଧାରଣା ଦେଇଥିଲେ। ଧାରଣାରେ ଗ୍ରାମର ରାଜେନ୍ଦ୍ର ଲହଜଲ, ଜିତୁ ଲହଜଲ, ଦୁର୍ଯ୍ୟୋଧନ ଲହଜଲ, ତନୁର୍ଯ୍ୟ ହଂସ, ଅଶ୍ୱିନ ହଂସ, ମୁକୁନ୍ଦ ହଂସ, କ୍ଷୀରସିନ୍ଧୁ ହଂସ, ପୁରୁଷୋତ୍ତମ ହଂସ, ଟାଙ୍କେଶ୍ୱର ହଂସ, ଦୁଷ୍ମନ୍ତ ହଂସ, ଅନ୍ତ ହଂସ, ହିମାଞ୍ଚଳ ହଂସ, ପୀତାମ୍ବର ହଂସ, ଦିଲୀପ ହଂସ, ଲୋକନାଥ ହଂସ, ଉଗ୍ରେ ହଂସ, ଚନ୍ଦ୍ରଶେଖର ହଂସ ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ କୋକସରା ତହସିଲଦାର ମନୋଜ କୁମାର ପାଢ଼ୀଙ୍କୁ ପଚାରିବାରୁ ସେମାନଙ୍କ ପଟ୍ଟା ହୋଇଯାଇଛି। ଆଜି ହିଁ ପଟ୍ଟା ଦିଆଯିବ ବୋଲି କହିଛନ୍ତି। ଗତ ୩ ବର୍ଷ ଧରି କାହିଁକି ସେମାନଙ୍କୁ ପଟ୍ଟା ଦେବାରେ ଅବହେଳା କରାଗଲା, ଏଥିପାଇଁ କିଏ ଦାୟୀ ବୋଲି ପଚାରିବାରୁ ମୋ ପାଖକୁ ଆସି ନ ଥିଲେ। ଆଜି ଜାଣିବା ପରେ ତାଙ୍କୁ ପଟ୍ଟା ଦିଆଯାଇଛି ବୋଲି କହିଛନ୍ତି।

# ଜିଲାବାସୀଙ୍କ ପ୍ରତି ଅନ୍ୟାୟ: ବଣିକ ସଂଘ

**ସୁବର୍ଣ୍ଣପୁର ଜିଲା**
- ଡିଡିଟି ଅଫିସ ଡାଉନଗ୍ରେଡ୍ ହେବା ଘଟଣା

**ସୋନପୁର,୧୩।୮(ନି.ପ୍ର.)**

ରାଜ୍ୟ ସରକାର ଉପନିର୍ଦ୍ଦେଶକ ବୟନ ଶିଳ୍ପ(ଡିଡିଟି) କାର୍ଯ୍ୟାଳୟ ସୋନପୁରକୁ ଡାଉନଗ୍ରେଡ୍ କରିବା ଘଟଣାକୁ ନେଇ ବିରୋଧ ତେଜିବାରେ ଲାଗିଛି। ଧରିତ୍ରୀରେ ଏ ସମ୍ପର୍କରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ ରାଜନୈତିକ ନେତୃବୃନ୍ଦ, ବୁଣାକାର ଓ ବୁଦ୍ଧିଜୀବୀ ସରକାରଙ୍କ ପଦକ୍ଷେପକୁ ବିରୋଧ କରିଛନ୍ତି। ଶୁକ୍ରବାର ଜିଲା ବଣିକ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏକ ଖବରଦାତା ସମ୍ମିଳନୀରେ ସଂଘର ଜିଲା ସଭାପତି ରାମକ୍ରିଷ୍ଣ ମେହେର କହିଛନ୍ତି ଯେ, ହସ୍ତତନ୍ତ ଜିଲାର ପରିଚୟ। ଏହାକୁ ଦୃଷ୍ଟିରେ ରଖି ସୋନପୁରର ପ୍ରାକ୍ତନ ରାଜା ସୁଧାଂଶୁ ଶେଖର ସିଂହଦେଓଙ୍କ ଦ୍ୱାରା ୧୯୩୯ ଖ୍ରୀଷ୍ଟାବ୍ଦରେ ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ(ଏଡିଟି)ଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବୁଣାକାର, ବାନ୍ଧଶିଳ୍ପୀ, ପାଟ ଶାଢୀ ବ୍ୟବସାୟ ଓ ତନ୍ତଶାଳକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୦୮ରେ ଏଡିଟି ଅଫିସକୁ ଡିଡିଟି ଅଫିସ ଭାବେ ଅପଗ୍ରେଡ୍ କରିଥିଲେ। ଶିଳ୍ପ ବିହୀନ ଏହି ଜିଲା ହସ୍ତତନ୍ତ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। ଏଭଳି ସ୍ଥିତିରେ ଡିଡିଟି ଅଫିସ ସୋନପୁରକୁ ଯୁଗ୍ମ ନିର୍ଦ୍ଦେଶକ ବୟନଶିଳ୍ପ ଭାବେ ଅପଗ୍ରେଡ୍ କରିବା ବଦଳରେ ଡାଉନଗ୍ରେଡ୍ କରିବା ଜିଲାବାସୀଙ୍କ ପ୍ରତି ଅନ୍ୟାୟ ବୋଲି ସେ କହିଥିଲେ। ସଂଘର ଉପଦେଷ୍ଟା ଧୀରେନ୍ଦ୍ର କୁମାର ପଟ୍ଟନାୟକ କହିଥିଲେ ଜିଲାର ବାନ୍ଧକଳା ବିଶ୍ୱ ବିଖ୍ୟାତ। ଏହି ମାଟିର ସୁଯୋଗ୍ୟ ସନ୍ତାନ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ପଦ୍ମଶ୍ରୀ, ଶିଳ୍ପୀଗୁରୁ ଓ ଡକ୍ଟରେଟ୍ ସମ୍ମାନରେ ଭାରତ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ୨୦ ହଜାରରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ହସ୍ତତନ୍ତକୁ ଜୀବିକା ଭାବରେ ଆଦରି ନେଇଛନ୍ତି। ଜିଲାରେ ସାଢେ ୬ ହଜାର ତନ୍ତ ୬୯ଟି ବୁଣାକାର ସମବାୟ ସମିତି ଏବେ ବି କାର୍ଯ୍ୟକ୍ଷମ ଅଛି। ବାର୍ଷିକ ୧୧୦ କୋଟି ଟଙ୍କାର କେବଳ ପାଟ ଶାଢୀ ବ୍ୟବସାୟ ହେଉଛି। ଜିଲାରୁ ୨୬ ଜଣ ବୁଣାକାର ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ସୋନପୁର ଅଫିସକୁ ଯୁଗ୍ମ ନିର୍ଦ୍ଦେଶକ ବୟନ ଶିଳ୍ପ ଭାବେ ଉନ୍ନୀତ କରନ୍ତୁ। ନଚେତ୍ ଜିଲାର ସ୍ୱାଭିମାନୀ ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ବଣିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ଉପଦେଷ୍ଟା ଗୁଣନିଧି ମେହେର, ସମ୍ପାଦକ ବି ସତ୍ୟନାରାୟଣ ରାଓ, ଗଣେଶ ମହାଲିକ, ଅଶ୍ୱିନୀ ତ୍ରିପାଠୀ, ଆନନ୍ଦ ଭୂତ ଓ ସୁଦର୍ଶନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବଣିକ ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୪ ଅଗଷ୍ଟ, ୨୦୨୧



## ୩୭ ୟୁନିଟ୍ ରକ୍ତ ସଂଗୃହୀତ

ବରଗଡ଼ ଅଫିସ୍: ବରଗଡ଼ର ଆଶା କିରଣଠାରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମର୍ଣ୍ଣିଂ ୱାକ୍ ଗ୍ରୁପ୍ ଏବଂ ନିଷ୍ଠା ପରିବାର ପକ୍ଷରୁ ଅନୁଷ୍ଠିତ ଏହି ଶିବିରକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ଶିବିରରେ ୩୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଧାୟକ ଆଚାର୍ଯ୍ୟ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ସହିତ ସମ୍ବର୍ଦ୍ଧିତ କରିଥିଲେ । ମର୍ଣ୍ଣିଂ ୱାକ୍ ଗ୍ରୁପ୍‌ର ସଞ୍ଜୀବ ଡାଲମିଆ, ଗିରିଧର ଅଗ୍ରୱାଲ, ଅଜିତ ପଟ୍ଟନାୟକ, ନିଷ୍ଠା ପରିବାରର ବିଦ୍ୟାଧର ଭୋଇ, ଆଶିଷ କର, ଅଶ୍ୱିନୀ ତ୍ରିପାଠୀ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

**ସଂକ୍ଷେପରେ**

## ମହିଳାଙ୍କୁ ବଳାତ୍କାର ଅଭିଯୋଗ, ୨ ଗିରଫ



ନୂଆପଡ଼ା ଅଫିସ,୧୩।୮: ନୂଆପଡା ଜିଲା ସିନାପାଲି ଥାନା ଅଧୀନ ଏକ ଗାଁର ଜଣେ ମହିଳାଙ୍କୁ ଗାଧୁଆ ତୁଠରୁ ଟେକି ନେଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ବିଶ୍ୱବିହାରୀ ମାଝି (୨୪) ଓ ବରୁଣ ମାଝି (୨୫)। ସୂଚନା ଯେ, ଗତ ବୁଧବାର ପୂର୍ବାହ୍ଣ ୧୦ଟାରେ ମହିଳା ଜଣକ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଏକୁଟିଆ ଥିବାଦେଖି ବିଶ୍ୱବିହାରୀ ଏବଂ ବରୁଣ ମହିଳାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିବା ସହିତ ମାଡ ମାରିଥିଲେ। ମହିଳାଙ୍କୁ ମୁମୂର୍ଷୁ ଅବସ୍ଥାରେ ସେଠାରେ ଛାଡି ସେମାନେ ଫେରାର ହୋଇଯାଇଥିଲେ। ମହିଳା ଘରକୁ ଫେରିବା ବିଳମ୍ବ ହେବାରୁ ତାଙ୍କ ସ୍ୱାମୀ ଖୋଜିବାକୁ ଯାଇ ତାଙ୍କୁ ଉଦ୍ଧାର କରି ଆଣିଥିଲେ। ଏ ନେଇ ସିନାପାଲି ଥାନାରେ ଗୁରୁବାର ପୀଡିତା ମହିଳା ଲିଖିତ ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ସିନାପାଲି ପୋଲିସ ଗିରଫ କରିଥିଲା। ଶୁକ୍ରବାର ପୀଡିତାଙ୍କ ବୟାନ ରେକର୍ଡ କରାଯାଇ ୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ସିନାପାଲି ଥାନାରେ ଦଫା ୩୭୬ (ଡି) ଓ ୩୨୩ ଆଇପିସିରେ ଏକ ମାମଲା (ନଂ.୧୭୨/୨୧) ରୁଜୁ କରି ତଦନ୍ତ ଚାଲିଛି ବୋଲି ସିନାପାଲି ଥାନାଧିକାରୀ ଡମ୍ବରୁଧର ପ୍ରଧାନ ସୂଚନା ଦେଇଛନ୍ତି।

## ପାଉଣାରୁ ବଞ୍ଚିତ ଶ୍ରମିକ ପ୍ରଶାସନର ଦ୍ୱାରସ୍ଥ

ଦେଓଗାଁ,୧୩।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚାୟତ ଅନ୍ତର୍ଗତ ସିକୁଆଁର ଶ୍ରମିକମାନେ ଆଜକୁ ୩ ମାସ ହେଲା ଏମଜିଏନଆରଇଜିଏ ଯୋଜନାରେ ମାଟି କାମ କରି ପାଉଣା ପାଇନାହାନ୍ତି। ଫଳରେ ଶୁକ୍ରବାର ଶ୍ରମିକମାନେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସିକୁଆଁ ପଞ୍ଚାୟତ ମୁଖ୍ୟାଳୟର ରୁଗୁଡିମୁଣ୍ଡାରେ ୪ରୁ ୫ ସପ୍ତାହ ଧରି ଚଳିତବର୍ଷ ମେ ମାସରେ ୭୦ରୁ ଉର୍ଦ୍ଧ୍ୱ ଶ୍ରମିକ ଏମଜିଏନଆରଇଜିଏ ଯୋଜନାରେ ମାଟି କାମରେ ନିୟୋଜିତ ହୋଇଥିଲେ। ହେଲେ ବିଭାଗୀୟ ଅବହେଳା ଯୋଗୁ ୩ ମାସ ହେଲା ବହୁ ଶ୍ରମିକ ପାଉଣାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ୧୫ ଦିନ ତଳେ ଶ୍ରମିକମାନେ ବ୍ଲକ ପ୍ରଶାସନକୁ ଅବଗତ କରିଥିଲେ। କିନ୍ତୁ ଏଯାଏ ଅଧାରୁ ଅଧିକ ଶ୍ରମିକଙ୍କ ପାଉଣା ମିଳିନାହିଁ। ଏହି କାରଣରୁ ଅନେକ ଗାଁରେ ଗରିବ ଲୋକେ ସରକାରୀ କାର୍ଯ୍ୟରେ ସାମିଲ ନ ହୋଇ ଅନ୍ୟ ରାଜ୍ୟକୁ କାମ କରିବା ପାଇଁ ଯିବାକୁ ଅଣ୍ଟା ଭିଡୁଥିବା ଦେଖିବାକୁ ମିଳୁଛି। ଏ ନେଇ ଏପିଓ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ଅଧା ଶ୍ରମିକଙ୍କ ପାଉଣା ଖାତାରେ ପଡି ସାରିଛି। ଯେଉଁମାନଙ୍କ ଏସବିଆଇରେ ଜମାଖାତା ରହିଛି ସେମାନେ ପାଉଣା ପାଇଛନ୍ତି । ଯେଉଁ ମାନଙ୍କର ଅନ୍ୟ ବ୍ୟାଙ୍କରେ ଜମାଖାତା ରହିଛି ସେମାନଙ୍କ ପାଉଣାରେ ବିଳମ୍ବ ହୋଇଛି ବୋଲି କହିଛନ୍ତି ।

# ପରିବା ବଜାର ସ୍ଥାନାନ୍ତର ଉଦ୍ୟମକୁ ବିରୋଧ

ବରଗଡ଼ ଅଫିସ୍,୧୩।୮

- ଚାଷୀଙ୍କ ପରିଚାଳିତ ବଜାର ଆର୍‌ଏମ୍‌ସି ଅଧୀନକୁ ନେବା ମସୁଧା
- ପ୍ରଶାସନିକ ଉଦ୍ୟମ ବିରୋଧରେ ଜିଲାପାଳଙ୍କୁ ଫେରାଦ
- ୨୦୦୩ରେ ବଜାର ସ୍ଥାନାନ୍ତର ଉଦ୍ୟମ ଫେଲ୍ ମାରିଥିଲା

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା କେନାଲ ଛକରେ ଅଞ୍ଚଳର ଚାଷୀଙ୍କ ମିଳିତ ପ୍ରୟାସ ଓ ପରିଚାଳନାରେ ଚାଲିଥିବା ପରିବା ବଜାରକୁ ସ୍ଥାନାନ୍ତର ଉଦ୍ୟମ ଆରମ୍ଭ ହୋଇଛି। ବରଗଡ଼ ସହର-ରେଲୱେ ଷ୍ଟେଶନ ରାସ୍ତା ପାର୍ଶ୍ୱରେ ନବନିର୍ମିତ କୃଷକ ବଜାର ପରିସରକୁ ଏହାକୁ ଉଠାଇ ନିୟନ୍ତ୍ରଣ ବଜାର କମିଟି (ଆରଏମ୍‌ସି) ଅଧୀନକୁ ଆଣିବା ମସୁଧା ଚାଲିଛି। ପ୍ରଶାସନର ଏଭଳି ଉଦ୍ୟମକୁ ଅଞ୍ଚଳର ଚାଷୀମାନେ ବିରୋଧ କରିଛନ୍ତି। ଏହି କ୍ରମରେ ଶୁକ୍ରବାର ଶତାଧିକ ଚାଷୀ ବରଗଡ଼ ଜିଲାପାଳ ଅଫିସକୁ ଆସି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ବରଗଡ଼ ବ୍ଲକର ଜମୁଡ଼ା ଏବଂ ବରାହଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନେ ଅନୁକୂଳ ସ୍ଥିତି ରହିଥିବାରୁ ଦୀର୍ଘ ୪୫ବର୍ଷ ତଳୁ ସହର ଉପକଣ୍ଠ ରାସ୍ତାକଡ଼ରେ ପରିବା ବଜାର କରିଥିଲେ। ଦୀର୍ଘଦିନ ଧରି ଏହା ସହର ଉପକଣ୍ଠ ପାଣିଛତରରେ ଚାଲିଥିଲା। କିନ୍ତୁ ସେଠାରେ ରେଲୱେ ଓଭରବ୍ରିଜ ନିର୍ମାଣ ହେବାରୁ ୧୯୯୮ରୁ ଚାଷୀମାନେ ବରାହଗୋଡ଼ା କେନାଲ ଛକ ରାସ୍ତା ପାର୍ଶ୍ୱରେ ଏହି ବଜାର ଚଳାଇ ଆସୁଛନ୍ତି। ଆଗରୁ ଭୋର୍ ୩ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ବଜାର ଚାଲୁଥିଲା। ମାତ୍ର ଗତ କିଛିମାସ ହେଲା ଏହା ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁଛି। ଆଖପାଖ ଗ୍ରାମର ଚାଷୀମାନେ ସେମାନଙ୍କ ଉତ୍ପାଦିତ ପରିବା ଆଣି ଏହି ବଜାରରେ ବିକ୍ରିଥିବାବେଳେ ଦୂର ଦୂରାନ୍ତରୁ ଲୋକେ ତାହା କିଣିବା ପାଇଁ ଏଠାକୁ ଆସୁଛନ୍ତି ।

ତେବେ ଏହି ପରିବା ବଜାର ପରିଚାଳନା ପାଇଁ ଚାଷୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସମ୍ପୃକ୍ତ କମିଟି ବଜାରର ଦେଖାରଖା କରୁଥିବାବେଳେ ପରିବା ନେଇ ଆସୁଥିବା ଚାଷୀଙ୍କଠାରୁ ୫୦କି.ଗ୍ରା ବସ୍ତା ପ୍ରତି ପୂର୍ବରୁ ୧ଟଙ୍କା ନିଆଯାଉଥିଲା ଏବଂ ଗତବର୍ଷଠାରୁ ଏହା ୨ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସଂଗୃହୀତ ରାଶିରେ ବଜାର ପରିସର ସଫାସୁତୁରା, ନିୟୋଜିତ କର୍ମଚାରୀଙ୍କୁ ପାରିଶ୍ରମିକ ପ୍ରଦାନ କରାଯିବା ସହିତ ଅଞ୍ଚଳର ୧୧ଟି ଅଣଅନୁଦାନପ୍ରାପ୍ତ ବେସରକାରୀ ସ୍କୁଲରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ଶିକ୍ଷକଙ୍କୁ ଦରମା ଏବଂ ଅଞ୍ଚଳର କିଛି ଉନ୍ନୟନ କାମରେ ଖର୍ଚ୍ଚ ହେଉଛି। ୨୦୦୩ରେ ତତ୍କାଳୀନ ଜିଲାପାଳ ଅପରାଜିତା ଷଡ଼ଙ୍ଗୀ ଏହି ବଜାରକୁ ଉଠାଇ ନେବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ବର୍ତ୍ତମାନ ସେଭଳି ବଜାରକୁ ଉଠାଇନେବା ପାଇଁ ଉଦ୍ୟମ ହେଉଛି ଏବଂ ଗତ ମାସ ୨୨ତାରିଖରେ ଅନୁଷ୍ଠିତ ଏକ ବୈଠକକୁ ଉକ୍ତ ପରିବା ବଜାର କମିଟିର ୬ଜଣ ସଦସ୍ୟଙ୍କୁ ଡାକି ସେହି ମର୍ମରେ ଆଲୋଚନା ହୋଇଥିଲା। ଏହି ଆଲୋଚନା ପରେ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ପରିବା ବଜାର ସ୍ଥାନାନ୍ତର ପରିବର୍ତ୍ତେ ଚାଷୀଙ୍କ ପରିବା ସଂରକ୍ଷିତ ରଖିବା ପାଇଁ ଏକ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି ସହର ମଧ୍ୟରେ ଥିବା ବଜାରରେ ଅସାମାଜିକତତ୍ତ୍ୱ ବଢ଼ିଚାଲୁଥିବା ବେଳେ ଆରଏମ୍‌ସି ପରିଚାଳିତ ଧାନ ମଣ୍ଡି ବ୍ୟବସ୍ଥାରେ ଚାଷୀଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ ସତ୍ତ୍ୱେ ମଣ୍ଡିର ଭିତ୍ତିଭୂମିରେ କୌଣସି ବିକାଶ ହେଉନାହିଁ। ଏହି ଦୃଷ୍ଟିରୁ ସହର ମଧ୍ୟକୁ ବରାହଗୋଡ଼ା କେନାଲ ଛକ ପରିବା ବଜାରକୁ ସ୍ଥାନାନ୍ତର ନ କରିବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଚାଷୀନେତା ହର ବଣିଆଙ୍କ ନେତୃତ୍ୱରେ ଜେଜେରାମ ପ୍ରଧାନ, ନାରାୟଣ ସାହୁ, କୁମର ସାହୁ, ବିଦ୍ୟାନନ୍ଦ ସାହୁଙ୍କ ସମେତ ଶତାଧିକ ଚାଷୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଯାଇଥିଲେ।



ଚାଷୀମାନେ ବରଗଡ଼ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ୨୮ରେ ବୌଦ୍ଧ ଜିଲାରେ ପାଳନ ହେବ ଆଜାଦୀ କା ଅମୃତ ମହୋତ୍ସବ

ବୌଦ୍ଧ,୧୩।୮(ସ୍ୱ.ପ୍ର.)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବିଭାଗ ପକ୍ଷରୁ ଭାରତ ସ୍ୱାଧୀନ ହେବାର ୭୫ ବର୍ଷ ଉପଲକ୍ଷେ ସମଗ୍ର ଭାରତ ବର୍ଷରେ ଆଜାଦୀ କା ଅମୃତ ମହୋତ୍ସବ ଅଗଷ୍ଟ ୧୩ ତାରିଖରେ ଉଦ୍‌ଘାଟନ ହୋଇଛି। ଏହି ମହୋତ୍ସବ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶରେ ବିଭିନ୍ନ ଜିଲାରେ ପାଳନ କରାଯିବା ନେଇ ସ୍ଥିରୀକୃତ ହୋଇଛି। ଏନେଇ ବୌଦ୍ଧ ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବୌଦ୍ଧ ଜିଲାରେ ଆସନ୍ତା ୨୮ ତାରିଖରେ ପାଳନ କରାଯିବ ବୋଲି ଜିଲା ଅଧିକାରୀ ଭି.ଏସ୍. ବୋକେନ ସୂଚନା ଦେଇଛନ୍ତି। ଜିଲାର ୭୫ଗୋଟି ଗ୍ରାମରେ ଏହି ଉତ୍ସବକୁ ପାଳନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ବୌଦ୍ଧ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ବୌଦ୍ଧ ଜିଲାରେ କିପରି ସଫଳ କରାଯାଇ ପାରିବ ସେଥିପ୍ରତି ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ ଆବଶ୍ୟକ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କର୍ମଚାରୀ ଉତ୍ତମ କୁମାର ମହାକୁଡ ପରିଚାଳନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ନୂତନ ଭାବେ ନିଯୁକ୍ତି ପାଇଥିବା ୮ଜଣ ନେହେରୁ ଯୁବ ସ୍ୱେଚ୍ଛାସେବୀ ଜିଲାର ୭୫ଗୋଟି ଗ୍ରାମରେ କାର୍ଯ୍ୟକ୍ରମ କରିବା ନେଇ ସୂଚନା ଦିଆଯାଇଥିଲା।

## ୨ କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

ନର୍ଲା,୧୩।୮(ଡି.ଏନ.ଏ.)

ଗାଁକୁ ଭଲ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ୨ କି.ମି. ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଛି। ସେଠାରୁ ପରେ ଡାକ୍ତରଖାନାକୁ ପଠାଯାଇଛି। ଏଭଳି ଘଟଣାର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ନର୍ଲା ବ୍ଲକ ସମରକଟାସ୍ଥିତ ମୁଢ଼ିଙ୍ଗପଦର ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମୁଢ଼ିଙ୍ଗପଦର ଗ୍ରାମର ଉଲ ମାଝିଙ୍କ ସ୍ତ୍ରୀ ମୁନିଙ୍କ ଗର୍ଭଯନ୍ତ୍ରଣା ହେବାରୁ ଗାଁର ଆଶା କର୍ମୀ ପଙ୍କଜିନୀ ନାଏକ ଓ ଲିଲି ବିଶ୍ୱାଳ ଫୋନ କରିବା ପରେ ୧୦୮ ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ ରାସ୍ତା କଡ ଓ ନାଳ ଥିବାରୁ ଆମ୍ବୁଲାନ୍ସ ଉକ୍ତ ଗାଁକୁ ଯାଇପାରି ନ ଥିଲା। ଗର୍ଭଯନ୍ତ୍ରଣା ସହ୍ୟ କରି ନ ପାରିବାରୁ ଗାଁ ଲୋକେ ଏବଂ ଆଶା କର୍ମୀ ଖଟିଆରେ ବୋହି ଦୀର୍ଘ ୨ କି.ମି. ରାସ୍ତା ଅତିକ୍ରମ କରି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଏହି ଗାଁକୁ ଯିବା ଲାଗି ଭଲ ରାସ୍ତା ନ ଥିବାରୁ ଗର୍ଭବତୀଙ୍କ ସହିତ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତିଶୀଘ୍ର ରାସ୍ତା ନିର୍ମାଣ କରିବା ପାଇଁ ମୁଢ଼ିଙ୍ଗପଦର ଗ୍ରାମବାସୀ ଦାବି କରିଛନ୍ତି।



ଆଶା କର୍ମୀ ଏବଂ ଗାଁ ଲୋକେ ମିଶି ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଉଛନ୍ତି।

## କୁକୁର କାମୁଡ଼ାରେ ୧୦ ଗୁରୁତର

ନୂଆପଡ଼ା ଅଫିସ,୧୩।୮

ନୂଆପଡା ଜିଲା ଖଡିଆଳ ବ୍ଲକ ଡୁକଲା ଗାଁରେ ଶୁକ୍ରବାର ବୁଲା କୁକୁର କାମୁଡାରେ ୧୦ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଡୁକଲା ଗାଁର ଅତନୁ ମେହେର (୭୭), ରଘୁ ପଟେଲ (୭୦), ଲଳିତା ନିଆଲ (୪୫), ଜଗନ୍ନାଥ ରଣା (୬୦), ସୁରେଶ ରଣା (୩୦), ଅହଲ୍ୟା ତାଣ୍ଡି (୨୫), ସୁବେର ପୋଢ (୬୫), ଚନ୍ଦ୍ରସିଂ ବାବୁ (୬୫)। ଅନ୍ୟ ଜଣେ କୋଟାମାଲ ଗାଁର ମହେନ୍ଦ୍ର ବିଶି। ସେ ମୁଢି ବିକ୍ରି କରି ଫେରୁଥିବା ବେଳେ ବାଟରେ କୁକୁର କାମୁଡାର ଶିକାର ହୋଇଥିଲେ। ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତେ କୁକୁର କାମୁଡା ଇଞ୍ଜେକ୍ସନ ନେଇ ଘରକୁ ଫେରିଛନ୍ତି। ନୂଆପଡା ଜିଲାରେ କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହା ପାଗଳ କୁକୁର ହୋଇଥିବା ସନ୍ଦେହ କରାଯାଉଛି।

## ଟିଟିଲାଗଡ଼ରେ ଦ୍ରବ୍ୟ ଓ ସେବାକର ବିଭାଗ ପକ୍ଷରୁ ଚଢ଼ାଉ



ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ଚାଲିଛି ।

ଟିଟିଲାଗଡ଼,୧୩।୮(ଡି.ଏନ.ଏ.)

ଶୁକ୍ରବାର ବଲାଙ୍ଗୀର ଜିଲାର ଟିଟିଲାଗଡ଼ ସହରରେ ଜିଏସଟି ଏବଂ ଏନଫୋର୍ସମେଣ୍ଟ ରେଞ୍ଜ ବିଭାଗ ତରଫରୁ ସହରର ଠିକାଦାର ପଡାସ୍ଥିତ ଦୁଇ ଗୋଟି ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ଜାରି ରହିଛି । ସହରର ଠିକାଦାରପଡାର ଜୟ ମାତାଦୀ ଟ୍ରେଡ଼ର୍ସ ସମ୍ବଲପୁରୀ ବସ୍ତ୍ରାଳୟ ହୋଲସେଲର ତଥା ଆନନ୍ଦ ପ୍ରୋଭିଜନ ଷ୍ଟୋର ଉପରେ ଚଢ଼ାଉ ଚାଲିଛି । ଟିକସ ଫାଙ୍କୁଥିବା ଅଭିଯୋଗ ମିଳିବା ପରେ ବିଭାଗର ୧୦ଜଣ ଅଧିକାରୀ, ଟିଟିଲାଗଡ଼ ପୋଲିସ ବାହିନୀ ସହ ଚଢ଼ାଉ ଜାରି ରଖି ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଷ୍ଟକ ଭେରିଫିକେଶନ କରୁଥିବା ସୂଚନା ମିଳିଛି। କଳାହାଣ୍ଡି ଏନଫୋର୍ସମେଣ୍ଟ ରେଞ୍ଜର ଡେପୁଟି କମିଶନର ତପନ କୁମାର ପାଢ଼ୀଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଅତିରିକ୍ତ ଦ୍ରବ୍ୟ ଓ ସେବା କର ଅଧିକାରୀ ଭବାନୀ ଶଙ୍କର ପଟେଲ, ହରେକୃଷ୍ଣ ସାହୁ, ଆସିଷ୍ଟାଣ୍ଟ ଅଧିକାରୀ ନେମିସ କୁମାର ସାହୁ, ସିଟିଓ ନୀଳାଦ୍ରି ବିହାରୀ ଦଢ଼ିଆଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି । କେତେ ପରିମାଣରେ ଟିକସ ଫାଙ୍କିଛନ୍ତି ତାହା ତଦନ୍ତ ପରେ ଜଣାପଡିବ ବୋଲି ଡେପୁଟି କମିଶନର ପାଢୀ ସୂଚନା ଦେଇଛନ୍ତି। ଏହି ଘଟଣା ନେଇ ସହରର ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକମାନଙ୍କ ଭିତରେ କୋକୁଆ ଭୟ ଖେଳିଯାଇଛି ।

## କଳାକାରଙ୍କ ସାଥିରେ ଅଛି: ଜିଲାପାଳ

ବରଗଡ଼ ଅଫିସ୍,୧୩।୮

କରୋନା କାଳରେ କଳାକାରମାନେ ଜୀବିକା ହରାଇଛନ୍ତି। ସେମାନଙ୍କ ରୋଜଗାର ବନ୍ଦ ହୋଇଯାଇଛି। ତେଣୁ ସେ ସବୁବେଳେ କଳାକାରଙ୍କ ସାଥିରେ ଅଛନ୍ତି ଏବଂ କଳାକାରଙ୍କୁ ସହଯୋଗ ପାଇଁ ଜିଲାପାଳ ଭାବେ ଯଥାସମ୍ଭବ ସହଯୋଗର ହାତ ବଢ଼ାଇବେ। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଲୋକକଳା ଭବନ ପରିଦର୍ଶନରେ ଆସି ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଏହା କହିଛନ୍ତି। ଜିଲାପାଳ ବାନାର୍ଜୀ ଆହୁରି କହିଥିଲେ, ସେ ବରଗଡ଼ରେ ଯୋଗଦାନ କରିବା ଦିନଠାରୁ ଲୋକକଳା ଭବନକୁ ଆସିବା ପାଇଁ ତାଙ୍କୁ କଳାକାରମାନେ ଆମନ୍ତ୍ରଣ କରିଥିଲେ। କଳାକାରଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ଥିବାରୁ ସେ ଖୁସି ଅନୁଭବ କରୁଛନ୍ତି ବୋଲି ଜିଲାପାଳ କହିଥିଲେ। ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବାନାର୍ଜୀଙ୍କୁ ପୁଷ୍ପଗୁଚ୍ଛ ସହିତ ଗୀତ, ବାଦ୍ୟ, ନୃତ୍ୟରେ ସ୍ୱାଗତ କରାଯାଇଥିଲା। ପଶ୍ଚିମ ଓଡ଼ିଶା କଳକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡଃ ଡୋଲାମଣି ଶତପଥି ସ୍ୱାଗତ ଭାଷଣ ଏବଂ କଣ୍ଠଶିଳ୍ପୀ ସୌଭାଗ୍ୟଲକ୍ଷ୍ମୀ ଦାଶ ସଙ୍ଗୀତ ପରିବେଷଣ କରିଥିଲେ। ମହାସଂଘ ଉପସଭାପତି ଭୁବନେଶ୍ୱର ପଧାନ, ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ବାସୁଦେବ ପ୍ରଧାନ, ବାଲେଶ୍ୱର କୁଅଁର, ଖଗେଶ୍ୱର ସାହୁ, ନରେନ୍ଦ୍ର କଣ୍ଟା, ଅନିରୁଦ୍ଧ ପାଇକ, ପ୍ରମୋଦ ଦାଶ, କବି ଦେବେନ୍ଦ୍ର ସାହୁ, ପଞ୍ଚାନନ ମହାପାତ୍ର ପ୍ରମୁଖ କଳାକାର ସଂଘ ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଶୋକ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।



ଲୋକକଳା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ବକ୍ତବ୍ୟ ରଖୁଛନ୍ତି।

## ଅପହଞ୍ଚ ସରକାରୀ ଯୋଜନା

**ମା'ବାପାଙ୍କ ମୃତ୍ୟୁ ପରେ ଭଉଣୀ ଭାଇ ଅସହାୟ**

ଅତାବିରା,୧୩।୮(ଡି.ଏନ.ଏ)

ମା' ବାପା ଥିବାବେଳେ ଭଉଣୀ ଭାଇ ହସଖୁସିରେ ରହୁଥିଲେ। ସ୍କୁଲ ଯାଇ ପାଠ ପଢୁଥିଲେ। ମାତ୍ର ମା' ବାପାଙ୍କ ମୃତ୍ୟୁ ପରେ ଦୁଇ ଭଉଣୀ ଭାଇ ଅସହାୟ ହୋଇ ପଡିଛନ୍ତି। ଅନ୍ୟର କାମ ନ କଲେ ପେଟକୁ ଦାନା ଯାଉନି। ସରକାରୀ ଯୋଜନା ଅପହଞ୍ଚ ହୋଇପଡିଛି ଏହି ଅସହାୟଙ୍କୁ। ଏଭଳି ଦେଖିବାକୁ ମିଳିଛି ବରଗଡ ଜିଲା ଭେଡେନ ବ୍ଲକ ଲୁହାଖଣ୍ଡି ପଞ୍ଚାୟତ ଅଧୀନ ବରପଦର ଗାଁରେ।

ବରପଦର ଗାଁର ସୁରେଶ କର୍ମୀ। ସ୍ତ୍ରୀ, ଝିଅ କ୍ଷୀରସୂତା ଓ ପୁଅ ଗଣେଶଙ୍କୁ ନେଇ ତାଙ୍କ ପରିବାର। ଯାହା ରୋଜଗାର ହେଉଥିଲା ସେଥିରେ ୪ ପ୍ରାଣୀ କୁଟୁମ୍ବ ଚଳୁଥିଲେ। ୮ବର୍ଷ ତଳେ ସୁରେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ୨ ବର୍ଷ ତଳେ ସ୍ତ୍ରୀ ମୃତ୍ୟୁବରଣ କଲେ। ଫଳରେ ମା' ବାପାଙ୍କୁ ହରାଇ କ୍ଷୀରସୂତା ଓ ଗଣେଶ ବେସାହାରା ହୋଇପଡିଛନ୍ତି। ତାଙ୍କର ଜମିବାଡି ଆଦୌ ନାହିଁ। ଗଣେଶ ଏକ ହୋଟେଲରେ ଶିଶୁ ଶ୍ରମିକ ଭାବେ କାମ କାରୁଥିବା ବେଳେ କ୍ଷୀରସୂତା ଅନ୍ୟର କାମ କରି ପେଟକୁ ଦାନା ଯୋଗାଉଛନ୍ତି। ଏହି ୨ ଅନାଥଙ୍କୁ ଏପର୍ଯ୍ୟନ୍ତ ଆବାସ ଗୃହ ମିଳିପାରିନାହିଁ। ସରକାରୀ ସହାୟତା କହିଲେ ମାତ୍ର ୩୫ କେଜି ଅନ୍ତ୍ୟୋଦୟ ଚାଉଳ। ପାଠ ପଢ଼ିବାର ଇଚ୍ଛାଥିଲେ ମଧ ଦାରିଦ୍ର୍ୟ ଯୋଗୁ ପାଠ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି ଏହି ଭଉଣୀ ଭାଇ। ଏହି ଅସହାୟ ଭଉଣୀ ଭାଇଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଲୁହାଖଣ୍ଡି ପଞ୍ଚାୟତ ସରପଞ୍ଚ କ୍ଷୀରୋଦ୍ର ମେଲ୍ଲୀଙ୍କୁ ପଚରାଯିବାରୁ ସେ କହିଲେ, ପୂର୍ବରୁ ସୁରେଶ କର୍ମୀଙ୍କ ନାମରେ ଇନ୍ଦିରା ଆବାସ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ଅନାଥ ଭଉଣୀଭାଇଙ୍କୁ ସହାୟତା ପାଇଁ ସୁପାରିଶ କରାଯାଇଛି ବୋଲି ସରପଞ୍ଚ ମେଲ୍ଲୀ କହିଥିଲେ।



ଭଙ୍ଗା କୁଡିଆରେ ଅସହାୟ କ୍ଷୀରସୂତା ।

## ବର୍ଷା ନାହିଁ: ଜମି ଫାଟି ଆଁ

ବୌଦ୍ଧ,୧୩।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ଏକ କୃଷି ପ୍ରଧାନ ଜିଲା। ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି। ଜିଲାରେ ନିଅଣ୍ଟିଆ ବର୍ଷା ସତ୍ତ୍ୱେ ଚାଷୀମାନେ ଚାଷ କାମ ଆରମ୍ଭ କରିଥିଲେ। କିନ୍ତୁ ବର୍ତ୍ତମାନ ଆଦୌ ବର୍ଷା ନ ଥିବାରୁ ଚାଷ ଜମି ଫାଟି ଆଁ ହେବା ସହ ଯେଉଁ ଚାଷ ହୋଇଥିଲା ବର୍ତ୍ତମାନ ତାହା ଉଜୁଡିବାକୁ ବସିଲାଣି। ବର୍ଷା ନ ଥିବାରୁ ଜିଲାରେ ପ୍ରବଳ ଗରମ ହେଉଥିବାରୁ ଜିଲାବାସୀ ଗରମ ଯୋଗୁ ଆଉଟୁ ପାଉଟୁ ମଧ୍ୟ ହେଉଛନ୍ତି। ଶ୍ରାବଣ ମାସ ସରିବାକୁ ବସିଥିବାବେଳେ ବର୍ଷା ନ ଥିବାରୁ ଚାଷୀ ଚିନ୍ତାରେ ପଡିବା ସହ ଜିଲାରେ ମରୁଡି ଆଶଙ୍କା ଦେଖାଦେଲାଣି। ଜିଲାରେ ୪ଟି ନଦୀ ମହାନଦୀ, ତେଲନଦୀ, ବାଘ ନଦୀ ଓ ସାଲୁଙ୍କୀ ନଦୀ ପ୍ରବାହିତ ହୋଇଥିଲେ ସୁଦ୍ଧା ଜିଲାର ଚାଷ ଜମିକୁ ଜଳସେଚନ କରାଯାଇପାରୁନାହିଁ। ବର୍ଷା ନ ହେଲେ ଜିଲାରେ ଚାଷ ହୋଇ ନ ଥାଏ। ଫଳରେ ଜିଲାର ଚାଷୀ ପ୍ରତିବର୍ଷ ମରୁଡିର ଶୀକାର ହୋଇଥାଏ। ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଥିବାବେଳେ ସେଥିମଧ୍ୟରୁ ୫୯୪୩୯ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। ସରକାରୀ ସୂଚନା ମୁତାବକ ଜିଲାରେ ୭୨୪୬୭ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ଥିବା କୁହାଯାଉଥିବାବେଳେ ଏହା କିନ୍ତୁ କାଗଜ କଲମରେ ମନେହୁଏ। ଜିଲାରେ ଜଳର ଉତ୍ସଥିବା ସତ୍ତ୍ୱେ ସେଗୁଡିକ ଠିକ୍ ଭାବେ ବିନିଯୋଗ କରାଯାଉ ନ ଥିବାରୁ ଜିଲାର ଚାଷୀ ଚାଷ ପାଇଁ ପାଣି ପାଇ ନ ଥାଏ। ଜିଲାରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀ କାଁଭାଁ ବିଲରେ ଚାଷ କରିଥିବାବେଳେ ବର୍ତ୍ତମାନ ତାହା ନଷ୍ଟ ହେବାକୁ ବସିଛି। ବର୍ଷା ନ ଥିବାରୁ ଜମିଗୁଡିକ ପାଣି ଅଭାବରୁ ଫାଟି ଆଁ ହେବା ସହ ଫସଲ ଉଜୁଡିଗଲାଣି । ଲୁଣିବାହାଲ ଠାରେ ଚାଷ ଜମି ଫାଟି ଆଁ ହୋଇଥିବା ଦେଖିବାକୁ ମିଳିଛି। ଯଦି ଆଉ ଦିନେ କି ଦୁଇ ଦିନ ମଧ୍ୟରେ ଜିଲାରେ ବର୍ଷା ନ ହୁଏ, ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ମରୁଡି ଦେଖାଦେବ। ଏପଟେ ବର୍ଷା ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ଜିଲାରେ ଯେପରି ଚାଷ ପାଇଁ ପାଣି ଯୋଗାଣ କରାଯାଇପାରିବ ସେଥିପ୍ରତି ପଦକ୍ଷେପ ଗ୍ରହଣ ନ କଲେ ଜିଲାର ଚାଷୀ ପ୍ରତିବର୍ଷ ମରୁଡିର ଶୀକାର ହେବ, ଏଥିରେ ସନ୍ଦେହ ନାହିଁ।



ଲୁଣିବାହାଲଠାରେ ଚାଷ ଜମି ଫାଟି ଆଁ ହେବା ସହ ଚାଷ ଉଜୁଡିବାକୁ ବସିଲାଣି।